


ପବିତ୍ର ମହାବିଷୁବ ସଂକ୍ରାନ୍ତି
ଏବଂ ଓଡ଼ିଆ ନୂଆବର୍ଷ ଉପଲକ୍ଷେ
ରାଜ୍ୟବାସୀଙ୍କୁ 'ସକାଳ' ପରିବାର ପକ୍ଷରୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-286 • TUESDAY • 14 APRIL 2026 • PAGE-12 • ₹ 7.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୨୮୬ • ମଙ୍ଗଳବାର • ୧୪ ଏପ୍ରିଲ୍ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦



ଭିତର ପୃଷ୍ଠାରେ...
- ପଞ୍ଚଭୂତରେ ଲୀନ ହେଲେ ଆଶା ଭୋସ୍‌ଲେ
- ପଶ୍ଚିମବଙ୍ଗ ଭୋଟର ମାମଲାରେ ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମ୍‌କୋର୍ଟ


# ରଣକ୍ଷେତ୍ର ପାଲଟିବ ହର୍ମୁଜ



## ଆମେରିକାର ଦାଦାଗିରି, ଇରାନ ବନ୍ଦରକୁ ଅବରୋଧ

- ଆକ୍ରମଣ ଧମକ ଦେଲା ଇରାନ
- ଆମେରିକାକୁ ଚେତାବନୀ ଦେଲା ଚୀନ

ୱାସିଂଟନ/ତେହରାନ/ନୂଆଦିଲ୍ଲୀ, ୧୩।୪(ଏଜେନ୍ସି): ଦୀର୍ଘ ଦଶନ୍ଧି ପରେ ଆମେରିକା ଏବଂ ଇରାନ ମଧ୍ୟରେ ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦ୍‌ରେ ଅନୁଷ୍ଠିତ ଐତିହାସିକ ଦ୍ୱିପାକ୍ଷିକ ଆଲୋଚନା ବିଫଳ ହେବା ପରେ ଆରମ୍ଭ ହୋଇଯାଇଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାଦାଗିରି। ହର୍ମୁଜରେ ଅବସ୍ଥିତ ଇରାନର ସମସ୍ତ ବନ୍ଦରକୁ ଅବରୋଧ କରିବା ଲାଗି ଟ୍ରମ୍ପ ଘୋଷଣା କରିବା ପରେ ଏହି ଅଞ୍ଚଳରେ ପୁଣି ଥରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଇରାନ ବନ୍ଦରକୁ କୌଣସି ଜାହାଜକୁ ଯିବା ଆସିବାକୁ ଦିଆଯିବ ନାହିଁ ବୋଲି ଆମେରିକା ଘୋଷଣା କରିବା ସହିତ ହର୍ମୁଜରେ ସାମରିକ ଜାହାଜ ମୁତୟନ କରିଛି। ଏହି ଅଞ୍ଚଳ ଦେଇ ଇରାନ ବନ୍ଦରକୁ ଯିବା ଆସିବା ସମସ୍ତ ଜାହାଜର ଯାଞ୍ଚ କରିବ ବୋଲି କହିଛି। ▶ପୃଷ୍ଠା-୭

## ଏଲ୍ ନିନୋ ପ୍ରଭାବ: ଏଥର କମ୍ ବର୍ଷା

ନୂଆଦିଲ୍ଲୀ,୧୩।୪(ଏଜେନ୍ସି): ଚଳିତ ବର୍ଷ ଭାରତରେ ମୌସୁମୀ ବର୍ଷା ସ୍ୱାଭାବିକ୍‌ଠାରୁ କମ୍ ରହିବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ସୋମବାର ଏ ନେଇ ସୂଚନା ଦେଇଛି। ଗତ ୩ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ବର୍ଷାର ପରିମାଣ କମିବାକୁ ଯାଉଛି। ଚଳିତ ବର୍ଷ ହାରାହାରି ବର୍ଷାର ୯୨ ପ୍ରତିଶତ ବୃଷ୍ଟିପାତ ହେବା ନେଇ ଅନୁମାନ କରାଯାଉଛି। ସାଧାରଣତଃ ୯୬ରୁ ୧୦୪ ପ୍ରତିଶତ ବର୍ଷାକୁ ସ୍ୱାଭାବିକ୍ ବୋଲି କୁହାଯାଇଥାଏ। ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତି ଜୁନ ମାସ ପରେ ଏଲ୍ ନିନୋରେ ପରିଣତ ହେବାର ସମ୍ଭାବନା ରହିଛି, ଯାହା ମୌସୁମୀ ବାୟୁକୁ ଦୁର୍ବଳ କରିଥାଏ। ଦେଶର ଅଧିକାଂଶ ସ୍ଥାନରେ କମ୍ ବର୍ଷା ହେବାକୁ ଥିବା ବେଳେ, ଉତ୍ତର- ପୂର୍ବ, ଉତ୍ତର-ପଶ୍ଚିମ ଏବଂ ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ସ୍ୱାଭାବିକ୍ ବା ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ। ଦେଶର ମୋଟ ବର୍ଷାର ପ୍ରାୟ ୭୦ ପ୍ରତିଶତ ମୌସୁମୀରୁ ହିଁ ମିଳିଥାଏ। ବର୍ଷା କମ୍ ହେଲେ କୃଷି ଉତ୍ପାଦନ ହ୍ରାସ ପାଇବା ସହ ଖାଦ୍ୟଶସ୍ୟ ଦର ବଢ଼ିବା ଆଶଙ୍କା ଥାଏ। ଫଳରେ କମ୍ ବର୍ଷା ଦେଶର ଅର୍ଥନୀତି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ସୃଷ୍ଟି କରିପାରେ। ସାଧାରଣତଃ ଜୁନ୍ ୧ ସୁଦ୍ଧା ମୌସୁମୀ ବାୟୁ କେରଳ ଛୁଇଁଥାଏ ସାରା ଦେଶରେ ବ୍ୟାପିବା ପାଇଁ ୩୦ରୁ ୪୫ ଦିନ ସମୟ ନେଇଥାଏ। ମୌସୁମୀ କେରଳରେ ପହଞ୍ଚିବାର ୧୦ରୁ ୧୨ ଦିନ ମଧ୍ୟରେ, ଅର୍ଥାତ ଜୁନ ୧୦ରୁ ୧୫ ତାରିଖ ମଧ୍ୟରେ ଓଡ଼ିଶାରେ ପ୍ରବେଶ କରିଥାଏ।

## ମାନସ ଓ ସୁଲତାଙ୍କୁ ଗୁରୁଦାୟିତ୍ୱ ଦେଲେ ନବୀନ

- ରାଜ୍ୟସଭାରେ ମାନସ ବିଜେଡି ସଂସଦୀୟ ଦଳ ନେତା
- ସୁଲତାଙ୍କୁ ଉପନେତା ଓ ମୁଖ୍ୟ ସଚେତକ ଦାୟିତ୍ୱ

ଭୁବନେଶ୍ୱର, ୧୩।୪ (ସମିସ): ଦଳର ଦୁଇ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓ ସୁଲତା ଦେଓଙ୍କ ଉପରେ ଗୁରୁଦାୟିତ୍ୱ ଅର୍ପଣ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ମାନସ ମଙ୍ଗରାଜଙ୍କୁ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ଓ ସୁଲତା ଦେଓଙ୍କୁ ଉପନେତା ତଥା ମୁଖ୍ୟ ସଚେତକ ରୂପେ ନିଯୁକ୍ତି ଦିଆଯାଇଥିବା ସଂକ୍ରାନ୍ତରେ ନବୀନ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ନିକଟରେ ଶେଷ





ହୋଇଥିବା ରାଜ୍ୟସଭା ନିର୍ବାଚନ ପରେ ଦଳର କିଛି ସାଂସଦଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ଏହି ନିଯୁକ୍ତି ଦିଆଯାଇଥିବା ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି।


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



# ତିର୍ତ୍ତୋଲରେ ସେକ୍ସ ରାକେଟର ପର୍ଦ୍ଦାଫାସ; ୪ ଗିରଫ

ତିର୍ତ୍ତୋଲ,୧୩।୪(ସମିସ)

ତିର୍ତ୍ତୋଲ ପୁଲିସ ତିର୍ତ୍ତୋଲର ଏକ ଘରେ ଦୀର୍ଘ ଦିନ ଧରି ଚାଲୁଥିବା ଏକ ସେକ୍ସ ରାକେଟର ଫର୍ଦ୍ଦାଫାସ କରିବା ସହ ଏଥିରେ ସଂପୃକ୍ତ ଥିବା ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଏ ସଂପର୍କରେ ତିର୍ତ୍ତୋଲ ଥାନା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ସିଡିପିଓ ଅଜୟ କୁମାର ଦାସ ସୂଚନା ପ୍ରଦାନ କରିଛନ୍ତି। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ କୌଣସି ସୂତ୍ରରୁ ଖବର ପାଇ ତିର୍ତ୍ତୋଲ ପୁଲିସର ଏକ ଟିମ୍ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସେକ୍ସ ରାକେଟ ଚାଲିଥିବା ତିର୍ତ୍ତୋଲର ମୁଣ୍ଡାସାହିର ଏକ ଘର ଉପରେ ଚଢ଼ଉ କରିଥିଲା। ଏହି ଚଢ଼ଉ ସମୟରେ ଜଣେ ମହିଳା ଓ ପୁରୁଷ ଅନୈତିକ କାର୍ଯ୍ୟରେ ଲିପ୍ତ ଥିଲେ। ପୁଲିସ ସେହି ମହିଳାଙ୍କୁ ସେଠାରୁ ଉଦ୍ଧାର କରିବା ସହ ଅନ୍ୟମାନଙ୍କୁ ଅଟକ ରଖି ପଚରା ଉଚୁରା କରିଥିଲା। ପରେ ଏହି ସେକ୍ସ ରାକେଟ ଚଲାଉଥିବା ଏରସମା ଥାନା ମହିମା ଦେଇ ଗ୍ରାମର ଶାନ୍ତିଲତା ଭୋଳ ଓ ତାଙ୍କ ସ୍ୱାମୀ ନବଘନ ଭୋଳ, ଗ୍ରାହକ ତିର୍ତ୍ତୋଲ ଗ୍ରାମର ରଞ୍ଜନ ମଲ୍ଲିକ, ପଙ୍କପାଳ ଗ୍ରାମର ବିଶ୍ୱଜିତ୍ କଣ୍ଡକୁ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ଶାନ୍ତିଲତା ବିଭିନ୍ନ ସ୍ଥାନରୁ ଗ୍ରାହକ ଯୋଗାଡ଼ କରିବା ସହ ବିଭିନ୍ନ ଅଞ୍ଚଳରୁ ଝିଅ ଓ ମହିଳାଙ୍କୁ ଆଣି ଏହି ଅନୈତିକ କାର୍ଯ୍ୟରେ ଲଗାଉଥିଲେ। ପୁଲିସ ଜେରା ବେଳେ ଅଭିଯୁକ୍ତ ଶାନ୍ତିଲତା ପ୍ରତି ଗ୍ରାହକମାନଙ୍କ ଠାରୁ ୭୦୦ ଟଙ୍କା ସଂଗ୍ରହ କରୁଥିବାବେଳେ ଏହି ଅନୈତିକ କାର୍ଯ୍ୟରେ ଲଗାଉଥିବା ମହିଳାଙ୍କୁ ୩୦୦ ଟଙ୍କା ପ୍ରଦାନ କରୁଥିବା ସ୍ୱୀକାର କରିଛି। ଶାନ୍ତିଲତା ଠାରୁ ଗୋଟିଏ ମୋବାଇଲ୍ ଫୋନ୍ ଏବଂ ୨୦୫୫୦ ଟଙ୍କା ଜବତ ହୋଇଛ। ଉଦ୍ଧାର ହୋଇଥିବା ମହିଳାଙ୍କ ଠାରୁ ଏକ ଭ୍ୟାନଟି, ମୋବାଇଲ୍ ଫୋନ୍, ୩୫୫୦ ଟଙ୍କା ଜବତ ହୋଇଛି। ପୁଲିସ ଅନୈତିକ କାର୍ଯ୍ୟ ହେଉଥିବା ଘରୁ ଅବ୍ୟବହୃତ କଣ୍ଡୋମ୍, କସମେଟିକ ଓ ଲୁଗାପଟା ଥିବା ଏକ ବ୍ୟଗ, ଗୋଟିଏ ମୋବାଇଲ୍, ଗୋଟିଏ ହୋଣ୍ଡା ସ୍କୁଟି ( ଓଡ଼ି ୨୧ କେ ୮୭୩୧) ଆଦି ଜବତ କରିଛି। ପୁଲିସ ଏକ ମାମଲା ରୁଜୁ କରି ଏହି ୪ଜଣ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରିଥିବା ବେଳେ ଏଥିରେ ଘର ମାଲିକଙ୍କ ସମେତ ଅନ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ତଦନ୍ତ ଜାରି ରହିଛି। ତଦନ୍ତ ପରେ ଯଦି ସେମାନଙ୍କ ସଂପୃକ୍ତି ଥିବ ତାହେଲେ ସେମାନଙ୍କୁ ମଧ ଗିରଫ କରାଯିବ। ଉଦ୍ଧାର ହୋଇଥିବା ଯାଜପୁର ଅଞ୍ଚଳର ମହିଳାଙ୍କୁ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ଥାନା ଅଧିକାରୀ ବଂଶୀଧର ପ୍ରଧାନ, ଅତିରିକ୍ତ ଥାନା ଅଧିକାରୀ ତନୁଶ୍ରୀ ସାହୁ, ରଘୁନାଥ ଟୁଡୁଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।



## ଚୋରା ମଦ ଜବତ; ୨ ଗିରଫ

ତିର୍ତ୍ତୋଲ,୧୩।୪(ସମିସ): ତିର୍ତ୍ତୋଲ ଥାନା ଅଞ୍ଚଳର ଦୁଇଟି ସ୍ଥାନରୁ ପୁଲିସ ବିପୁଳ ପରିମାଣର ଚୋରା ମଦ ଜବତ କରିବା ସହ ଅଭିଯୁକ୍ତ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ଜଣାପଡିଛି। ପାଟ୍ରୋଲିଂ କରୁଥିବା ସମୟରେ ତିର୍ତ୍ତୋଲ ପୁଲିସ ଚଢ଼ଉ କରି ଜଡ଼ତିରା ଗ୍ରାମର ମହିଳା ତପସ୍ୱିନୀ ବିଶ୍ୱାଳଙ୍କ ଠାରୁ ୮ ଲିଟର ଚୋରା ମଦ ଜବତ କରିବା ସହ ତପସ୍ୱିନୀଙ୍କୁ ଗିରଫ କରିଥିଲା। ସେହିପରି ପୁଲିସ ଚଢ଼ଉ କରି ଇବ୍ରୀସିଂ ଗ୍ରାମର ନୃସିଂହ ମିଶ୍ରଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ସମୁଦାୟ ୨୭ ଲିଟର ଚୋରା ବିଦେଶୀ ମଦ ଜବତ କରିଥିଲା। ପୁଲିସ ଉଭୟଙ୍କ ବିରୋଧରେ ଦୁଇ ପୃଥକ୍ ମାମଲା ରୁଜୁ କରି ଅଦାଲତ ଚାଲାଣ କରିଥିବା ନେଇ ଅତିରିକ୍ତ ତିର୍ତ୍ତୋଲ ଥାନା ଆଇଆଇସି ତନୁଶ୍ରୀ ସାହୁ ସୂଚନା ପ୍ରଦାନ କରିଛନ୍ତି।

## ମୋବାଇଲ୍ ଦୋକାନରୁ ଚୋରି ଅଭିଯୋଗ

ନାଉଗାଁ,୧୩।୪(ସମିସ): ନାଉଗାଁ ଥାନା ଅଞ୍ଚଳର ମୁଣ୍ଡାଳ ବଜାର ନିକଟରେ ଥିବା ଏକ ମୋବାଇଲ ଦୋକାନର ସଟର ତାଡ଼ି ଲକ୍ଷାଧିକ ଟଙ୍କାର ମୋବାଇଲ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ମଧୁପୁର ଗ୍ରାମର ଆଶିଷ କୁମାର ପରିଡ଼ାଙ୍କ ଜୟ ମହାବୀର କମ୍ୟୁନିକେସେନ ମୋବାଇଲ ଦୋକାନରୁ ଗତକାଲି ବିଳମ୍ବିତ ରାତ୍ର ସମୟରେ କିଛି ଦୁର୍ବୃତ୍ତ ମିଳିତ ହୋଇ ସଟର ତାଡ଼ିବା ସହିବ ସିସିଟିଭିକୁ ଅଚଳ କରି ଦୋକାନ ଭିତରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଲୁଟ କରି ନେଇଥିଲେ। ଏହାର ସୂଚନା ପାଇବା ପରେ ଦୋକାନ ମାଲିକ ଆଶିଷ କୁମାର ପରିଡା ଏକ ଲିଖିତ ଅଭିଯୋଗ ନାଉଗାଁ ପୁଲିସ ଷ୍ଟେସନରେ କରିଥିଲେ। ନାଉଗାଁ ପୁଲିସ ଉକ୍ତ ଅଭିଯୋଗ କ୍ରମେ ସାଇଣ୍ଟିଫିକ ଟିମ ସାହାଯ୍ୟରେ ଘଟଣା ତଦନ୍ତ କରିବା ସହିତ, ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବା ନେଇ ନାଉଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ଦେବାଶିଷ ପଣ୍ଡା ପ୍ରକାଶ କରିଛନ୍ତି।

## ୨୯ ମଣ୍ଡଳରେ ବିଜେପିର ପ୍ରଶିକ୍ଷଣ ମହାଅଭିଯାନ

ଜଗତସିଂହପୁର,୧୩।୪(ସମିସ): ଜଗତସିଂହପୁର ଜିଲ୍ଲା କାଦୁଅପଡ଼ା ମଣ୍ଡଳ ଓ ଅଲଣା ମଣ୍ଡଳରେ ଦୀନଦୟାଲ ଉପାଧାୟ ପ୍ରଶିକ୍ଷଣ ମହା ଅଭିଯାନର ଶେଷ ଶିବିର ଅନୁଷ୍ଠିତ ହୋଇଯାଇଛି। କାଦୁଅପଡାରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର ଓ ଅଲଣାହାଟ ମଣ୍ଡଳରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର ଯୋଗ ଦେଇଥିଲେ। ମାର୍ଚ୍ଚ ମାସରୁ ଆରମ୍ଭ ହୋଇଥିବା ଏହି ପଣ୍ଡିତ ଦିନଦୟାଲ ଉପାଧାୟ ପ୍ରଶିକ୍ଷଣ ମହା ଅଭିଯାନ ଆଜି ଉଦ୍‌ଯାପିତ ହୋଇଯାଇଛି। ସେହିଭଳି ବିଭିନ୍ନ ପ୍ରଶିକ୍ଷଣ ଶିବିରରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସାଂସଦ ଡ. ବିଭୁ ପ୍ରସାଦ ତରାଇ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ରନାଥ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟସାରଥି ମହାନ୍ତି, ରାଜକିଶୋର ବେହେରା, ସଞ୍ଜୟ ମହାନ୍ତି, ମୋହିତ ମହାନ୍ତି, ନୃସିଂହ ସାହୁ, ଜିଲ୍ଲା ଉପସଭାପତି ତପନ ତ୍ରିପାଠୀ, ସୁବାସ ଜେନା, ବିନୋଦ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ଯୁଗଳ ପ୍ରଧାନ, ପ୍ରତାପ ନାୟକ, ସମ୍ପାଦକ ରୂପକ ଖୁଣ୍ଟିଆ, ତରୁଣ ଦାସ, ଡ. ପ୍ରକାଶ ଦଳାଇ ଓ ଗୀତାଞ୍ଜଳି ସାହୁ ପ୍ରଭୃତି ଉପସ୍ଥିତ ରହି ଶିବିରର ଗରିମା ବଢ଼ାଇଥିଲେ। ପ୍ରଶିକ୍ଷଣ ଶିବିରରେ ସମସ୍ତ ମଣ୍ଡଳ ସଭାପତିଙ୍କ ସହିତ ମଣ୍ଡଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଶିବିର ପରିଚାଳନା କରିଥିଲେ।

## 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ

ଜଗତସିଂହପୁର,୧୩।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ 'ପାରମ୍ପରିକ ଖାଦ୍ୟ ଦିବସ; ଆମ ରୁଚି, ଆମ ଖାଦ୍ୟ' ଜିଲ୍ଲାସ୍ତରରେ ଉତ୍ସାହର ସହିତ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଓଡ଼ିଆ ପାରମ୍ପରିକ ଖାଦ୍ୟର ସମୃଦ୍ଧି, ସ୍ୱାଦ ଓ ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରାଯାଇଛି। ସ୍ୱଦେଶୀ ଖାଦ୍ୟ ପ୍ରତି ଆଗ୍ରହ ବଢ଼ାଇବା ସହିତ ଆମ ପାରମ୍ପରିକତାକୁ ସୁରକ୍ଷିତ ଓ ସଂରକ୍ଷିତ ରଖିବା ପାଇଁ ଏହା ଏକ ଅଭିନବ ପଦକ୍ଷେପ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲ୍ଲାର ସମସ୍ତ ବ୍ଲକ୍ ତଥା ପୌରାଞ୍ଚଳରେ 'ଆମ ରୁଚି ଆମ ଖାଦ୍ୟ' ଆୟୋଜିତ ହୋଇଯାଇଛି। ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ପାରମ୍ପରିକ ଓଡ଼ିଆ ଖାଦ୍ୟ ଏଣ୍ଡୁରି ପିଠା, ଆରିଷା ପିଠା, ମାଣ୍ଡିଆ ପିଠା, ପୋଡ଼ ପିଠା, ଦହିବରା, ମାଣ୍ଡିଆ ସରବତ ଆଦି ପ୍ରଦର୍ଶିତ କରିଥିଲେ। ଏଥି ସହିତ ଓଡ଼ିଆ ଘରର ପରିଚୟ ପଖାଳ ପସରା ମଧ ପରିବେଷଣ କରିଥିଲେ। ରଘୁନାଥପୁର ଠାରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରତ୍ୟେକ ଗୋଷ୍ଠୀକୁ ଅଂଶଗ୍ରହଣ ପ୍ରମାଣପତ୍ର ସହିତ ବିଜେତା ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ପର୍ଯ୍ୟଟନ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିକାଶ ଅଧିକାରୀ ମୀରାବାଇ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନଙ୍କ ସହ ସମସ୍ତ କର୍ମକର୍ତ୍ତା ଆମ ରୁଚି ଆମ ଖାଦ୍ୟ ଉତ୍ସବ ପାଳନ କରିଥିଲେ।



## କୁଜଙ୍ଗ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



କୁଜଙ୍ଗ,୧୩।୪(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅଞ୍ଚଳରେ କୁଜଙ୍ଗ ଗାନ୍ଧୀ ଭାବରେ ପରିଚିତ ନାରାୟଣ ବୀରବର ସାମନ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ପାରାଦୀପର ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବା ସହିତ ନାରାୟଣ ବୀରବର ସାମନ୍ତ ସ୍ମୃତି ପାଠାଗାରର ଉଦ୍‌ଘାଟନ କରିଛନ୍ତି। ନାରାୟଣ ବୀରବର ସାମନ୍ତ କୁଜଙ୍ଗ ଅଞ୍ଚଳରେ ଲବଣ ସତ୍ୟାଗ୍ରହରେ ପ୍ରମୁଖ ଭୂମିକା ନେଇଥିଲେ। ତାଙ୍କ ପରାମର୍ଶରେ କୁଜଙ୍ଗର ରାଣୀ ଭାବବତୀ ପାଟମହାଦେଈ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଲେ। ଜଣେ ରାଣୀ ଏପରି ସତ୍ୟାଗ୍ରହରେ ଯୋଗଦେବା ସେତେବେଳେ ଥିଲା ସମଗ୍ର ଭାରତରେ ବିରଳ ଓ ପ୍ରଥମ ଘଟଣା। ଆଜି ଯେଉଁ ପାରାଦୀପ ବନ୍ଦର ସମସ୍ତେ ଦେଖୁଛନ୍ତି ତା'ର ପରିକଳ୍ପନା ଠାରୁ ବାସ୍ତବ ରୂପ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟରେ ନାରାୟଣ ବୀରବର ସାମନ୍ତଙ୍କ ଅବଦାନ ଗୋଟିଏ ଅଭୁଲା ସ୍ମୃତି ହୋଇ କୁଜଙ୍ଗ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯାଇଛି ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ଜଗତସିଂହପୁରର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ନେତା ରାଜକିଶୋର ବେହେରା, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ନେତା ସତ୍ୟସାରଥୀ ମହାନ୍ତିଙ୍କ ସମେତ ଜିନ୍ଦଲ ପ୍ଲାଣ୍ଟର ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ବିଡିଓଙ୍କ ସମେତ ତହସିଲଦାର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଜନ ସାଧାରଣଙ୍କ ସମେତ ବୁଦ୍ଧିଜୀବୀ, ସମାଜସେବୀ, ଯୁବ ବର୍ଗ, ମହିଳା, ଦଳୀୟ ନେତୃବର୍ଗମାନେ ପ୍ରମୁଖ ଉପସ୍ଥିତ ଥିଲେ।

## 'ବୃକ୍ଷରୋପଣ ଓ ଜଳ ସଂରକ୍ଷଣ' ଆଲୋଚନାଚକ୍ର



ଜଗତସିଂହପୁର,୧୩।୪(ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁରରେ ରାଷ୍ଟ୍ରୀୟ ଆବିଷ୍କାର ସପ୍ତାହ ପାଳନ ଉପଲକ୍ଷେ ବୃକ୍ଷରୋପଣ ଓ ଜଳ ସଂରକ୍ଷଣକୁ ପ୍ରୋତ୍ସାହନ ଦେବା ଶୀର୍ଷକ ଜନପ୍ରିୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରଣାଳୟ ଅଧୀନସ୍ଥ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଏବଂ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଜାତୀୟ ସବୁଜ ବାହିନୀ ନିମନ୍ତେ ଉଦ୍ଦିଷ୍ଟ ମିଶନ ଲାଇଫ୍ ମାଧ୍ୟମରେ ଏହି ସପ୍ତାହର ବିଷୟବସ୍ତୁ ଥିଲା 'ବୃକ୍ଷରୋପଣ ଓ ଜଳ ସଂରକ୍ଷଣକୁ ପ୍ରୋତ୍ସାହନ ଦେବା'। ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ସୁପ୍ରିୟା ପ୍ରିୟଦର୍ଶିନୀ ଓ ବିଜ୍ଞାନ ଶିକ୍ଷକ ସମୀର କୁମାର ମହାପାତ୍ର ଏବଂ ପ୍ରମୁଖ ଆଲୋଚକ ଭାବେ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ସମବେତ ଭାବରେ ବୃକ୍ଷରୋପଣ ଓ ଜଳ ସଂରକ୍ଷଣ ନିମନ୍ତେ ଶପଥ ଗ୍ରହଣ କରାଯାଇଥିଲା। ପ୍ରାରମ୍ଭରେ ଅନ୍ୟତମ ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ସହ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସିପ୍ରା ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଆଶାଲତା ଦାଶ, ରଶ୍ମିତା ଦାସ, କନକମଞ୍ଜରୀ ଲେଙ୍କା, ଶୁଭଶ୍ରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଆନ୍ତରିକ ସହଯୋଗ କରିଥିଲେ।

## ଶିକୁଳିରେ ବନ୍ଧା ଜ୍ୟୋସ୍ନାଙ୍କୁ ମିଳିଲା ନୂଆ ଜୀବନ

ପାରାଦୀପ,୧୩।୪(ସମିସ): ପାରାଦୀପ ମ୍ୟୁନିସିପାଲିଟିର ୧୪ ନମ୍ବର ୱାର୍ଡରେ ଶିକୁଳିରେ ବନ୍ଧା ହୋଇ ଜୀବନ ବିତାଉଥିବା ଜ୍ୟୋସ୍ନାଙ୍କୁ ମିଳିଛି ନୂଆଜୀବନ। ଗତ ପାଞ୍ଚମାସ ତଳେ ୧୪ ନମ୍ବର ୱାର୍ଡରେ ରହୁଥିବା ଜ୍ୟୋସ୍ନା ସ୍ୱାଇଁ ନାମକ ଯୁବତୀ ଶିକୁଳିରେ ବନ୍ଧାହୋଇ ଜୀବନ ବିତାଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ତାଙ୍କ ସାଥି ମାନଙ୍କୁ ସାଥିରେ ଧରି ନୂଆବଜାର ଠାରେ ରହିଥିବା ଜ୍ୟୋସ୍ନାଙ୍କ ଘରେ ପହଞ୍ଚିଥିଲେ ମଧ ଜ୍ୟୋସ୍ନାଙ୍କ ମା' ଝିଅକୁ ଛାଡିନଥିଲେ। ଅନେକ ବୁଝାସୁଝା କରିବା ପରେ ସ୍ନେହମୟୀ ଆଚାର୍ଯ୍ୟ, ଜ୍ୟୋସ୍ନାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା କଣାସ ଠାରେ ରହିଥିବା ନୀଳାଚଳ ସେବାକେନ୍ଦ୍ରରେ ଛାଡିବା ସହିତ ତାର ଚିକିତ୍ସାର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ କରୁଥିଲେ। ଯାହା ଫଳରେ ପାଞ୍ଚମାସ ନୀଳାଚଳ ସେବାକେନ୍ଦ୍ରରେ ଆଶ୍ରମର ସମସ୍ତ ଷ୍ଟାଫ ଓ ସ୍ନେହମୟୀଙ୍କ ପ୍ରଚେଷ୍ଟା ଆଜି ସଫଳ ହେବା ସହିତ ଶିକୁଳିରେ ବନ୍ଧାହୋଇ ଜୀବନ ବିତାଉଥିବା ଜ୍ୟୋସ୍ନା ଆଜି ନୂଆ ଜୀବନ ପାଇଛନ୍ତି।

ଗରିବ ସୀମାରେଖା ତଳେ ରହିବା ସହିତ ସ୍ୱାମୀ ଆରପାରିକୁ ଚାଲିଯିବା ପରେ ଜ୍ୟୋସ୍ନାଙ୍କ ମା' ପର ଘରେ ମୁଲ ମଜୁରୀ ଲାଗି ଜ୍ୟୋସ୍ନା ଓ ତାର ସାନଭାଇକୁ ପାଠ ପଢ଼ାଉଥିଲେ। ହେଲେ କଲେଜରେ ପଢୁଥିବା ଜ୍ୟୋସ୍ନାର ବ୍ୟବହାର ହଠାତ ବଦଳିବା ସହିତ କାହାକୁ ମାରିବାକୁ ଗୋଡ଼ାଇଲା ତ କାହା ଘରେ ପଶିଗଲା। ଯାହା ଫଳରେ ନିରୁପାୟ ହୋଇ ବଢିଲା ଝିଅର ସୁରକ୍ଷାକୁ ନଜର ରଖି ଶିକୁଳିରେ ବାନ୍ଧି ପରଘରକୁ ମୁଲ ପାଇଟି କରିବାକୁ ଯାଉଥିଲା। ସୁସ୍ଥ ହେବାପରେ ଜ୍ୟୋସ୍ନାର ପାଠ ପଢିବା ପ୍ରତି ଆଗ୍ରହକୁ ଦେଖିବା ପରେ ଯଦି ତାର ମା' ଚାହିଁବେ ତେବେ ଜ୍ୟୋସ୍ନା ପୁଣିଥରେ ପାଠ ପଢିବ ଓ କଲେଜ ଯିବ। ତାହାର ସମସ୍ତ ଖର୍ଚ୍ଚ ମୁଁ ବହନ କରିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ।



## ବିଜେଡିର ପ୍ରଶିକ୍ଷଣ ଶିବିର




ରଘୁନାଥପୁର,୧୩।୪(ସମିସ): ରଘୁନାଥପୁର ବ୍ଲକ ବିଜେଡି ପକ୍ଷରୁ ପୂରଣ ଓଡ଼ପଡ଼ା ପଞ୍ଚାୟତରେ ବ୍ଲକ ବିଜେଡି ସଭାପତି ତଥା ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟସଭାରେ କ୍ରସଭୋଟିଂ କରିଥିବା ତିର୍ତ୍ତୋଲ ବିଧାୟକ ପ୍ରଫେସର ରାମାକାନ୍ତ ଭୋଇଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁ ଜନତା ଦଳରୁ ବହିଷ୍କାର କରିଛନ୍ତି। ତେଣୁ ବିଜୁ ଜନତା ଦଳର ସୁପ୍ରିମୋଙ୍କ ନିର୍ଦ୍ଦେଶ କ୍ରମେ ମନ୍ତ୍ରୀ ପ୍ରତାପ ଜେନା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଗଡ଼ ରକ୍ଷା କରିବା ପାଇଁ କର୍ମୀଙ୍କୁ ଏକଜୁଟ ହୋଇରହିବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକ ଭାବେ ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କଟକସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସତ୍ୟ ଜେନା, ରଘୁନାଥପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ରଜତ କୁମାର ପାତ୍ର, ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ସୁରେନ୍ଦ୍ର ନାଥ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ସରପଞ୍ଚ ସୁଷମା ମଲ୍ଲିକ, ସମିତିସଭ୍ୟା ପୂଜାରଣୀ ଦାସ ଓ ୧୯ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ। ଯୁବନେତା ଅନ୍ତର୍ଯ୍ୟାମୀ ରାଉତ, ତାରାକାନ୍ତ ଜେନା, ପ୍ରଭାକର ମଲ୍ଲିକ, ଗୌତମ ପାଳିତ, ଚନ୍ଦ୍ରଶେଖର ସିଂହ ସମେତ ବିଜୁ ଜନତା ଦଳର ବହୁତ କର୍ମୀ ଯୋଗ ଦେଇଥିଲେ। ରଘୁନାଥପୁର ଯୁବଛାତ୍ର ସଭାପତି ଯୋଶେଫ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ବାଲିକୁଦା,୧୩।୪(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୮୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୨ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୩ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୪ଟି, ଆବାସ ସମ୍ପର୍କୀୟ ୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୪ଟି, ପୁଲିସ ସହାୟତା ପାଇବା ପାଇଁ ୨ଟି, ଭତ୍ତା ପାଇବା ପାଇଁ ୨ଟି ଏବଂ ଅନ୍ୟାନ୍ୟ ୧୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, ବାଲିକୁଦା ବିକାଶ ରଞ୍ଜନ, ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ



ରଘୁନାଥପୁର,୧୩।୪(ସମିସ): ଜଗତସିଂହପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ସୋମବାର ରଘୁନାଥପୁର ବ୍ଲକ ଗୋପାଳପୁର ଗ୍ରାମରେ ଦୀର୍ଘଦିନ ଧରି ବ୍ୟକ୍ତିଗତ ଦଖଲରେ ଥିବା ସରକାରୀ ଜମିକୁ ଜବରଦଖଲରୁ ମୁକ୍ତ କରାଯାଇଛି। ପୂର୍ବାହ୍ନ ୧୧ ଟା ସମୟରେ ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କ ପକ୍ଷରୁ ଅତିରିକ୍ତ ତହସିଲଦାର ମନୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଉକ୍ତ ଗ୍ରାମର କଟକ ପାରାଦୀପ ରାସ୍ତା ପାଶ୍ୱର୍ ସରକାରୀ ଜମିରେ ୫ ବ୍ୟକ୍ତିଙ୍କ ସ୍ଥାୟୀ ଭାବେ ରହିଥିବା ଦୋକାନ ଓ ଅନ୍ୟାନ୍ୟ ଘରକୁ ମେସିନ ଦ୍ୱାରା ଭଙ୍ଗା ଯାଇଥିଲା। ରଘୁନାଥପୁର ଆଇଆଇସି ପ୍ରେମଜିତ ଦାସଙ୍କ ନେତୃତ୍ୱରେ ଏସ୍ଆଇ ଯୋଗେଶ୍ୱର ବେହେରା ଓ ୨ ସେକ୍ସନ ପୁଲିସ ନିୟୋଜିତ ଥିଲେ। ଏହାଛଡା ଏରସମା ଥାନା ଆଇଆଇସି ପାର୍ଥ ପ୍ରତିମ ବେଉରା ଓ କୃଷ୍ଣାନନ୍ଦପୁର ଆଇଆଇସି ରଞ୍ଜନ କୁମାର ମାଝୀ ମଧ ଉପସ୍ଥିତ ଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ କି ପୂର୍ବରୁ ସରକାରୀ ଜମି ମୁକ୍ତ କରିବା ପାଇଁ ତହସିଲ ପକ୍ଷରୁ ଅବରୋଧକାରୀଙ୍କୁ ନୋଟିସ୍ କରାଯାଇଥିଲା। ଏଥିରେ ସୁଫଳ ନମିଳିବାରୁ ସରକାରୀ ଜମି ଜବରଦଖଲକୁ ନେଇ ଉଚ୍ଚ ନ୍ୟାୟାଳୟରେ ୩୬୩୬୭/୨୫ ଏକ କେସ ଦାୟର ହୋଇଥିଲା। ଏଥିରେ ଉପଜିଲ୍ଲାପାଳ ଜଗତସିଂହପୁର ଓ ରଘୁନାଥପୁର ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଉପଜିଲ୍ଲାପାଳଙ୍କ ପକ୍ଷରୁ ଦୁଇଥର ନୋଟିସ ଦିଆଯିବା ପରେ ସୋମବାର ଜବରଦଖଲ ଉଚ୍ଛେଦ ପାଇଁ ଦିନ ଧାର୍ଯ୍ୟ କରାଯାଇ ଏ ସମ୍ପର୍କରେ ଅବରୋଧକାରୀଙ୍କୁ ଅବଗତ କରାଯାଇଥିଲା।

## ପାରାଦୀପ ସାହିତ୍ୟ ସଂସଦର 'ଶବ୍ଦ ସମୁଦ୍ର' ଆୟୋଜିତ

ପାରାଦ୍ୱୀପ,୧୩।୪(ସମିସ)




ପାରାଦୀପ ସାହିତ୍ୟ ସଂସଦର ୧୭ତମ ବାର୍ଷିକ ଉତ୍ସବ 'ଶବ୍ଦ ସମୁଦ୍ର' ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ପାଳିତ ହୋଇଯାଇଛି। ସାହିତ୍ୟ ସଂସଦ ସଭାପତି ତୁଳସୀ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ କବି ଶୈଳଜ ରବି, ମୁଖ୍ୟବକ୍ତା ଭାବରେ ଡ. ଭାଗବତ ଶୁକ୍ଳ, ସମ୍ମାନିତ ବକ୍ତା ଭାବେ ଆଦିଦେବ ଇଣ୍ଟରଟେନମେଣ୍ଟ ଅଧ୍ୟକ୍ଷା ବନ୍ଦିତା ଶୁଭଦର୍ଶିନୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଶିଷ୍ଟ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ, ପାରିଷଦ ସୁବ୍ରତ କୁମାର ପ୍ରଧାନ, ଝିମାଣି ସ୍ଥିତ ନାରାୟଣ ବୀରବର ସାମନ୍ତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡ. କିଶୋର କୁମାର ଜେନା, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳୀୟାରସିଂହ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ପ୍ରଶାନ୍ତ କୁମାର ରାଉତ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସଞ୍ଜୟ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କବି ପ୍ରହ୍ଲାଦ ଶତପଥୀଙ୍କୁ ପାରାଦୀପ ବନ୍ଦର କବିତା ସମ୍ମାନ, ପ୍ରାବନ୍ଧିକ ଡ. ଅଭିଲାଷ ଜେନାଙ୍କୁ ପ୍ରବନ୍ଧ ସମ୍ମାନ, କଥାକାର ଡ. ସମୀର ରଞ୍ଜନଙ୍କୁ କ୍ଷୁଦ୍ର ଗଳ୍ପ ସମ୍ମାନ, ଶିଳ୍ପୀ କ୍ଷୀରୋଦ ରାଉତଙ୍କୁ ଚିତ୍ରଶିଳ୍ପୀ ସମ୍ମାନ, କିଶୋରୀ କବି ପ୍ରୀତିପ୍ରଜ୍ଞା ଜେନାଙ୍କୁ ନିତ୍ୟାନନ୍ଦ ବରାଳ ସ୍ମୃତି ସମ୍ମାନ, ପ୍ରଦାନ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟସେବା ପାଇଁ ଡା. ଶୁଭଶ୍ରୀ ବରାଳ, ଡା. ରବୀନ୍ଦ୍ର କୁମାର ସ୍ୱାଇଁ, ଜୟଦେବ ସାମନ୍ତରାୟ, କବିତା ପାଇଁ କବି ବୃନ୍ଦାବନ ଦାସ, ପ୍ରଭାତ ଦାସ, ଗୋପବନ୍ଧୁ ନାୟକ, ଖଗେଶ୍ୱର ମହାନ୍ତି, ହାରାମଣି ମହାପାତ୍ର, ସଂଘମିତ୍ରା ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶନା ପାଇଁ ବିକ୍ରମ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ୍ବ୍ୟତୀତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ନିମନ୍ତ୍ରୀତ ୩୦ଜଣ ଅତିଥି କବି ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତ କବି ମାନଙ୍କୁ ଉତ୍ତରୀୟ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ସଂଯୋଜନା କରିଥିଲେ କବି ଜିତେନ୍ଦ୍ର କୁମାର ବେହେରା ଓ ପୂଜାଶ୍ରୀ ସେଠୀ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସଂସଦର ଉପ ସଭାପତି ବିଜୟ କୁମାର ନାୟକ। ଉତ୍ସବ ପରିଚାଳନା କରିଥିଲେବ, ଉର୍ମିଳା ମହାନ୍ତି, ନମିତା ରାଉତ, କଳ୍ପନା ବେହେରା, ପୁଷ୍ପାଞ୍ଜଳି ମିଶ୍ର ଓ ଭାଗ୍ୟଶ୍ରୀ ପ୍ରଧାନ।

# ପୌରପାଳିକା ପକ୍ଷରୁ ବିପଦପୂର୍ଣ୍ଣ ଅଟ୍ଟାଳିକା ଉଚ୍ଛେଦ ଆରମ୍ଭ

ଝାରସୁଗୁଡା,୧୩।୪(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶ କ୍ରମେ ସହରର ବିଭିନ୍ନ ସ୍ଥାନରେ ଥିବା ପୁରାତନ ତଥା ବିପଦପୂର୍ଣ୍ଣ ଅଟ୍ଟାଳିକା ଗୁଡିକୁ ଝାରସୁଗୁଡ଼ା ପୌର ପାଳିକା ପକ୍ଷରୁ ଉଚ୍ଛେଦ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ସହରର ବିଭିନ୍ନ ସ୍ଥାନରେ ଝାରସୁଗୁଡ଼ା ପୌର ପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ କରାଯାଇଛି। ଏଥିସହ ସହରର ବିଭିନ୍ନ ସ୍ଥାନରେ ରାସ୍ତା କଡ଼ ଏବଂ ଡ୍ରେନ୍ ଉପରେ କରାଯାଇଥିବା ବେଆଇନ ଜବରଦଖଲ ଗୁଡ଼ିକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ହଟାଯିବ ବୋଲି ସୂଚାଯାଇଛି। ସୂଚନାଯୋଗ୍ୟ ଯେ, ପୌର ପାଳିକା ପକ୍ଷରୁ ୨୦୨୫ ସେପ୍ଟେମ୍ବର ୧୬ରେ ଏନେଇ ସହରର ବିଭିନ୍ନ ବିପଦପୂର୍ଣ୍ଣ ଗୃହ ମାଲିକଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଏଥିସହିତ ସମ୍ପୃକ୍ତ ଅଞ୍ଚଳ ଗୁଡିକରେ ମାଇକ ଯୋଗେ ବ୍ୟାପକ ପ୍ରଚାର ପ୍ରସାର କରାଯାଇ



ଅସୁରକ୍ଷିତ ଅଟ୍ଟାଳିକା ଖାଲି କରିବାକୁ କୁହାଯାଇଥିଲା। ପ୍ରଶାସନ ପକ୍ଷରୁ ବାରମ୍ବାର ସତର୍କ କରାଯିବା ସତ୍ତ୍ୱେ କେତେକ ସ୍ଥାନରେ କୌଣସି ସଂସ୍କାରମୂଳକ ପଦକ୍ଷେପ ନିଆଯାଇନଥିଲା। ମାତ୍ର କୌଣସି ସନ୍ତୋଷଜନକ ପଦକ୍ଷେପ ନିଆନଯିବାରୁ ପ୍ରଶାସନ ପକ୍ଷରୁ ଏହି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ପୌର ପାଳିକା ଦ୍ୱାରା ପ୍ରସ୍ତୁତ କାର୍ଯ୍ୟସୂଚୀ ଅନୁଯାୟୀ, କାଳୀ ମନ୍ଦିର ରୋଡ୍, କଂସାରିପଡା, ପୁରୁଣାବସ୍ତି ଏବଂ ମାରୱାଡିପଡା ଅଞ୍ଚଳରେ ଥିବା ବିପଦପୂର୍ଣ୍ଣ ଗୃହ ଗୁଡିକୁ ପର୍ଯ୍ୟାୟକ୍ରମେ ଭଙ୍ଗାଯାଉଛି। ଏହି ଅଭିଯାନ ସମୟରେ ପୌର ପାଳିକାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଯୁବ ସଂଘ ପକ୍ଷରୁ ରକ୍ତଦାନ ଶିବିର



ଝାରସୁଗୁଡା,୧୩।୪(ସମିସ): ମାଟିର ପୁଅ ତଥା ପୂର୍ବତନ ବରିଷ୍ଠ ନେତା ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କ ୬୮ତମ ଜନ୍ମଜୟନ୍ତୀ ଅବସରରେ ଝାରସୁଗୁଡ଼ା ଯୁବ ସଂଘ ପକ୍ଷରୁ ହୋଟେଲ ମୋହିନୀ ରୟାଲଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ବୃନ୍ଦାମାଳସ୍ଥିତ ବିଶେଷ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଲକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ଯୁବ ସଂଘର ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶିବିରରୁ ୬୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଝାରସୁଗୁଡ଼ାର ଦୁଇ ଜଣ ବରିଷ୍ଠ ରକ୍ତଦାତା ରମେଶ ଗାନ୍ଧୀ ଏବଂ ତାପସ ରାୟ ଚୌଧୁରୀଙ୍କୁ ସଂଘର ସଭାପତି ପୁରୁଷୋତ୍ତମ ମହାନ୍ତି ସମ୍ବର୍ଦ୍ଧିତ କରିଥିଲେ। ବୃନ୍ଦାମାଳସ୍ଥିତ ମୂକ, ବଧିର ଓ ମାନସିକ ଅନଗ୍ରସର ବିଶେଷ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏକ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଙ୍ଗାଧର ନାୟକ, ତାପସ ରାୟ ଚୌଧୁରୀ, ବେଣୁଗୋପାଳ ପାଣିଗ୍ରାହୀ, ହରିଶ ଗଣତ୍ରା, ଅରୁଣ ଚୈନି, ତ୍ରିନାଥ ଗୁଆଲ, ସନ୍ଦୀପ ଅବସ୍ଥି, ସାହିଦ ବେଗ୍, ନାଟୁ ଶର୍ମା, ପ୍ୟାରେଲାଲ ଶ୍ରୀବାସ୍ତବ, ସଞ୍ଜୟ ପଣ୍ଡା, ପ୍ରଶାନ୍ତ ଜେନା, ମେହେତାବ ଖାନ, ମିକି ନାୟକ, ତପନ ପାଣ୍ଡେ, ତାରକେଶ୍ୱର ସେଠୀ, ହିମାଂଶୁ ସାମଲ, ସଚିନ ଝା, ଶିବ ଚରଣ, ରାଜେଶ ପାଢ଼ୀ, ହର୍ଷ ଶର୍ମା ଉପସ୍ଥିତ ଥିଲେ। ଯୁବ ସଂଘର ଆବାହକ ପଲାଶ କର୍ମକାର ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରୀଷ୍ମପ୍ରବାହ ପାଇଁ ସକାଳୁଆ ଜନଶୁଣାଣି

ଝାରସୁଗୁଡା,୧୩।୪(ସମିସ): ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ସାଧାରଣ ଜନତାଙ୍କ ସୁବିଧା ପାଇଁ ଜନ ଅଭିଯୋଗ ଶୁଣାଣି ସମୟରେ ପ୍ରଶାସନ ପକ୍ଷରୁ ପରିବର୍ତ୍ତନ କରାଯାଇଛି। ଏଣିକି ସକାଳୁଆ ଜନଶୁଣାଣି କରିବାକୁ ନିଷ୍ପତ୍ତି ନିଆଯାଇଛି। ସକାଳ ୭ଟାରୁ ଏହାକୁ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୧୦ ତାରିଖରୁ ଏହି ନୂତନ ନିୟମ କାର୍ଯ୍ୟକାରୀ ହୋଇଛି। ଏହି ନିର୍ଦ୍ଦେଶନାମା ଅନୁସାରେ ପ୍ରତି ସୋମବାର ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସକାଳ ୭ରୁ ଆରମ୍ଭ ହୋଇ ୧୦ଟା ମଧ୍ୟରେ ଶେଷ ହେବ। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ସକାଳୁଆ ସମୟସୂଚୀ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ଏହି ନୂତନ ସମୟ ଅନୁଯାୟୀ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି।

# ‘ସ୍ନେହ ସେତୁ’ ପରିବାରକୁ ଫେରିଲେ ମଧ୍ୟପ୍ରଦେଶର ନିଖୋଜ ଯୁବକ ଘନଶ୍ୟାମ

ଝାରସୁଗୁଡ଼ା,୧୩।୪(ସମିସ)

ଜିଲ୍ଲା ପ୍ରଶାସନର "ସ୍ନେହ ସେତୁ' ଅଭିଯାନ ମାଧ୍ୟମରେ ଆଉ ଏକ ବିଚ୍ଛିନ୍ନ ପରିବାର ଯୋଡ଼ି ହୋଇଛି। ମଧ୍ୟପ୍ରଦେଶ ଛତରପୁର ଅଞ୍ଚଳର ୩୪ ବର୍ଷୀୟ ଯୁବକ ଘନଶ୍ୟାମ ଅହିରୱାର ଦୀର୍ଘ ଦିନ ପରେ ଆଜି ନିଜ ପରିବାର ସହ ଜିଲ୍ଲାପାଳଙ୍କ ଉପସ୍ଥିତିରେ ପୁନଃ ମିଶିପାରିଛନ୍ତି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଘନଶ୍ୟାମଙ୍କୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଗତ ୨୦୨୩ ଅକ୍ଟୋବର ୨୪ରେ ଘନଶ୍ୟାମଙ୍କୁ ବ୍ରଜରାଜନଗର



ଅଞ୍ଚଳରୁ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଝାରସୁଗୁଡ଼ା "ମିଶନ ଆଶାଲୋକ' ଟିମ୍ ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇ କେନ୍ଦ୍ରରେ ଆଶ୍ରୟ ପ୍ରଦାନ କରାଯିବା ସହ ଆବଶ୍ୟକୀୟ ଚିକିତ୍ସା ଓ ସେବା ଯୋଗାଇ ଦିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ସେ ନିଜ ଘର ମଧ୍ୟପ୍ରଦେଶର ଛତରପୁର ଜିଲ୍ଲା ଭଗୌରା ଗ୍ରାମରେ ବୋଲି ସୂଚନା ଦେଇଥିଲେ। ଏହାପରେ ଜିଲ୍ଲା

**ଏପର୍ଯ୍ୟନ୍ତ ନିଜ ପରିବାରକୁ ଫେରିଲେଣି ୨୭ ବ୍ୟକ୍ତି**

ପ୍ରଶାସନ ଓ ମିଶନ ଆଶାଲୋକ ଟିମ୍ ପକ୍ଷରୁ ତୁରନ୍ତ ତାଙ୍କ ପରିବାର ସହ ଯୋଗାଯୋଗ କରାଯାଇଥିଲା। ଆଜି ଘନଶ୍ୟାମଙ୍କୁ ନେବା ପାଇଁ ତାଙ୍କ ଭାଇ ରାମଦୀନ ଅହିରୱାର ଏବଂ ଦାଦା ରମେଶ ଅହିରୱାର ଝାରସୁଗୁଡ଼ାରେ ପହଞ୍ଚିଥିଲେ। ଦୀର୍ଘ ଦିନ ପରେ ନିଜ ପରିବାରକୁ ପାଖରେ ପାଇ ଘନଶ୍ୟାମ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଅବସରରେ ଜିଲ୍ଲାପାଳ ଚହ୍ୱାଣ କହିଛନ୍ତି, "ସ୍ନେହ ସେତୁ ମାଧ୍ୟମରେ ଏପର୍ଯ୍ୟନ୍ତ ୨୭ ଜଣ ବ୍ୟକ୍ତି ନିଜ ପରିବାର ସହ ପୁନଃମିଳିତ ହୋଇସାରିଲେଣି। ଜଣେ ନିଖୋଜ ବ୍ୟକ୍ତିଙ୍କୁ ତାଙ୍କ ପ୍ରିୟଜନଙ୍କ ସହ ଯୋଡ଼ିବାରେ ଯେଉଁ ଆତ୍ମସନ୍ତୋଷ ମିଳେ, ତାହା ହିଁ ଏହି ଅଭିଯାନର ପ୍ରକୃତ ସଫଳତା। ଏହି ପୁନଃମିଳନ କାର୍ଯ୍ୟକ୍ରମ ସମୟରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ମିଶନ ଆଶାଲୋକର ସଦସ୍ୟମାନେ ଉପସ୍ଥିତ ରହି ଘନଶ୍ୟାମଙ୍କୁ ଶୁଭେଚ୍ଛା ସହ ବିଦାୟ ଜଣାଇଥିଲେ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଝାରସୁଗୁଡ଼ା /ଲଖନପୁର,୧୩।୪(ସମିସ): ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ମୋଟ ୪୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୨୮ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିବା ବେଳେ ୧୩ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିସହ ୩ ଜଣଙ୍କୁ ସହାୟତା ପାଣ୍ଠିରୁ ୨୫,୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଶିବିରରେ ମୁଖ୍ୟତଃ ଜମିଜମା ବିବାଦ, ବେଆଇନ ମଦ କାରବାର ଉପରେ ରୋକ ଲଗାଇବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ସେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାସନ କାର୍ଡ ପ୍ରଦାନ ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଅଭିଯୋଗମାନ ଆସିଥିଲା। ଜିଲ୍ଲାପାଳ କେତେକ ସମସ୍ୟାର ତତ୍କାଳ ସମାଧାନ କରିବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଲଖନପୁର ବ୍ଲକ୍ ଅଧ୍ୟକ୍ଷ ଏଚ୍. ତିହିରିଆ ଏବଂ ବିଡିଓ ବିନୟ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ନିଜ ନିଜ ବିଭାଗ ସମ୍ପର୍କିତ ସମସ୍ୟାର ଉତ୍ତର ରଖିଥିଲେ।

ଦେବଗଡ଼: ବାରକୋଟ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୧୮ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୪ ଟି ବ୍ୟକ୍ତିଗତ ଏବଂ ୪ ଟି ସାମୁହିକ ଅଭିଯୋଗ ରହିଥିଲା। ଜମି ପଟ୍ଟା ସଂଶୋଧନ, ପାନୀୟଜଳ, ଶିକ୍ଷକ ବଦଳି ଓ ରାସ୍ତାଘାଟର ଉନ୍ନତିକରଣ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ଅରୁଣ ବେହେରା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସୂର୍ଯ୍ୟକାନ୍ତ ବରିହା ଓ ତହସିଲଦାର ରବିନ୍ଦ୍ର ସାମଲ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ‘ଆମେ ଜାଣିବା ଆମ ବଜେଟ୍’ କାର୍ଯ୍ୟକ୍ରମ

ଝାରସୁଗୁଡା,୧୩।୪(ସମିସ): ଆଜି ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ‘ଆମେ ଜାଣିବା ଆମ ବଜେଟ୍’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ବଜେଟ୍ ୨୦୨୬-୨୭ରେ ଆର୍ଥିକ ଦୁର୍ବଳ, ଯୁବକ ଯୁବତୀ, ଅନ୍ନଦାତା ଓ ନାରୀ ଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି। ଏହା ସହିତ ଏହି ବଜେଟ୍‌ରେ ସମୃଦ୍ଧ ଓଡିଶା ୨୦୩୬ ଓ ବିକଶିତ ଭାରତ-୨୦୪୭ ଭିଜନ୍ ଲକ୍ଷ୍ୟ ହାସଲ ପାଇଁ ସୁପରିକଳ୍ପିତ ବ୍ୟବସ୍ଥା କରାଯାଇଛି। ଓଡିଶାର ଅର୍ଥନୀତିର ଆକାର ୯.୮୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୫-୨୬ରେ ଆର୍ଥିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଥିଲେ। ସରକାର ଓଡିଶାର ଅର୍ଥନୀତିକୁ ୨୦୩୬ ସୁଦ୍ଧା ୫୦୦ ବିଲିୟନ୍ ଡଲାର୍ ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ୍ ଡଲାର୍ ଅର୍ଥନୀତିରେ ପରିଣତ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଓ ଅନେକ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବର୍ଷାଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା, ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆଧୁନିକ ପ୍ରଶିକ୍ଷଣ ଉପରେ ଆଲୋଚନା କରାଯାଇଥିଲା। ଏହି ସବୁ ମଧ୍ୟରୁ ଯାହା ବଜେଟରେ ସାମିଲ ହୋଇନାହିଁ ତାକୁ ସାମିଲ କରିବା ପାଇଁ ବୁଦ୍ଧିଜୀବୀମାନେ ଅନୁରୋଧ କରିଥିଲେ। ଉପଜିଲ୍ଲାପାଳ ଓ ବିଡିଓ ସମସ୍ତ ପ୍ରଶ୍ନର ଉତ୍ତର ରଖିଥିଲେ। ଉପ ଜିଲ୍ଲାପାଳ ବଜେଟ ସମ୍ପର୍କରେ ଜନସାଧାରଣଙ୍କୁ ବୈଠକ, ସାମାଜିକ ଗଣମାଧ୍ୟମ ଆଦି ବିଭିନ୍ନ ମାଧ୍ୟମରେ ସଚେତନ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

# ବୁଢାପାଲ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଓ ଆଲୋଚନାଚକ୍ର

ରିଆମାଳ,୧୩।୪(ସମିସ): ରିଆମାଳ ବ୍ଲକ ବୁଢ଼ାପାଲ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବ ରେଡକ୍ରସ୍‌ର ରେଡ୍ ରିବନ୍ କ୍ଲବ୍ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟଅତିଥି ଭାବେ ବିଡ଼ିଓ ଆଦିତ୍ୟ ପଣ୍ଡା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ବିରେନ୍ ପ୍ରଧାନ ଯୋଗଦେଇଥିଲେ। ରେଡକ୍ରସ ସଂଯୋଜକ ଡଃ ନିର୍ମଳ ଚନ୍ଦ୍ର ଦାଶ ପରିଚାଳନା କରିଥିବା ବେଳେ ରକ୍ତଭଣ୍ଡାର ଅଧିକାରୀ ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଏହା ପରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ପ୍ରଦେଶ ଗଠନ କରିବାରେ ଓଡ଼ିଆ ବରପୁତ୍ରଙ୍କ ଭୂମିକା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଡିଏଭି ସ୍କୁଲର ବାର୍ଷିକ ଉତ୍ସବ

ଝାରସୁଗୁଡା/ବନ୍ଧବାହାଲ,୧୩।୪(ସମିସ): ସ୍ଥାନୀୟ ଡିଏଭି. ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାନଦୀ କୋଲ୍ ଫିଲ୍ଡ୍ ଲିମିଟେଡ୍, ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ଅବୋଧ ପାଣ୍ଡେ ଓ ମ୍ୟାଡ଼ମ୍ ରିନୁ ପାଣ୍ଡେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଡିଏଭି ପରିବାର ତରଫରୁ ସଂକୁଳ ପ୍ରମୁଖ ତଥା ବୁର୍ଲା ସମ୍ବଲପୁର ଡିଏଭି ସ୍କୁଲ ଅଧ୍ୟକ୍ଷ ରାଜେନ୍ଦ୍ର ବେଦବାକ, ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା, ଡିଏଭି ପବ୍ଲିକ ସ୍କୁଲ ବନହରପାଲି ଓ.ପି.ଜି.ସି ଅଧ୍ୟକ୍ଷ ଅନିତା ଭାଗ୍ୟରାଜ, କଟକ ବଡ଼ମ୍ବା ଡିଏଭି ସ୍କୁଲ ଅଧ୍ୟକ୍ଷ ସୁଧାଂଶୁ ଭୂଷଣ ପଣ୍ଡା, ବନହରପାଲି ଡିଏଭି ସ୍କୁଲ ଅଧ୍ୟକ୍ଷ ଗଣେଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲା। ଅଧ୍ୟକ୍ଷ ଶ୍ରୀ ହୋତା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ 'ନୃତ୍ୟାଞ୍ଜଳି' ପରିବେଷଣ କରାଯାଇଥିଲା। ଉତ୍ସବର ପୂର୍ବଦିନ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମହିଳା ମଣ୍ଡଳର ସଭାନେତ୍ରୀ ରିନୁ ପାଣ୍ଡେ ମୁଖ୍ୟଅତିଥି ଏବଂ ନମିତା ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟରେ ଇଆରପି ପ୍ରକ୍ରିୟାର ଶୁଭାରମ୍ଭ

ଝାରସୁଗୁଡା,୧୩।୪(ସମିସ): ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟର ପରିକଳ୍ପନା, ଲକ୍ଷ୍ୟ ଓ ମୂଲ୍ୟବୋଧ ସ୍ଥିରୀକୃତ ହେବା ସହ ବିଦ୍ୟାଳୟର ଶୈକ୍ଷିକ ଓ ସହ ଶୈକ୍ଷିକ ସମ୍ବନ୍ଧୀୟ ସମସ୍ତ ତଥ୍ୟକୁ ଏକତ୍ର ସ୍ଥାନିତ କରିବା ପାଇଁ ବିଦ୍ୟାଳୟ ପରିଚାଳନା ସମିତି ଦ୍ୱାରା ଇଆରପି ପ୍ରକ୍ରିୟାର ଶୁଭାରମ୍ଭ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କୁମାର ହେରମ୍ବ ନାରାୟଣ ନାଏକ, ସମ୍ପାଦକ ମନୋରଞ୍ଜନ ପାଣିଗ୍ରାହୀ, ଉପସଭାପତି ଶୁଭାଶିଷ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ପାଇଁ ନିଜର ତତ୍ପରତା ପ୍ରକାଶ କରିଥିଲେ। ବିଦ୍ୟାଳୟର ସଭାପତି ଶ୍ରୀ ନାଏକ ଇଆରପି ପ୍ରକ୍ରିୟାର ଉପଯୋଗିତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ପ୍ରଧାନ ଶିକ୍ଷକ ରଘୁନାଥ ନାୟକ ପରିଚାଳନା କରିଥିବା ସହିତ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷିକା ନିରୁପମା ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଝାରସୁଗୁଡା,୧୩।୪(ସମିସ): ଝାରସୁଗୁଡା ସହରସ୍ଥ ବଡ଼ମାଳ ନିକଟରେ ଥିବା ବିଜେପି କାର୍ଯ୍ୟାଳୟରେ ଦୁଇ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଦ୍ୱିବାର୍ଷିକ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରେମସେନ ରାୟ, ନେତାଜୀ ପଟ୍ଟନାୟକ, ଚକାମନ ସା, ନେତାଜୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଅତିଥିମାନେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ଦର୍ଶନ ଏବଂ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଦଳୀୟ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ଏବଂ ପ୍ରଶିକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ବିମଳେନ୍ଦୁ ଭୋଲ, ରବି କୁମାର, ପଙ୍କଜ ବେହେରା, ଲକ୍ଷ୍ମଣ ବେହେରା, ସନ୍ତୋଷ ଯାଦବ ଏବଂ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# କୁମ୍ଭାରବନ୍ଧ ଡିଗ୍ରୀ କଲେଜରେ ରକ୍ତଦାନ ଶିବିର

ଇବଥର୍ମାଲ,୧୩।୪(ସମିସ): ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ କୁମ୍ଭାରବନ୍ଧ ପଞ୍ଚାୟତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୟୁଥ ରେଡକ୍ରସ (ୱାଇଆରସି ) ଓ ଜାତୀୟ ସେବା ଯୋଜନା (ଏନ୍‌ଏମ୍‌ଏମ୍)ର ମିଳିତ ସହଯୋଗରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ବିଶ୍ୱାଳଙ୍କ ନେତୃତ୍ୱରେ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଗିରିଧାରୀ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ସେବାରାମ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରକ୍ତଭଣ୍ଡାର ଝାରସୁଗୁଡ଼ାର କର୍ମକର୍ତ୍ତାମାନେ ଯୋଗଦେଇ ୧୮ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

# ଓଡ଼ିଆ ନବ ବର୍ଷ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା



ଝାରସୁଗୁଡା,୧୩।୪(ସମିସ): ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଓ ଓଡ଼ିଆ ନବ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଝୋଟି, ଚିତା, ମୁରୁଜ ଏବଂ ପିଠା ପଣା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୌର ଅଧ୍ୟକ୍ଷା ରାନୀ ହାତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ ଉପସ୍ଥିତ ଥିଲେ। ୨୫ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମାଣ୍ଡିଆରୁ ପ୍ରସ୍ତୁତ ଏଣ୍ଡୁରି ପିଠା, ଆରିସା ପିଠା, ମାଣ୍ଡିଆ ପିଠା, ପୋଡ଼ ପିଠା, ଦହିବରା, ମାଣ୍ଡିଆ ସରବତ ଆଦି ପ୍ରଦର୍ଶିତ କରିଥିଲେ। ପୌର ଅଧ୍ୟକ୍ଷା ରାନୀ ହାତୀ ପ୍ରତ୍ୟେକ ଗୋଷ୍ଠୀକୁ ଅଂଶଗ୍ରହଣ ପ୍ରମାଣପତ୍ର ସହିତ ବିଜେତା ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରିଥିଲେ। ମୁଖ୍ୟଅତିଥି ପୌର ଅଧ୍ୟକ୍ଷା ରାନୀ ହାତୀ ଓଡ଼ିଆ ନବ ବର୍ଷ ଆମ ସଂସ୍କୃତି ଓ ସ୍ୱାଭିମାନର ପ୍ରତୀକ ବୋଲି କହିବା ସହ ଏପରି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଆମର ଆଗାମୀ ପିଢ଼ିକୁ ନିଜ ସଂସ୍କୃତି ସହ ଯୋଡ଼ି ରଖିପାରିବା ବୋଲି କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବଗଡ଼ରେ ‘ପିଠା ପଣା’ ଦିବସ

ଦେବଗଡ଼,୧୩।୪(ସମିସ): ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସକୁ ଓଡ଼ିଆ "ପିଠାପଣା' ଦିବସ ରୂପେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥିଭାବେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ ଓ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ଫିତା କାଟି ପିଠା ପଣା ଦିବସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦିବସର ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ସାହୁ ଏହି ଦିବସ ପରୀପ୍ରେକ୍ଷୀରେ ଓଡ଼ିଆ ମାନଙ୍କର ପିଠାପଣା ପାରମ୍ପରିକ ଖାଦ୍ୟ ଉପରେ ମତ ପୋଷଣ କରିଥିଲେ। ଜିଲ୍ଲାର ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଆଜି ପାରମ୍ପରିକ ଓଡ଼ିଆ ଖାଦ୍ୟ ମାଣ୍ଡିଆରୁ ପ୍ରସ୍ତୁତ ଏଣ୍ଡୁରି ପିଠା, ଆରିସା ପିଠା, ମଣ୍ଡା ପିଠା, କାକରା ପିଠା, ମାଣ୍ଡିଆ ଚକୁଳି, ପୋଡ଼ପିଠା ଏଥିସହିତ ଦହିବରା, ରସାବଳି, ଛେନାପୋଡ଼, ଲସି, ଆମ୍ବ ଜୁସ, ପତ୍ରପଢ଼ା, ମୁଢ଼ି ମାଂସ ଓ ମାଣ୍ଡିଆ କ୍ଷୀରି ଆଦି ପ୍ରଦର୍ଶିତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।



# ଲଖନପୁରରେ ‘ଆମ ରୁଚି ଆମ ଖାଦ୍ୟ’ କାର୍ଯ୍ୟକ୍ରମ



ଝାରସୁଗୁଡା,୧୩।୪(ସମିସ): ଓଡ଼ିଆ ପକ୍ଷ ଅବସରରେ ଆଜି ଲଖନପୁର ବ୍ଲକ ପରିସରରେ "ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ପାରମ୍ପରିକ ଖାଦ୍ୟର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ଲଖନପୁର, ସରଣ୍ଡାମାଲ, ରାମପେଲା ଏବଂ କନକତୋରା ମିଶନ ଶକ୍ତି କାଫେର ମହିଳାମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଓଡ଼ିଆ ଖାଦ୍ୟ ପଖାଳ ସହ ବିଭିନ୍ନ ସ୍ୱଦେଶୀ ବ୍ୟଞ୍ଜନ ଯଥା-ଟଙ୍କ ତୋରାଣି, ବେଲ ପଣା, ମାଣ୍ଡିଆ ପଣା ଆଦିର ଷ୍ଟଲ୍‌ଗୁଡ଼ିକ ଅତିଥି ଓ ଜନସାଧାରଣଙ୍କ ମନ ମୋହିଥିଲା। ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନେ ଏହି ସ୍ୱାଦିଷ୍ଟ ଖାଦ୍ୟର ସ୍ୱାଦ ଚାଖିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଗୋଷ୍ଠୀକୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କହିଥିଲେ, ‘ଆମ ରୁଚି, ଆମ ଖାଦ୍ୟ’ କାର୍ଯ୍ୟକ୍ରମ ଆମ ସାଂସ୍କୃତିକ ଐତିହ୍ୟକୁ ପ୍ରଚାର କରିବା ପାଇଁ ଏକ ଅନନ୍ୟ ପ୍ରୟାସ। ପାରମ୍ପରିକ ଖାଦ୍ୟର ସ୍ୱାଦ ଓ ଏହାର ପୁଷ୍ଟିକର ଗୁଣାବଳୀକୁ ଲୋକଲୋଚନକୁ ଆଣିବା ସହ ଆମ ପାରମ୍ପରିକତାକୁ ସୁରକ୍ଷିତ ଓ ସଂରକ୍ଷିତ ରଖିବା ପାଇଁ ଏହା ଏକ ସାର୍ଥକ ପଦକ୍ଷେପ ବୋଲି କହିଥିଲେ।

● କୋଲାବ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ଯାନ୍ତ୍ରିକ ତ୍ରୁଟି

# ଜୟପୁରରେ ପାଇପ ଜଳ ଯୋଗାଣ ବନ୍ଦ

ଜୟପୁର,୧୩।୪(ସମିସ) : କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ମୁଣ୍ଡିଗୁଡା ଠାରେ କୋଲାବ ବହୁମୁଖୀ ଜଳବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଠାରେ ଗତକାଲି ସଂଧ୍ୟାରେ ଯାନ୍ତ୍ରିକ ତୃଟି ଯୋଗୁଁ ବିଦ୍ୟୁତ ଉତ୍ପାଦନ ବନ୍ଦ ରହିଛି। ଫଳରେ ଜଳ ବିଦ୍ୟୁତ ଟରବାଇନ୍ ଦେଇ କୋଲାବ ଡ୍ୟାମରୁ ଜଳ ଯୋଗାଣ ବନ୍ଦ କରାଯାଇଛି। ଫଳରେ ବିଦ୍ୟୁତ ଉତ୍ପାଦନ ପରେ ଉଦ୍‌ବୃତ ଜଳ ସତୀଗୁଡା ଡ୍ୟାମରେ ଗଚ୍ଛିତ ହୋଇପାରୁନାହିଁ। ତେଣୁ ଜୟପୁର ସହରକୁ ସତିଗୁଡା ଡେମରୁ ପିଇବା ଓ ନିତ୍ୟ ବ୍ୟବହାର ପାଇଁ ପାଇପ ଜଳ ଯୋଗାଣ ଆଜି ବନ୍ଦ ରହିଛି। ଆଜି ରାତି ସୁଦ୍ଧା ମରାମତି କରାଯାଇ ଯାନ୍ତ୍ରୀକ ତୃଟି ସୁଧାରିବା ପରେ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ପରେ ମୁଖ୍ୟ ଡେମରୁ ଜଳ ଯୋଗାଣ ବିଦ୍ୟୁତ କେନ୍ଦ୍ରକୁ ସ୍ୱାଭାବିକ ହେବ ଏବଂ ସତିଗୁଡା ଡେମରେ ଜଳ ଗଚ୍ଛିତ ରହିବା ପରେ ସହରକୁ ପାଇପ ଜଳ ଯୋଗାଣ ସ୍ୱାଭବିକ ହେବ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଚିତ୍ରା ନନ୍ଦ ବେହେରା ପ୍ରକାଶ କରିଛନ୍ତି। ଏହିପରି ରବି ଚାଷ ପାଇଁ କେନାଲ ଜଳ ଯୋଗାଣ ମଧ୍ୟ ବନ୍ଦ ରହିଛି। କିନ୍ତୁ ଆଜି ରାତି ସୁଦ୍ଧା ବିଦ୍ୟୁତ ଉତ୍ପାଦନ ସହିତ ସତୀଗୁଡା ଡ୍ୟାମରେ ପାଣି ଗଚ୍ଛିତ ହେବ ଏବଂ ଆସନ୍ତା ମଙ୍ଗଳବାର ସହରରକୁ ପାଇପ ପାଣି ଏବଂ ଚାଷ ଜମିକ କେନାଲ ମାଧ୍ୟମରେ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ଇରିଗେସନ ବିଭାଗର ସତୀଗୁଡା ଡେମ ଦାୟୀତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀ ମାଧବାନନ୍ଦ ଶତପଥି ପ୍ରକାଶ କରିଛନ୍ତି।

# ନିଲିଗୁଡା ଗ୍ରାମପଞ୍ଚାୟତରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

ମାଲକାନଗିରି, ୧୩।୪(ସମିସ): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ପଡିଆ ବ୍ଲକ୍ ଅନ୍ତର୍ଗତ ନିଲିଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଜନ ଶୁଣାଣି ଓ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଶତାଧିକ ସ୍ଥାନୀୟ ବାସିନ୍ଦା ନିଜର ବିଭିନ୍ନ ସମସ୍ୟା ନେଇ ପହଞ୍ଚିଥିଲେ। ଏହି ଶିବିରରେ ମୋଟ ୮୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା, ଯେଉଁଥିରେ ୩୮ଟି ବ୍ୟକ୍ତିଗତ ଏବଂ ୪୬ଟି ଗ୍ରାମ୍ୟ ସମସ୍ୟା ଅନ୍ତର୍ଭୁକ୍ତ ଥିଲା। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମି ପଟ୍ଟା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଏବଂ ଭିନ୍ନକ୍ଷମ ସହାୟତା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହିତ ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଓ ରାସ୍ତାଘାଟ ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଏବଂ ସିଡିଏମଓ ଡା. ଦୋଳାମଣି ପ୍ରଧାନ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିବା ସହ ତାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ତହସିଲଦାର, ବିଡିଓ ଏବଂ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଶିବିରରେ ସାମିଲ ହୋଇଥିଲେ।

# ଗୋ-ଚାଲାଣରେ ମନ୍ତ୍ରୀ, ବିଧାୟକ ସାମିଲ : ବାହିନୀପତି



ଜୟପୁର,୧୩।୪(ସମିସ) : କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ପୁଜାରିପୁଟ ଗ୍ରାମପଞ୍ଚାୟତର ଫୁଂଫୁ ଗାଁ ଠାରେ ପ୍ରଶାସନର ବିନା ସ୍ୱାକୃତିରେ ହାଟକୁ ଉଦ୍‌ଘାଟନ କରାଯାଇ ଏଠାରେ ଗୋ-ଚାଲାଣ ପାଇଁ କେନ୍ଦ୍ର ସ୍ଥାପନ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି । ଆଜି ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ବାହିନୀପତି ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଆନ୍ଧ୍ରପ୍ରଦେଶକୁ ଗୋଚାଲଣେ ସ୍ଥାନୀୟ ମନ୍ତ୍ରୀ ଏବଂ ଶାସକ ବିଜେପି ଦଳର ବିଧାୟକ ମାନେ ସାମିଲ ରହିଥିବା ନେଇ ଗୁରୁତର ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲାରୁ ଗୋ-ସମ୍ପଦ ନଷ୍ଟ ହେବାରେ ଲାଗିଛି। ପ୍ରତ୍ୟେକ ସପ୍ତାହର ସୋମବାର ଦିନ ପ୍ରାୟ ୫ ହଜାର ଗାଈ ଆନ୍ଧ୍ରପ୍ରଦେଶ କଂସେଇ ଖାନାକୁ ଚାଲାଣ କରାଯାଉଛି। ବିଜେପି ଅସ୍ମିତା ଓ ଗୋରକ୍ଷା ନାମରେ ଶାସନଗାଦୀ ହାସଲ କରିଛନ୍ତି। କିନ୍ତୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପୁ ଭତ୍ରା, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝିଙ୍କ ଉପସ୍ଥିତିରେ ବିନା ପ୍ରଶାସନର ସ୍ୱୀକୃତିରେ ହାଟ ନାମରେ ଗୋଚାଲାଣ କେନ୍ଦ୍ରକୁ ଗତ ୬ ତାରିଖରେ ଉଦ୍‌ଘାଟନ କରାଯାଇଛି। ସେଠାରେ ଜଣେ ପୂର୍ବତନ ସମିତି ସଭ୍ୟ ତଥା ଗୋଚାଲଣକାରୀ ଉପସ୍ଥିତ ରହିବା ସ୍ପଷ୍ଟ କରିଛି ଯେ ବିଜେପି ଦଳର ଅବିଭକ୍ତ କୋରାପୁଟ ଜିଲ୍ଲା ମନ୍ତ୍ରୀ ଓ ବିଧାୟକ ମାନେ ଜିଲ୍ଲା ଗୋରୁ ଗାଈ ଚାଲାଣରେ ସଂପୃକ୍ତି ରହିଛନ୍ତି। ଉଦଘାଟନ ଉତ୍ସବ ଫଳକରେ ଉପରୋକ୍ତ ମନ୍ତ୍ରୀ ଓ ବିଧାୟକଙ୍କ ସମେତ ବ୍ଲକ ଅଧକ୍ଷା ତିଳତ୍ତୋମା ମୁଦୁଲି, ଜିଲ୍ଲା ପରିଷଦ ସଦସ୍ୟା ରଶ୍ମି ରଥ ଏବଂ ସରପଞ୍ଚ କିଶୋରୀ ନାୟକଙ୍କ ନା ରହିଛି। କିନ୍ତୁ ଜୟପୁର ବିଧାନସଭା ମଣ୍ଡଳିରେ ତାଙ୍କ ଅଗୋଚରରେ ଏହିପରି ବେଆଇନ ଗୋରୁହାଟ ସୃଷ୍ଟି କରିବା ଅପରାଧ ବୋଲି ବିଧାୟକ ଶ୍ରୀ ବାହିନୀପତି ଅଭିଯୋଗ କରିଛନ୍ତି। ତୁରନ୍ତ ରାଜ୍ୟ ସରକାର ଉକ୍ତ ହାଟକୁ ବେଆଇନ ଘୋଷଣା କରି ବନ୍ଦ କରିବାକୁ ସେ ଦାବି କରିଛନ୍ତି। ନଚେତ୍ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସେ ଧମକ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ବେଆଇନ ହାଟକୁ ଗତ ଅକ୍ଟୋବର ୬ ତାରିଖରେ କୋରାପୁଟ ବିଧାୟକ ଶ୍ରୀ ମାଛ ଉଦ୍‌ଘାଟନ କରିଥିଲେ। ପୁଣି ୬ ମାସ ପରେ ଗତ ୬ ତାରିଖରେ ମନ୍ତ୍ରୀ ବିଧାୟକ ମାନେ ଫୁଂଫୁଗାଁ ଠାରେ ସାପ୍ତାହିକ ବେଆଇନ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ପୁରୁଣା ଜୟପୁର ଏବଂ ଜୟନ୍ତୀଗିରି ଗୋରୁ ହାଟରେ ଗୋରୁଗାଈ ବିକ୍ରି ବନ୍ଦ କରାଯାଇଥିଲା। ତେଣୁ ସ୍ଥାନୀୟ ଗୋ ଚାଲାଣକାରୀ ମାନେ ବେଆଇନ ଭାବେ ବିନା ପ୍ରଶାସନର ସ୍ୱୀକୃତରେ ଫୁଂଫୁ ଗାଁ ଠାରେ ଏହି ବେଆଇନ ହାଟକୁ ଶୁଭାରମ୍ଭ କରିଥିଲେ। କିନ୍ତୁ ଏଥିନେଇ ବିଧାୟକ ଶ୍ରୀ ବାହିନୀପତି ଜିଲ୍ଲା ପ୍ରଶାସନ ଏବଂ ପୁଲିସର ଦୃଷ୍ଟି ଆକର୍ଷଣ ପରେ ଏହି ହାଟକୁ ବନ୍ଦ କରାଯାଇଥିଲା। କିନ୍ତୁ ପୁଣି ୬ ମାସ ପରେ ଫଂଫୁ ଗାଁ ହାଟକୁ ଶାସକ ଦଳର ମନ୍ତ୍ରୀ ଓ ବିଧାୟକଙ୍କ ମାନେ ଉଦଘାଟନ କରିବା ପରେ ଏଠାରୁ ସପ୍ତାହରେ ଗୋରୁ ଗାଈ ମାନଙ୍କ ଚଲାଇ ଚଲାଇ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯାଉଛି। ଏହି ଅବସରରେ କଂଗ୍ରେସ ଦଳ ଜିଲ୍ଲା କମିଟିର କୋଷାଧ୍ୟକ୍ଷ ନିହାର ରଞ୍ଜନ ବିଶୋୟୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନ୍ଦିପ ସାମନ୍ତରାୟ, ଜିଲ୍ଲା କୃଷକ କଂଗ୍ରେସର ଅଧ୍ୟକ୍ଷ ଭବାନୀ ପ୍ରସାଦ ରଥ, ଜିଲ୍ଲା ଉପସଭାପତି ଦେବେନ୍ଦ୍ର ବାହିନୀପତି, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ବ୍ଲକ ସଭାପତି ବସନ୍ତ ନାୟକ, କାଉସିଲର ଗୋପୀନାଥ ମହାନ୍ତି ପ୍ରମୁଖ ସାମ୍ବିଦକ ସମ୍ମିଳନୀରେ ଉପସ୍ଥିତ ଥିଲେ।

● ଖଣି ଅଧିକାରୀଙ୍କୁ ବାଲି ମାଫିଆଙ୍କ ମରଣାନ୍ତକ ଆକ୍ରମଣ ଘଟଣା

# ଟ୍ରାକ୍ଟର ଡ୍ରାଇଭର ଗିରଫ, ୫ ଫେରାର

ଜୟପୁର,୧୩।୪(ସମିସ): ଜୟପୁର ସଦରଥାନା ବାଲିଆ ଗ୍ରାମ ନିକଟସ୍ଥ ସତିନଦୀ ପୋଲ ନିକଟରେ ଗତ ଶନିବାର ଦିନ ଦିବସରେ ଖଣି ବିଭାଗର ଜଣେ କନିଷ୍ଠ ଖଣି ଅଧିକାରୀଙ୍କୁ ବାଲି ମାଫିଆମାନେ ମରଣାନ୍ତକ ଆକ୍ରମଣ କରିଥିଲେ।ଘଟଣାରେ ବେଆଇନ ଚାଲାଣ କରୁଥିବା ବାଲି ବୋଝେଇ ଟ୍ରାକ୍ଟର ଡ୍ରାଇଭର ଦାମପୁଟ ଗ୍ରାମର କୃଷ୍ଣଚନ୍ଦ୍ର ବିଶୋୟୀଙ୍କୁ ସଦରଥାନା ପୁଲିସ ଆଜି ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛନ୍ତି। କନିଷ୍ଠ ଖଣି ଅଧିକାରୀଙ୍କୁ ଆକ୍ରମଣ ମାମଲାରେ ଟ୍ରାକ୍ଟର ମାଲିକ ଏବଂ ଅନ୍ୟ ୪ ଜଣ ଫେରାର ରହିଛନ୍ତି। ସେମାନଙ୍କୁ ଅତିଶିଘ୍ର ଗିରଫ କରାଯିବ ବୋଲି ସଦରଥାନା ଅତିରିକ୍ତ ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# 'ଆମ ରୁଚି ଆମ ଖାଦ୍ୟ'କାର୍ଯ୍ୟକ୍ରମ



କୋରାପୁଟ,୧୩।୪(ସମିସ): ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ କୋରାପୁଟ ବ୍ଲକ ଏବଂ ପୌରପାଳିକାରେ "ଆମ ରୁଚି ଆମ ଖାଦ୍ୟ" ପାରମ୍ପରିକ ଖାଦ୍ୟ ମେଳା ଆୟୋଜନ କରାଯାଇଥିଲା। କୋରାପୁଟ ପଞ୍ଚାୟତ ସମିତି ସଭାଗୃହ ଠାରେ ଆୟୋଜିତ ଖାଦ୍ୟ ଉତ୍ସବ ମେଳାରେ ଅଧକ୍ଷା ନମିତା ମାଝୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୋରାପୁଟ ବ୍ଲକ ଉପାଧ୍ୟକ୍ଷ ଶିବ ଗୋଲରୀ, ବିଡିଓ ଦେବାଶିଷ ଗୌଡ ପ୍ରମୁଖ ଯୋଗ ଦେଇ ମହିଳା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତି ପାରମ୍ପରିକ ଖାଦ୍ୟର ସ୍ୱାଦ ଗ୍ରହଣ କରିଥିଲେ। ଓଡିଶା ଜୀବିକା ମିଶନ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସ୍ନେହଲତା ମିଶ୍ର , ମିଶନ ଶକ୍ତି ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସସ୍ମିତା ଖୋସଲା ଯୋଗଦେଇ ପରିଚାଳନା କରିଥିଲେ।ସେହିପରି କୋରାପୁଟ ପୌରପାଳିକା ପକ୍ଷରୁ ପୂଜାରୀପୁଟ କଲ୍ୟାଣ ମଣ୍ଡପ ଠାରେ ଆମ ରୁଚି ଆମ ଖାଦ୍ୟ ପାରମ୍ପରିକ ଖାଦ୍ୟ ଉତ୍ସବ ମେଳା ଆୟୋଜନ କରାଯାଇଥିଲା। କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅତିଥିବୃନ୍ଦ ମହିଳା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଖାଦ୍ୟର ସ୍ୱାଦ ଚାଖି ପ୍ରଶଂସା କରିଥିଲେ। କୋରାପୁଟ ପୌର ପରିଷଦ ଉପାଧକ୍ଷା ସବିତା ପଣ୍ଡା, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ମ୍ୟୁନିସିପାଲ ଇଞ୍ଜିନିୟର ମନୋଜ କୁମାର ପାତ୍ର, କାଉନସିଲର ପ୍ରଫୁଲ୍ଲ କୁମାର ମହାପାତ୍ର, ମାଲେଶ୍ୱର ରାଓ, ସନ୍ଧ୍ୟାରାଣୀ ଜେନାଙ୍କ ସହ ଅନ୍ୟାନ୍ୟ କାଉନସିଲର ଏବଂ ପୌର ପରିଷଦର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ନବରଙ୍ଗପୁର/ଉମରକୋଟ,୧୩।୪(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୧୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ଜିଲ୍ଲାପାଳ ଏହା ପରେ ପରେ ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ "ଆମ ରୁଚି ଆମ ଖାଦ୍ୟ" କାର୍ଯ୍ୟକ୍ରମରେ ଯୋଗ ଦେଇ ପାରମ୍ପରିକ ଖାଦ୍ୟ ଷ୍ଟଲ ପରିଦର୍ଶନ କରିଥିଲେ।

# ଜୟପୁର କ୍ରିକେଟ୍ ଲିଗ୍‌ର ଅଷ୍ଟମ ଦିବସ

ଜୟପୁର,୧୩।୪(ସମିସ): ଜୟପୁର ଦଶହରା ପଡ଼ିଆ ଠାରେ ଜୟପୁର କ୍ରିକେଟ ଲିଗର ଆଜି ନବମ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଜିକେସିଇଟି ସ୍ୱାରିଙ୍ଗ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୫ ଓଭରରେ ୧୩୩ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଆୟୋଜକ ଇଭିନିଂ ଦଳ ମାତ୍ର ୧୧ ଓଭରରେ ୫ଟି ୱିକେଟ ହରାଇ ୧୩୪ରନ ସଂଗ୍ରହ କରିବା ସହିତ ବିଜୟୀ ହୋଇଥିଲେ। ସେହିପରି ୨ୟ ମ୍ୟାଚରେ ଜଗନ୍ନାଥ ଜିଆଣ୍ଟସ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୫ ଓଭରରେ ୯ଟି ୱିକେଟ ୧୮୪ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବିଶ୍ୱନାଥ ସୁପରଦଳ ୧୮୫ ରନ ସଂଗ୍ରହ କରିବା ସହିତ ବିଜୟୀ ହୋଇଥିଲେ। ବିଜୟୀ ଦଳର ଖେଳାଳି ଜିତୁ ବିଶୋୟୀଙ୍କ ମାତ୍ର ୩୯ ବଲରେ ଦ୍ରୁତ ୧୧୦ ରନ ସଂଗ୍ରହ କରିବା ସହିତ ମାତ୍ର ୧୨.୨ ଓଭରରେ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚରେ ଆଦିତ୍ୟ ରାଉତ ଏବଂ ଦ୍ୱିତୀୟ ମ୍ୟାଚରେ ଜିତୁ ବିଶୋୟୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଭୟ ମ୍ୟାଚରେ ଏମ୍ପାୟର ଭାବେ ଜୀବନ କୁମାର, ଗୁପ୍ତ ପାଣିଗ୍ରାହୀ , ନୀଳମାଧବ ସେଠୀ, ଅମୀର ମହାନନ୍ଦିଆ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲା ପୁଲିସ ହାବିଲଦାର ଏବଂ କନଷ୍ଟେବଲ ସଂଘର ସଭାପତି ଜଗା ବେହେରା ଉପସ୍ଥିତ ରହିଥିଲେ।



# ଗ୍ରାମାଞ୍ଚଳ ସମସ୍ୟା ସମାଧାନ ପାଇଁ ସାମ୍ବାଦିକ ସଂଘର ପ୍ରୟାସ



ବେହେଡା, ୧୩।୪ (ସମିସ): ନବରଙ୍ଗପୁର ଜିଲ୍ଲାରେ ସାମ୍ବାଦିକ ସଂଘ, ଉମରକୋଟ ପକ୍ଷରୁ ଆଜି ପ୍ରଥମ କରି ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ରାଜ୍ୟ ଉପସଭାପତି ରମେଶ ସାହୁ, ମୁଖ୍ୟବକ୍ତା ଭାବେ ଉମରକୋଟ ସାମ୍ବାଦିକ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭଜନାଥ ଗଣ୍ଡ, ନାଏବ ସରପଞ୍ଚ ଘାସିରାମ ମାଝୀ, ସମିତି ସଭ୍ୟ ହୀରାଲାଲ ମାଝୀ, ସମାଜସେବୀ ରାମକୃଷ୍ଣ ଗଣ୍ଡ, ଜୟ କୋଲାର, ବିଲ୍ଲୁ ଗଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଗାଁର ମୁଖ୍ୟ ସମସ୍ୟା ଗୁଡିକ ଉପରେ ଆଲୋଚନା ପରେ ଉପସ୍ଥିତ ଜନତାଙ୍କୁ ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଆସନ୍ତା ଦିନ ମାନଙ୍କରେ ପ୍ରତି ମାସରେ ଗୋଟିଏ ଗୋଟିଏ ଗାଁ କୁ ଯାଇ ସେମାନଙ୍କ ଅସୁବିଧାକୁ ନେଇ ଖବର ପ୍ରସାରଣ ଜାରି ରହିବା ସହ ସରକାରଙ୍କ ସୁବିଧା ସୁଯୋଗ ଜନସାଧାରଣଙ୍କ ପାଖକୁ ପହଞ୍ଚେଇବା ପାଇଁ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ। ଶେଷରେ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରି ଥିଲେ।

# ଅନ୍ତଃ ଜିଲ୍ଲା କ୍ରିକେଟ୍‌ରେ ନବରଙ୍ଗପୁର ଦଳର ଦମଦାର ପ୍ରଦର୍ଶନ



ନବରଙ୍ଗପୁର,୧୩।୪ (ସମିସ): କଟକ ନିମାପୁର୍ କ୍ରିକେଟ ପଡିଆ ଠାରେ ଅନୁଷ୍ଠିତ ହୋଉଥିବା ୧୬ ବର୍ଷରୁ କମ୍ ଅନ୍ତଃ ଜିଲ୍ଲା କ୍ରିକେଟ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲା ଦଳର ଦମଦାର ପ୍ରଦର୍ଶନ ଜାରି ରଖିଛି। ନିଜର ପ୍ରଥମ ମ୍ୟାଚରେ ନବରଙ୍ଗପୁର ଜିଲ୍ଲା କ୍ରିକେଟ ଦଳ କୋରାପୁଟ ଜିଲ୍ଲା ଦଳକୁ ୧୨ ରନରେ ପରାସ୍ତ କରି ଟୁର୍ଣ୍ଣାମେଣ୍ଟରେ ନିଜର ପ୍ରଥମ ବିଜୟ ହାସଲ କରିଛି। ନବରଙ୍ଗପୁର ଦଳ ପ୍ରଥମେ ବେଟିଂ କରି ନିଜର ସମସ୍ତ ୱିକେଟ ହରାଇ ୯୮ ରନ ସ୍କୋର କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି କୋରାପୁଟ ଦଳ ନିଜର ସମସ୍ତ ୱେକେଟ୍ ବଦଳରେ କେବଳ ୮୬ ରନ୍ ହିଁ କରିପାରିଥିଲେ ଏବଂ ୧୨ ରନ୍ ରେ ପରାସ୍ତ ହୋଇଥିଲେ। ନିଜର ଉଚ୍ଚ କୋଟିର ପ୍ରଦର୍ଶନ ପାଇଁ ନବରଙ୍ଗପୁର ଦଳର ସ୍ୱାଧୀନ ପଟ୍ଟନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ବ୍ୟାଟିଂ ରେ ସେ ୨୦ ରନ ସ୍କୋର କରିବା ସହ ୧୦ ଓଭର ରେ ୨୫ ରନ ଦେଇ ତିନୋଟି ମୂଲ୍ୟବାନ ୱିକେଟ୍ ଅକ୍ତିଆର କରିଥିଲେ। ସେହିପର ନବରଙ୍ଗପୁର ଦଳର ନିଜର ଦ୍ୱିତୀୟ ମ୍ୟାଚରେ ମାଲକାନଗିରି ଜିଲ୍ଲା ଦଳକୁ ୬୮ ରନରେ ପରାସ୍ତ କରି ଦମଦାର ବିଜୟ ହାସଲ କରିଛି। ନବରଙ୍ଗପୁର ଦଳ ପ୍ରଥମେ ବ୍ୟାଟିଂ କରି ନିଜର ସମସ୍ତ ୱିକେଟ ହରାଇ ୧୭୮ ରନ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି କୋରାପୁଟ ଦଳ କେବଳ ୧୧୭ ରନ୍ ହିଁ ନିଜର ସମସ୍ତ ୱିକେଟ ହରାଇ ଥିଲେ। ଲଗାତାର ଭାବେ ନିଜର ଦମଦାର ପ୍ରଦର୍ଶନ ପାଇଁ ସ୍ୱାଧୀନ ପଟ୍ଟନାୟକ ଦ୍ୱିତୀୟ ମ୍ୟାଚରେ ବି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେ ବ୍ୟକ୍ତିଗତ ୨୨ ରନ୍ କରିବା ସହ ୯ ଓଭରରେ ୧୭ ରନ ଦେଇ ତିନୋଟି ମୂଲ୍ୟବାନ ୱିକେଟ୍ ଅକ୍ତିଆର କରିଥିଲେ। ଦଳର ଏହି ସଫଳତା ପାଇଁ ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ଏମ. ବାଲାକ୍ରୀଷ୍ଣା ରାଓ, ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ , ଜିଲ୍ଲା କ୍ରୀଡା ସଂଘର କ୍ରିକେଟ ସମ୍ପାଦକ ଅଶୋକ ନାୟକ ସମେତ ଉଭୟ କ୍ରିକେଟ୍ ସଂଘ ଏବଂ କ୍ରୀଡା ସଂଘର ସମସ୍ତ ସଦସ୍ୟ, ନବରଙ୍ଗପୁର ଜିଲ୍ଲା କ୍ରିକେଟ ସଂଘର କୋଚ ଜି ଚନ୍ଦ୍ର ଶେଖର (ରାଜା ) ,ସଂଘର ବରିଷ୍ଠ ସଦସ୍ୟ ଦୁର୍ଯ୍ୟ ହରିଜନ, ଲାଲ ମୋହମ୍ମଦ ଖାନ, ବରିଷ୍ଠ ମହିଳା କ୍ରିକେଟ ଖେଳାଳି ଅଜିତା ଦାସ ସମେତ କ୍ରିକେଟ ସଂଘ ର ଅନ୍ୟ ପୁରୁଷ ଏବଂ ମହିଳା ସଦସ୍ୟ ଓ ଜିଲ୍ଲାର ପ୍ରାକ୍ତନ ବରିଷ୍ଠ କ୍ରୀଡାବିତ୍ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ପୁଲିସ୍ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

କାକିରିଗୁମା,୧୩।୪(ସମିସ) : କୋରାପୁଟ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ କାକିରିଗୁମା ପୁଲିସ୍ ପକ୍ଷରୁ ଭିତରଗଡ଼, ଗୈଡଗୁଡା, ପଞ୍ଚଡା,ତୁନୁପାର କାକିରିଗୁମା,କୁସୁମୁଗୁଡା, କେଲାର ପଞ୍ଚାୟତ ଅବସରପ୍ରାପ୍ତ କର୍ମଚାରୀ ଏବଂ ବରିଷ୍ଠ ନାଗରିକ ମାନଙ୍କୁ ନେଇ ରବିବାର କାକିରିଗୁମା ଥାନାରେ ଏକ ବୈଠକ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩୪ ଜଣ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ହୋଇଥିଲେ। ସବ ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ଏବଂ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ବରିଷ୍ଠ ନାଗରିକ ମାନଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ଅବସରରେ ପ୍ରାପ୍ତ କର୍ମଚାରୀ ସଂଘର ଉପଦେଷ୍ଟା ଜଗବନ୍ଧୁ ଦାସ, ସଭାପତି ନିରାକାର ବିଶୋଇ, ସମ୍ପାଦକ ଜଳନ୍ଧର ବାଘଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।




# ପାଣି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



କୋରାପୁଟ,୧୩।୪(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ. ମାଲକାନଗିରି ଗ୍ରାମର ହରିଜନ ସାହିର ଗ୍ରାମବାସୀ ମାନେ ପାନୀୟ ଜଳ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସାହିରେ ୬୦ପରିବାର ବସବାସ କରନ୍ତି । କିନ୍ତୁ ଗ୍ରାମରେ ନଳକୂପ କିମ୍ବା ପାଇପ ଲାଇନ ନଥିବାରୁ ନାହିଁ ନଥିବା ଅସୁବିଧା ଭୋଗୁଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମରେ ହରିଜନ ସାହି ରହିଛି ପାନୀୟ ଜଳ ପାଇଁ ପାଖରେ ଥିବା ଗାଁର ଏକମାତ୍ର ନଳକୂପ ଉପରେ ଗ୍ରାମବାସୀମାନେ ନିର୍ଭର କରନ୍ତି। ବର୍ତ୍ତମାନ ଗ୍ରୀଷ୍ମଋତୁ ଚାଲିଥିବାରୁ ସେହି ନଳକୂପରୁ ମଧ୍ୟ ପର୍ଯ୍ୟାପ୍ତ ପରିମାଣର ପାଣି ମିଳୁନାହିଁ । ତେଣୁ ଗ୍ରାମବାସୀ ମାନେ ପାନୀୟ ଜଳ ଟିକିଏ ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେଉଥିବା ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ଗାଁ ପାଖରେ ଏକ ନଦୀ ବହି ଯାଇଛି । କିନ୍ତୁ ପାଣି ଖରାପ ଥିବାରୁ ମାଛ ମାନେ ମରି ଭାସୁଛନ୍ତି। ତେଣୁ ସେ ପାଣି ଆଉ ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ ବୋଲି ନରସିଂହ କୁଳଦୀପ କହିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ବିଡିଓ ଓ ଜିଲାସ୍ତରୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ କିଛି ସୁଫଳ ମିଳି ନଥିବା ଗ୍ରାମବାସୀ ମାନେ କହିଛନ୍ତି। ତେଣୁ ଯଥାଶୀଘ୍ର ପାନୀୟ ଜଳ ଦୂରୀଭୁତ ନିମିତ୍ତ ଜନ ପ୍ରତିନିଧିଙ୍କ ସମେତ ଅନେକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ଗଁପୁରରେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ ପ୍ରଦାନ



ଆନନ୍ଦପୁର,୧୩।୪(ସମିସ): ଆନନ୍ଦପୁର ଉପଖଣ୍ଡ ଗଁପୁର ପଞ୍ଚାୟତରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ଟ୍ରାଇସାଇକଲ ଏବଂ ସହାୟକ ଉପକରଣ ପ୍ରଦାନ କରାଯାଇଛି। ଏହି ଅବସରରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଉପସ୍ଥିତ ରହି ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସାମାଜିକ ଓ ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ ସବଳ ଟ୍ରାଇ ସାଇକଲ କାର୍ଯ୍ୟକ୍ରମ ବିଶେଷ ଭାବେ ଅକ୍ଷମ ବ୍ୟକ୍ତି ଏବଂ ବୃଦ୍ଧବୃଦ୍ଧାଙ୍କ ଗମନାଗମନ ସୁଗମ କରିବା ଏବଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାସହ ଟ୍ରାଇସାଇକଲ ବ୍ୟତୀତ ବୈଶାଖୀ ଛଡ଼ି, ହ୍ୱିଲ ଚେୟାର ଏବଂ ଶ୍ରବଣ ଯନ୍ତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଦିବ୍ୟାଙ୍ଗମାନଙ୍କ ଜୀବନଶୈଳୀରେ ଏହା ପରିବର୍ତ୍ତନ ଆଣିବାରେ ସହାୟକ ହେବ ବୋଲି ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର କହିଥିଲେ। ଏହି ଅବସରରେ ୨୧ ଜଣ ଗରିବ ଅସହାୟ ଲୋକଙ୍କୁ ଟ୍ରାଇ ସାଇକଲ ସହ ଅନ୍ୟାନ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିକଳାଙ୍ଗ ମଞ୍ଚ ରାଜ୍ୟ ସମ୍ପାଦକ ତଥା ଟାଟା ଷ୍ଟିଲ ଫାଉଣ୍ଡେସନ ସବଳର ପ୍ରୋଗ୍ରାମ ଅଫିସର ଅକ୍ଷୟ କୁମାର ସାହୁ, ଗଁପୁର ସରପଞ୍ଚ ରିନା ଜେନା, ସମିତି ସଭ୍ୟ ଗୋବିନ୍ଦ ମାଝୀ, ତରଣୀସେନ ହୋତା, ବିଜୟ ଦାଶ, ଶରତ ଚନ୍ଦ୍ର ଜେନା, ପ୍ରଫୁଲ୍ଲ ଜେନା, ପ୍ରଶାନ୍ତ ପଣ୍ଡା, ଉପେନ୍ଦ୍ର ସା, ବେଲାଳସେନ ପତି, ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# କମୁଛି ଆନନ୍ଦପୁର ବିଜେପି ନେତାଙ୍କ ପତିଆରା

ଆନନ୍ଦପୁର,୧୩।୪(ସମିସ): ଦିନକୁ ଦିନ ଆନନ୍ଦପୁର ବିଜେପି ନେତାଙ୍କ ପତିଆରା କମିବାରେ ଲାଗିଛି। ଆନନ୍ଦପୁରବାସୀ ଭାବିଥିଲେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଉପଖଣ୍ଡର ଦ୍ରୁତ ବିକାଶ ହୋଇପାରିବ। ଯାହା ବିଗତ ଦିନରେ ହୋଇପାରି ନଥିଲା, ତାହା ଅତି ସହଜରେ ହୋଇପାରିବ। ତେବେ ସରକାର ହେବାର ୨ବର୍ଷ ପୂରିବାକୁ ଯାଉଥିବାବେଳେ ବିଜେପିରେ ଆନନ୍ଦପୁର ନେତାଙ୍କ ପତିଆରା ନଥିବାରୁ ଏଭଳି ସମସ୍ୟା ହେଉଥିବା ନେଇ ଆଲୋଚନା ହେଉଛି। ଏପରିକି ସରକାରଙ୍କଠାରୁ ଆରମ୍ଭ କରି ଦଳୀୟ ହାଇକମାଣ୍ଡ କେବଳ କେନ୍ଦୁଝର ଓ ଚମ୍ପୁଆ ଉପଖଣ୍ଡର ନେତାଙ୍କ ଉପରେ ଭରସା କରୁଥିବାବେଳେ ଆନନ୍ଦପୁର ନେତାମାନଙ୍କ ପ୍ରତି ରହିଥିବା ହତାଦର ଜଳଜଳ ଦେଖାଯାଉଛି। ବିଜେପି ଦଳ ଗଠନ ହେବା ଦିନଠାରୁ ଆନନ୍ଦପୁର ଉପଖଣ୍ଡରେ ବିଜେପିକୁ ନିର୍ବାଚନରେ ସେଭଳି ଆଖିଦୃଶିଆ ସମର୍ଥନ ମିଳିପାରିନାହିଁ। ଏପରିକି ସାଧାରଣ ନିର୍ବାଚନରେ ମଧ୍ୟ ସଫଳତା ହାର ବହୁତ୍ କମ୍। କେବଳ ୨୦୦୦ରେ ମେଣ୍ଟ ସମୟରେ ଆନନ୍ଦପୁର ବିଧାନସଭା କ୍ଷେତ୍ରରୁ ବିଜେପି ପ୍ରାର୍ଥୀଭାବେ ମାୟାଧର ଜେନା ବିଜୟୀ ହୋଇଥିଲେ। ଦଳରେ ଲାଗି ରହିଥିବା ଗୋଷ୍ଠୀକନ୍ଦଳ ଯୋଗୁଁ ଦଳକୁ ପରବର୍ତ୍ତୀ ସମୟରେ ଆଖିଦୃଶିଆ ସଫଳତା ମିଳିପାରିନାହିଁ। ସାଧାରଣ ନିର୍ବାଚନରେ ଘସିପୁରା ଓ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀ ତୃତୀୟ ସ୍ଥାନରେ ରହିଥିବାବେଳେ କେନ୍ଦୁଝରରୁ ସାଂସଦଭାବେ ବିଜୟୀ ହୋଇଥିବା ଅନନ୍ତ ନାୟକଙ୍କୁ ଏଠାରୁ ଅପେକ୍ଷାକୃତ କମ୍ ଭୋଟ ମଧ୍ୟ ମିଳିଥିଲା। ଏହା ପରଠାରୁ ବିଜେପି ସଂଗଠନକୁ ଆନନ୍ଦପୁରରେ ଆଗକୁ ନେବାପାଇଁ ଦଳପକ୍ଷରୁ ମଧ୍ୟ କୌଣସି ଉଦ୍ୟମ କରାଯାଉନାହିଁ। ଏପରିକି ଦଳୀୟ ପଦପଦବୀରେ ମଧ୍ୟ ଆନନ୍ଦପୁରକୁ କୌଣସି ଅଗ୍ରାଧିକାର ମିଳୁନାହିଁ। ଆନନ୍ଦପୁରରେ ବହୁ ପୁରୁଖା ନେତା ରହିଥିଲେ ମଧ୍ୟ ସେମାନଙ୍କ ଦବଦବା ଦଳ ଉପରେ ରହୁନଥିବା ପରିଲକ୍ଷିତ ହୋଇଛି। ଫଳରେ ଆନନ୍ଦପୁରର ଜନସାଧାରଣଙ୍କ ପ୍ରମୁଖ ଦାବି ଉପଖଣ୍ଡକୁ ରେଳପଥ ସଂଯୋଗ ଦିଲ୍ଲୀ ଦରବାରରେ ଉପସ୍ଥାପିତ ହୋଇପାରୁନାହିଁ। ଦେଶ ସ୍ୱାଧୀନ ହେବା ପରଠାରୁ ଆନନ୍ଦପୁର ଅଞ୍ଚଳରୁ ମାତ୍ର ଜଣେ ଲୋକସଭା ସାଂସଦ ଆନନ୍ଦପୁର ଉପଖଣ୍ଡରୁ କଂଗ୍ରେସ ଦଳରୁ

### ମିଳୁନି ଦାୟିତ୍ୱ କିମ୍ବା ଦଳୀୟ ପଦପଦବୀ

କୁମର ମାଝୀ ହୋଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ସାଂସଦ ପ୍ରାର୍ଥୀ ଆନନ୍ଦପୁରରୁ ଦେବାପାଇଁ ଦାବି ହୋଇଥିଲା। ୨୦୨୪ର ବିଜୟପରେ କେନ୍ଦୁଝର ସଦର ବିଧାୟକ ମୋହନ ମାଝୀ ରାଜ୍ୟସରକାରର ମଙ୍ଗ ଧରିଛନ୍ତି। ଏହାପରେ ବିଜେପିର କେନ୍ଦୁଝର ଜିଲ୍ଲା ସଭାପତି ଆନନ୍ଦପୁର ଉପଖଣ୍ଡରୁ ମିଳିବ ବୋଲି ଆଶା କରାଯାଉଥିଲା। ଏହା ମଧ୍ୟ କେନ୍ଦୁଝର ଉପଖଣ୍ଡକୁ ଚାଲି ଯାଇଥିଲା। ନିକଟରେ ଘୋଷଣା ହୋଇଥିବା ଯୋଜନାବୋର୍ଡ ଅଧ୍ୟକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ ପଦବୀ ମଧ୍ୟ କେନ୍ଦୁଝର ନେତା ଦାବିଦାର ହୋଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ଏଥିରେ ମଧ୍ୟ କେନ୍ଦୁଝରର ରାଧାକାନ୍ତ ମହାନ୍ତ, ମୁରଲୀ ମନୋହର ଶର୍ମା, ସୁକେଶୀ ଓରାମ୍ ରହିଥିବାବେଳେ ଆନନ୍ଦପୁରର ମହେଶ୍ୱର ସାହୁଙ୍କୁ କେବଳ ମାତ୍ର ନିମନ୍ତ୍ରିତ ସଦସ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ କେନ୍ଦୁଝରକୁ ଅନେକ ଥର ଗସ୍ତ କରିଥିବାବେଳେ ଅନୁଦାନ ମଧ୍ୟ ଅଜାଡ଼ି ଦେଇଛନ୍ତି। ତେବେ ଆନନ୍ଦପୁର ଉପଖଣ୍ଡର ସମସ୍ୟାର ସମୀକ୍ଷା ନ କରିବାକୁ ମୁଖ୍ୟମନ୍ତ୍ରୀ ସତେଯେମିତି ନିଷ୍ପତ୍ତି ନେଇଛନ୍ତି। ଦୁଇବର୍ଷ ମଧ୍ୟରେ ଆନନ୍ଦପୁରରେ ଥରେ କଲେଜ ବାର୍ଷିକ ଉତ୍ସବ ଓ ଥରେ ବାହାଘର ଭୋଜିରେ ଯୋଗ ଦେଇଥିବାବେଳେ ଆନନ୍ଦପୁର ମହୋତ୍ସବ ଓ ସ୍କୁଲର ଉତ୍ସବରେ ସାମିଲ ହେବାକୁ ଆସି ଥିଲେ। ଏ ନେଇ ବିଜେପି ଯୁବନେତା ସଞ୍ଜୟ ଜେନା କହିଛନ୍ତି ଆନନ୍ଦପୁର ଉପଖଣ୍ଡକୁ ବିଜେପିର ଅବହେଳା ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଥିବାବେଳେ ସରକାରରେ ନ ଥାଇ ମଧ୍ୟ ବିଜେଡି ବ୍ୟାପକ ଫାଇଦା ନେଉଛି। ରାଜନୈତିକ ସମୀକ୍ଷକ ବିରଞ୍ଚି ମହାପାତ୍ର କହିଛନ୍ତି ଆନନ୍ଦପୁର ଓ ଘସିପୁରାରେ ବିଜେଡି ବିଧାୟକ ରହିଥିବାରୁ ବିଜେପି ନେତାମାନେ ଏଠାକାର ଲୋକମାନଙ୍କ ଉପରେ ଏହାର ରାଗ ଶୁଝାଉଛନ୍ତି। ଆଗାମୀ ନିଗମ ନିଯୁକ୍ତିରେ ଆନନ୍ଦପୁର ଉପଖଣ୍ଡକୁ ଲଡୁ ମିଳିବ ବୋଲି ସମର୍ଥକମାନେ ଆଶା ବାନ୍ଧି ରହିଛନ୍ତି। ବିଜେପିର ବରିଷ୍ଠନେତା ମହେଶ୍ୱର ସାହୁ, ରାମଚନ୍ଦ୍ର ସାହୁ, ଭଗବାନ ସାହୁ, ଡ ଶମ୍ଭୁନାଥ ରାଉତ, ପୃଥ୍ୱୀରାଜ କୁଅଁର, ଆଲୋକ ସେଠୀ ରହିଥିବାବେଳେ ଏକାଧିକ ନିଗମ ପଦବୀ ମିଳିବା ନେଇ ମଧ୍ୟ ଦଳୀୟ କର୍ମୀ ମହଲରେ ଆଲୋଚନା ହେଉଛି।

## ସଫଳ ଉଦ୍ୟୋଗୀ କଲ୍ଲୋଳ ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



ଆନନ୍ଦପୁର,୧୩।୪(ସମିସ): ଆନନ୍ଦପୁର ମହୋତ୍ସବ ୨୦୨୬ ସଫଳତାର ସହ ସମାପ୍ତ ହୋଇଥିବା ବେଳେ, ଏହାର ଆକର୍ଷଣୀୟ ମଞ୍ଚସଜ୍ଜା ଓ ସୁପରିଚାଳନା ପାଇଁ ଆର୍‌କେ ଇଭେଣ୍ଟ ଓ ତାହାର ସ୍ଥାପକ କଲ୍ଲୋଳ ବିଶ୍ୱାଳ ବିଶେଷ ଭାବେ ପ୍ରଶଂସିତ ହୋଇଛନ୍ତି। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଲ୍ଲୋଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ବଞ୍ଝୋ ଗ୍ରାମର ବାସିନ୍ଦା କଲ୍ଲୋଳ ବିଶ୍ୱାଳ ଏକ ସାଧାରଣ ପରିବାରରୁ ଆସିଥିବା ସତ୍ତ୍ୱେ ନିଜ ପ୍ରୟାସରେ ଅସାଧାରଣ ସଫଳତା ଅର୍ଜନ କରିଛନ୍ତି। ତାଙ୍କ ବାପା କାମଲ ବିଶ୍ୱାଳ ଜଣେ ସରକାରୀ ଶିକ୍ଷକ ଓ ମା' ଜଣେ ଶିକ୍ଷୟିତ୍ରୀ ଭାବେ କାମ କରୁଥିବାରୁ ଶିକ୍ଷା ଓ ଶିଷ୍ଟାଚାରର ପରିବେଶରେ ସେ ବଢ଼ିଥିଲେ। ଇଞ୍ଜିନିୟରିଂ ସମାପ୍ତ କରିବା ପରେ ଚାକିରି ପଛରେ ନ ପଡ଼ି, ସେ ନିଜ ଦକ୍ଷତା ଓ ଆତ୍ମବିଶ୍ୱାସରେ ଏକ ଷ୍ଟାର୍ଟଅପ ଆରମ୍ଭ କରିଥିଲେ। ଆଜି ସେ ଆର୍‌କେ ଇଭେଣ୍ଟ ନାମକ ସଂସ୍ଥାର ମାଲିକ ହୋଇ ଅନେକ ଯୁବକଙ୍କୁ ଚାକିରି ସୁଯୋଗ ଦେଇଛନ୍ତି। କେବଳ ଇଭେଣ୍ଟ ମ୍ୟାନେଜମେଣ୍ଟ ନୁହେଁ, ସେ କଟକରେ ଗୋଟେ ରେଷ୍ଟୁରାଣ୍ଟ ମଧ୍ୟ ସଫଳତାର ସହ ଚଳାଉଛନ୍ତି। ନିଜ ପରିଶ୍ରମ ଓ ଦୃଢ଼ ସଙ୍କଳ୍ପରେ 'ଜିରୋରୁ ହିରୋ' ହେବାର ଏହି କାହାଣୀ ଆଜି ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇଛି। ଧର୍ମଶାଳା ମହୋତ୍ସବ, ଯଯାତି ମହୋତ୍ସବ ଓ ଗୋପାଳପୁର ମହୋତ୍ସବ ପରି ବଡ଼ କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରି ସେ ଓଡ଼ିଶାରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ମଫସଲ ଗ୍ରାମରୁ ଆରମ୍ଭ କରି ସାରା ରାଜ୍ୟରେ ସଫଳତାର ଶିଖରକୁ ପହଞ୍ଚିଥିବା କଲ୍ଲୋଳ ବିଶ୍ୱାଳ ଆଜି ଯୁବପିଢ଼ି ପାଇଁ ଏକ ଜୀବନ୍ତ ପ୍ରେରଣା। ତାଙ୍କର ଏହି ଉପଲବ୍ଧି ପାଇଁ ସମସ୍ତଙ୍କ ପକ୍ଷରୁ ଅନେକ ଶୁଭେଚ୍ଛାର ବାର୍ତ୍ତା ଜଣାଉଛନ୍ତି।

## ନୟାଗଡ଼ରେ ଅମୃତପିଢ଼ି ସାରସ୍ୱତ ସମାରୋହ



ଆନନ୍ଦପୁର,୧୩।୪(ସମିସ): ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ନୟାଗଡ଼, କେନ୍ଦୁଝରର ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ଉପଲକ୍ଷେ 'ଅମୃତ ପିଢ଼ି ସାରସ୍ୱତ୍ ସମାରୋହ' ପାଳିତ ହୋଇଛି। ସର୍ବପ୍ରଥମେ ମହାବାହୁ ଜଗନ୍ନାଥଙ୍କ ସେବା କାର୍ଯ୍ୟ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟର ଆରମ୍ଭ କରାଯାଇ ଥିଲା। ଏହି ସାରସ୍ୱତ ସମାରୋହ ଦିବସକୁ ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପିକା ଦେବସ୍ମିତା ଜେନା ସଂଯୋଜନା କରିଥିବାବେଳେ ଓଡ଼ିଆ ବିଭାଗ ମୁଖ୍ୟ ଜୟନ୍ତ କୁମାର ମହାନ୍ତି ଓଡ଼ିଆ ପକ୍ଷ ପାଳନ ଆମ ଅସ୍ମିତାର ଝଲକ ଏବଂ ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ଆମ ଓଡ଼ିଆତ୍ୱର ପରିଚୟ ବୋଲି କହିଥିଲେ। ଏହି ଦିବସର ମୁଖ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ, ସୁନାମଧନ୍ୟ ପାଲାଗାୟକ ତଥା ସାହିତ୍ୟକ ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ ଯୋଗଦାନ କରି ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ସାହିତ୍ୟର ଇତିହାସକୁ ରୋମନ୍ଥନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ କବିତା ପାଠ ଉତ୍ସବ ଆମ ଓଡ଼ିଶା ଓ ଆମେ ଓଡ଼ିଆ ଶୀର୍ଷକ ସ୍ୱରଚିତ କବିତା ପାଠ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ବିଭାଗର ଛାତ୍ରଛାତ୍ରୀଙ୍କ ମିଳିତ ଉଦ୍ୟମରେ ଓଡ଼ିଆ ଗଳ୍ପ ସାହିତ୍ୟର କାଳଜୟୀ ସ୍ରଷ୍ଟା ଜନକ ଫକୀରମୋହନ ସେନାପତିଙ୍କ 'ରେବତୀ'ର ନାଟ୍ୟ ରୂପାନ୍ତର କରାଯାଇ ନାଟକ ପରିବେଷଣ କରାଯାଇଥିଲା। ଏହି ନାଟକଟି ଓଡ଼ିଆ ଅଧ୍ୟାପିକା ଦେବସ୍ମିତା ଜେନା ପ୍ରଯୋଜନା ଓ ନିର୍ଦ୍ଦେଶନା ଦେଇଥିବାବେଳେ ଶିକ୍ଷା ବିଭାଗର ଅଧ୍ୟାପିକା ଯୁରି ଚକ୍ର, ଇତିହାସ ବିଭାଗର ଅଧ୍ୟାପିକା ସନ୍ଧ୍ୟାରାଣୀ ରାଉତ ଏବଂ ଅର୍ଥନୀତି ବିଭାଗର ଅଧ୍ୟାପିକା ତପସ୍ୱିନୀ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଇତି ଅବସରରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ବୃନ୍ଦାବନ ମଲ୍ଲ, ଅଧ୍ୟକ୍ଷ ସରୋଜକାନ୍ତ ରାଉତଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ସମ୍ବର୍ଦ୍ଧନ ଦିଆଯାଇଥିଲା। ଇଂରାଜୀ ଅଧ୍ୟାପକ ସୌରୀ ପ୍ରସାଦ ମହାନ୍ତି, ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ବିନୟ କୁମାର ସ୍ୱାଇଁ, ରାଜନୀତି ବିଜ୍ଞାନ ଅଧ୍ୟାପକ ଶଶୀଭୂଷଣ ପତି, କ୍ରୀଡ଼ା ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଓଡ଼ିଆ ଅସ୍ମିତା ଉପରେ ମତବ୍ୟକ୍ତ କରିଥିଲେ। ଲକ୍ଷ୍ମୀକାନ୍ତ ରାଉତ, ଗ୍ରନ୍ଥାଗାର ସହାୟକ ପ୍ରଭାକର ପାଣି, ମହିଳା ସହାୟିକା ସୌଦାମିନୀ ପହି, ଗଙ୍ଗାଧର ବରାଳ ଓ ବହୁ ଛାତ୍ରଛାତ୍ରୀ ଉତ୍ସବରେ ଯୋଗଦେଇ ଥିଲେ। ଅଧ୍ୟାପିକା ଦେବସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଟଣା ରେଞ୍ଜକୁ ପୁଣି ଲେଉଟିଲେ ହାତୀ



ତୁରୁମୁଙ୍ଗା,୧୩।୪(ସମିସ): କେନ୍ଦୁଝର ଜିଲ୍ଲାର ପାଟଣା ରେଞ୍ଜରେ ପୁଣି ହାତୀ ଉପଦ୍ରବ ନେଇ ଚିନ୍ତା ବଢ଼ିଛି। କିଛି ଦିନର ବ୍ୟବଧାନ ପରେ ପୁଣି ଲେଉଟିଛନ୍ତି ହାତୀ। ଦୁଇ ଦନ୍ତା ହାତୀ ଚମ୍ପୁଆ ଓ ପାଟଣା ରେଞ୍ଜ ଅଞ୍ଚଳରେ ଧାନ ଓ ପନିପରିବା ଫସଲ ନଷ୍ଟ କରିଛନ୍ତି। ଦିନ ସାରା ଏହି ହାତୀ ରାଜନଗର ବୈତରଣୀ ନଦୀର ଡଙ୍ଗା ଘାଟରେ ଡେରା ପକାଇଥିଲେ। ରବିବାର ବିଳମ୍ବିତ ରାତିରେ ଏହି ଦୁଇ ଦନ୍ତା ଚମ୍ପୁଆ ରେଞ୍ଜର ଖାଲିଆବେଡ଼ା ଜଙ୍ଗଲରୁ ଆସିବା ବାଟରେ ଫୁଲକଅଁଳେଇ, କଙ୍କଡ଼ା, ନୂଆଗାଁ ଓ ତେନ୍ତଲା ତ୍ରିବିନ୍ଧା ଅଞ୍ଚଳରେ ଏକର ଏକର ଧାନଫସଲ ସହ ତରଭୁଜ ଚାଷକୁ ଦଳିମକଚି ନଷ୍ଟ କରିଦେଇଛନ୍ତି। ଗାଁ ନିକଟରେ ହାତୀ ରହିଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ପକ୍ଷରୁ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



ବଡ଼ବିଲ,୧୩।୪(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ବିଲ ଗସ୍ତ ଅବସରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବଡ଼ବିଲ ବାଇପାସ ରିଂ ରୋଡ ଏବଂ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଥିଲେ। ଏହି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ୨୯ କୋଟି ୪୧ ଲକ୍ଷ ବ୍ୟୟରେ ହେବାକୁ ଥିବା ୨୪ଟି ପ୍ରକଳ୍ପର ଲୋକାର୍ପଣ କରିବା ସହିତ ୩୨୬ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ହେବାକୁ ଥିବା ୫୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବାଇପାସ୍ ତଥା ରିଂ ରୋଡ ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ୧୫୮୧ କୋଟି ୨୧ ଲକ୍ଷ ଟଙ୍କା ବିନିଯୋଗ କରାଯିବ।ସେହିପରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ଯୋଡ଼ା, ବାସୁଦେବପୁର ଓ ବଡ଼ବିଲ ଅଞ୍ଚଳ ପାଇଁ ୨୯୮ କୋଟି ଟଙ୍କା ବ୍ୟୟରେ ଖୁବ୍‌ଶୀଘ୍ର ଏକ ବିଦ୍ୟୁତ ସବ ଷ୍ଟେସନ ନିର୍ମାଣ ହେବ। ୮ ଲେନ୍ ବିଶିଷ୍ଟ ବଡ଼ବିଲ-ପାରାଦ୍ୱୀପ ରାସ୍ତା ନିର୍ମାଣ କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ବଡ଼ବିଲ ଏବଂ କେନ୍ଦୁଝର ଅଞ୍ଚଳର ସମଗ୍ର ଉନ୍ନତି ପାଇଁ ପ୍ରତିବଦ୍ଧ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକୀର ମୋହନ ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ, ଜିଲ୍ଲାପାଳ ବିଶାଳ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମହାମନ୍ତ୍ର ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ



ଚମ୍ପୁଆ,୧୩।୪(ସମିସ): ଚମ୍ପୁଆ ବ୍ଲକ୍ କାଳିକାପ୍ରସାଦ ପଞ୍ଚାୟତ ବସିରା ଗ୍ରାମବାସୀ ବୃନ୍ଦଙ୍କ ଆନୁକୂଲ୍ୟରେ ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ମହାମନ୍ତ୍ର ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ସଂକୀର୍ତ୍ତନ ଶ୍ରଦ୍ଧା ଓ ଭକ୍ତିର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ଅବସରରେ ଗ୍ରାମବାସୀମାନେ ଏକତ୍ରିତ ହୋଇ ଭଗବାନଙ୍କ ନାମ ସ୍ମରଣ କରିଥିଲେ ଓ ଭଜନ-କୀର୍ତ୍ତନରେ ଲୀନ ହୋଇଥିଲେ। ଗତ ୮ ତାରିଖ ଠାରୁ ଆରମ୍ଭ ଏହି ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ସଂକୀର୍ତ୍ତନର ସମସ୍ତ ପୂଜାବିଧି ସ୍ଥାନୀୟ ନନା ଭୀମସେନ ପଣ୍ଡାଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇଥିବା ବେଳେ ଆଖ ପାଖ ଅଞ୍ଚଳର ଚହଲାପଦା, ଭାଲୁବସା, ରଙ୍ଗାମାଟିଆ, ଶଇତପୁର ଓ ଭଣ୍ଡଗାଁ (ବାରିପଦା) ଆଦି ଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କ ସହିତ ଗଣେଶ୍ୱର ପାତ୍ର ଯୋଗଦେଇଥିଲେ। ସେହିପରି କମିଟିର ସମସ୍ତ ସଦସ୍ୟଙ୍କ ସହିତ ଦେବାଶିଷ ଗିରି, ରାଜୀବ, ସୁରେଶ, ଶୁକ, ସରୋଜ ପ୍ରଧାନ ଓ ଅନେକ ଗ୍ରାମବାସୀ ମହିଳା ଓ ପୁରୁଷ ପ୍ରଥମେ ଅତିଥିଙ୍କୁ ଶଙ୍ଖ ହୁଳହୁଳି ସହିତ ବନ୍ଦାପନା କରି ପୂଜା ମଣ୍ଡପ ପାଖକୁ ନେଇ ତାଙ୍କୁ ପୂଜା ମଣ୍ଡପ ପରିକ୍ରମା କରାଇଥିଲେ।

## କେମ୍ପସଡ଼ାରେ ଅଖଣ୍ଡ ମହିମା ଯଜ୍ଞ ଉଦ୍‌ଯାପିତ



କେନ୍ଦୁଝର,୧୩।୪(ସମିସ): କେନ୍ଦୁଝର ସଦର ବ୍ଲକ୍ ବାଉରୀପଦା ପଞ୍ଚାୟତର କେମ୍ପସଡ଼ା ଠାରେ ଅଲେଖ ମହିମାଙ୍କର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଞ୍ଚସଖା ସେବା ସଙ୍ଘ କେମ୍ପସଡ଼ା ଆନୁକୂଲ୍ୟରେ ଆୟୋଜିତ ଏହି ନାମ ଯଜ୍ଞରେ ମହିମା ଗାଦିର ବାବା ବିମ୍ବାଧର ଦାସ ଏବଂ ବାବା ବିଜୟ ଦାସ ବ୍ରହ୍ମ ଧୂନି ସ୍ଥାପନ କରି ଯଜ୍ଞ ପରିଚାଳନା କରିଥିଲେ। ଉକ୍ତ ଅଖଣ୍ଡ ଯଜ୍ଞରେ ରାଇସୁଆଁ, ବାଂଶପାଳ, ବାଲିପଷି, ପତଳା ପ୍ରମୁଖ ଭଜନ ମଣ୍ଡଳୀ ଯୋଗଦେଇ ସନ୍ଥ କବି ଭୀମଭୋଇ, ନାରଣ ଦାସ, ଗୋରେଖ ଦାସଙ୍କ ରଚିତ ଭଜନ ଗାନ କରିଥିଲେ। ଅଖଣ୍ଡ ଯଜ୍ଞ ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଯଜ୍ଞ ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଜନସମାଗମ ହୋଇଥିଲା। ଯଜ୍ଞ ଶେଷରେ ସମସ୍ତ କମିଟି ସଦସ୍ୟ ଏବଂ ଅଞ୍ଚଳର ମା ଭଉଣୀଙ୍କ ଉପସ୍ଥିତିରେ ଚୁଡ଼ାଟେକା, ବାଲ୍ୟଲୀଳା ପରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। କମିଟି ପକ୍ଷରୁ ନରେଶ ପାତ୍ର, ଯୋଗେନ୍ଦ୍ର ପାତ୍ର, ରମେଶ ପାତ୍ର, ଲଗେନ ପାତ୍ର, ଉମେଶ ପାତ୍ର, ସତୀଶ ପାତ୍ର, ଜିତେନ୍ଦ୍ର ପାତ୍ର, ଉମାକାନ୍ତ ପାତ୍ର ସୁରେଶ ପାତ୍ର, ରାଜୁ ପାତ୍ର, ଘନଶ୍ୟାମ ପାତ୍ର, ଭାଗୀରଥି ପାତ୍ର, ଭାଗବତ ପାତ୍ର, ବିକାଶ ପାତ୍ର, ଭରତ ପାତ୍ର, ରାମଚନ୍ଦ୍ର ପାତ୍ର, ଦୀପକ ପାତ୍ର, କୌଶିକ ପାତ୍ର, ବିଜୟ କୁମାର ପାତ୍ର ପ୍ରମୁଖ ଯଜ୍ଞ ପରିଚାଳନା କରିଥିବାବେଳେ କମିଟିର ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ଶାଳପଡ଼ା ଅଣ୍ଡରପାସ୍ ଉଦ୍‌ଘାଟିତ




ଆନନ୍ଦପୁର,୧୩।୪(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଶାଳପଦା ଠାରେ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି-ରିମୁଲି ସେକ୍ସନର ଶାଳପଡ଼ାଠାରେ ନବନିର୍ମିତ ଅଣ୍ଡରପାସ୍ ଉଦ୍‌ଘାଟନ କରିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରାୟ ୮୫୦ ମିଟରରୁ ଊର୍ଦ୍ଧ୍ୱ ଲମ୍ବର ନିର୍ମିତ ଏହି ଅଣ୍ଡରପାସ୍ ଏନଏଚ-୨୦ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭାବରେ ବିକଶିତ ହୋଇଛି। ଯାହାକି ରାଜ୍ୟର ପ୍ରମୁଖ ଶିଳ୍ପ, ଖଣି ଏବଂ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ରାଜପଥ ମଧ୍ୟରୁ ଗୋଟିଏ। ଏଣୁ ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର ଟ୍ରାଫିକ ସମସ୍ୟା ହ୍ରାସ କରିବ। ଶାଳପଡ଼ାଠାରେ ଅବସ୍ଥିତ ଏହି ଅଣ୍ଡରପାସ୍ ଶାଳପଡ଼ା, ଖପରାଖାଇ, ବାରିଗାଁ ଓ ସୁଡୁସୁଡ଼ିଆ ଭଳି ନିକଟବର୍ତ୍ତୀ ଅଞ୍ଚଳରୁ ଟ୍ରାଫିକ ସମସ୍ୟା ହ୍ରାସ କରିବ। ଏହା ଏକ ଗ୍ରେଡ୍ ସେପାରେଟର ଭାବରେ କାର୍ଯ୍ୟ କରିବା ସହିତ ସୁଗମ ପରିବହନ ଏବଂ ନିରବଚ୍ଛିନ୍ନ ଗତିବିଧ ସୁନିଶ୍ଚିତ କରିବ। ଏହାସହିତ ସ୍ଥାନୀୟ ବାସିନ୍ଦଙ୍କ ପାଇଁ ସୁରକ୍ଷିତ ପଦଯାତ୍ରୀ କ୍ରସିଂ ପାଇଁ ସୁବିଧା ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନ ସମଗ୍ର ଓଡ଼ିଶାରେ ଭିତ୍ତିଭୂମି ବିକାଶ ଏବଂ ସଡ଼କ ସୁରକ୍ଷା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଆଉ ଏକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଫକୀର ମୋହନ ନାଏକ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ମାସେ ନପୂରୁଣୁ ଭାଙ୍ଗିଗଲାଣି ଡ୍ରେନ୍, ରାସ୍ତା

ଆନନ୍ଦପୁର,୧୩।୪(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ଗ୍ରାମର ମୁଖ୍ୟ ରାସ୍ତାରେ ହୋଇଥିବା ଡ୍ରେନ୍ ଓ ରାସ୍ତା ମାସେ ନପୂରୁଣୁ ଭାଙ୍ଗିଗଲାଣି। କଣ୍ଟିପାଳ ପଞ୍ଚାୟତକୁ ଯାତାୟତ ପାଇଁ ରାସ୍ତାଟି ସ୍ଲୋପିଙ୍ଗ ହୋଇ ରହିଥିଲା, ବର୍ଷା ପାଣି ଆସିଲେ ସୁରୁଖୁରୁରେ ନିଷ୍କାସନ ହେଉଥିଲା, ହେଲେ ଡ୍ରେନ୍ ମରାମତି ଆଳରେ ଭଲ ରାସ୍ତାକୁ ଭାଙ୍ଗି ଏକ ଡ୍ରେନ୍ କରି ତା' ଉପରେ କଂକ୍ରିଟ କରିବା ପାଇଁ ବ୍ୟୟ ବରାଦ ହୋଇଥିବା ୧ଲକ୍ଷ ୫୫ ହଜାର ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। କାମ କରିବା ସମୟରେ କୌଣସି ଯନ୍ତ୍ରୀ ନଥିବାରୁ ଡ୍ରେନ୍ ଓ ରାସ୍ତା ଅତି ନିମ୍ନମାନର କରାଯାଇଥିଲା ବୋଲି ଗ୍ରାମର ନେଉଳ ଦେହୁରୀ, କାଳିଆ ଦେହୁରୀ, ଘନଶ୍ୟାମ ହେମ୍ବ୍ରମ, ରଙ୍ଗାଧର ପିଙ୍ଗୁଆ, ନରେନ୍ଦ୍ର ବେରୁଆ, କରୁଣାକର ହେମ୍ବ୍ରମ କହିଥିବାବେଳେ ଆନନ୍ଦପୁର ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ଚନ୍ଦ୍ର ମୋହନ ମୁଣ୍ଡାଙ୍କୁ ଏ ବିଷୟରେ ପଚାରିବାରୁ ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।





### ଗଡ଼ି ଚାଲିଛି ଓଏଭି ହଷ୍ଟେଲ ୱାର୍ଡେନ ନିଯୁକ୍ତି

# ନିଯୁକ୍ତି ଅନିୟମିତତା ଯାଞ୍ଚ ପରେ ବି ଶିକ୍ଷା ବିଭାଗର ନିରବତା ସନ୍ଦେହ ବଢ଼ାଉଛି



- ମିଛ ଅଭିଜ୍ଞତା ପ୍ରମାଣପତ୍ର ଦେଇ ଆବେଦନ ଅଭିଯୋଗ
- ବହୁ ଦିନ ପୂର୍ବରୁ ଯାଞ୍ଚ କରିସାରିଛି ଶିକ୍ଷା ବିଭାଗ

ବଲାଙ୍ଗିର/ଖପ୍ରାଖୋଲ,୧୩।୪(ସମିସ)

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ପାଇଁ ୱାର୍ଡେନ ପଦ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଥିଲା। ମିଛ ଅଭିଜ୍ଞତା ପ୍ରମାଣପତ୍ର ଦେଇ ଆଶାୟୀମାନେ ଚାକିରି ହାତେଇବାକୁ ଉଦ୍ୟମ କରିଥିବାବେଳେ ଏନେଇ ଶିକ୍ଷା ବିଭାଗରୁ ଯାଞ୍ଚ ମଧ୍ୟ କରାଯାଇଥିଲା। ଏହି ଯାଞ୍ଚ ପ୍ରକ୍ରିୟାକୁ ଅନେକ ଦିନ ବିତିଯାଇଥିବାବେଳେ ଏନେଇ ଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଏଯାଏଁ ନିଆଯାଇ ନାହିଁ। ଯାହାଫଳରେ ଉକ୍ତ ଚାକିରି ପାଇଁ କିଛି ଭିତିରି କାରବାର ଚାଲିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲଠାରେ ଓଡ଼ିଶାଆଦର୍ଶବିଦ୍ୟାଳୟରହିଛି।ଏହିବିଦ୍ୟାଳୟରହଷ୍ଟେଲକାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଏହାକୁ କାର୍ଯ୍ୟକ୍ଷମ କରିବାରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ଆବଶ୍ୟକ ପଦ ଗୁଡ଼ିକ ପୂରଣ ହୋଇ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଖପ୍ରାଖୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ୱାର୍ଡେନ ନିଯୁକ୍ତିରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ଗତ ପ୍ରାୟ ଦୁଇବର୍ଷ ପୂର୍ବରୁ ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିପାଇଁ ୨୧ ଜଣ ଆଶାୟୀ ଆବେଦନ କରିଥିବା ବେଳେ ଦୁଇ ଜଣଙ୍କୁ ବିଭାଗ ପକ୍ଷରୁ ମନୋନୀତ କରାଯାଇଥିଲା। ତେବେ ଏହି ପଦ ପାଇଁ ଅଭିଜ୍ଞତା ପ୍ରମାଣପତ୍ର ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ମନୋନୀତ ହୋଇଥିବା ଦୁଇ ଆଶାୟୀ ଅଭିଜ୍ଞତା ପ୍ରମାଣପତ୍ରରେ ତଞ୍ଚକତା କରିଥିବା ଅନ୍ୟ କିଛି ଆଶାୟୀ ଆବେଦନକାରୀ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବାପରେ ଭାରାପ୍ରାପ୍ତ ଖପ୍ରାଖୋଲ ବ୍ଲକ ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ପ୍ରମାଣପତ୍ରର ସତ୍ୟତା ଯାଞ୍ଚ କରାଯାଇଥିଲା। ଯାଞ୍ଚପରେ ଜଣେ ଆଶାୟୀଙ୍କ ପ୍ରମାଣପତ୍ରରେ ତଞ୍ଚକତା କରାଯାଇଥିବା ସ୍ପଷ୍ଟ ହୋଇଥିବାବେଳେ ଆଉ ଜଣେ ଆଶାୟୀଙ୍କ ପ୍ରମାଣପତ୍ରକୁ ନେଇ ଦ୍ୱନ୍ଦ ରହିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ଯାଞ୍ଚ ପ୍ରକ୍ରିୟାକୁ ଦୀର୍ଘ ଦିନ ବିତିଯାଇଥିବା ବେଳେ ଏଯାଏଁ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଫଳରେ ନିଯୁକ୍ତିରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଶିକ୍ଷା ବିଭାଗ ଦ୍ୱାରା ମନୋନୀତ ହୋଇଥିବା ଦୁଇଜଣ ଆଶାୟୀଙ୍କ ନାମରେ ଏହିଭଳି ଅଭିଯୋଗ ଆସିବା ପରେ ଜଣକର ପ୍ରମାଣପତ୍ରରେ ତଞ୍ଚକତା ହୋଇଥିବା ସ୍ପଷ୍ଟ ହେବା ପରେ ନିଯୁକ୍ତି ପ୍ରକ୍ରିୟା କୁ ନେଇ ଏବେ ଆଶାୟୀମାନେ ପ୍ରଶ୍ନ ଉଠାଇଛନ୍ତି। ତେବେ ଏହି ପଦ ପୂରଣ ପାଇଁ ହୋଇଥିବା ନିଯୁକ୍ତି ପ୍ରକ୍ରିୟାକୁ ଆଉଥରେ ପୁର୍ନବିଚାର କରିବା ସହ ସମସ୍ତ ପ୍ରମାଣପତ୍ରର ଟିକନିକ ଯାଞ୍ଚ କରି ଆଉ ଏକ ତାଲିକା ପ୍ରକାଶ କରିବାକୁ ଦାବି ହୋଇଛି। ଫଳରେ ଶିକ୍ଷା ବିଭାଗର ସ୍ୱଚ୍ଛତା ସ୍ପଷ୍ଟ ହେବ ବୋଲି ଦାବି ହୋଇଛି। ତେବେ ଏନେଇ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## କଫ୍ ସିରପ୍ ଚାଲାଣ ଅଭିଯୋଗରେ ଜଣେ ଅଟକ



ବଲାଙ୍ଗିର,୧୩।୪(ସମିସ):ବଲାଙ୍ଗିରରୁ ସୋମବାର ସକାଳୁ ଏକ ବାଇକ୍‌ରେ ଦୁଇଜଣ ଯୁବକ କଫସିରପ୍ ନେଇ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଜଣେ ଯୁବକକୁ ପୁଲିସ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ରାସ୍ତାରେ କଫସିରପ ପଡ଼ିଯିବାରୁ ତାକୁ ଗୋଟାଇଲା ସମୟରେ ସ୍ଥାନୀୟ ଲୋକେଯୁବକ କୁ ଅଟକ ରଖି ପୁଲିସ ଜିମା ଦେଇଥିଲେ।

ସୂଚନା ଅନୁସାରେ ସୋମବାର ସକାଳୁ ମହାଦେବ ମନ୍ଦିରଛକଠାରେ ସହର ରୁ ଲୋଇସିଂହା ରାସ୍ତାରେ ଯାଉଥିବା ବେଳେ ଏକ ବାଇକ ରେ ଦୁଇ ଜଣକ ଯୁବକ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ସ୍ଥଳରେ ସେମାନେ ଧରିଥିବା ବ୍ୟାଗରୁ ବହୁ ସଂଖ୍ୟାରେ କଫସିରପ ବୋତାଲ ରାସ୍ତାରେ ପଡ଼ିଯାଇଥିଲା। ଫଳରେ ସ୍ଥାନୀୟଲୋକେ ଯୁବକଙ୍କୁ ଘେରିଯାଇଥିଲେ। ଦୁଇ ଜଣଙ୍କ ମଧ୍ୟରୁ ଜଣେ ଫେରାର ହୋଇଯାଇଥିବା ବେଳେ ଆଉ ଜଣେ ଯୁବକକୁ ଲୋକେ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ସଂପୃକ୍ତ ଯୁବକକୁ ଅଟକ ରଖି ପଚରାଉଚୁରା କରୁଥିବାବେଳେ ଯୁବକ ଜଣକ ଫାସଡ ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ ସେମାନେ ଏହି କଫସିରପ କେଉଁଠାରୁ କେଉଁଠାକୁ ନେଉଥିଲେ ତାହା ପୁଲିସ ଛାନଭିନ ଚଲାଇଥିବା ସୂଚନା ମିଳିଛି।

## ହଠାତ୍ ଜଳିଗଲା ବୁଲେଟ୍

ବଲାଙ୍ଗିର,୧୩।୪(ସମିସ): ବଲାଙ୍ଗିର ତହସିଲ କାର୍ଯ୍ୟାଳୟରେ ଏକ ବୁଲେଟରେ ହଠାତ ନିଆଁ ଲାଗି ଯାଇଥିବା ଦେଖିବାକୁ ମିଳିଥିଲା। ସୋମବାର ଜଣେ ଓକିଲ ନିଜ ବୁଲେଟ ଆଣି କାର୍ଯ୍ୟାଳୟ ପରିସରରେ ରଖିଥିଲେ। କିଛି ସମୟ ପରେ ହଠାତ ଉକ୍ତ ବୁଲେଟଟି ଜଳିବା ଆରମ୍ଭ କରିଥିଲା। ଏହାକୁ ଦେଖି ଲୋକେ ନିଆ ଲିଭାଇବାକୁ ଚେଷ୍ଟା କରିଥିଲେ। କାର୍ଯ୍ୟାଳୟରେଥିବା ଅଗ୍ନି ନିର୍ବାପକ ଯନ୍ତ୍ର ଆଣି ଜଣେ କର୍ମଚାରୀ ନିଆ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଅଗ୍ନିଶମ ବିଭାଗ ଆସି ନିଆ କୁ ଲିଭାଇଥିଲା। କିନ୍ତୁ ସେତେ ସମୟ ପର୍ଯ୍ୟନ୍ତ ଉକ୍ତ ବୁଲେଟ ବାଇକଟି ସଂପୂର୍ଣ୍ଣ ଭାବେ ପୋଡିଯାଇଥିଲା। ତେବେ ନିଆ ଲାଗିଲା କେମିତି ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ।

## ଦଳପାଲିରେ ମତଦାନ କେନ୍ଦ୍ର ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର




ପାଟଣାଗଡ଼,୧୩।୪(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଖୁଣ୍ଟସମଲାଇ ପଞ୍ଚାୟତ ଅଧୀନସ୍ଥ ଦଳପାଲି ଗ୍ରାମରେ ଭୋଟଦାନ କେନ୍ଦ୍ର ସ୍ଥାପନ ପାଇଁ ସୋମବାର ଉପଜିଲ୍ଲାପାଳ ପାଟଣାଗଡ଼ଙ୍କ ଦ୍ୱାରସ୍ଥ ହୋଇ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ଗ୍ରାମବାସୀ। ଗ୍ରାମଠାରୁ ମତଦାନ କେନ୍ଦ୍ର ପ୍ରାୟ ଅଢେଇ କିଲୋମିଟର ଦୂରରେ ହେଉଥିବାରୁ ଗାଁ ଲୋକେ ଅସୁବିଧା ଭୋଗୁଛନ୍ତି। ଗ୍ରାମରେ ପ୍ରାୟ ଚାରିଶହ ପଚାଶ ଭୋଟର ଅଛନ୍ତି। ମତଦାନ କେନ୍ଦ୍ର ଦୂର ହେଉଥିବାରୁ ଅନେକ ସମୟରେ ଭିନ୍ନକ୍ଷମ ଓ ବୟସ୍କ ଲୋକେ ଭୋଟ ଦେବାକୁ ଅସମର୍ଥ ହୋଇଥାନ୍ତି। ଏଣୁ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଆଗାମୀ ନିର୍ବାଚନରେ ଗୋଟିଏ ମତଦାନ କେନ୍ଦ୍ର ସ୍ଥାପନ ପାଇଁ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ଦଳପାଲି ଗ୍ରାମବାସୀ। ଏହି ଦାବିପତ୍ର ପ୍ରଦାନ ସମୟରେ ଘନଶ୍ୟାମ ମେହେର, ଜୟରାମ ମେହେର, ରୁଦ୍ରମଣି ମେହେର, ଅନୀଲ ମେହେର, ନେହେରୁ ମେହେର, ବଳରାମ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ମୁରସିଂ ଓ ପର୍ଶୁପାଲିରେ ଜଳଯୋଗାଣ



ବଲାଙ୍ଗିର,୧୩।୪(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଥିବା ବେଳେ ପ୍ରଶାସନିକ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଅଣଦେଖା ଓ ଅବହେଳା ଯୋଗୁଁ କୁତୁର୍ଲା ପଞ୍ଚାୟତର ମୁରସିଂ ଓ ପର୍ଶୁପାଲି ଗାଁକୁ ପିଇବା ପାଣି ଯୋଗାଣରେ ଘୋର ଅବ୍ୟବସ୍ଥା ଦେଖାଦେଇଥିଲା। ୨୦୨୪ ପୂର୍ବରୁ ପିଇବା ପାଣି ପାଇଁ ନିର୍ମିତ ଓଭରହେଡ୍ ଟ୍ୟାଙ୍କର ଲୋକାର୍ପଣ ତତ୍କାଳୀନ ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ହୋଇଯାଇଥିଲେ ହେଁ ନିର୍ବାଚନ ପରେ ଜାଣିଶୁଣି ଜଳଯୋଗାଣ କ୍ଷେତ୍ରରେ ଅବହେଳା କରାଯାଇଥିବା ଲୋକେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ସେ ରାସ୍ତାରେ ଏକ ସାମାଜିକ କାର୍ଯ୍ୟକ୍ରମରେ ଯାଉଥିବାବେଳେ ମୁରସିଂ ଓ ପର୍ଶୁପାଲି ଲୋକେ ଏ ପ୍ରଶାସନିକ ଅବହେଳାକୁ ନେଇ ଜଳକଷ୍ଟ ଭୋଗୁଥିବା ଅଭିଯୋଗ କରିଥିଲେ। ସେ ସମୟରେ ତୁରନ୍ତ ଶ୍ରୀମିଶ୍ର ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ କରି ଓଭରହେଡ ଟ୍ୟାଙ୍କରୁ ଯେମିତି ପିଇବା ପାଣି ସୂଚାରୁ ରୂପେ ଲୋକେ ପାଇପାରିବେ ସେ ଉପରେ ଏକ ଡିପ୍ ବୋରୱେଲ ଖନନ ଏବଂ ଦୁଇଟି ହେଣ୍ଡପମ୍ପ ବୋରୱେଲ ବସାଇବା ପାଇଁ କହିଥିଲେ।

ଅଭିଯୋଗର ଗୋଟିଏ ସପ୍ତାହ ମଧ୍ୟରେ ବିଭାଗ ତରଫରୁ ପଦକ୍ଷେପ ନିଆସରିଛି। ଏହି ସଭାରେ ଶ୍ରୀ ମିଶ୍ରଙ୍କ ବ୍ୟତୀତ କଂଗ୍ରେସ ନେତା ରାମଜୀ ଚୋ÷÷ଧୁରୀ, କାନ୍ତେଶ୍ୱର ପ୍ରଧାନ, ଅସିତ କୁମାର ମିଶ୍ର, ଇସମାଇଲ ସୁନା, ପଙ୍କଜିନୀ ଛତ୍ରିଆ, ଦୟା ତ୍ରିପାଠି, ପ୍ରତାପ ବାଗ, ପଦ୍ମନ ଛତ୍ରିଆ, ବିବିଧ ବାଗ, ଶଶିକାନ୍ତ ପଟେଲ, ସୁରେନ୍ଦ୍ର ନାଗ, ସନ୍ତୋଷ ବାଗ, ଆହ୍ଲାଦ ବାଗ, ପ୍ରହଲ୍ଲାଦ ବାଗ, ପ୍ରଶନ୍ନ ନାଗ, ସଞ୍ଜୀବ ନାଗ, ପ୍ରଦୀପ ପ୍ରଧାନ, ଗଣ୍ଡାରାମ ପ୍ରଧାନ, ନୀଳ ପ୍ରଧାନଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର କର୍ମକର୍ତ୍ତା ଚୟନ



ପାଟଣାଗଡ,୧୩।୪(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ବାଲିପଟା ପଞ୍ଚାୟତସ୍ଥିତ ଏକ ଆମ୍ବତୋଟା ଠାରେ ଜିଲ୍ଲା କମିଟିଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ବ୍ଲକସ୍ତରୀୟ ନୂତନ ପରିଚାଳନା କର୍ମକର୍ତ୍ତା ଚୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରାଯିବାସହ ହରିଶଙ୍କର ଠାରେ ଅବସ୍ଥିତ ମା ବିନ୍ଧ୍ୟବାସିନୀଙ୍କ ମନ୍ଦିର ଯଥା ଶୀଘ୍ର ନିର୍ମାଣ ସାରିବା ଏବଂ ମନ୍ଦିର ନିର୍ମାଣ କାର୍ଯ୍ୟରେ ବାଧା ଉପୁଜାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପରେ ଅସ୍ଥାୟୀ ସଭାପତି ଭାବେ ମହେନ୍ଦ୍ର ବରିହାଙ୍କ ନେତୃତ୍ୱରେ ପାଟଣାଗଡ଼ ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାରେ ଜିଲ୍ଲା ସଭାପତି ପଦ୍ମନ କୁମାର ସିଂ ବରିହା, ଉପଦେଷ୍ଟା ଅଷ୍ଟରତ୍ନ ବରିହା, ଉପସଭାପତି ଗୌତମ ବରିହା, ସମ୍ପାଦକ କ୍ଷୀରୋଦ ବରିହା, କୋଷାଧ୍ୟକ୍ଷ ମହେନ୍ଦ୍ର ବରିହା, ସମାଜ ସେବୀ କ୍ଷମାନିଧି ବରିହା, ଜିଲ୍ଲା ମିଡିଆ ସେଲ ସଂଯୋଜକ ପଲସି ବରିହାଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତା ଭାବେ ପାଟଣାଗଡ ବ୍ଲକ୍ ସଭାପତି ଭାବରେ ଯୁବରାଜ ବରିହା, ଉପ ସଭାପତି ବଳରାମ ବରିହା ସମ୍ପାଦକ, ସାଧୁ ଚରଣ ସାମିନି ସହ ସମ୍ପାଦକ, ଗଣେଶ ବରିହା କୋଷାଧ୍ୟକ୍ଷ, ସଦସ୍ୟ ଭାବେ ଶ୍ରୀକର ବରିହା, ବିକ୍ରମ ବରିହା, ଉମାକାନ୍ତ ବରିହା, ନୀଳକାନ୍ତ ବରିହା, ସଭ୍ୟ ମିନିକେତନ ବରିହା, ଚପରାସି ଅମର ବରିହା,କ୍ଷମାନିଧି ବରିହା ପ୍ରମୁଖ ନିର୍ବାଚିତ ହୋଇଥିଲେ। ଗୌରୀ ଶଙ୍କର ବରିହା ସଭା ପରିଚାଳନା କରିଥିଲେ।

## ସିଏମ୍ ଟ୍ରଫି ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ



ବଲାଙ୍ଗିର,୧୩।୪(ସମିସ): ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃକ୍ଲବ୍ ଓ ଆନ୍ତଃ ଜିଲ୍ଲା ଭଲିବଲ୍ ଚାମ୍ପିଅନସିପ୍ ସୋମବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ବାଳକବର୍ଗରେ ବଲାଙ୍ଗିର(କ), ପୁଇଁନ୍ତଲା(କ), ବଲାଙ୍ଗିର (ଖ), ବଙ୍ଗୋମୁଣ୍ଡା।(କ), ବଙ୍ଗୋମୁଣ୍ଡା (ଖ), ଆଗଲପୁର, ପୁଇଁନ୍ତଲା(ଖ), ସଇଁନ୍ତଲା, ଖପ୍ରାଖୋଲ, ମୁରିବାହାଲ ଓ ବାଳିକା ବର୍ଗରେ ପୁଇଁନ୍ତଲା, ଦେଓଗାଁ, ମୁରିବାହାଲ, ସଇଁନ୍ତଲା, ଟିଟିଲାଗଡ଼, ବଙ୍ଗୋମୁଣ୍ଡା। କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗିର ପୌରାଧ୍ୟକ୍ଷା ଲୀକା ସାହୁ ମୁଖ୍ୟ ଅତିଥି ଭାବେର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ସଂସଦର ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାରଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା। ସୁଧୀରଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଫୁଟବଲ ସଂପାଦକ ଶରତ କୁମାର ନନ୍ଦ, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ରୀ, ଡ଼ା. ସିଦ୍ଧେଶ୍ୱର ମିଶ୍ର, ଡା. ଶୁଭମ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ପ୍ରଦୀପ କୁମାର ପାତ୍ର ମଞ୍ଚାସୀନ ଥିଲେ। ଖେଳକୁ ପ୍ରଶାନ୍ତ ପଟ୍ଟନାୟକ, ସୁନୀଲ ଚନ୍ଦ୍ର ବିଶ୍ୱାଳ, ବୁଦ୍ଧିରାଜ ବିଶ୍ୱାଳ, ଉମାକାନ୍ତ ପଧାନ, ବିକାଶ ଦାସ, ଆଲୋକ ଦାସ, ସୁନୀଲ କୁମାର ପଧାନ, ଚୂଡ଼ାମଣି ସାହୁ, ଅଭିଷେକ ନାଗ, ସସ୍ମିତା ମିଶ୍ର, ସ୍ମରଣିକା ବେହେରା, ସଙ୍ଗୀତା ମିଶ୍ର, ସୌରଭ ପଧାନ, ରାଜେନ୍ଦ୍ର ସେଠ, ଜିତେନ୍ଦ୍ର ବାରିକ ଓ ସୁବାସ ସୁନା ପରିଚାଳନା କରିଥିଲେ। ଭଲିଭଲ ସଂପାଦକ ସଂଗ୍ରାମ କେଶରୀ ବହିଦାର ଧନ୍ୟବାଦ ଦେଇଥିଲେ।

## ଗୋରୁ ଚାଲାଣ ସନ୍ଦେହରେ ୪ ଗାଡ଼ି ଅଟକ



ବଲାଙ୍ଗିର,୧୩।୪(ସମିସ): ବଲାଙ୍ଗିର ସହରଦେଇ କଳାହାଣ୍ଡିକୁ ଚାରିଚକିଆ ଗାଡ଼ିରେ ଗୋରୁ ଚାଲାଣ କରିବା ସମୟରେ ବଲାଙ୍ଗିର ସହରରେ ଯୁବକଙ୍କ ହାବୁଡରେ ପଡ଼ିଗଲେ ଗୋରୁ ବ୍ୟବସାୟୀ। ଗୋଟିଏ କି ଦୁଇଟି ନୁହଁ ପ୍ରାୟ ଚାରୋଟି ଗୋରୁ ବୋଝେଇ ଗାଡ଼ିକୁ ଅଟକାଇ ସ୍ଥାନୀୟ ଲୋକେ ଟାଉନ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ଚାରୋଟି ଗାଡ଼ିରୁ ୧୮ ଗାଇ ସହ କିଛି ମାରାଣାସ୍ତ୍ର ମଧ୍ୟ ଜବତ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ସୋମବାର ସକାଳୁ ସ୍ଥାନୀୟ ଭାଗରଥୀ ଛକ ଠାରେ କିଛି ଯୁବକ ଏକ ଗାଡ଼ିକୁ ଅଟକାଇଥିଲେ। ଗୋରୁ ଚାଲାଣ ସନ୍ଦେହରେ ଉକ୍ତ ଗାଡ଼ିକୁ ଅଟକାଇ ଥିବା ବେଳେ ଗାଡି ଟି ଖସିଯିବାକୁ ଉଦ୍ୟମ କରିଥିବା ସତ୍ତ୍ୱେ ସଫଳ ହୋଇ ନ ଥିଲା। ଏହାକୁ ଦେଖି ଅନ୍ୟ ତିନୋଟି ଗାଡି ମଧ୍ୟ ଖସିବାକୁ ଉଦ୍ୟମ କରିଥିଲେ କିନ୍ତୁ ଯୁବକ ମାନେ ତାକୁ ମଧ୍ୟ ଅଟକାଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳ ରେ ପହଞ୍ଚିବା ପରେ ଗାଡି ଯାଞ୍ଚ କରିଥିଲା। ଉକ୍ତ ଚାରୋଟି ଗାଡିରେ ୧୮ ଟି ଗାଈ ରହିଥିବାବେଳେ ଗାଡିରେ ଥିବା ୯ ଜଣ ଗୋରୁ ବ୍ୟବସାୟୀ ଓ ଡ୍ରାଇଭରକୁ ଧରି ଯୁବକମାନେ ପୁଲିସକୁ ଜିମା ଦେଇଥିଲେ। ସେହିପରି ଗାଡିରେ ମାରଣାସ୍ତ୍ର ଓ ଗଞ୍ଜେଇ ଥିବା ମଧ୍ୟ ଦେଖିବାକୁ ମିଳିଥିବା ଗୋସୁରକ୍ଷା କର୍ମୀ କାହ୍ନା ଶତପଥୀ କହିଛନ୍ତି। ଜିମା ପାଇବା ପରେ ପୁଲିସ ଛାନଭିନ ଆରମ୍ଭ କରିଛି। ଏହି ଚାଲାଣ କେଉଁ ସ୍ଥାନରୁ କେଉଁ ସ୍ଥାନକୁ ହେଉଥିଲା। ଗାଡିରେ ଗୋରୁ ବିକ୍ରି କରିବା ପାଇଁ ନେଉଥିଲେ ନା ଅନ୍ୟ କିଛି କାରବାର ଚାଲିଥିଲା ତାହାର ଛାନଭିନ ଚାଲିଥିବା ବେଳେ ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ।

## ବେଲପଡ଼ା କଲେଜରେ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମ



ବେଲପଡ଼ା,୧୩।୪(ସମିସ): ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଭାରପ୍ରାପ୍ତ ଅଧ୍ୟକ୍ଷ ତନ୍ମୟ କୁମାର ପାଣିଗ୍ରାହୀ ଓ ମନୋଜ କୁମାର ମହାଖୁଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ଲିଳିମା ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀଶକ୍ତିର ସ୍ୱାଭିମାନ ଉପରେ ମନ୍ତବ୍ୟ ରଖିଥିଲେ। ଅଧ୍ୟାପିକା ନିତୁ ପାତ୍ର ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଅଧ୍ୟାପକ ସୁଦାମ ମହାପାତ୍ର, ଡ. ଗଙ୍ଗାଧର ଦେହେରୀ, ପ୍ରମୋଦ କୁମାର ବରିହା, ଅମୀୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## କୁଆପଥର ମାଡ଼ରେ ଜୀବିକା ହରାଇଛନ୍ତି ହଜାର ହଜାର ଚାଷୀ



ବେଲପଡ଼ା,୧୩।୪(ସମିସ): କୁଆପଥର ବର୍ଷାରେ ବେଲପଡା ବ୍ଲକ କନ୍ଧେନଝୁଲା ଏବଂ ଗମ୍ଭାରୀ ପଞ୍ଚାୟତ ବିଶେଷ ଭାବେ କ୍ଷୟକ୍ଷତି ହୋଇଛି। ଫଳରେ ସ୍ଥାନୀୟ ଜଙ୍ଗଲ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଅନେକ ଗରିବ ପରିବାର ବର୍ତ୍ତମାନ ବେସାହାରା ହୋଇପଡ଼ିଛନ୍ତି। ମହୁଲ, ଚାହାର ସବୁକିଛି ଛାରଖାର ହୋଇପଡ଼ିଥିବା ବେଳେ ଲୋକଙ୍କୁ ରୋଜଗାର ଯୋଗାଉଥିବା କେନ୍ଦୁପତ୍ର ବିଶେଷ କ୍ଷତି ହୋଇଛି। କରା ମାଡ଼ରେ ପତ୍ର ଗୁଡିକ ନଷ୍ଟ ହୋଇଥିବା ବେଳେ ବିଭାଗ ପକ୍ଷରୁ ଚଳିତବର୍ଷ ପତ୍ର ତୋଳାଳି ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବା ବେଲପଡା କେନ୍ଦୁପତ୍ର ରେଞ୍ଜର ସୂଚନା ଦେଇଛନ୍ତି। ଏମିତି ହେଲେ ଅନେକ ଗରିବ ପରିବାର ରୋଜଗାର ପାଇବାରୁ ବଞ୍ଚିତ ହେବେ। ତେଣୁ ସରକାର ଏଦିଗରେ ଦୃଷ୍ଟି ଦେଇ ସ୍ଥାନୀୟ ଲୋକଙ୍କୁ ସରକାରୀ ସହାୟତା କରିବାକୁ ଦାବି ହେଉଛି।

- କିଶୋରୀଙ୍କ ପାଇଁ ନେତୃତ୍ୱ ଓ ସଶକ୍ତୀକରଣ କାର୍ଯ୍ୟକ୍ରମ

## ନାଟକ 'ମୋ ସ୍ୱର, ମୋ ଶକ୍ତି' ମଞ୍ଚସ୍ଥ

ବଲାଙ୍ଗିର,୧୩।୪(ସମିସ): ସ୍ଥାନୀୟ ଗାନ୍ଧୀନଗର ପଡ଼ାସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କିଶୋରୀଙ୍କ ପାଇଁ ନେତୃତ୍ୱ ଓ ସଶକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ନୂତନ ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଡ. ସୁଧାଂଶୁବାଳା ତ୍ରିପାଠୀ ଯୋଗଦେଇ କିଶୋରୀମାନଙ୍କ ଜୀବନରେ ଶିକ୍ଷା, ସଚେତନତା ଓ ଆତ୍ମବିଶ୍ୱାସର ମହତ୍ତ୍ୱ ବିଷୟରେ କହିଥିଲେ। ସ୍ୱାଗତ ଭାଷଣ ଶିକ୍ଷୟିତ୍ରୀ ରଶ୍ମିତା ଦାଶ ଦେଇଥିବା ବେଳେ ଶିକ୍ଷୟିତ୍ରୀ ସୌମ୍ୟାଶ୍ରୀ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ମାଧ୍ୟମରେ ବାଳିକା ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ବିଦ୍ୟାଳୟ ର ଛାତ୍ରୀମାନଙ୍କ ମଧ୍ୟରେ ପୋଷ୍ଟର ମ୍ୟାକିଙ୍ଗ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ପୋଷ୍ଟର ମ୍ୟାକିଂ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ଜୁଲଫିଆ ବେଗମ ପ୍ରଥମ, ଅନିଷ୍କା ମେହେର ଦ୍ୱିତୀୟ, ନୀଳିମା ବାଗ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବରିଷ୍ଠ ବିଭାଗରେ ସୁହାନୀ ନାଏକ ପ୍ରଥମ, ସସ୍ମିତା ସ୍ୱାଇଁ ଦ୍ୱିତୀୟ ଓ ସୌମ୍ୟାଶ୍ରୀ ପଟ୍ଟନାୟକ ତୃତୀୟସ୍ଥାନ ଅଧିକାର କରିଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ଅଂଶିକା ମେହେର ପ୍ରଥମ, ଲିଳିମା ବାଗ ଦ୍ୱିତୀୟ ଓ ପିଏସ ପ୍ରାଞ୍ଜଳ ସୁନା ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବରିଷ୍ଠ ବିଭାଗରେ ସୁହାନୀ ନାଏକ ପ୍ରଥମ, ସସ୍ମିତା ସ୍ୱାଇଁ ଦ୍ୱିତୀୟ ଓ ସୋମ୍ୟାଶ୍ରୀ ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନାଟକ "ମୋ ସ୍ୱର,ମୋ ଶକ୍ତି' ମଞ୍ଚସ୍ଥ ହୋଇଥିଲା। ଛାତ୍ରୀ ଶୁଭଶ୍ରୀ ନାଏକ, ରୀତିକା ଦାଶ, ସୁସ୍ମିତା କୁମ୍ଭାର,ସୁଲଗ୍ନା ବକୁଳ, ଦମୟନ୍ତୀ ଖୁଆସ, ଅମ୍ରିତା ମେହେର ଓ ଶ୍ରୀଜୋଲ ପୁରୋହିତ ଏହି ନାଟକରେ ଅଭିନୟ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସବିତା ମିଶ୍ର ଧନ୍ୟବାଦ ଦେଇଥିଲେ।



# କଟକ ସିଟି



## ଶୈଳବାଳା କଲେଜରେ ରକ୍ତଦାନ ଶିବିର



**କଟକ, ୧୩।୪(ସମିସ):** ସ୍ଥାନୀୟ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର +୩ ଯୁବ ରେଡକ୍ରସ୍ ଏବଂ ଏନଏସଏସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ଅଧ୍ୟକ୍ଷ ପ୍ରଫେସର ଡ. ଜୀବନ ବଲ୍ଲଭ ଜେନା ଏବଂ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଐତିହାସିକ ତଥା ଅବସରପ୍ରାପ୍ତ ପ୍ରଫେସର ଡ. ଖାରବେଳ ମହାନ୍ତି ଫିତା କାଟି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଭିଭାଷଣରେ ମୁଖ୍ୟଅତିଥି ଡଃ ମହାନ୍ତି ଛାତ୍ରୀମାନଙ୍କୁ ପରିବାରର ରାଜକୁମାରୀ ହେବା ସହ ସ୍ପଷ୍ଟବାଦୀ ଓ ମିଷ୍ଟଭାଷିଣୀ ହେବାକୁ ପରାମର୍ଶ ଦେଇ ସେବା ମାଧ୍ୟମରେ ସମାଜ କଲ୍ୟାଣ କରିବାକୁ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଜେନା ନିଜେ ସର୍ବପ୍ରଥମେ ରକ୍ତଦାନ କରି ଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ରକ୍ତଦାନକୁ ଏକ ମହତ୍ ଦାନ ବୋଲି ଅଭିହିତ କରିଥିଲେ। ଯୁବ ରେଡକ୍ରସର ଅଧ୍ୟକ୍ଷା ଡ. ଗାୟତ୍ରୀ କର ରକ୍ତଦାନ ମାଧ୍ୟମରେ ଦେଶସେବା କରି ଅମୂଲ୍ୟ ଜୀବନ ବଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଶିବିରରେ ମୋଟ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବ ରେଡକ୍ରସର କାଉନସିଲର ଡ. ପ୍ରତିଭାରାଣୀ ବାରିକ, ଡ. ମେନକାରାଣୀ ସାହୁ, ଡ. ଯୋଗମାୟା ପଣ୍ଡା ଏବଂ ଡ. ସାଗରିକା ବେହେରା ଶିବିର ପରିଚାଳନା କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# କଟକଣା ମାନୁନି ନିଷିଦ୍ଧ ପଲିଥିନ

**କଟକ, ୧୩।୪(ସମିସ)**



ପଲିଥିନକୁ ସରକାରୀସ୍ତରରେ ନିଷିଦ୍ଧ ସତ୍ତ୍ୱେ ଏହାର ବେଧଡକ ବ୍ୟବହାରକୁ ନେଇ ସାଧାରଣରେ ଚିନ୍ତା ପ୍ରକାଶ ପାଇଛି। ବିପୁଳ ପରିମାଣରେ ପଲିଥିନ କ୍ୟାରି ବ୍ୟାଗ କେତେକ ବାହାର ରାଜ୍ୟରୁ ଆସୁଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗ, ତେଲେଙ୍ଗାନା ଆଦି ରାଜ୍ୟରୁ ଏହା ଆମଦାନୀ କରାଯାଉଛି। ସୂଚନାନୁସାରେ ଜଗତପୁର ଠାରେ କେତେକ କାରଖାନାରୁ ବେଧଡକ ଭାବେ ପଲିଥିନ ଉତ୍ପାଦନ ହେଉଛି। ହୋଲସେଲରଙ୍କ ଠାରୁ ଆରମ୍ଭ କରି ସାଧାରଣ ବିକ୍ରେତାଙ୍କ ପର୍ଯ୍ୟନ୍ତ ପଲିଥିନ କାରବାର ଖୁଲମଖୋଲା ଚାଲୁଛି। କଟକ ସହରରେ ପ୍ଲାଷ୍ଟିକ ବା ଏକକ ବ୍ୟବହାର ପଲିଥିନ ଦୀର୍ଘ ୫ ବର୍ଷ ଧରି ନିଷିଦ୍ଧ କରାଯାଇଛି। ପଲିଥିନ ନିଷିଦ୍ଧ ହେବାର କିଛି ଦିନ ଯାଏ ଯଦିଓ ଏହାର କାରବାର ସାମାନ୍ୟ ହ୍ରାସ ପାଇଥିଲା ଏବେ କିନ୍ତୁ ନିଷିଦ୍ଧ ହୋଇଥିବା ପଲିଥିନ କ୍ୟାରିବ୍ୟାଗର ବହୁଳ ବ୍ୟବହାର ସହରରେ ହେଉଥିବାର ପରିଲକ୍ଷିତ ହୋଇଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ନିଷିଦ୍ଧ ନେଇ ଜାରୀ ହୋଇଥିବା ନିର୍ଦ୍ଦେଶନାମା ସତ୍ତ୍ୱେ ଚତୁରତାର ସହିତ ଉପରୋକ୍ତ ପଲିଥିନ ବ୍ୟବହାର କରାଯାଉଛି। ପଲିଥିନ ଉତ୍ପାଦନ କରୁଥିବା ୟୁନିଟ ଗୁଡିକ କ୍ୟାରିବ୍ୟାଗ ଆକୃତିରେ କୌଣସି ଉତ୍ପାଦ ବଜାରକୁ ଛାଡିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶନାମା ରହିଥିଲେ ବି ଏହାକୁ ଉଲ୍ଲଂଘନ କରାଯାଉଛି। ଯେଉଁ ସବୁ ପଲିଥିନ ବା ପ୍ଲାଷ୍ଟିକ ମାଟିରେ ସତ୍ତା ହରାଉଥିବ ବା ସମ୍ପୂର୍ଣ୍ଣ ରୂପେ ମିଶିଯାଉଥିବ ତାହା ବି ଇଣ୍ଡିଆନ ଷ୍ଟାଣ୍ଡାର୍ଡ ମାନ୍ୟତାପ୍ରାପ୍ତ ହୋଇଥିବା ଦରକାର। ସେହିପରି ପଲିଥିନ ପ୍ରସ୍ତୁତକର୍ତ୍ତା ସଂସ୍ଥା ଗୁଡିକ ସହ ବିକ୍ରେତାମାନେ ବି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ ପ୍ରମାଣପତ୍ର ପାଇଥିବା ଆବଶ୍ୟକ। ହେଲେ ଏହାକୁ କଟକରେ ଆଦୌ ପାଳନ କରାଯାଉ ନାହିଁ। ମହାନଗର ନିଗମର ସୂଚନାନୁସାରେ ସହରରୁ ଦୈନନ୍ଦିନ ୩୫୦ ମେଟ୍ରିକ ଟନ ଆବର୍ଜନା ବା ବର୍ଜ୍ୟବସ୍ତୁ ନିର୍ଗତ ହେଉଛି। ଖୋଦ ମହାନଗର ନିଗମ ମଧ୍ୟ ଏହି ଆବର୍ଜନା ମଧ୍ୟରେ ୪୦ପ୍ରତିଶତ ପଲିଥିନ ରହିଥିବା ନେଇ ସ୍ୱୀକାର କରିଛି। ପଲିଥିନ ଆବର୍ଜନା ହିଁ କଟକ ସହର ଅନେକ ସମୟରେ ଜଳବନ୍ଦୀ ହେବାର

**ବାହାର ରାଜ୍ୟରୁ ହେଉଛି ଆମଦାନୀ**

ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ମହାନଗର ନିଗମ କର୍ତ୍ତୃପକ୍ଷ କେବଳ ଅଭିଯୋଗ ପାଇଲେ ଚଢଉ କରୁଥିବା କହୁଛନ୍ତି। ୨୦୨୨ ଜୁଲାଇ ୧ ତାରିଖରୁ ନିଷିଦ୍ଧ ପଲିଥିନ ବିରୋଧରେ ଏନଫୋର୍ସମେଣ୍ଟ ଆରମ୍ଭ କରାଯାଇଥିଲା। ହେଲେ ୨ବର୍ଷରୁ ଅଧିକ ସମୟ ଧରି ଏହା ବନ୍ଦ ହୋଇଯାଇଛି। ଯଦି ବିନା ଅନୁମତିରେ ବେଆଇନ ପଲିଥିନ ପ୍ରସ୍ତୁତ ହେଉଥାଏ ତା'ହେଲେ ସଂସ୍ଥା ଗୁଡିକ ଯାଞ୍ଚ କରାଯିବ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ କହିଛନ୍ତି।

## ବିଦ୍ୟୁତ୍ ସାମଗ୍ରୀ ଦୋକାନରୁ ଚୋରି

**କଟକ, ୧୩।୪(ସମିସ):** ସହରର ଯୋବ୍ରା ଅଞ୍ଚଳରେ ଥିବା ଏକ ବିଦ୍ୟୁତ ଯନ୍ତ୍ରାଂଶ ଦୋକାନରୁ କବାଟ ତାଡ଼ି ବ୍ୟାପକ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନରୁ ପ୍ରାୟ ୪୦ ହଜାର ଟଙ୍କାର ବିଦ୍ୟୁତ ସମ୍ପର୍କିତ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଦୋକାନ ମାଲିକ ମାଲଗୋଦାମ ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଅନିରୁଦ୍ଧ ଶୁକ୍ଳା ଯୋବ୍ରା ଶନି ମନ୍ଦିର ନିକଟରେ ଏକ ଇଲେକ୍ଟ୍ରିକ୍ ଦୋକାନ କରିଛନ୍ତି। ଗତ ୧୧ ତାରିଖ ଶନିବାର ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମାତ୍ର ରବିବାର ସକାଳେ ଯାଇ ଦେଖିଲା ବେଳକୁ ଦୋକାନର କବାଟ ତଡ଼ାଯାଇଥିଲା ଏବଂ ଭିତରୁ ବହୁ ମୂଲ୍ୟବାନ ଯନ୍ତ୍ରାଂଶ ଗାଏବ ଥିଲା। ଚୋରି ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ଶ୍ରୀ ଶୁକ୍ଳା ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ମାଲଗୋଦାମ ଥାନା ପୁଲିସ ଏକ ସିନ୍ଧିଚୋରି ମାମଲା ରୁଜୁ କରିଛି। ଅଞ୍ଚଳରେ ଲୁଟେରାଙ୍କୁ ଚିହ୍ନଟ କରିବା ପାଇଁ ପୁଲିସ ଦୋକାନ ନିକଟରେ ଥିବା ବିଭିନ୍ନ ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରୁଛି। ଅତିଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ନାବାଳିକା ଅପହରଣ ଅଭିଯୋଗ; ଅଭିଯୁକ୍ତ ଗିରଫ

**କଟକ, ୧୩।୪(ସମିସ):** ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ କରିବା ଏବଂ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୁରୀଘାଟ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛନ୍ତି ମାଲଗୋଦାମ ଥାନା ଅଞ୍ଚଳର ସୋମନାଥ ବେହେରା (୨୪)। ପୁଲିସ ଅପହୃତା ଛାତ୍ରୀଙ୍କୁ ମଧ୍ୟ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ସୋମନାଥ ପୁରୀଘାଟ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଗତ ମାର୍ଚ୍ଚ ୨୦ ତାରିଖରେ କଟକ ବାହାରକୁ ନେଇ ପଳାଇଥିଲା। ଛାତ୍ରୀଙ୍କ ପରିବାର ପକ୍ଷରୁ ଏତଲା ଦିଆଯିବା ପରେ ପୁଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ପୁଲିସ କୌଣସି ସୂତ୍ରରୁ ସୂଚନା ପାଇ ସହର ବାହାରେ ଚଢ଼ଉ କରିଥିଲା ଏବଂ ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ସୋମନାଥକୁ କାବୁ କରିଥିଲା। ସୋମବାର ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଛି ଏବଂ ନାବାଳିକାଙ୍କୁ ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ହାଜର କରାଯାଇଛି। ଅଭିଯୁକ୍ତ ସୋମନାଥଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ପୁରୀଘାଟ ଥାନା ପକ୍ଷରୁ ସୂଚନା ମିଳିଛି।

## କଟକରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ

# ସଶକ୍ତୀକରଣ ଓ ସ୍ୱାବଲମ୍ବନ ଉପରେ ଗୁରୁତ୍ୱ





**କଟକ, ୧୩।୪(ସମିସ):** କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ସୋମବାର ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ 'ନାରୀ ଶକ୍ତି ବନ୍ଦନ ସମ୍ମିଳନୀ' ଅତ୍ୟନ୍ତ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହ ନାରୀ ସଶକ୍ତିକରଣ, ସୁରକ୍ଷା ଓ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ ଯେ, ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ସମୟରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି ଏବଂ ରାଜନୀତି କ୍ଷେତ୍ରରେ ନାରୀମାନଙ୍କ ପ୍ରତିନିଧିତ୍ୱ ଗଣତନ୍ତ୍ରକୁ ଆହୁରି ସୁଦୃଢ଼ କରିଛି। ଏହି ସମ୍ମିଳନୀରେ ସମ୍ମାନିତ ଅତିଥିଭାବେ କଟକ-ବାରବାଟୀ ବିଧାୟିକା ଇଂ. ସୋଫିଆ ଫିରଦୋସ ଯୋଗଦେଇ କହିଥିଲେ ଯେ, ଏହି ମହିଳା ସଂଗଠନ କେବଳ ଏକ ଆଇନ ନୁହେଁ, ବରଂ ଏହା ମହିଳାମାନଙ୍କୁ ତୃଣମୂଳସ୍ତରରୁ ସଶକ୍ତ କରିବା ପାଇଁ ଏକ ଦୀର୍ଘ ବର୍ଷର ସଂଘର୍ଷର ପରିଣତି। କାର୍ଯ୍ୟକ୍ରମ ପୂର୍ବରୁ ସକାଳେ ବାରବାଟୀ ଦୁର୍ଗଠାରୁ ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ଆୟୋଜନ କରାଯାଇଥିଲା, ଯେଉଁଥିରେ ଶତାଧିକ ମହିଳା ସାମିଲ ହୋଇଥିଲେ। ଉକ୍ତ ସମାରୋହରେ ସାଂସଦ ଡ. ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ଭାଉ ସାହେବ ଶିନ୍ଦେ, ସିଏମସି କମିଶନର ସୁଶ୍ରୀ କିରଣଦୀପ କୌର ସହୋତା ଏବଂ ଏସସିବି ମେଡିକାଲ ଅଧ୍ୟକ୍ଷା ପ୍ରଫେସର ଡା. ପ୍ରତିଭା ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସିଏମସି ଆୟୁକ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ନାରୀ ଶକ୍ତିର ଏହି ମହାକୁମ୍ଭରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳା ସଭାନେତ୍ରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉତ୍ସାହର ସହ ଯୋଗଦେଇଥିଲେ।

## ବାଣ ଭିଡୁଥିବା ବେଳେ ବିସ୍ଫୋରଣ; ଜଣେ ଗୁରୁତର

**କଟକ/ନିଶ୍ଚିନ୍ତକୋଇଲି, ୧୩।୪ (ସମିସ):** ନିଶ୍ଚିନ୍ତକୋଇଲି ବଜାରରେ ସୋମବାର ବିଳମ୍ବିତ ରାତିରେ ଏକ ଭୟଙ୍କର ବିସ୍ଫୋରଣ ଘଟି ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ବିସ୍ଫୋରଣର ପ୍ରଭାବ ଏତେ ଶକ୍ତିଶାଳୀ ଥିଲା ଯେ ଏଥିରେ ଏକାଧିକ ଦୋକାନ ଗୃହ ଓ ଗାଡ଼ିମୋଟର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଗୁରୁତର ବ୍ୟକ୍ତିଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ସରପଡ଼ା ଗ୍ରାମର ବ୍ରଜ କିଶୋର ପୃଷ୍ଟି (୬୫) ଓରଫ୍ ବାଜିଆ ନିଶ୍ଚିନ୍ତକୋଇଲି ବଜାରରେ ଏକ ଘର ଭଡ଼ା ନେଇ ଦୀର୍ଘ ଦିନ ହେବ ବାଣ ପ୍ରସ୍ତୁତ କରି ଆସୁଥିଲେ। ଆଜି ରାତି ପ୍ରାୟ ୧୧ଟାରେ ସେ ବାଣ ଭିଡୁଥିବା ବେଳେ କୌଣସି କାରଣରୁ ବଡ଼ଧରଣର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଭୟଭୀତ ହୋଇ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ପ୍ରଚଣ୍ଡ ବିସ୍ଫୋରଣରେ ଭଡ଼ାଘର ସମେତ ଆଖପାଖର କିଛି ଦୋକାନ କ୍ଷତିଗ୍ରସ୍ତ ହୋଇଛି ଏବଂ ନିକଟରେ ରଖାଯାଇଥିବା ଅନେକ ଗାଡ଼ି ମଧ୍ୟ ଭାଙ୍ଗିରୁଜି ଯାଇଛି। ଘଟଣାସ୍ଥଳରେ ବ୍ରଜ କିଶୋର ଗୁରୁତର ଭାବେ ଆହତ ହୋଇ ରକ୍ତଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି।

## ରଘୁନାଥଜୀଉ କଲେଜରେ 'ଆମ ରୁଚି ଆମ ଖାଦ୍ୟ' ଦିବସ



**କଟକ, ୧୩।୪(ସମିସ):** 'ଓଡ଼ିଆ ପକ୍ଷ' ପାଳନ ଅବସରରେ କଟକସ୍ଥିତ ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ଆମ ରୁଚି ଆମ ଖାଦ୍ୟ' ଦିବସ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଓଡ଼ିଆ ପରମ୍ପରା ଓ ସଂସ୍କୃତିକୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିଚିତ କରାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଲାମାନେ ଏବଂ ଅଧ୍ୟାପିକାମାନେ ମିଳିତ ଭାବେ ବିଭିନ୍ନ ପ୍ରକାରର ପାରମ୍ପରିକ ଓଡ଼ିଆ ପିଠା ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀରେ ଚକୁଳି, ଆରିସା, କାକରା, ବୁଢ଼ା ଚକୁଳି, ପୋଡ଼ପିଠା ଏବଂ ଦହିବରା ଭଳି ସୁଆଦିଆ ଖାଦ୍ୟ ପରିବେଷଣ କରାଯାଇଥିଲା। ଅଧ୍ୟକ୍ଷା ଡଃ ସ୍ନେହଲତା ମିଶ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଖାଦ୍ୟର ପୁଷ୍ଟିକର ଗୁଣ ଓ ଏହାର ସାଂସ୍କୃତିକ ବିଶେଷତ୍ୱ ସମ୍ପର୍କରେ ବୁଝାଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଅଧ୍ୟକ୍ଷା ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ଓଡ଼ିଆ ପରମ୍ପରାର ଏହି ମହାକୁମ୍ଭକୁ ଉପଭୋଗ କରିଥିଲେ। ପାଶ୍ଚାତ୍ୟ ଖାଦ୍ୟର ପ୍ରଭାବ ମଧ୍ୟରେ ନିଜ ସଂସ୍କୃତିର ଖାଦ୍ୟ ରୁଚିକୁ ବଞ୍ଚାଇ ରଖିବା ପାଇଁ ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ଏହି ପ୍ରୟାସକୁ ଶିକ୍ଷାବିତ୍‌ମାନେ ଉଚ୍ଚ ପ୍ରଶଂସା କରିଛନ୍ତି।

## ସିଏନ୍‌ବିଟିରେ 'ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର' ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

**କଟକ, ୧୩।୪(ସମିସ):** କଟକ ନେତାଜୀ ବସ୍ ଟର୍ମିନାଲ (ସିଏନବିଟି) ପରିସରରେ ନବ ସ୍ଥାପିତ "ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଦ ଭିଲେଜ୍ ଷ୍ଟୋର" ପରିଦର୍ଶନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଓରମାସ ପକ୍ଷରୁ ସୃଷ୍ଟି କରାଯାଇଥିବା ଏହି ଅଭିନବ ବଜାର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ଏକ ମାଇଲଖୁଣ୍ଟ



ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ପରିଦର୍ଶନ ସମୟରେ ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ ଉପମୁଖ୍ୟମନ୍ତ୍ରୀଙ୍କୁ ଏହି ବଜାରର ପରିକଳ୍ପନା ସମ୍ପର୍କରେ ଅବଗତ କରାଇଥିଲେ। ଏଠାରେ ପ୍ରଦର୍ଶିତ ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ଗୁଣବତ୍ତାକୁ ଶ୍ରୀମତୀ ପରିଡ଼ା ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କଟକ ଗ୍ରାମୀଣ ପ୍ରୋଡ୍ୟୁସର କମ୍ପାନୀର ସେୟାର ହୋଲଡର ସୂର୍ଯ୍ୟକାନ୍ତି ସିଂହଙ୍କ ସହ ଆଲୋଚନା କରି ମହିଳାମାନଙ୍କୁ ସଶକ୍ତ କରିବାରେ ଏଭଳି ପ୍ରୟାସର ଭୂମିକାକୁ ଗୁରୁତ୍ୱ ଦେଇଥିଲେ। ପରିଦର୍ଶନ କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ, ଡିସିପି, କଟକ ମହାନଗର ନିଗମ କମିଶନରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସିଏନବିଟି ଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ଗ୍ରାମୀଣ ବଜାର ସ୍ଥାପନ ହେବା ଫଳରେ ଯାତ୍ରୀମାନେ ଓଡ଼ିଶାର ଖାଣ୍ଟି ଗ୍ରାମୀଣ ପଣ୍ୟର ସୁଯୋଗ ପାଇପାରିବେ।

# ସେଣ୍ଟ ଜାଭିୟର ହାଇସ୍କୁଲରେ ଶ୍ରଦ୍ଧାଞ୍ଜଳି ସଭା

**କଟକ, ୧୩।୪(ସମିସ):** ଭାରତୀୟ ସଙ୍ଗୀତ ଜଗତର କିମ୍ବଦନ୍ତୀ ଗାୟିକା ଆଶା ଭୋସଲେ ଏବଂ ଓଡ଼ିଆ ସଙ୍ଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ କଟକ ମିଶନ ରୋଡ୍ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ମହାନ

**ଆଶା ଭୋସଲେ ଓ ହ୍ୟୁମାନ ସାଗରଙ୍କୁ ମନେ ପକାଇଲେ ଶିକ୍ଷକ ଓ ଛାତ୍ରଛାତ୍ରୀ**




କଳାକାରଙ୍କ ଦେହାନ୍ତ ସଙ୍ଗୀତ ଦୁନିଆରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ସେମାନଙ୍କ ସ୍ମୃତି ଚାରଣ କରାଯାଇଛି। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରୂପା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେଣ୍ଟ ଜାଭିୟର ଏଜୁକେସନାଲ୍ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଭୁ ଚରଣ ମହାନ୍ତି ଏବଂ ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ଯୋଗଦେଇ ଦୁଇ ଦିବଙ୍ଗତ ଶିଳ୍ପୀଙ୍କ ସ୍ମୃତିରେ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ର ନିଜ ଅଭିଭାଷଣରେ କହିଥିଲେ ଯେ, ଏହି ଦୁଇ ଶିଳ୍ପୀ ନିଜ ସ୍ୱର ମାଧ୍ୟମରେ କୋଟି କୋଟି ହୃଦୟକୁ ଜିଣିଥିଲେ ଏବଂ ସେମାନଙ୍କ ଅବଦାନ ସଦା ଅମର ରହିବ। ଏହି ଅବସରରେ ରାଜକୁମାର ଏବଂ ତାଙ୍କ ଦଳ ଶ୍ରଦ୍ଧା ସୁମନ ସ୍ୱରୂପ କଳାକାର ଦ୍ୱୟଙ୍କ କିଛି କାଳଜୟୀ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସେମାନଙ୍କ ଜୀବନୀ ଉପରେ ଆଲୋକପାତ କରିଥିବା ବେଳେ ଛାତ୍ରଛାତ୍ରୀମାନେ ମଧ୍ୟ ଗୀତ ଗାଇ ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ ଏକ ମିନିଟ୍ ମୌନ ପ୍ରାର୍ଥନା କରି ଦିବଙ୍ଗତ ଆତ୍ମାର ଶାନ୍ତି କାମନା କରିଥିଲେ।

## ଭାରତ ଅଲିମ୍ପିଆଡ୍ ଫାଉଣ୍ଡେସନ ପକ୍ଷରୁ ପୁରସ୍କାର ବିତରଣ




**ସେଣ୍ଟ ଜାଭିୟର୍ସର ଛାତ୍ରଛାତ୍ରୀ ସଫଳ**

**କଟକ, ୧୩।୪(ସମିସ):** ଭାରତ ଅଲିମ୍ପିଆଡ ଫାଉଣ୍ଡେସନ ପକ୍ଷରୁ ବାରବାଟୀ ଷ୍ଟାଡିୟମ ସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟରେ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଲିମ୍ପିଆଡ ପରୀକ୍ଷାରେ ବିଦ୍ୟାଳୟର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବହୁ ଛାତ୍ରଛାତ୍ରୀ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ସହ ସାର୍ଟିଫିକେଟ ଓ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷ କରି ଜାତୀୟସ୍ତରରେ ଇଂରାଜୀ, ଗଣିତ ଓ ସାମାଜିକ ବିଜ୍ଞାନରେ ବିଦ୍ୟାଳୟର ୫ ଜଣ ପିଲା ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୭ ଜଣ ରୌପ୍ୟ ଓ ୨୧ ଜଣ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ରାଜ୍ୟସ୍ତରରେ ୪ ଜଣ ସ୍ୱର୍ଣ୍ଣ, ୬ ଜଣ ରୌପ୍ୟ ଓ ୧୨ ଜଣ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ବିଦ୍ୟାଳୟସ୍ତରରେ ମଧ୍ୟ ୩୦ ଜଣ ପଦକ ବିଜେତା ହୋଇଛନ୍ତି। ଦ୍ୱିତୀୟ ଶ୍ରେଣୀର ଛାତ୍ର ବିନସ୍ମା କାନୁନ୍‌ଗୋ ବିଭିନ୍ନ ବର୍ଗରେ ୧୨ଟି ପୁରସ୍କାର ପାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକ ସଫଳ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ଭବିଷ୍ୟତରେ ଆହୁରି ଆଗକୁ ବଢ଼ିବାକୁ ପ୍ରୋତ୍ସାହିତ କରିଥିଲେ। ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ଦିଗରେ ଭାରତ ଅଲିମ୍ପିଆଡ ଫାଉଣ୍ଡେସନର ଏହି ନିରନ୍ତର ପ୍ରୟାସକୁ ଡ. ନାୟକ ଉଚ୍ଚ ପ୍ରଶଂସା କରିଥିଲେ।

# ଗଣପର୍ବରେ ପରିଣତ ହୋଇଛି ବିଷୁବ ମିଳନ

**କଟକ, ୧୩।୪(ସମିସ)**

ଓଡ଼ିଆ ସାହିତ୍ୟ ଓ ସାରସ୍ୱତ ଜଗତକୁ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ସର୍ବଶ୍ରେଷ୍ଠ ଅବଦାନ ହେଉଛି 'ଝଙ୍କାର'। ସାହିତ୍ୟିକଟିଏ ନିଜ ମାଟିରୁ କେବେ ଦୂରେଇ ଯାଏନାହିଁ ଏବଂ 'ଝଙ୍କାର' ହିଁ ସେହି ମାଟିର ମହକ। ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ବିଷୁବ ମଣ୍ଡପରେ ଆୟୋଜିତ ୭୭ତମ ବିଷୁବ ମିଳନ ଅବସରରେ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନୀ ପର୍ବରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପ୍ରଜାତନ୍ତ୍ର ପ୍ରଚାର ସମିତିର ଅଧ୍ୟକ୍ଷ ତଥା 'ଝଙ୍କାର'ର ମୁଖ୍ୟ ସମ୍ପାଦକ ଡ. ଭର୍ତ୍ତୃହରି ମହତାବ କହିଥିଲେ ଯେ, ୧୯୫୦ ମସିହାରୁ ନିରବଚ୍ଛିନ୍ନ ଭାବେ ବିଷୁବ ମିଳନ ଏକ ସାରସ୍ୱତ ଉତ୍ସବ ରୂପେ ପାଳିତ ହୋଇଆସୁଛି। ସେ ସୂଚନା ଦେଇଥିଲେ ଯେ, 'ଝଙ୍କାର' ଏବେ ଅଷ୍ଟମ ଦଶକରେ ପହଞ୍ଚିଛି ଏବଂ ଅଭିଜ୍ଞ ଓ ନବୀନ ସ୍ରଷ୍ଟାଙ୍କ ସମ୍ମିଶ୍ରଣରେ ଏହା ସମୃଦ୍ଧ ହୋଇଛି। ଆଧୁନିକ ଡିଜିଟାଲ ଯୁଗରେ ମଧ୍ୟ ପ୍ରିଣ୍ଟିଂ ତଥା ଛାପା ଯୁଗର ଗୁରୁତ୍ୱ ରହିଛି ଏବଂ ଯୁବ ପାଠକମାନେ ଅଧିକ ସଂଖ୍ୟାରେ ବହି ପଢ଼ିବାକୁ ଆଗ୍ରହ ପ୍ରକାଶ କରିବା ଏକ ଶୁଭ ସଙ୍କେତ ବୋଲି ସେ ମତ ଦେଇଥିଲେ। ଉତ୍ସବକୁ ଉଦ୍‌ଘାଟନ କରି ବିଶିଷ୍ଟ ସାହିତ୍ୟିକା ଡକ୍ଟର ସୁଲୋଚନା ଦାସ କହିଥିଲେ, ବିଷୁବ ମିଳନ ଆଜି ଏକ ଗଣପର୍ବରେ ପରିଣତ ହୋଇଛି। ଡକ୍ଟର ହରେକୃଷ୍ଣ ମହତାବ ଜଣେ ରାଷ୍ଟ୍ରନୀତିଜ୍ଞ ହେବା ସହ ଜଣେ ସଫଳ ସ୍ରଷ୍ଟା ଭାବେ ଓଡ଼ିଆ ସାହିତ୍ୟ ପାଇଁ ଦୀପଶିଖା ଜାଳି ଯାଇଛନ୍ତି। ସମ୍ବେଦନଶୀଳତା ହିଁ ସାହିତ୍ୟର ମୂଳମନ୍ତ୍ର ଏବଂ ପ୍ରେମ ଓ ମାନବିକତା ସ୍ରଷ୍ଟାମାନଙ୍କ ଧ୍ୟେୟ ହେବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କନ୍ନଡ଼ ଔପନ୍ୟାସିକ ବାସୁଧେନ୍ଦ୍ର ଯୋଗଦେଇ କର୍ଣ୍ଣାଟକ ଓ ଓଡ଼ିଶାର ସଂସ୍କୃତି ମଧ୍ୟରେ ଥିବା ସାମଞ୍ଜସ୍ୟ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ବହି ପ୍ରକାଶନ ଶାନ୍ତିର ପ୍ରତିକ। ତେବେ ବର୍ତ୍ତମାନର ଯୁବପିଢ଼ି କ୍ୟାରିୟର ପଛରେ ଗୋଡ଼ାଇ ଭାଷା ଓ ସାହିତ୍ୟଠାରୁ ଦୂରେଇ ଯାଉଥିବା ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ନିର୍ଭରଶୀଳ ହେବା ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏହି ସଭାରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଦାଶରଥି ଦାସ ସଭାପତିତ୍ୱ କରି 'ଝଙ୍କାର' ପତ୍ରିକାକୁ ସାହିତ୍ୟିକମାନଙ୍କର 'ଅନ୍ତୁଡ଼ିଶାଳ' ବୋଲି ଅଭିହିତ କରିଥିଲେ। ଏହି ଅବସରରେ ଉତ୍କଳକେଶରୀଙ୍କ ପ୍ରସିଦ୍ଧ 'ଗାଁ ମଜ୍‌ଲିସ'ର ୧୪ଶ ଖଣ୍ଡ ଏବଂ 'ବିଗ୍‌ନିଂ ଅଫ୍ ଦି ଏଣ୍ଡ' ପୁସ୍ତକ ଲୋକାର୍ପିତ ହୋଇଥିଲା। ପ୍ରଫେସର ଡ. ବାବାଜୀ ଚରଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କଥାକାର ତରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଉତ୍କଳକେଶରୀଙ୍କ ସାରସ୍ୱତ ସାଧନାର ପୀଠ 'ଝଙ୍କାର'**

# ଭିକ୍ଷୁକ ଥଇଥାନ କେନ୍ଦ୍ରରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ଅଭିଯୋଗ








**ଦାୟିତ୍ୱରେ ଥିବା ଏନ୍‌ଜିଓଙ୍କୁ ହଟାଇବା ପାଇଁ ଦାବି**

**ରାଉରକେଲା, ୧୩।୪(ସମିସ)**

ରାଉରକେଲା ସ୍ମାର୍ଟସିଟିକୁ ଭିକାରୀମୁକ୍ତ କରିବା ପାଇଁ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ସେକ୍ଟର - ୮ ଠାରେ 'ବିକାଶ' ଏନଜିଓ ଦ୍ୱାରା ପରିଚାଳିତ ଭିକ୍ଷୁକଙ୍କୁ ଥଇଥାନ ନିମିତ୍ତ ବୟସ୍କ ଭିକ୍ଷୁକ ଥଇଥାନ କେନ୍ଦ୍ର 'ଆଶାର ଆଲୋକ'ରେ ଭିକ୍ଷୁକମାନଙ୍କ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାକୁ ହରିଲୁଟ କରାଯାଉଥିବା ଗୁରୁତର ଅଭିଯୋଗ ହୋଇଛି । ଯାହା ଫଳରେ ଅନ୍ତେବାସୀ ବୟସ୍କ ଭିକ୍ଷୁକମାନେ ଉକ୍ତ କେନ୍ଦ୍ରରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ତୁରନ୍ତ ପରିଚାଳନା ଦାୟିତ୍ୱରେ ଥିବା ଏନଜିଓ ସଂସ୍ଥାକୁ ହଟାଇ ଅନ୍ୟ ସଂସ୍ଥାକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ଶିଶୁ ଆୟୋଗ ଅଧ୍ୟକ୍ଷା କଳ୍ପନା ଲେଙ୍କା ସୁନ୍ଦରଗଡ଼ ଜିଲ୍ଲାପାଳ ଏବଂ ରାଜ୍ୟ ମହିଳା କମିସନ ଅଧ୍ୟକ୍ଷାଙ୍କୁ ଚିଠି ଲେଖି ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ, ଉକ୍ତ ଆଶାର ଆଲୋକ ବୃଦ୍ଧବୃଦ୍ଧା ଭିକ୍ଷୁକ ଥଇଥାନ କେନ୍ଦ୍ରରେ ୫୨ ଜଣ ଅନ୍ତେବାସୀ ରହିଥିବା ବେଳେ କାଗଜପତ୍ରରେ ୧୦୦ରୁ ଅଧିକ ସଂଖ୍ୟା ଦେଖାଯାଉଛି । ସେମାନଙ୍କ ଥଇଥାନ, ଖାଇବା, ପିଇବା ପୋଷାକ ପରିଚ୍ଛଦ ଆଦି ପାଇଁ ଆସୁଥିବା ସରକାରୀ ଅନୁଦାନକୁ ସମ୍ପୂର୍ଣ୍ଣ ଭାବେ ଚଲୁ କରାଯାଉଥିବାରୁ ବୟସର ଅପରାହ୍ନରେ ଭିକ୍ଷୁକମାନେ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ କାଳାତିପାତ କରୁଛନ୍ତି । ଜୀବନ ଶେଷ ସମୟରେ 'ଆଶାର ଆଲୋକ' ସେମାନଙ୍କୁ ଆଲୋକ ଦେବା ପରିବର୍ତ୍ତେ ଦାୟିତ୍ୱରେ ଥିବା ଏନଜିଓ 'ବିକାଶ' ସେମାନଙ୍କୁ ଅନ୍ଧକାର ଭିତରକୁ ଠେଲିଦେଇଥିବା ଦେଖିବାକୁ ମିଳିଛି । ବରଂ ଅନ୍ୟ ଏକ ସ୍ୱେଚ୍ଛାସେବୀ ସଂସ୍ଥା ସେମାନଙ୍କ ପାଇଁ ଏକ ନୂତନ ଆଶାର ଆଲୋକ ସାଜି ଦିନକୁ ଦୁଇ ବେଳା ଖାଦ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଛି । ଏନେଇ ରାଜ୍ୟ ଶିଶୁ ଆୟୋଗ ଅଧ୍ୟକ୍ଷା କଳ୍ପନା ଲେଙ୍କା ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ଏହି ଭିକ୍ଷୁକ ଥଇଥାନ କେନ୍ଦ୍ର ଆଶାର ଆଲୋକ କେନ୍ଦ୍ରରେ ୫୨ ବୃଦ୍ଧବୃଦ୍ଧା ରହୁଛନ୍ତି । ଅନ୍ତେବାସୀମାନେ ଅତ୍ୟନ୍ତ ଦୟନୀୟ ତଥା ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହୁଛନ୍ତି । ସେମାନଙ୍କୁ ଦିନକୁ ଦୁଇ ମୁଠା ଠିକ୍ ଭାବେ ଖାଇବାକୁ ମିଳୁନି । ଯାହା ଦିଆଯାଉଛି ଅତ୍ୟନ୍ତ ନିମ୍ନମାନର ଖାଦ୍ୟ ଦିଆଯାଉଛି । ଶୌଚାଳୟ ବ୍ୟବହାର ଉପଯୋଗୀ ହେଉନି । ପରିମଳ ବ୍ୟବସ୍ଥା ପ୍ରତି ପରିଚାଳନା ଦାୟିତ୍ୱରେ ଥିବା ଠିକାସଂସ୍ଥା ଆଦୌ ଧ୍ୟାନ ଦେଉନାହାନ୍ତି । ଯଦି କୌଣସି ଅନ୍ତେବାସୀ କେନ୍ଦ୍ର ଅବ୍ୟବସ୍ଥା ସମ୍ପର୍କରେ ଅନ୍ୟମାନଙ୍କୁ କିଛି କହୁଛନ୍ତି, ସେମାନଙ୍କୁ ଧମକଚମକ ଦିଆଯାଉଛି । ସରକାର ମାସକୁ ଅନ୍ୟୁନ ୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ହେଁ ତାହା କୁଆଡେ ଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଗତ ଫେବୃଆରୀ ମାସରେ ସେ କେନ୍ଦ୍ର ପରିଦର୍ଶନ କରିଥିଲେ । ବିଏସ୍‌ଏସ୍‌ଓ ଉପସ୍ଥିତିରେ ଅଧିକାଂଶ ଅନ୍ତେବାସୀ ତାଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ଅଭିଯୋଗ କରିଥିଲେ । ବୃଦ୍ଧବୃଦ୍ଧାଙ୍କ ଏଭଳି ଅଭିଯୋଗ ସମ୍ପର୍କରେ ସେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କୁ ମଧ୍ୟ ଜଣାଇବା ସହ ପରିଚାଳନା ଦାୟିତ୍ୱରେ ଥିବା ଠିକାସଂସ୍ଥାକୁ କାର୍ଯ୍ୟରୁ ନିବୃତ୍ତ କରିବାକୁ କହିଥିଲେ । ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଦସ୍ୟ ରଣଧୀର ଲେଙ୍କା କହିଛନ୍ତି ଯେ, ରୋଷେଇ ଘର ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ରହିଥିବା ବେଳେ ବସ୍ତା ବସ୍ତା ପୋକରା ଚାଉଳ ପଡ଼ିରହିଛି । ଅତ୍ୟନ୍ତ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ କରାଯାଇ ଅନ୍ତେବାସୀଙ୍କୁ ପରିବେଷଣ କରାଯାଉଛି । ଏପରିକି ସେମାନେ ଦେଇଥିବା ଏକ ବଡ ଇଟିଲ ଛାଞ୍ଚ ଏପର୍ଯ୍ୟନ୍ତ ବ୍ୟବହାର ନ ହୋଇ ନୂଆ ଭାବେ ପଡ଼ିରହିଛି । ପୁନଶ୍ଚ ଟେଣ୍ଡର କରି ଉକ୍ତ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି । ଏନେଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମିତାଲୀ ରାଣା କହିଛନ୍ତି, ନୂଆ ସଂସ୍ଥାର ସମୟ ଅବଧି ସରିଯାଇଛି । ନୂଆ ଠିକା ସଂସ୍ଥାକୁ ପରିଚାଳନା ଦେବାକୁ ନିଷ୍ପତ୍ତି ନିଆଯାଇଛି । ତେବେ ଜିଲ୍ଲା ପ୍ରଶାସନ ଏହି ଘଟଣା ସମ୍ପର୍କରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଟ୍ରାକ୍ଟର ଧକ୍କାରେ ମହିଳା ଗୁରୁତର; ୨ ବାଇକ୍ ଚୁରମାର୍

**ବଣାଇଁ, ୧୩।୪(ସମିସ):** ବଣାଇଁରେ ସୋମବାର ଟ୍ରାକ୍ଟର ଧକ୍କାରେ ଜଣେ ମହିଳା ଗୁରୁତର ହୋଇଥିବା ବେଳେ ୨ଟି ବାଇକ୍ ଚୁରମାର୍ ହୋଇଯାଇଛି । ଓଡି ୧୪ଏଫ ୫୨୧୦ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ବଣାଇଁ ବଜାର ଛକ ନିକଟରେ ଥିବା ଏକ ସୁନା ଦୋକାନ ସମ୍ମୁଖକୁ ନିୟନ୍ତ୍ରଣ ହରାଇ ପଶିଯାଇଥିଲା । ଫଳରେ ସେଠାରେ ଥିବା ଦୁଇଟି ବାଇକ ଟ୍ରାକ୍ଟର ଚକା ତଳେ ପଡ଼ି ଭାଙ୍ଗି ଚୁରମାର୍ ହୋଇଯାଇଥିଲା । ଏଥିସହ ସେହି ସ୍ଥାନରେ ସୋମବାର ସାପ୍ତାହିକ ହାଟ କରି ରାସ୍ତା ପାର ହେବାକୁ ଠିଆ ହୋଇଥିବା ଦଲକି ଗ୍ରାମର ଜଣେ ମହିଳା ସୁଶୀଳା ହେମ୍ବ୍ରମ(୪୫) ଟ୍ରାକ୍ଟର ଧକ୍କାରେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଚାଳକଙ୍କୁ ଅଟକ ରଖି ପଚାରାଉଚରା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

**ମାତିଛନ୍ତି ସିନ୍ଧି ଚୋର**

## ୨ ଦିନରେ ଲକ୍ଷାଧିକ ଟଙ୍କାର ଚୋରି

**ରାଉରକେଲା, ୧୩।୪(ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ରଘୁନାଥପାଲି ଥାନା ଅଞ୍ଚଳରେ ମାତିଛନ୍ତି ସିନ୍ଧି ଚୋର । ବିଳମ୍ବିତ ରାତିର ସୁଯୋଗ ନେଇ କରୁଛନ୍ତି ଲୁଟ୍ । ରଘୁନାଥପାଲି ଥାନା ଅଞ୍ଚଳରେ ୨ ଦିନରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରମାନେ ଚୋରି କରି ଦେଇଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ ଗତ ୧୦ ତାରିଖ ବିଳମ୍ବିତ ରାତିରେ ବାଲୁଘାଟଠାରେ ଥିବା ମୋବାଇଲ ଭିଲା ନାମକ ମୋବାଇଲ ମରାମତି ଓ ଆସେସୋରିଜ୍ ଦୋକାନର ଆଜବେଷ୍ଟ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଥିଲେ । ସକାଳେ ଦୋକାନ ଖୋଲିବା ପରେ ମାଲିକ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ । ୯ଟି ମୋବାଇଲ ସମେତ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ଉକ୍ତ ଚୋରିର କିଛି ଘଣ୍ଟା ମଧ୍ୟରେ ୧୧ ତାରିଖ ବିଳମ୍ବିତ ରାତିରେ ପାନପୋଷ ଛକ ନିକଟ ମାର୍କେଟରେ ଥିବା ସନ୍ତୋଷ ସାହୁଙ୍କ ଭେରାଇଟି ଦୋକାନର ଆଜବେଷ୍ଟ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରି ଫେରାର ହୋଇଯାଇଛନ୍ତି । ପ୍ରାୟ ୪୫ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ବେଳେ ଉକ୍ତ ଦୋକାନରୁ ପୂର୍ବରୁ ମଧ୍ୟ ସମାନ ଢ଼ଙ୍ଗରେ ଚୋରି ହୋଇଥିବା ଦୋକାନ ମାଲିକ ଅଭିଯୋଗ କରିଛନ୍ତି । ଉକ୍ତ ମାର୍କେଟର ଅନ୍ୟ କିଛି ଦୋକାନରେ ମଧ୍ୟ ଦୁର୍ବୃତ୍ତମାନେ ଚୋରି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଅପରପକ୍ଷେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପୁଲିସ ପାଟ୍ରୋଲିଂ ଉପରେ ଏବେ ପ୍ରଶ୍ନ ଉଠିଛି ।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଲହୁଣୀପଡ଼ା, ୧୩।୪(ସମିସ):** ଲହୁଣୀପଡ଼ା ଥାନା ଅନ୍ତର୍ଗତ ଜାଙ୍ଗଲା ଗ୍ରାମରେ ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତକ ଜଣକ ସୁନା ମୁଣ୍ଡା (୪୨)ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ମୁତାବକ, ଆଜି ମଧ୍ୟାହ୍ନ ୧ଟା ବେଳେ ସୁନା ମୁଣ୍ଡା କାମରୁ ଘରକୁ ଫେରି ଅସୁସ୍ଥତା ଅନୁଭବ କରିଥିଲେ । ସେ ସଂଜ୍ଞାହୀନ ହୋଇଯାଇଥିଲେ । ସ୍ତ୍ରୀ ପାଖପଡୋଶୀଙ୍କ ସହାୟତାରେ ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି ।

## ବିସ୍ରାରେ ଅଭିଯୋଗ ଶୁଣାଣି

**ରାଉରକେଲା, ୧୩।୪(ସମିସ):** ଆଜି ବିସ୍ରା ବ୍ଲକର ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ରାଉରକେଲା ଏସପି ନିତେଶ ୱାଧୱାନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୨୭ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିମଧ୍ୟରୁ ୧୦ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୧୪ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଏଥି ମଧ୍ୟରୁ ୩ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା । ଏଥି ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ବ୍ରିଜ ନିର୍ମାଣ, ଆବାସ ସମସ୍ୟା, ରାସନ୍ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଉପଜିଲ୍ଲାପାଳ ପାନପୋଷ ବିଜୟ କୁମାର ନାୟକ, ପିଏ ଆଇଟିଡିଏ ବିକ୍ରାନ୍ତି କିସପଟ୍ଟାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ

**ରାଉରକେଲା, ୧୩।୪(ସମିସ):** ଓଡ଼ିଆ ପକ୍ଷ ପାଳନର ୧୩ତମ ଦିବସରେ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଆମ ପାରମ୍ପରିକ ଖାଦ୍ୟ କେବଳ ଯେ ସ୍ୱାଦ ଦୃଷ୍ଟିରୁ ଉନ୍ନତ ତାହା ନୁହେଁ ବରଂ ସ୍ୱାସ୍ଥ୍ୟ ଓ ଶରୀର ମଧ୍ୟ ଲାଭ ଦାୟକ ବୋଲି କହିଥିଲେ । ଆମ ହାଣ୍ଡିଶାଳରୁ ହଜି ଯାଉଥିବା ପାରମ୍ପରିକ ପିଠା, ପଣାକୁ ଆଜିର ପିଢ଼ି ମଧ୍ୟରେ ପୁନଃ ଆଦୃତ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ଅତିଥି ଓ ଅଂଶଗ୍ରହଣକାରୀମାନେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଭିନ୍ନ ପ୍ରକାରର ଓଡ଼ିଆ ଖାଦ୍ୟ ବ୍ୟଞ୍ଜନ, ପିଠାପଣା ଆଦିର ମଜା ନେଇଥିଲେ । ବିଭିନ୍ନ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ ନେଇ ପ୍ରତିଯୋଗିତାମାନ ମଧ୍ୟ ଅନୁଷ୍ଠିତ ହୋଇଥିଲା ।



## ଆର୍‌ଏସ୍‌ପିରେ ଗଣଯୋଗାଯୋଗ କାର୍ଯ୍ୟକ୍ରମ




**ରାଉରକେଲା, ୧୩।୪(ସମିସ):** ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ଅଡିଟୋରିୟମ ପରିସରରେ ଆଜି ୮୭୬ ତମ ଗଣଯୋଗାଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆରଏସପିର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ଯୋଗଦେଇ ସମ୍ପ୍ରତି ସମୟର ଦୁଇଟି ଆହ୍ୱାନ ରହିଛି । ଗୋଟିଏ ମୂଲ୍ୟ ଅନୁକୂଳନ ସୁନିଶ୍ଚିତ କରିବା ଏବଂ ଅନ୍ୟଟି ଭବିଷ୍ୟତରେ ଆମର କ୍ୟାପେକ୍ସ ଯୋଜନାରେ ପରିକଳ୍ପିତ ୯.୮ ମେଟ୍ରିକ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ହାସଲ କରିବା । ପରିବର୍ତ୍ତିତ ଇସ୍ପାତ ବଜାର ଏବଂ ବର୍ତ୍ତମାନର ଭୂ-ରାଜନୈତିକ ଗତିଶୀଳତାରେ ପ୍ରତ୍ୟେକ କାର୍ଯ୍ୟକଳାପରେ ଖର୍ଚ୍ଚ ହ୍ରାସ କରିବା ହେଉଛି ଆମ ବଞ୍ଚିବାର ଚାବିକାଠି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଓଜିଏମ, ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଆର ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଏବଂ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ ପାଲଚୌଧୁରୀ ମଞ୍ଚରେ ଉପସ୍ଥିତ ଥିଲେ । ଏହି ଅଧିବେଶନରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ୍ ଓ ଇନଚାର୍ଜ ଡକ୍ଟର ଜେକେ ଆଚାର୍ଯ୍ୟଙ୍କ ସମେତ କାରଖାନାର ବହୁ ସିଜିଏମ୍ ଏବଂ ଏଚ୍‌ଓଡିଙ୍କ ତଥା ଖଣି ସମେତ ଆରଏସପିର ବିଭିନ୍ନ ବିଭାଗର ପ୍ରାୟ ୫୦୦ ଜଣ କର୍ମଚାରୀ ଯୋଗ ଦେଇଥିଲେ । ଶ୍ରୀ ପଲାଇ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରତ୍ୟେକ କର୍ମଚାରୀଙ୍କୁ ସପ୍ ଗୁଡିକରେ ନିଜର ଏବଂ ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ । ଶ୍ରୀ ପାଲଚୌଧୁରୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏବଂ ବିଭିନ୍ନ କର୍ପୋରେଟ୍ ଏଏମଆର ଏବଂ ସିଏମ ପ୍ରକଳ୍ପର ସ୍ଥିତି ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ । ଏଥିରେ ବିଭିନ୍ନ ବିଭାଗ ଏବଂ ପଦର କର୍ମଚାରୀମାନେ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ, ସୁରକ୍ଷା, ଜ୍ଞାନ ବୃଦ୍ଧି, ସ୍ୱାସ୍ଥ୍ୟ ଏବଂ ଟାଉନସିପ୍ ସୁବିଧା ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଆଲୋଚନା ସମୟରେ ଦିଆଯାଇଥିବା ପରାମର୍ଶର ଗୁଣବତ୍ତା ଦେଖି ଖୁସି ହୋଇ ଡିଆଇସି ତିନି ଜଣ କର୍ମଚାରୀଙ୍କୁ 'ଶ୍ରେଷ୍ଠ ପ୍ରସ୍ତାବ ଦାତା' ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ସି ପି-୨ ବିଭାଗରୁ ସୂର୍ଯ୍ୟକାନ୍ତ ମହାପାତ୍ର, ଏସଏସଏମ ବିଭାଗରୁ ଏମ୍ ଦଳବେହେରା ଏବଂ କାଲଟା ଲୁହା ଖଣିରୁ ସିବିଏନ ରଥ ଥିଲେ । ଏହି ଅବସରରେ ଗତ ଆର୍ଥିକ ବର୍ଷରେ ବିଭିନ୍ନ ପ୍ରୟାସ, ଲକ୍ଷ୍ୟ, ସଫଳତା ଏବଂ ସୁରକ୍ଷା ପଦକ୍ଷେପ ସହିତ ଚଳିତ ଆର୍ଥିକ ବର୍ଷ ପାଇଁ ଲକ୍ଷ୍ୟ ଏବଂ ଆଭିମୁଖ୍ୟରେ ଆରଏସପିର ପ୍ରଦର୍ଶନ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହାପରେ ଫୋରମରେ ପୂର୍ବରୁ ଦିଆଯାଇଥିବା ପରାମର୍ଶର ସ୍ଥିତି ଉପରେ ଆଲୋକପାତ କରି ଆଉ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଏଚଆର ଏଲଏଣ୍ଡଡି ବିଭାଗର ପ୍ରଶାସକ ସହଯୋଗୀ ସତ୍ୟବତୀ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

**ଡକାୟତି ଯୋଜନା ପଣ୍ଡ**

## ୪ ଗିରଫ; ବନ୍ଧୁକ, ଗୁଳି ଓ ମାରଣାସ୍ତ୍ର ଜବତ



**ରାଉରକେଲା, ୧୩।୪(ସମିସ):** ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳରେ ହାଇୱେରେ ଡକାୟତି କରିବାକୁ ଯୋଜନା ଚାଲିଥିଲା ବେଳେ ପୁଲିସର ସମୟୋଚିତ ପଦକ୍ଷେପ ଯୋଗୁଁ ଏହି ଡକାୟତି ଯୋଜନା ପଣ୍ଡ ହୋଇଥିଲା । ପୁଲିସ ଘଟଣା ସ୍ଥଳରୁ ୪ ଜଣ ଡକାୟତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବନ୍ଧୁକ, ଜୀବନ୍ତ ଗୁଳି ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି । ରବିବାର ବିଳମ୍ବିତ ରାତିରେ ସୁନ୍ଦରଗଡ଼ ସଦର ଥାନା ପୋଲିସ ଧରିଛି ଏହି ଗ୍ୟାଙ୍ଗ ସଦସ୍ୟଙ୍କୁ । ସଦରଥାନା ଅନ୍ତର୍ଗତ କୁମବାହାଲ ଛକ ନିକଟ ବିଜୁ ଏକ୍ସପ୍ରେସ ୱେ ରାସ୍ତା କଡ଼ରେ ଏକ ନିଛାଟିଆ ସ୍ଥାନରେ ୪ ଜଣ ଯୁବକ ଡକାୟତି ଯୋଜନା କରୁଥିବା ଖବରପାଇ ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦର ପୁଲିସ ପୁଲିସ ଚଢ଼଼ଉ କରି ଘଟଣା ସ୍ଥଳରୁ ୪ ଜଣ ଡକାୟତଙ୍କୁ ଗିରଫ କରିଥିଲା । ଗିରଫ ୪ ଜଣ ହେଲେ ଝପଙ୍ଗ ଗାଁର ଏକାନ୍ତ ନାଏକ, ଭେଜାବାହାଲ ଗାଁର ରୋହନ ପଟେଲ, କରମଡିହ ଗାଁର ଅଙ୍କିତ ବେହେରା ଏବଂ ରିଅନ ନାଏକ । ଚଢ଼଼ଉ ବେଳେ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ୍, ୨ ଟି ଜୀବନ୍ତ ଗୁଳି, ଗୋଟିଏ ବୁଲେଟ୍ ମଟର ସାଇକେଲ, ଗୋଟିଏ ଇଭି ସ୍କୁଟର ସହିତ ୨ଟି ଛୁରୀ, ଗୋଟିଏ ଲୁହା ରଡ଼, ୧ଟି ଲାଠି, ୨ ପ୍ୟାକେଟ ଲଙ୍କା ଗୁଣ୍ଡ, ୬ଟି ମୁଖା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ । ସେମାନଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେମାନେ ଡକାୟତି ଯୋଜନା କରୁଥିବା ସ୍ୱୀକାର କରିଥିବା ପୁଲିସ କହିଛି । ଆଜି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । କିଛି ଦିନ ପୂର୍ବରୁ ସଦର ଥାନା ନବରଙ୍ଗପୁର ଏବଂ କରମଡିହି ଅଞ୍ଚଳରେ ହୋଇଥିବା ଡକାୟତି ଘଟଣାରେ ଏମାନଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି । ଏ ବାବଦରେ ଅଧିକ ତଦନ୍ତ ଜାରି ରହିଛି ।

**ସିପିଆଇଏମ୍ ପକ୍ଷରୁ ପ୍ରଚାରପତ୍ର ବଣ୍ଟନ**

## ରନ୍ଧନ ଗ୍ୟାସ୍ ସଂକଟର ସମାଧାନ ଦାବି

**ରାଉରକେଲା, ୧୩।୪(ସମିସ):** ସିପିଆଇଏମ୍ ଓଡ଼ିଶା ରାଜ୍ୟ କମିଟି ଆହ୍ୱାନରେ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଜନସାଧାରଣଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ, ଯୁଦ୍ଧ ଯୋଗୁଁ ଦେଶରେ ରନ୍ଧନ ଗ୍ୟାସ ଓ ତୈଳ ସଂକଟର ସମାଧାନ କେନ୍ଦ୍ର ସରକାର କରିବା ଆଦି ଜନଗଣଙ୍କ ଜନଜୀବନର ଦାବି ନେଇ ଶକ୍ତିନଗର, ବାସନ୍ତୀ କଲୋନୀ, ସେକ୍ଟର ୧୬, ୧୭, ୧୮ ଅଞ୍ଚଳରେ ପ୍ରଚାର ଅଭିଯାନ, ସଭା ଓ ପ୍ରଚାର ପତ୍ର ବଣ୍ଟନ କରାଯାଇଛି । ସମ୍ପାଦକ ରାଜକିଶୋର ପ୍ରଧାନ, ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ବସନ୍ତ ପାଢ଼ୀ ପ୍ରମୁଖ ଦୀର୍ଘ ଦିନ ଲାଗି ରହିଥିବା ଯୁଦ୍ଧ ଯୋଗୁଁ ଆମ ଦେଶରେ ରନ୍ଧନ ଗ୍ୟାସ ଓ ତୈଳ ସଙ୍କଟ ଅଣାୟତ୍ତ ହେଉଥିବା ବେଳେ ଛୋଟ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କ ଉପରେ ଚଡ଼କ ପଡ଼ିଛି । ସରକାରକୁ ଆସିଲା ପରେ ବିଜେପି ଓଡ଼ିଶାର ଲୋକମାନଙ୍କୁ ପ୍ରତାରିତ କରିଛି । ଏହି ଅପାରଗ ସରକାର ବିରୋଧରେ ଜନସାଧାରଣଙ୍କୁ ସଚେତନ କରିବା ସହ ଆଗାମୀ ଦିନରେ ଜନଆନ୍ଦୋଳନ ସଂଗଠିତ କରିବାକୁ ବକ୍ତାମାନେ ଆହ୍ୱାନ କରିଥିଲେ ।

## ରାଉରକେଲା ଶ୍ରମିକ ସଂଘର ମହିଳା ସମାବେଶ




**ରାଉରକେଲା, ୧୩।୪(ସମିସ):** ରାଉରକେଲା ଶ୍ରମିକ ସଂଘ କାର୍ଯ୍ୟାଳୟ ପରିସରରେ ରାଉରକେଲା ଇସ୍ପାତ କାରଖାନାର ମହିଳା କର୍ମଚାରୀଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦିକା ପଦ୍ମାଳୟା ଧରଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ସଂଘ କର୍ମକର୍ତ୍ତାଙ୍କ ସହଯୋଗରେ ଶତାଧିକ ମହିଳା କର୍ମଚାରୀ ସମାବେଶରେ ଉପସ୍ଥିତ ଥିଲେ । ଏହି ଅବସରରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ଉପସାଧାରଣ ସମ୍ପାଦକ ଚକ୍ରଧର ପ୍ରଧାନ, ବରିଷ୍ଠ ଉପସଭାପତି ଆର୍‌କେ ପଣ୍ଡା, ଅକ୍ଷୟ ଜେନା, ନିହାର ରଞ୍ଜନ ଦାସ, ସୁରେଶ ପାଣିଗ୍ରାହୀ, ଚମାରୀ ଓରାମ, ସେବତୀ ବିଲୁଙ୍ଗ, ନିଳୀମା ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ସାଧାରଣ ସମ୍ପାଦକ ଶ୍ରୀ ବେହେରା ରାଉରକେଲା ଇସ୍ପାତ କାରଖାନାର ମହିଳା କର୍ମଚାରୀଙ୍କ ପାଇଁ ଶ୍ରମିକ ସଂଘର ଅବଦାନ ଅତୁଳନୀୟ ବୋଲି କହିଥିଲେ । ପ୍ରଥମେ ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କୁ ସୁଯୋଗ ଦିଆଯାଉନଥିଲା । କିନ୍ତୁ ରାଉରକେଲା ଶ୍ରମିକ ସଂଘର ନିରବଚ୍ଛିନ୍ନ ଲଢ଼େଇ ଫଳରେ ମହିଳାମାନଙ୍କୁ ସୁଯୋଗ ମିଳିଲା ଯାହାକି ଆଜି ଦୁଇଶହରୁ ଉର୍ଦ୍ଧ୍ୱ ମହିଳା ଏହି ଅନୁକମ୍ପାମୂଳକ ନିଯୁକ୍ତି ପାଇ ବର୍ତ୍ତମାନ କାର୍ଯ୍ୟରତ ବୋଲି କହିଥିଲେ । ଏଥିସହିତ ମହିଳାମାନଙ୍କ ପାଇଁ ଅନେକ ପଦକ୍ଷେପ ରାଉରକେଲା ଶ୍ରମିକ ସଂଘ ହାତକୁ ନେଇ ସଫଳ ହୋଇଛି । ସଂଘ ସବୁବେଳେ ମହିଳାମାନଙ୍କୁ ଅଗ୍ରାଧିକାର ଦେଇଥାଏ । କେନ୍ଦ୍ର ସରକାରଙ୍କ ନୂତନ ଲେବର କୋଡ୍ ଅନୁଯାୟୀ ମହିଳାମାନଙ୍କୁ କାରଖାନା ମଧ୍ୟରେ ରାତ୍ରି ଡ୍ୟୁଟି କରିବେ ବୋଲି ନିୟମ ଥିଲେ ବି ରାଉରକେଲା ଶ୍ରମିକ ସଂଘ ଏହା କରିବାକୁ ଦେବନି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସମ୍ପାଦିକା ଶ୍ରୀମତୀ ଧର ମହିଳା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ତାହାର ସମାଧାନ ପାଇଁ ସାଧାରଣ ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସାଧାରଣ ସମ୍ପାଦକ ଏହାକୁ ଗ୍ରହଣ କରିଥିଲେ । ଏହି ଅବସରରେ ଟିଏମ୍ ମଧୁସୂଦନ, କେସି ଆଚାର୍ଯ୍ୟ, ଭାଗ୍ୟଧର ପରିଡ଼ା, ରମାକାନ୍ତ ପରିଡ଼ା, ପ୍ରଫୁଲ୍ଲ ଦାସ, ତୁଷାର ସାହୁ, ସମର ମଣ୍ଡଳ, ଅନୀଲ ମଲ୍ଲିକ, ଅଖିଳ ପୃଷ୍ଟି, ଭରତ ଦାସ, ବ୍ରଜ ନାୟକ, ଦୁର୍ଗା ଜେନା, ନିଗମାନନ୍ଦ ପରିଡ଼ା, କେଶବ ପ୍ରଧାନ ସରୋଜ ଦାସ, ମନମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଆର୍‌ଏସ୍‌ପି ପକ୍ଷରୁ 'ମେଲ୍-ମିଲାପ୍' ଇଣ୍ଟରଫେସ୍ କାର୍ଯ୍ୟକ୍ରମ

**ରାଉରକେଲା, ୧୩।୪(ସମିସ)**




ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସଆର ବିଭାଗ ଦ୍ୱାରା ବିସ୍ରା ବ୍ଲକ ଭାଲୁଲତା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଇଣ୍ଟରଫେସ୍ କାର୍ଯ୍ୟକ୍ରମ 'ମେଲ୍ ମିଲାପ୍' ଆୟୋଜନ କରାଯାଇଥିଲା । ଏଥିରେ ସିଏସଆର ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ୍ ମିତ୍ରା, ଭାଲୁଲତା ଗ୍ରାମ ପଞ୍ଚାୟତ ସରପଞ୍ଚ ବିଚା ମିଞ୍ଜ୍ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ସିଏସଆର ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ, ଡିଜିଏମ୍ ପି. ସାହୁ, ବ୍ଲକସ୍ତରୀୟ ଫେଡେରେସନ୍ ବିସ୍ରା ବ୍ଲକ ସଭାପତି ବରଦାନୀ ଟପ୍ପୋ, କମିଟି ସଦସ୍ୟା ସୁନିତା ମିଞ୍ଜଙ୍କ ସମେତ ସିଏସଆର ବିଭାଗର ଅନ୍ୟ କର୍ମଚାରୀ ଏବଂ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି), ସମ୍ପ୍ରଦାୟ ସମ୍ବଳ ବ୍ୟକ୍ତି, ବ୍ଲକସ୍ତରୀୟ ଫେଡେରେସନ୍ ଏବଂ ବିସ୍ରା ବ୍ଲକ ଅଧୀନରେ ଆସୁଥିବା ଗ୍ରାମ ପଞ୍ଚାୟତର ପିଆରଆଇ ସଦସ୍ୟମାନେ ଏକତ୍ରିତ ହୋଇଥିଲେ । ଏହି ଅବସରରେ ମୁନମୁନ ମିତ୍ରା, ସମ୍ପ୍ରଦାୟ ଗୋଷ୍ଠୀ ସହଭାଗୀତାରେ ସିଏସଆର ପଦକ୍ଷେପ କାର୍ଯ୍ୟକାରୀ କରିବା ସହିତ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ବିକାଶ ସୁନିଶ୍ଚିତ କରିବା ପାଇଁ ସରକାରୀ ପ୍ରକଳ୍ପଗୁଡ଼ିକୁ ଉପଯୋଗ କରିବା ଉପରେ ଆରଏସପିର ଲକ୍ଷ୍ୟକୁ ଦୋହରାଇ ଥିଲେ । ଏଥିରେ ସରପଞ୍ଚ ଆରଏସପିର ସିଏସଆର ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିବା ସହିତ ଉକ୍ତ ଅଞ୍ଚଳରେ ପ୍ରଚଳିତ ବିକାଶମୂଳକ କାର୍ଯ୍ୟକଳାପ ବିଷୟରେ ମୂଲ୍ୟାଙ୍କନ କରିଥିଲେ । ଏହି ପରିପ୍ରେକ୍ଷୀରେ ବରଦାନୀ ଟପ୍ପୋ, ବିଭିନ୍ନ ସମ୍ପ୍ରଦାୟ କେନ୍ଦ୍ରିକ ଜୀବିକା ପ୍ରକଳ୍ପ ଏବଂ ସରକାରଙ୍କ ଗ୍ରାମୀଣ ବିକାଶ ପଦକ୍ଷେପ ସହିତ ସମନ୍ୱୟର ଲାଭ ବିଷୟରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ । ଏଥିରେ ଅଂଶଗ୍ରହଣକାରୀମାନେ ପୂର୍ବରୁ କରାଯାଇଥିବା ବିକାଶମୂଳକ କାର୍ଯ୍ୟ ଉପରେ ସେମାନଙ୍କର ମତାମତ ବାଣ୍ଟିବା ସହିତ ଆଗାମୀ ସିଏସଆର ପ୍ରକଳ୍ପ ପାଇଁ ପ୍ରାଥମିକତା କ୍ଷେତ୍ରଗୁଡ଼ିକ ଉପରେ ମଧ୍ୟ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀ ମଲ୍ଲିକ ସମାବେଶକୁ ସ୍ୱାଗତ କରିବା ସହିତ ସିଏସଆର କାର୍ଯ୍ୟକଳାପର ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ । ପରିଶେଷରେ ପି. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସିଏସଆର ବିଭାଗର ସେକ୍ସନ ଅଫିସର ବି. ଏକ୍କା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।





■ ବେକରେ ଛୁରି ଲଗାଇ ଅପହରଣ କରି ଗୃହବନ୍ଦୀ

# ନାବାଳିକାକୁ ୨୦ ଦିନ ଧରି ଦୁଷ୍କର୍ମ

ଭୁବନେଶ୍ୱର, ୧୩।୪ (ସମିସ): ରାଜଧାନୀରେ ପୁଣି ନାରୀ ସୁରକ୍ଷାର ଧଜିଆ ଉଡ଼ିଛି। ମାତ୍ର ୧୪ ବର୍ଷୀୟା ନାବାଳିକାର ବେକରେ ଛୁରି ଲଗାଇ ଅପହରଣ ହୋଇଛି। କେବଳ ଅପହରଣ କରିନାହିଁ, ଗୃହବନ୍ଦୀ କରି ରଖି ଦୁଷ୍କର୍ମ କରିଛି। ୨୦ ଦିନ ଧରି ଦୁଷ୍କର୍ମର ଶିକାର ହେବାପରେ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଛି ଧଉଳି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାମନ୍ତରାପୁରରେ ରହୁଥିବା ନୟାଗଡ଼ ଗଣିଆ ଥାନା ଜଗନ୍ନାଥ ପ୍ରସାଦର ବିମଳ କୁମାର ବେହେରା (୨୫)।



ପୁଲିସ ସୂଚନା ମୁତାବକ, ୧୪ ବର୍ଷୀୟା ନାବାଳିକା ଜଣକ ବାପାମାଆଙ୍କ ସହ ଧଉଳି ଥାନା ଅଞ୍ଚଳରେ ରହୁଛନ୍ତି। କିଛିଦିନ ପୂର୍ବରୁ ନିକଟରେ ରହୁଥିବା ଡ୍ରାଇଭର ବିମଳ ନାବାଳିକାକୁ ପ୍ରେମ ନିବେଦନ କରିଥିଲା। ଘଟଣା ସମ୍ପର୍କରେ ବାପାମାଆ ଜାଣିବା ପରେ ବିମଳ ଓ ନାବାଳିକାକୁ ତାଗିଦ କରିଥିଲେ। ଘଟଣା ପରେ ବିମଳ ସେଠାରୁ ଆସି ସାମନ୍ତରାପୁରରେ ରହିଥିଲେ ମଧ୍ୟ ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲା। ଗତମାସ ୨୪ ତାରିଖ ଦିନ ବାପାମାଆ କୌଣସି କାମରେ ବାହାରକୁ ଯାଇଥିବା ବେଳେ ନାବାଳିକା ଏକାକୀ ଘରେ ଥିଲେ। ଏହାର ସୁଯୋଗ ନେଇ ବିମଳ ତାଙ୍କ ଘରେ ପଶିଥିଲା। ଏକାକୀ ଥିବା ଦେଖି ନାବାଳିକାକୁ ମାରପିଟ୍ କରିବା ସହ ବେକରେ ଛୁରି ଲଗାଇ ଅପହରଣ କରି ନେଇଥିଲା।

**କାନପୁରରୁ ଉଦ୍ଧାର; ଅଭିଯୁକ୍ତ ଗିରଫ**

ଏନେଇ ନାବାଳିକାର ମାଆ ଧଉଳି ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା

ସେଠାରୁ ଦଶପଲ୍ଲା, ଗଣିଆ ଓ ପରେ କଟକରେ ନେଇ ରଖିଥିଲା। ସବୁ ସ୍ଥାନରେ ନାବାଳିକାକୁ ଗୃହ ବନ୍ଦୀ କରି ରଖିବା ସହ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ବିରୋଧ କରୁଥିଲେ ମଧ୍ୟ ବିମଳ ତାଙ୍କ ଇଚ୍ଛା ବିରୋଧରେ ବାରମ୍ବାର ଦୁଷ୍କର୍ମ କରିଥିଲା। ଏଥିସହିତ ଏ ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରେ ମାରିଦେବେ ବୋଲି ଧମକ ଦେଉଥିଲା। ପୁଲିସ ସିଡିଆର୍ ମଗାଇଥିଲେ ମଧ୍ୟ କୌଣସି ସୁରାକ ପାଇନଥିଲା। ନାବାଳିକା ଜଣକ କଟକ ଜିଲ୍ଲା କାନପୁର ଥାନା ଅଞ୍ଚଳରେ ଥିବା ଗତକାଲି ଧଉଳି ଥାନା ପୁଲିସ ଖବର ପାଇଥିଲା। ସ୍ଥାନୀୟ ପୁଲିସ ସହାୟତାରେ ପାଇକ ବାରବାଟୀରେ ଚଢ଼ଉ କରିଥିଲା। ସେଠାରୁ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବିମଳକୁ ଗିରଫ କରିଥିଲା। ବୟାନ ରେକର୍ଡ ବେଳେ, ୨୦ ଦିନ ଧରି ହୋଇଥିବା ଅତ୍ୟାଚାର ସମ୍ପର୍କରେ ନାବାଳିକା ଜଣକ ବଖାଣିଥିଲେ। ଏହାପରେ ପୁଲିସ ନାବାଳିକା ଓ ଅଭିଯୁକ୍ତର ଡାକ୍ତରୀମାଇନା କରିଥିଲା। ପ୍ରାଥମିକ ତଦନ୍ତ ପରେ ବିମଳକୁ କୋର୍ଟ ଚାଲାଣ କରିଛି।

■ ବାରଙ୍ଗ ଅଞ୍ଚଳରେ ଚାଞ୍ଚଲ୍ୟ

## କେନାଲ କୂଳରୁ ମହିଳାଙ୍କ ଅଧାପୋଡ଼ା କଙ୍କାଳ ଜବତ

**ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମର ତଦନ୍ତ**

ତ୍ରିଶୂଳିଆ, ୧୩।୪(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ଷଣ୍ଡପୁର ଗ୍ରାମ ନିକଟସ୍ଥ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତା କଡ଼ରୁ ଏକ ମଣିଷ କଙ୍କାଳ ଜବତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଚାଞ୍ଚଲ୍ୟ ଖେଳିଯାଇଛି। ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ କିଛି ସ୍ଥାନୀୟ ଯୁବକ ଶୌଚ ପାଇଁ ଯାଇଥିବା ବେଳେ କେନାଲ କୂଳରେ ଏକ ଧଳା ଜରି ଅଖା ପଡ଼ିଥିବା ଦେଖିଥିଲେ। ଅଖା ଭିତରେ ଏକ ମଣିଷ କଙ୍କାଳ ଅଧାପୋଡ଼ା ଅବସ୍ଥାରେ ରହିଥିବା ଜଣାପଡ଼ିବା ପରେ ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇ ବାରଙ୍ଗ ଥାନା ଓ ଗୋଡ଼ିସାହି ଫାଣ୍ଡି ପୁଲିସ୍ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି କଙ୍କାଳକୁ ଜବତ କରିଛି। ତଦନ୍ତ ସମୟରେ ଅଖା ଭିତରୁ କିଛି ମହିଳା ଅନ୍ତବସ୍ତ୍ର ମିଳିଥିବାରୁ, ଏହି କଙ୍କାଳଟି ଜଣେ ମହିଳାଙ୍କର ବୋଲି ପୁଲିସ ପ୍ରାଥମିକ ଭାବେ ସନ୍ଦେହ କରୁଛି। ହତ୍ୟା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଶବକୁ ପୋଡ଼ି ଦିଆଯାଇ ଅଖାରେ ଭର୍ତ୍ତି କରି ଏଠାରେ ଫିଙ୍ଗା ଯାଇଥିବା ଅନୁମାନ କରାଯାଉଛି। ପୁଲିସ ଏନେଇ କେସ୍ ନମ୍ବର ୧୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି କଙ୍କାଳକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବାରଙ୍ଗ ଅଞ୍ଚଳରେ ଅପରାଧୀମାନେ ନିର୍ଭୟରେ ଏଭଳି କାଣ୍ଡ ଘଟାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କଙ୍କାଳଟି କେଉଁଠାରୁ ଆସିଲା ଏବଂ ମୃତ ମହିଳାଙ୍କ ପରିଚୟ କ'ଣ, ସେ ନେଇ ପୁଲିସ ଖୋଳତାଳ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

## ତୁଳସୀ ଜୈନ, ତପନ ମିଶ୍ର ଓ ଅରୁନ୍ଧତୀ ଦେବୀ ପାଇବେ 'ଜାନକୀବଲ୍ଲଭ ସ୍ମାରକୀ ସମ୍ମାନ'





କଟକ, ୧୩।୪(ସମିସ): ଜାନକୀବଲ୍ଲଭ ସ୍ମାରକୀ ପ୍ରତିଷ୍ଠାନ ପକ୍ଷରୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଜାନକୀବଲ୍ଲଭ ସ୍ମାରକୀ ସମ୍ମାନ' ଘୋଷଣା କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଏକାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ସାହିତ୍ୟ, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର ତିନିଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଭୂୟାଁଙ୍କ ସୂଚନା ଅନୁଯାୟୀ, ବଲାଙ୍ଗୀରର ବିଶିଷ୍ଟ ସାହିତ୍ୟିକ ତୁଳସୀ ଜୈନଙ୍କୁ 'ଜାନକୀବଲ୍ଲଭ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ସେହିପରି ଦୈନିକ 'ସମାଜ'ର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ତପନ କୁମାର ମିଶ୍ରଙ୍କୁ 'ଜାନକୀବଲ୍ଲଭ ସାମ୍ବାଦିକ ସମ୍ମାନ' ଏବଂ ଶୋଭନୀୟ ଆନ୍ଦୋଳନର ବିଶିଷ୍ଟ କର୍ମୀ ଡ. ଅରୁନ୍ଧତୀ ଦେବୀଙ୍କୁ 'ଜାନକୀବଲ୍ଲଭ ସେବା ସମ୍ମାନ' ପାଇଁ ମନୋନୀତ କରାଯାଇଛି। ଆସନ୍ତା ୨୧ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଛକ ସ୍ଥିତ ସାରଳା ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ।

## କ୍ୟାପିଟାଲ ହସ୍ପିଟାଲରେ ଏସ୍‌ସିବି ସୁରକ୍ଷାକର୍ମୀଙ୍କ ଅସ୍ତ୍ରୋପଚାର

ଭୁବନେଶ୍ୱର, ୧୩।୧୨(ସମିସ): ଏସ୍‌ସିବି ମେଡିକାଲ କଲେଜ ସର୍ଜରୀ ବିଭାଗରେ କାମ କରୁଥିବା ସୁରକ୍ଷାକର୍ମୀ ରୋଗୀ ସରୋଜ କୁମାର ବେହେରା(୨୪)ଙ୍କ କ୍ୟାପିଟାଲ ହସ୍ପିଟାଲରେ ସୋମବାର ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ୍ ଷ୍ଟ୍ରୋମାଲ ଟ୍ୟୁମରର ଅସ୍ତ୍ରୋପଚାର କରାଯାଇଛି। କ୍ୟାପିଟାଲ ହସ୍ପିଟାଲ ସୂଚନା ମୁତାବକ, ସରୋଜଙ୍କ ଚିକିତ୍ସା ପାଇଁ ପିଜିଆଇଏମ୍‌ଇଆର୍ ଏବଂ କ୍ୟାପିଟାଲ ହସ୍ପିଟାଲକୁ ଆସିଥିଲେ। ସେ ସାଧାରଣ ସର୍ଜରୀ ପାଇଁ ଅନିଚ୍ଛା ପ୍ରକାଶ କରିବାରୁ ତାଙ୍କୁ ଲାପୋସ୍କୋପିକ୍ ସର୍ଜରୀ କରିବାକୁ ପରାମର୍ଶ ଦିଆଯାଇଥିଲେ। ଡା. ଶ୍ରୀକାନ୍ତ ପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଅସ୍ତ୍ରୋପ୍ରଚାରରେ ଡା. ପ୍ରିୟମ୍ବଦ ସାହୁ ଏବଂ ଆନାସ୍ଥେସିଓଲୋଜିଷ୍ଟ ଡା. ଡିଭି ରବିକୁମାର ଏବଂ ଡା. ଶ୍ରୀରାମ ଦାସଙ୍କ ସହ ଅସ୍ତ୍ରୋପଚାର ଦଳରେ ସାମିଲ ଥିଲେ। ପ୍ରଫେସର ଏବଂ ଏଚ୍‌ଓଡି ସର୍ଜରୀ ଡା. ସୁଶୀଳ ପଟ୍ଟନାୟକ ଏବଂ ପ୍ରଫେସର ନିବେଦିତା ପାଣି ଏବଂ ଡା. ପବିତ୍ର ତ୍ରିପାଠିଙ୍କ ତତ୍ତ୍ୱାବଧାନରେ ଏହି ଅସ୍ତ୍ରୋପଚାର ସମ୍ପାଦିତ ହୋଇଥିଲା।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପୁସ୍ତକ ଉନ୍ମୋଚନ

ଭୁବନେଶ୍ୱର, ୧୩।୪(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ଅବସରରେ ପୁସ୍ତକ ଉନ୍ମୋଚନ ଓ ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ୟାସକବି ଫକୀରମୋହନଙ୍କ ପୁତ୍ର ମୋହିନୀମୋହନ ସେନାପତିଙ୍କ ପ୍ରବନ୍ଧ ସଂକଳନ 'ବିବିଧ ପ୍ରସଙ୍ଗ'ର ନୂତନ ସଂସ୍କରଣ, ପ୍ରଫେସର ମଣୀନ୍ଦ୍ର କୁମାର ବେହେରଙ୍କ 'ମୁକ୍ତିକାମୀ ମୋହିନୀ ମୋହନ' ଓ ଫକୀରମୋହନଙ୍କ ଜାୟାଦ ଡ.ମୋନିକ ଦାସଙ୍କ ଇଂରାଜୀ ପୁସ୍ତକ 'ଇଣ୍ଡିଆନ କଲ୍ଟ ଅଫ୍ ବିଉଟି' ଆଦି ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଡ. ମିହିର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, କବି ରକ୍ଷକ ନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟରେ ପ୍ରବନ୍ଧର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

**ଆଜାଦନଗର ବୋମା ବିସ୍ଫୋରଣ ମାମଲା**

## ଦିଲ୍ଲୀରୁ ଆର୍‌ଡିଏକ୍ସରେ ବ୍ୟବହୃତ ଉପାଦାନ ଆଣୁଥିଲା ମଫି

ଭୁବନେଶ୍ୱର, ୧୩।୪ (ସମିସ): ଏୟାରଫିଲ୍ଡ ଥାନା ଆଜାଦନଗର ବୋମା ବିସ୍ଫୋରଣ ମାମଲାରେ ସେହନୱାଜ୍ ମଲ୍ଲିକ ଓରଫ୍ ମଫିର ବାନ୍ଧବୀ ଓ ସହଯୋଗୀ ଅମୀୟ ମଲ୍ଲିକକୁ ଏନ୍‌ଆଇଏ ମାରାଥନ୍ ଜେରା କରିଛି। ଜେରା ବେଳେ ଦୁହିଁଙ୍କୁ ବିସ୍ଫୋରଣ ସମ୍ପର୍କରେ ଗୁଡ଼େଇତୁଡ଼େଇ ପ୍ରଶ୍ନ କରିଛି। ସେମାନଙ୍କ ଚାଞ୍ଚଲ୍ୟକର ବୟାନ ଏନ୍‌ଆଇଏ ଅଧିକାରୀଙ୍କ ହୋସ୍ ଉଡ଼ାଇ ଦେଇଛି। ସେମାନେ ରାଜଧାନୀ ଭୁବନେଶ୍ୱର ଓ ଜଟଣୀରେ ହେବାକୁ ଥିବା ଏକ ସଭାରେ ବିସ୍ଫୋରଣ କରିବାକୁ ଯୋଜନା କରୁଥିଲେ। ସେଥିପାଇଁ ବୋମା ଭିଡୁଥିଲେ ବୋଲି ଦୁହେଁ ଏନ୍‌ଆଇଏ ସାମ୍ନାରେ ସ୍ୱୀକାର କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

**■ ବାନ୍ଧବୀ ଓ ସହଯୋଗୀକୁ ଏନ୍‌ଆଇଏର ମାରାଥନ ଜେରା**
**■ ଭୁବନେଶ୍ୱର ଓ ଜଟଣୀ ସଭାରେ ବୋମା ବିସ୍ଫୋରଣ କରିଥା'ନ୍ତେ**

ଏନ୍‌ଆଇଏର ତଦନ୍ତ ଯେତେ ଆଗକୁ ବଢୁଛି, ନୂଆନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ବିସ୍ଫୋରଣର ମାଷ୍ଟରମାଇଣ୍ଡ ମଫି ବାରମ୍ବାର ଦିଲ୍ଲୀ ଯାଉଥିଲା। ସେଠାରେ ଦେଶବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଏକ ଗ୍ୟାଙ୍ଗ ସହ ମଫି ଲିଙ୍କ୍‌ରେ ରହିଥିଲା। ଉକ୍ତ ଗ୍ୟାଙ୍ଗ୍ ବୋମା ସାମଗ୍ରୀ ଯୋଗାଉଥିଲା। ସେଠାରୁ ହିଁ ମଫି ଆର୍‌ଡିଏକ୍ସରେ ବ୍ୟବହୃତ ଉପାଦାନ ସଂଗ୍ରହ କରି ଓଡ଼ିଶାକୁ ଆଣିଥାଇପାରେ ବୋଲି ଏନ୍‌ଆଇଏ ଅନୁମାନ କରୁଛି। ତେବେ ସେ ଦିଲ୍ଲୀ ଯାଇ କାହା ସହ ମିଶୁଥିଲା ଏବଂ କେତେ ଆର୍‌ଡିଏକ୍ସରେ ବ୍ୟବହୃତ ଉପାଦାନ ଭୁବନେଶ୍ୱର ଆଣିଥିଲା, ସେ ସଂପର୍କରେ ଏନ୍‌ଆଇଏ ଅଧିକ ଖୋଳତାଡ଼ କରୁଛି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୭ ତାରିଖ ଅପରାହ୍ଣରେ ଆଜାଦନଗର ଅଞ୍ଚଳରେ ଭୟଙ୍କର ବୋମା ବିସ୍ଫୋରଣ ହୋଇଥିଲା। ମଫି ଓ ତା'ର ସହଯୋଗୀମାନେ ଛାତ ଉପରେ ବୋମା ଭିଡୁଥିବା ବେଳେ ଦୁର୍ଘଟଣା ଯୋଗୁଁ ଏଭଳି ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ମଫି ସହ ୪ଜଣ ଗୁରୁତର ଆହତ ହୋଇଥିଲେ। ମଫି ଓ ତା' ମା'ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପୁଲିସ ଏବଂ ଏନ୍‌ଆଇଏ ତଦନ୍ତ ବେଳେ ଘଟଣାସ୍ଥଳରୁ ଆରଡିଏକ୍ସରେ ବ୍ୟବହୃତ ସାମଗ୍ରୀର ନମୁନା ବିସ୍ଫୋରଣସ୍ଥଳରୁ ମିଳିଥିଲା। ଫରେନ୍ସିକ୍ ରିପୋର୍ଟ ଆସିବା ପରେ ଏନ୍‌ଆଇଏ ତଦନ୍ତଭାର ହାତକୁ ନେଇଥିଲା।

## ଲାଲବାଗ ଥାନା ସ୍ଥାନାନ୍ତର ବନ୍ଦ କର

**ମଧୁସେତୁ ସଂଯୋଗୀକରଣ ରାସ୍ତା ଖୋଲିବାକୁ ନାଗରିକ ସମାବେଶରେ ଦାବି**



କଟକ, ୧୩।୪(ସମିସ): ମଧୁସେତୁ, ନେତାଜୀ ସେତୁ ଓ ନରାଜ ସେତୁର ସଂଯୋଗକାରୀ ମୁଖ୍ୟ ରାସ୍ତାକୁ ବନ୍ଦ କରିଦିଆଯିବା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ବ୍ରିଟିଶ ଅମଳର ଲାଲବାଗ ଥାନାକୁ ସ୍ଥାନାନ୍ତର କରାଯାଉଛି। ମଧୁ ସେତୁ ସଂଯୋଗ ରାସ୍ତା ଖୋଲିବା ଓ ଲାଲବାଗ ଥାନା ସ୍ଥାନାନ୍ତର ନ କରିବା ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ନାଗରିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଧାରଣାରେ ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ଖଗେଶ୍ୱର ସେଠୀ, ସୁକାନ୍ତ ନାୟକ, କ୍ଷୀରୋଦ ମହାପାତ୍ର, ଡଲି ଦାଶ, ବିଶ୍ୱଜିତ ଘୋଷ, କାଶିନାଥ ସ୍ୱାଇଁ, ପ୍ରସନ୍ନ ମହାପାତ୍ର, ଅରବିନ୍ଦ ମଲ୍ଲିକ, ଅକ୍ଷୟ ରାଉଳ, ବେଣୁଧର ମହାରଣା, ନୀରୋଦ ମହାପାତ୍ର, ବିଭୂତି ଭୂଷଣ ବେହେରା, ପ୍ରିୟବ୍ରତ ଦେବତା, ରୁଦ୍ରଶିଷ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମଧୁସେତୁ ଓ ନେତାଜୀ ସେତୁ ତଥା ନରାଜ ସେତୁର ସଂଯୋଗକାରି ମୁଖ୍ୟ ପ୍ରଶସ୍ତ ରାସ୍ତାକୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ବନ୍ଦ କରି ଦିଆଯାଇଛି। ଉଲ୍ଲେଖନୀୟ ଯେ ସେ ରାସ୍ତା ସଂଯୋଗ ରାସ୍ତା ହେବା ପାଇଁ ହିଁ ନିର୍ମିତ ହୋଇଥିଲା ଓ ସମସ୍ତ ଯାତ୍ରୀବାହୀ ବସ ସେ ବାଟ ଦେଇ ଯାତାୟାତ କରୁଥିଲା। କେବଳ କଟକ ନୁହେଁ ସାରା ରାଜ୍ୟର ଲୋକେ ଅଭାବନୀୟ ଅସୁବିଧା ଭୋଗୁଛନ୍ତି। ଦ୍ୱିତୀୟ ଘଟଣାଟି କଟକର ଲାଲବାଗ ଥାନା ଏକ ଐତିହାସିକ ଥାନା। ଏହା ଏକ ସାଙ୍ଗରେ ହାଇକୋର୍ଟ, ଶିଶୁଭବନ, ତହସିଲ ଅଫିସ, ବଡ଼ ପୋଷ୍ଟ ଅଫିସ, ନେତାଜୀଙ୍କ ରେଭେନ୍ସା କଲିଜିଏଟ ସ୍କୁଲ, ଜିଲ୍ଲାପାଳ ଅଫିସ, ପରିବହନ ଅଫିସ, ରାଜସ୍ୱ ପର୍ଷଦରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ ଅଫିସକୁ ସୁରକ୍ଷା ପ୍ରଦାନ କରୁଛି। ଏହାକୁ ଅନିଶ୍ଚିତ ଅବାସ୍ତବ ସ୍ଥାନକୁ ସ୍ଥାନାନ୍ତର କରିବା ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି କରିଛି। ମଧୁସେତୁ କାଠଯୋଡି ସଲଗ୍ନ ପ୍ରଶସ୍ତ ରାସ୍ତାର ଅବରୋଧ ହଟାଇ ତଥା ଲାଲବାଗ ଥାନାକୁ ତାର ପୂର୍ବସ୍ଥାନକୁ ଆଣି ଜନସ୍ୱାର୍ଥ ସୁରକ୍ଷିତ କରିବାକୁ ଦାବି କରାଯାଇଛି। ଧାରଣାରତ ନାଗରିକମାନେ ଏକ ସ୍ମାରକପତ୍ରରେ ରାଜ୍ୟପାଳଙ୍କୁ କଟକ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ।

● ରେଳ ଯାତ୍ରୀଙ୍କ ଠାରୁ ମୋବାଇଲ୍ ଲୁଟ

## ଅନ୍ତଃରାଜ୍ୟ ଲୁଟେରା ଗିରଫ, ୪ ମୋବାଇଲ ଜବତ

କଟକ, ୧୩।୪(ସମିସ): କଟକ ରେଳ ଷ୍ଟେସନରେ ଯାତ୍ରୀଙ୍କ ସାମଗ୍ରୀ ଚୋରି କରୁଥିବା ଜଣେ ଅନ୍ତଃରାଜ୍ୟ ଲୁଟେରାକୁ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲା ସୁତି ଥାନା ଅନ୍ତର୍ଗତ ମହେନ୍ଦ୍ରପୁର କାଳିତୋଲା ଗ୍ରାମର କୌଶର ଶେଖ (୨୪)। ତାଙ୍କ ନିକଟରୁ ପ୍ରାୟ ୪୦ ହଜାର ଟଙ୍କା ମୂଲ୍ୟର ୪ଟି ଚୋରା ମୋବାଇଲ୍ ଫୋନ୍ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଗତ ୧୩ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୪୫ ମିନିଟ୍ ସମୟରେ କଟକ ଆରପିଏଫ ପୋଷ୍ଟର ଅଧିକାରୀ ଓ କର୍ମଚାରୀମାନେ ଷ୍ଟେସନ ପରିସରରେ ଏକ ସ୍ୱତନ୍ତ୍ର ଡ୍ରାଇଭ୍ କରୁଥିଲେ। ଏହି ସମୟରେ ପ୍ଲାଟଫର୍ମ ନମ୍ବର ୪ରେ ପାଟନା-ପୁରୀ ସ୍ପେଶାଲ ଏକ୍ସପ୍ରେସ୍ (୦୮୪୪୦) ପହଞ୍ଚିବା ପୂର୍ବରୁ ଏକ ଚଳନ୍ତା ଟ୍ରେନର ଜେନେରାଲ କୋଚ୍‌ରୁ ଜଣେ ଯୁବକ ସନ୍ଦେହଜନକ ଭାବେ ଓହ୍ଲାଇ ଅପର ପାର୍ଶ୍ୱକୁ ଦ୍ରୁତ ଗତିରେ ଯାଉଥିଲେ। ଆରପିଏଫ ଟିମ୍ ତୁରନ୍ତ ତାଙ୍କୁ ଗୋଡ଼ାଇ କାବୁ କରିବା ସହ ପଚରାଉଚରା କରିଥିଲେ। ତଲାସି ସମୟରେ ତାଙ୍କ ପାଖରୁ ଓପୋ, ଭିଭୋ, ରିଅଲମି ଭଳି ୩ଟି ଦାମୀ ସ୍ମାର୍ଟଫୋନ୍ ଏବଂ ଗୋଟିଏ କି-ପ୍ୟାଡ୍ ମୋବାଇଲ୍ ମିଳିଥିଲା। ଯୁବକ ଜଣକ ମୋବାଇଲ୍ ମାଲିକାନା ସମ୍ପର୍କିତ କୌଣସି ବୈଧ କାଗଜପତ୍ର କିମ୍ବା ଟ୍ରେନ୍ ଟିକେଟ୍ ଦେଖାଇପାରି ନ ଥିଲେ। ପରେ ପଚରାଉଚରା ପରେ ସେ ନିଜର ଦୋଷ ସ୍ୱୀକାର କରିଥିଲେ। ଅଭିଯୁକ୍ତ ଜଣକ ନିଶାଗ୍ରସ୍ତ ହୋଇଥିବାରୁ ନିଜର ଡ୍ରଗ୍ସ ଆବଶ୍ୟକତା ପୂରଣ କରିବା ପାଇଁ ଚଳନ୍ତା ଟ୍ରେନରୁ ଯାତ୍ରୀଙ୍କ ମୋବାଇଲ୍ ଚୋରି କରୁଥିବା ପ୍ରକାଶ କରିଛନ୍ତି। ଜବତ ସାମଗ୍ରୀ ସହ ଅଭିଯୁକ୍ତଙ୍କୁ କଟକ ଜିଆରପିକୁ ହସ୍ତାନ୍ତର କରାଯାଇଛି। ଏନେଇ ବିଏନଏସର ଧାରା ୩୦୫(ମ) ଅନୁଯାୟୀ କେସ ନମ୍ବର ୮୬/୨୦୨୬ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୩।୪(ସମିସ): କଳିଙ୍ଗ ନଗର ବରିଷ୍ଠ ନାଗରିକ ମଞ୍ଚର ୭ମ ବାର୍ଷିକ ଉତ୍ସବ ବୃନ୍ଦାବନ ବସ୍ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଇଂ ସୀତାଂଶୁ ଭୂଷଣ ଷଡ଼ଙ୍ଗୀ ବେଦପାଠ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସୂଚନା କମିଶନର ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଦାଶ ବେନ୍‌ହୁର ଯୋଗ ଦେଇଥିଲେ। ମଞ୍ଚର ମୁଖପତ୍ର 'ସାୟାହ୍ନ'ର ତୃତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ବରିଷ୍ଠ ସଦସ୍ୟ ବଂଶୀଧର ସିଂ, ସାହିତ୍ୟିକ ତଥା ପୂର୍ବତନ ପ୍ରଶାସକ ସହଦେବ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ସମ୍ପାଦକ ଗିରିଜା ପ୍ରସାଦ ମହାପାତ୍ର, ପ୍ରାଧ୍ୟାପକ ଦାଶରଥି ସାହୁ, ପ୍ରଶାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୋଷାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ରଥଙ୍କ ଦାୟିତ୍ୱ ଗ୍ରହଣ

# ଡାଉନ୍‌ଲୋଡ୍ ହେଉନି ସିଜିଏଲ୍ ଆଡମିଟ୍ କାର୍ଡ

**■ ଆସୁନି ଓଟିପି, ଆଡମିଟ୍ କାର୍ଡରେ ଭୁଲ୍ ଫଟୋ**

**■ ଓଏସ୍‌ଏସ୍‌ସି କାର୍ଯ୍ୟାଳୟକୁ ଦୌଡୁଛନ୍ତି ଚାକିରି ଆଶାୟୀ**

ଭୁବନେଶ୍ୱର, ୧୩।୪(ସମିସ): ଆସନ୍ତା ୧୯ ତାରିଖରେ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରିଚାଳିତ ସିଜିଏଲ୍ ପରୀକ୍ଷା ଅନୁଷ୍ଠିତ ହେବ। ମାତ୍ର ଏଥିପାଇଁ ଆଡମିଟ୍ କାର୍ଡ ଡାଉନଲୋଡ୍ ହେଉ ନ ଥିବାରୁ ଆଶାୟୀମାନେ ଚିନ୍ତାରେ ପଡ଼ିଛନ୍ତି। ଏକାଧିକ ବୈଷୟିକ ତ୍ରୁଟି ପାଇଁ ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ ନ ହେବା ଏବଂ ଓଏସ୍‌ଏସ୍‌ସି ଦେଇଥିବା ସହାୟତା ନମ୍ବରରେ କେହି ଫୋନ୍ ନ ଉଠାଉ ଥିବାରୁ ବହୁ ଆଶାୟୀ କାର୍ଯ୍ୟାଳୟକୁ ଯାଉଛନ୍ତି। ପରୀକ୍ଷା ପାଇଁ ପାଠ ପଢ଼ିବା ବଦଳରେ ଅଫିସ୍ ଦୌଡୁଥିବାରୁ ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ସିଜିଏଲ୍ ପରୀକ୍ଷା ପାଇଁ ଗତ ୧୦ ତାରିଖରେ ଆଡ୍‌ମିଟ୍ କାର୍ଡ ପ୍ରକାଶ ପାଇଛି। ବହୁ ଛାତ୍ରଛାତ୍ରୀ ଲଗ୍‌ଇନ୍ କରିବା ସମୟରେ ସେମାନଙ୍କ ପଞ୍ଜିକୃତ ମୋବାଇଲ୍ ନମ୍ବର ଓ ମେଲ୍ ଆଇଡିକୁ ଇନ୍‌ଭାଲିଡ୍ କହୁଛି। ସେହିପରି ଆଉ କିଛି ଆବେଦନକାରୀଙ୍କ ପାଖକୁ ଓଟିପି ଯାଉନାହିଁ। ଫଳରେ ସେମାନେ ନିଜର ପ୍ରୋଫାଇଲ୍ ଖୋଲିପାରୁ ନାହାନ୍ତି। ଏପରି ଶହଶହ ଆଶାୟୀ ଆଜି ଓଏସ୍‌ଏସ୍‌ସି କାର୍ଯ୍ୟାଳୟରେ ପହଞ୍ଚି ବୈଷୟିକ ସହାୟତା ଲୋଡ଼ିଛନ୍ତି। ଅନୁରୂପ ଭାବେ କିଛି ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ପ୍ରକାଶ ପାଇଥିଲେ ମଧ୍ୟ ଫଟୋ ରହିନାହିଁ। କିଛି ପିଲାଙ୍କ ଫଟୋ ସ୍ଥାନରେ ସାର୍ଟିଫିକେଟ୍ ରହିଥିବାବେଳେ ଅନେକଙ୍କ ଫଟୋ ମୂଳରୁ ନାହିଁ। ହାତରେ ଦରଖାସ୍ତ ଧରି କାର୍ଯ୍ୟାଳୟକୁ ଆସୁଥିବା ପ୍ରାର୍ଥୀମାନେ ଓଏସ୍‌ଏସ୍‌ସି ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଶ୍ୱଜିତ ଦ୍ୱିବେଦୀ ନାମକ ଜଣେ ପରୀକ୍ଷାର୍ଥୀ କହିଛନ୍ତି ଯେ ପରୀକ୍ଷା ପାଇଁ ପଢ଼ିବା ସମୟରେ ସେମାନେ ଏଣେତେଣେ ଦୌଡୁଛନ୍ତି। ଅଧିକାରୀଙ୍କ ଭୁଲ୍ ପାଇଁ ପରୀକ୍ଷାର୍ଥୀମାନେ ଗତ ଶୁକ୍ରବାର ଠାରୁ ମାନସିକ ନିର୍ଯ୍ୟାତନା ପାଉଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଏହି ସମସ୍ୟା ସମାଧାନ ଲାଗି ଓଏସ୍‌ଏସ୍‌ସି ପକ୍ଷରୁ ଜାରି କରାଯାଇଥିବା ସହାୟତା ନମ୍ବରରେ କେହି ଫୋନ୍ ଉଠାଉ ନାହାନ୍ତି। ମେଲ୍ କଲେ ମଧ୍ୟ କୌଣସି ପ୍ରତି ଉତ୍ତର ରଖୁ ନାହାନ୍ତି। ଦୀର୍ଘ ଦିନରୁ ଅଧିକାରୀମାନେ ଏପରି ମାନସିକତା ଆପଣାଇଛନ୍ତି। ଫଳରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆଶାୟୀମାନେ କାର୍ଯ୍ୟାଳୟ ଦୌଡ଼ିବାକୁ ବାଧ୍ୟ ହୋଇଛନ୍ତି। ରାଜ୍ୟରେ ଗତ ଦେଢ଼ ବର୍ଷ ହେଲା ନିଯୁକ୍ତି ପରୀକ୍ଷାରେ ବ୍ୟାପକ ବିଭ୍ରାଟ, ଚାକିରି ବିକ୍ରି, ପ୍ରଶ୍ନପତ୍ର ଲିକ୍ ପାଇଁ ପରୀକ୍ଷାର୍ଥୀମାନେ ମାନସିକ ଚିନ୍ତାଗ୍ରସ୍ତ ଅଛନ୍ତି। ଏହି ନୂଆ ସମସ୍ୟା ପୁଣି ଏକ ଭୟର ବାତାବରଣ ସୃଷ୍ଟି କରିଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଓଏସ୍‌ଏସ୍‌ସି ପକ୍ଷରୁ କୁହାଯାଇଛି ଯେ, ଯେଉଁ ପ୍ରାର୍ଥୀଙ୍କ ମୋବାଇଲ୍ ନମ୍ବର ଓ ମେଲ୍ ଆଇଡି ଇନ୍‌ଭାଲିଡ୍ ଦେଖାଉଛି ସେମାନେ ରେଜିଷ୍ଟ୍ରେସନ୍ ନମ୍ବର ଦେଇ ଲଗ୍‌ଇନ୍ କରନ୍ତୁ। ପରବର୍ତ୍ତୀ ସମୟରେ ମୋବାଇଲ୍ ନମ୍ବର ଓ ମେଲ୍ ଆଇଡ୍‌କୁ ସଚଳ କରିଦିଆଯିବ। ସେହିପରି ଯେଉଁ ପ୍ରାର୍ଥୀଙ୍କ ଆଡମିଟ୍ କାର୍ଡରେ ଭୁଲ୍ ଫଟୋ ରହିଛି, ସେମାନେ ପରୀକ୍ଷା ଦେବାରେ କୌଣସି ସମସ୍ୟା ରହିବ ନାହିଁ। ପରୀକ୍ଷା କେନ୍ଦ୍ରରେ ସେମାନଙ୍କୁ ପ୍ରବେଶ ଅନୁମତି ମିଳିବ ବୋଲି ଆଶ୍ୱାସନା ଦେଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଫେରାଇ ଦେଉଛନ୍ତି।



## ଜିଲ୍ଲା ମହୋତ୍ସବ ପାଇଁ ଜ୍ୟୋତିଯାତ୍ରା

# ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚିଲା ମଶାଲ





ଅନୁଗୋଳ/ପାଲଲହଡ଼ା,୧୩।୪(ସମିସ): ଆସନ୍ତା ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଜିଲ୍ଲା ମହୋତ୍ସବ ଆୟୋଜନ ହେବାକୁ ଥିବା ବେଳେ ରବିବାର ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ସଂସ୍କୃତି ପରିଷଦର ପୌରୋହିତ୍ୟରେ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା ବାହାରିଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଥିବା ପ୍ରସିଦ୍ଧ ଦେବଦେବୀ ପୀଠ ଯଥା, ଅନୁଗୋଳ ବ୍ଲକ ଟିକରପଡ଼ା, ଛେଣ୍ଡିପଦା ପାତ୍ରପଡ଼ାର ମା' ବାୟାଣୀପୀଠ, ଆଠମଲ୍ଲିକର ଦେଉଳଝରି, ପାଲଲହଡ଼ାର ଖୁଲୁଡ଼ି ପୀଠରୁ ମଶାଲଗୁଡ଼ିକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବାହାରି ଜିଲ୍ଲାର ସମସ୍ତ ପ୍ରମୁଖ ଅଞ୍ଚଳ ତଥା ଗ୍ରାମ ପରିକ୍ରମା କରିଥିଲା। ଟିକରପଡ଼ାସ୍ଥିତ ନୀଳକଣ୍ଠେଶ୍ୱର ଶିବ ମନ୍ଦିରରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ, ପାଲଲହଡ଼ା ଖୁଲୁଡ଼ି ପୀଠରୁ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ପାଲଲହଡ଼ା ବିଡିଓ ନିଶାନ୍ ମିଶ୍ର, ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଲକ୍ଷ୍ମୀ ମହାନ୍ତ, ଉପଖଣ୍ଡ ଆଥଲେଟିକ୍ ଆସୋସିଏସନର ଉପାଧ୍ୟକ୍ଷ ଅଭୟ କୁମାର ନାୟକ, ହର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧି, ଆଠମଲ୍ଲିକ ଦେଉଳଝରି ପୀଠରୁ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ସଞ୍ଜୀବ କୁମାର ସାହୁ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା ଓ ଏନ୍ଏସି ଅଧ୍ୟକ୍ଷା ଆଶା କୁମାରୀ, ଛେଣ୍ଡିପଦା ପାତ୍ରପଡ଼ାର ମା' ବାୟାଣୀ ପୀଠରୁ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଛେଣ୍ଡିପଦା ବିଡିଓ ଅରବିନ୍ଦ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧିଙ୍କ ଉପସ୍ଥିତିରେ ମଶାଲ ବାହାରି ତାଳଚେରସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଏକଠି ହୋଇଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ସମେତ ବରିଷ୍ଠ ଅଧିକାରୀ, ଜନପ୍ରତିନିଧି ପ୍ରମୁଖ ମା' ହିଙ୍ଗୁଳାଙ୍କ ପୀଠରେ ମଶାଲଗୁଡ଼ିକୁ ସ୍ୱାଗତ କରିଥିଲେ। ମଶାଲ ଶୋଭାଯାତ୍ରାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଞ୍ଚାୟତିରାଜ ଆଦି ବିଭାଗର ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିଲା। ସରକାରଙ୍କ ଦ୍ୱାରା ଜନସାଧାରଣଙ୍କ ନିମନ୍ତେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନାଗୁଡ଼ିକ ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ମଶାଲ ଶୋଭାଯାତ୍ରାକୁ ବିଭିନ୍ନ ଗାଁରେ ଲୋକେ ବେଶ୍ ଉତ୍ସାହର ସହ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ଜିଲ୍ଲାର ସମସ୍ତ ସ୍ଥାନରୁ ବାହାରିଥିବା ମଶାଲ ମା' ହିଙ୍ଗୁଳା ପୀଠ ଦେଇ ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚିଥିଲା। ସେଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସମେତ ବୁଦ୍ଧିଜୀବୀ, ଶ୍ରଦ୍ଧାଳୁ ଓ ଗଣମାଧ୍ୟମ ପ୍ରତିନିଧି ମଶାଲକୁ ସ୍ୱାଗତ କରିଥିଲେ।

## ଦୁର୍ନୀତିର ଗନ୍ତାଘର ବଜ୍ରକୋଟ ଆର୍ଆଇ କାର୍ଯ୍ୟାଳୟ



କଣିହାଁ,୧୩।୪(ସମିସ): ରାଜସ୍ୱ କାର୍ଯ୍ୟାଳୟରେ ଲୋକଙ୍କୁ ସେବା ବଦଳରେ ମିଳୁଛି ନିର୍ଯ୍ୟାତନା। କୌଣସି କାମରେ ଗଲେ ଟଙ୍କା ନ ଦେଲେ କାମ ହେଉନି। ଏଭଳି ଗୁରୁତର ଅଭିଯୋଗ ଆସିଛି ଅନୁଗୋଳ ଜିଲ୍ଲା କଣିହାଁ ତହସିଲ ଅନ୍ତର୍ଗତ ବଜ୍ରକୋଟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ। ସୂଚନା ଅନୁଯାୟୀ ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ବିଭିନ୍ନ ପ୍ରମାଣପତ୍ର ଦରକାର ହେଉଥିବା ବେଳେ ରାଜସ୍ୱ କାର୍ଯ୍ୟାଳୟରେ ଟଙ୍କା ନ ଦେଲେ ପ୍ରମାଣପତ୍ର ମିଳି ପାରୁନାହିଁ। ଏପରିକି ବନ୍ଦ ଥିବା ବାଲିଘାଟରୁ ଦୈନିକ ଶହ ଶହ ଟ୍ରିପ ଚୋରା ବାଲି ବେଆଇନ ଭାବେ ଚାଲାଣ ହେଉଥିବା ବେଳେ ଅଧିକାରୀ ଚୁପ୍ ବସିଛନ୍ତି। ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି। କିଛିଦିନ ତଳେ ଚୋରା ବାଲି ଗାଡ଼ିକୁ ରେଙ୍ଗାଲି ପୁଲିସ ଜବତ କରିଥିବା ବେଳେ ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ କିପରି ଜାଣିପାରୁନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ରାସ୍ତାରେ ଛୁଟୁଛି ଡ୍ରେନ ପାଣି: ଲୋକେ ହନ୍ତସନ୍ତ



ତାଳଚେର,୧୩।୪(ସମିସ): ତାଳଚେର ପୌରପରିଷଦ ଅନ୍ତର୍ଗତ ମଣ୍ଡାପାଳ ଚିକିତ୍ସାଳୟଠାରୁ ଗୋପିନାଥପୁର ଦେଇ ପଶ୍ଚିମେଶ୍ୱର ମନ୍ଦିରକୁ ଯାଇଥିବା ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାରୁ ରାସ୍ତା ଉପରେ ଅନବରତ ନର୍ଦ୍ଦମା ପାଣି ଛୁଟିଚାଲିଛି। ଏହି ରାସ୍ତାଦେଇ ଦୈନିକ ଶହଶହ ଭକ୍ତ ଦର୍ଶନ କରିବା ଲାଗି ପଶ୍ଚିମେଶ୍ୱର ଶୈବପୀଠକୁ ଯାଇଥାନ୍ତି। ଭକ୍ତମାନେ ଏହି ନର୍ଦ୍ଦମା ପାଣିକୁ ମାଡ଼ି ଯାଉଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ପୌର ପରିଷଦକୁ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ନିକଟରେ ଡିଏମ ଫଣ୍ଡରୁ ତାଳଚେର ବିକାଶ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ବିକାଶ ହେଉ ନ ଥିବା ପରିଲକ୍ଷିତ ହେଉଛି। ଶିଳ୍ପନଗରୀ ତାଳଚେରରେ ଅର୍ଥର ଅଭାବ ନ ଥିଲେ ମଧ୍ୟ ଏହି ଅଞ୍ଚଳ ବିକାଶଠାରୁ ବହୁ ଦୂରରେ ରହିଯାଇଛି। ତେଣୁ ଭକ୍ତଙ୍କ ଭାବବେଗ ଓ ଅଞ୍ଚଳବାସୀଙ୍କ ସ୍ୱାର୍ଥ ସହ ନ ଖେଳି ତୁରନ୍ତ ପୌର ପରିଷଦ ଡ୍ରେନେଜ ଓ ପରିମଳ ବ୍ୟବସ୍ଥା ସୁଧାରିବାକୁ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ



ଅନୁଗୋଳ,୧୩।୪(ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ଛେଣ୍ଡିପଦା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ଏସ୍ପି ରାହୁଲ ଜୈନ ଯୋଗଦେଇଥିଲେ। ଏଥିରେ ସମୁଦାୟ ୩୨ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୯ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୬ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୪ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୪୭ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷ୍ୟ ସୁମିତ୍ରା ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ଛେଣ୍ଡିପଦା ତହସିଲଦାର ମାନସରଞ୍ଜନ ରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମର ଲୁଗୁନ ଜିଲ୍ଲା ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ଶିବାଶିଷ କାନୁନଗୋ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନିଷ ଏକ୍କାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ୍ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

### ● ଜରପଡ଼ା ବନ ବିଭାଗର ଚଢ଼ଉ

## ବିପୁଳ ଚୋରା ଶାଗୁଆନ କାଠ ଜବତ



ଅନୁଗୋଳ,୧୩।୪(ସମିସ): ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଜରପଡ଼ା ରେଞ୍ଜରେ ବେଆଇନ କାଠ ଚାଲାଣ ବିରୋଧରେ ବଡ଼ ସଫଳତା ମିଳିଛି। ସୋମବାର ସକାଳ ପ୍ରାୟ ସାଢ଼େ ୯ଟାରେ ଜରପଡ଼ା ରେଞ୍ଜ ଅଫିସରଙ୍କ ନେତୃତ୍ୱରେ କର୍ମଚାରୀମାନେ ଜରପଡ଼ା ବିଟ୍ ଅଧୀନ ମୁଣ୍ଡିଆସାହିରେ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୩ଟି ଶାଗୁଆନ ଗଣ୍ଡି ଏବଂ ୫୨ଟି ଶାଗୁଆନ ପଟା ଜବତ କରାଯାଇଛି ଯାହାର ୧୭.୧୯ ଘନଫୁଟ ବୋଲି କୁହାଯାଇଛି। ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି। ଚଢ଼ଉରେ ରେଞ୍ଜ ଅଫିସର ମାଧବ ଚନ୍ଦ୍ର ନାୟକଙ୍କ ସମେତ ଫରେଷ୍ଟର ରୀତାରାଣୀ ସେଠୀ, ଜ୍ୟୋତ୍ସ୍ନାରାଣୀ ନାୟକ, ଫରେଷ୍ଟ ଗାର୍ଡ ନିତ୍ୟରଞ୍ଜନ ଖେତି ଏବଂ ହାତୀ ସ୍କ୍ୱାଡ୍ର ସଦସ୍ୟ ଜନକ ମାଝୀ, ପାପୁ ପ୍ରଧାନ, ଗଣେଶ୍ୱର ସାହୁ, ପ୍ରଦ୍ୟୁମ୍ନ ମହାକୁଡ଼, ଜୟକୃଷ୍ଣ ଗଡ଼ନାୟକ ସାମିଲ ଥିଲେ।

## ସ୍କୁଲ ସ୍ଥାନାନ୍ତରକୁ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ତାଳଚେର,୧୩।୪(ସମିସ): ତାଳଚେର ବ୍ଲକ ଅନ୍ତର୍ଗତ ଏମସିଏଲ ଭୁବନେଶ୍ୱରୀ କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ ଅଧିଗୃହୀତ କଣ୍ଡାଳ, ଅନାଦିପୁର, ତ୍ରିଲୋଚନପୁର, ଯଦୁନାଥପୁର ଗ୍ରାମରେ ପୁନର୍ବାସ ଓ ଥଇଥାନ କରିବା ପୂର୍ବରୁ ଗ୍ରାମର ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଥିବା ତଥା ଗ୍ରାମାବସୀଙ୍କ ଦ୍ୱାରା ସ୍ଥାପିତ ଶ୍ରୀ ଜଗନ୍ନାଥ ନୋଡ଼ାଲ ଉଚ୍ଚବିଦ୍ୟାଳୟକୁ ଏମସିଏଲ କର୍ତ୍ତୃପକ୍ଷଙ୍କ ଉଚ୍ଛେଦ ଓ ସ୍ଥାନାନ୍ତରଣକୁ ବିରୋଧ କରି ସୋମବାର ତାଳଚେର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରଯାଇଛି। ଏହି ଗ୍ରାମଗୁଡ଼ିକରେ ଏମସିଏଲ ଭୁବନେଶ୍ୱରୀ କୋଲିୟରୀ ଜମିବାଡ଼ି ଓ ଘରଦ୍ୱାରା ସମ୍ପୂର୍ଣ୍ଣ ଅଧିଗ୍ରହଣ କରୁଥିବା କାର୍ଯ୍ୟ ବର୍ତ୍ତମାନ କଚ୍ଛପ ଗତିରେ ଚଳାଇଛନ୍ତି। ଅଧିଗ୍ରହଣ ପ୍ରକ୍ରିୟା ଅସମ୍ପୂର୍ଣ୍ଣ ଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ବହୁ ପୁରାତନ ଏହି ବିଦ୍ୟାଳୟଟିକୁ ସ୍ଥାନାନ୍ତର କରାଯାଉଥିବାରୁ ଛାତ୍ରଛାତ୍ରମାନେ ପାଠପଢ଼ାରେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଗ୍ରାମାବସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ଗ୍ରାମଗୁଡ଼ିକୁ ଏମସିଏଲ ଅଧିଗ୍ରହଣ କରି ସେମାନଙ୍କୁ ଥଇଥାନ, ନିଯୁକ୍ତି ପ୍ରକ୍ରିୟା ସମାପ୍ତ କରି ବିଦ୍ୟାଳୟ ସ୍ଥାନାନ୍ତରିତ କରାଯାଉ ବୋଲି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ଶିବନାଥ ନନ୍ଦ, ପ୍ରସନ୍ନ ମିଶ୍ର, ଅଶ୍ୱିନ ମହାପାତ୍ର, ମମତା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## କଟରଙ୍ଗା ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୧୩।୪(ସମିସ): କିଶୋରନଗର ବ୍ଲକ କଟରଙ୍ଗା ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶୁଭକାନ୍ତ ନାଏକ ଯୋଗଦେଇ



ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ମୋହିନୀ ପ୍ରଧାନଙ୍କ ସମେତ ବିଏସଏସଓ ଝସକେତନ ସାହୁ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ, ଡିଇଓ (ଆରସିଏମ) ସରୋଜ ପ୍ରଧାନ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ



ପାଲଲହଡ଼ା,୧୩।୪(ସମିସ): ପାଲଲହଡ଼ା ବ୍ଲକ ପ୍ରଶାସନ ଦ୍ୱାରା ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ସୋମବାର ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ବିଡିଓ ନିଶାନ ମିଶ୍ର, ଡେପୁଟି କଲେକ୍ଟର ବିଦୁସ୍ମିତା ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ ବିଶି, ଆଇନଜୀବୀ ତଥା ବିଧାୟକଙ୍କ ପ୍ରତିନିଧି ତନ୍ମୟ କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ ପ୍ରମୁଖ ଯୋଗଦେଇଥିଲେ।

୨୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ପାରମ୍ପରିକ ଓଡ଼ିଆ ଖାଦ୍ୟ ଯଥା ଏଣ୍ଡୁରି, ଆରିସା, ମାଣ୍ଡିଆ ପିଠା, ପୋଡ଼ପିଠା, ମହୁଲ ପିଠା ଆଦିର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ବିଧାୟକ ମହାନ୍ତିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କ୍ରାଉଡ୍ ଫଣ୍ଡିଂରୁ ସଂଗୃହୀତ ୭୩୬୦ ଟଙ୍କା ଅଂଶଗ୍ରହଣକାରୀ ଗୋଷ୍ଠୀ ମଧ୍ୟରେ ସମାନ ଭାବେ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ଗୋଷ୍ଠୀକୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହାସହ ନାରୀଶକ୍ତି ବନ୍ଦନ ସମ୍ମିଳନୀ ପାଳନ ଅବସରରେ ୫ ଜଣ ମାଷ୍ଟର ବୁକ୍ କିପରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରମିଳା ସାହୁ (ନିଜିଗଡ଼ ପଞ୍ଚାୟତ), ହରପ୍ରିୟା ନାଏକ (ଈଶ୍ୱରନଗର ପଞ୍ଚାୟତ), ଉମାରାଣୀ ନାୟକ (ଶିଗଡ଼ ପଞ୍ଚାୟତ), ଅଞ୍ଜଳି ବେହେରା (ବତିସୁଆଁ ପଞ୍ଚାୟତ) ଏବଂ ଡାଳିମ୍ବ ଗଡ଼ନାୟକ (ସଇଡ଼ା ପଞ୍ଚାୟତ) ପ୍ରମୁଖ ଏମବିକେଙ୍କୁ ସମ୍ମାନିତ କରାଯାଇଥିଲା। ମହିଳାମାନଙ୍କ ପାଇଁ ସଂସଦ ଏବଂ ରାଜ୍ୟ ବିଧାନସଭାରେ ସଂରକ୍ଷଣ ବ୍ୟବସ୍ଥା, ପାଲଲହଡ଼ାଷ୍ଟାଡିୟମରେ ପାରମ୍ପରିକ ରଜପର୍ବ ଆୟୋଜନ ଏବଂ ମହିଳାମାନଙ୍କ ଖାଦ୍ୟ ଓ ଉତ୍ପାଦ ପାଇଁ ବଜାର ସୃଷ୍ଟି ଉପରେ ବିଧାୟକ ମହାନ୍ତି ଗୁରୁତ୍ୱାରୋପ କରିଥିଲେ।

## ହିଙ୍ଗୁଳା ପାଠାଗାର ପକ୍ଷରୁ ପାଠ୍ୟୋପକରଣ ବଣ୍ଟନ

ତାଳଚେର,୧୩।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଗୋପାଳପ୍ରସାଦ ପଞ୍ଚାୟତ ଖମାର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପାଠ୍ୟୋପକରଣ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ଦେହୁରୀ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପାଠାଗାରର ବରିଷ୍ଠ ଶିକ୍ଷାବିତ୍ ଦିବାକର ବାରିକ, ସଭାପତି ହାଡ଼ିବନ୍ଧୁ ପ୍ରଧାନ ଓ କୋଷାଧ୍ୟକ୍ଷ ଦୟାନିଧି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପାଠାଗାର ପକ୍ଷରୁ ବିଦ୍ୟାଳୟର ୨୫ ଜଣ ଛାତ୍ରଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବହି ସହ ଖାତା, କଲମ, ପେନସିଲ୍, ରବର, ସ୍କେଲ ଆଦି ବଣ୍ଟନ କରାଯାଇଥିଲା। ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପାଠାଗାର ଆନୁକୂଲ୍ୟରେ ପ୍ରକାଶିତ ହେଉଥିବା ତ୍ରୈମାସିକ



ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି'କୁ ବିଦ୍ୟାଳୟ ପାଠାଗାରକୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ କୈଳାସିନୀ ପାତ୍ର ଓ ପାଠାଗାରର ସଦସ୍ୟ ପଞ୍ଚାନନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

## ଆର୍ଏସ୍ଏସ୍ର ବୁଦ୍ଧିଜୀବୀ ସମ୍ମିଳନୀ



ଅନୁଗୋଳ,୧୩।୪(ସମିସ): ଆର୍ଏସ୍ଏସ୍ର ଶତବାର୍ଷିକୀ ଉପଲକ୍ଷେ ଅନୁଗୋଳ ନଗର ତରଫରୁ ଏକ ବୁଦ୍ଧିଜୀବି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସଭାଘରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଶାସକ ବିଜନ କୁମାର ଥମ୍ବ ସଭାପତିତ୍ୱ କରିଥିଲେ। ଅନୁଗୋଳ ସରସ୍ୱତୀ ଶିଶୁ ମନ୍ଦିରର ଅଧ୍ୟକ୍ଷ ସିଦ୍ଧନାଥ ସାହୁ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ସଂଘର ଅଖିଳ ଭାରତୀୟ ସଦଭାବନା ପ୍ରମୁଖ ଗୋପାଳ ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂଘ ଚାଳକ ବିଜୟ କୁମାର ସାହୁ ଏବଂ ନଗର ସଙ୍ଘ ଚାଳକ ଗୋପାଳ ମୁଦ୍ରା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନଗରର ସମାଜସେବୀ, ଡାକ୍ତର, ଇଞ୍ଜିନିୟର, ଓକିଲ, ସାମ୍ବାଦିକ, ଶ୍ରମିକ ନେତା, ପ୍ରଶାସକ, ବ୍ୟବସାୟୀ, ଶିକ୍ଷାବିତ୍ ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଶିକ୍ଷକ ନେତା ତରଣୀସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଚନ୍ଦ୍ରଶେଖର ବେହେରା, ଚିନ୍ମୟ ରଥ, ବେଣୁଧର ଥମ୍ବ, ନାରାୟଣ ନାୟକ, ଅଶୋକ ମୋଦି, ବିଷ୍ଣୁ ତୁଳସୀୟାନ୍, ଜିତେନ୍ଦ୍ର ସାହୁ, ବିରଞ୍ଚି ନାରାୟଣ ନାୟକ, ବାବୁଲି ସାମଲ, ଶାନ୍ତନୁ ସର, ପର୍ଶୁରାମ ବାରିକ, ଚନ୍ଦ୍ରକାନ୍ତ ଧଳ, ଅଶୋକ ଅଗ୍ରୱାଲ, ସୁଶୀଲ ପଟେଲ, ବିଷ୍ଣୁପଦ ପତି, ଲମ୍ବୋଦର ବେହେରା, ପର୍ଶୁରାମ ସ୍ୱାଇଁ, ଶ୍ରୀବତ୍ସ ଖୁଣ୍ଟିଆ, ସଚ୍ଚିକାନ୍ତ ଗଡ଼ନାୟକ, ଗୋପାଳ ମଲ୍ଲିକ, ସଞ୍ଜୟ ଦେହୁରୀ, ପ୍ରତାପ ରଥ, ପରମାନନ୍ଦ ମିଶ୍ର, ଦ୍ୱାରିକା ନନ୍ଦ, ରଞ୍ଜନ ଭୂୟାଁ, ବିଶ୍ୱରଞ୍ଜନ ପ୍ରଧାନ, ସୁମନ୍ତ ଧଳ, ଚିନ୍ମୟ ସାହୁ, ହରିହର ତୁଙ୍ଗ, ପ୍ରସନ୍ନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ● ସିଏମ୍ ଟ୍ରଫି ଫୁଟବଲ

## ପାଲଲହଡ଼ା ଓ ଆଠମଲ୍ଲିକ ବିଜୟୀ



ଅନୁଗୋଳ,୧୩।୪(ସମିସ): ଫୁଟବଲ ଆସୋସିଏସନ୍ ଅଫ ଓଡ଼ିଶା ଆନୁକୂଲ୍ୟରେ ତଥା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ସଂସଦ ସହଯୋଗରେ ଆୟୋଜିତ ୧୬ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାର ମ୍ୟାଚ୍ରେ ପାଲଲହଡ଼ା ନାଲକୋ ଫୁଟବଲ କ୍ଲବ୍କୁ ୧-୦ ଗୋଲରେ ହରାଇଥିବା ବେଳେ ଆଠମଲ୍ଲିକ ଅନୁଲିଆ କ୍ଲବ୍କୁ ୧୧-୦ରେ ପରାସ୍ତ କରିଛି। ଜିଲ୍ଲା କ୍ରୀଡ଼ା ସଂସଦର ବରିଷ୍ଠ ସଭ୍ୟ ଆଇନଜୀବୀ ପ୍ରଦୀପ ଦେବତା, ବସନ୍ତ କୁମାର ଦାସ, ରୁଚିର କୁମାର ଦାସ, କ୍ରୀଡ଼ା ସଂଗଠକ ନୀଳମଣି ଦାସ, ପ୍ରଭାସ କୁମାର ଦାସଙ୍କ ସମେତ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌରଗୋବିନ୍ଦ ସାମନ୍ତ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ।

## ଅନୁଗୋଳରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

ଅନୁଗୋଳ,୧୩।୪(ସମିସ): ଓଡ଼ିଆ ପକ୍ଷର ଦ୍ୱାଦଶ ଦିବସରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲା ପାଠାଗାରରେ



ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନୁଗୋଳର ବରପୁତ୍ର ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ପବିତ୍ର ମୋହନ ପ୍ରଧାନ, ନୃସିଂହ ରାୟଗୁରୁ ପ୍ରମୁଖଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ଅଧ୍ୟାପିକା ଡ. ରମାମଞ୍ଜରୀ ସାହୁ, ଡ. ଇନ୍ଦିରା ଦାଶ ଓ ଶିକ୍ଷାବିତ୍ ଡ. ଧରଣୀଧର ନାଥ ଯୋଗଦେଇ ରମାଦେବୀ, ମାଳତୀ ଦେବୀ ଓ ରାଜା ସୋମନାଥ ସିଂହ ଜଗଦ୍ଦେବଙ୍କ ତ୍ୟାଗ ଓ ଜୀବନବ୍ୟାପୀ ସାଧନା ଉପରେ ଅବତାରଣା କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଡ. ଦୁଃଶାସନ ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଅନୁଗୋଳ ସାହିତ୍ୟ ସଂସଦ ଉପସଭାପତି ଶାନ୍ତନୁ କୁମାର ସର ଏଥିରେ ସଭାପତିତ୍ୱ କରି ସମୃଦ୍ଧ ସମାଜ ଗଠନରେ ବରପୁତ୍ରମାନଙ୍କ ଜୀବନୀ କିଭଳି ଆମକୁ ଦିଗଦର୍ଶନ ଦେଇଥାଏ ତାହା ଉଲ୍ଲେଖ କରିଥିଲେ। ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଆରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପ୍ରସିଦ୍ଧ କଣ୍ଠଶିଳ୍ପୀ ଆଶା ଭୋସଲେଙ୍କ ପରଲୋକରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ଓ ଲତିକା ମହାପାତ୍ରଙ୍କ ସଂଯୋଜନାରେ ସଂକ୍ଷିପ୍ତ ଆଲୋଚନା ଓ କବିତା ଆସର ଆୟୋଜିତ ହୋଇଥିଲା। ବହୁ କବି ଓ ଆଲୋଚକ ଉତ୍କଳମଣି ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୂଦନ, ଫକୀର ମୋହନ, କବି ରାଧାମୋହନ ଗଡ଼ନାୟକ, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ସହିଦ ବାଜି ରାଉତ, କାର୍ଗିଲ ସହିଦ ମାନସ ରଞ୍ଜନ ସାହୁ ପ୍ରମୁଖଙ୍କ ଉପରେ ବକ୍ତବ୍ୟ ରଖିବା ସହ କବିତା ପାଠ କରିଥିଲେ।



# ଭୁବନେଶ୍ୱର ସିଟି



## ରାଜଧାନୀ ପ୍ରତିଷ୍ଠା ଦିବସ

# ଭୁବନେଶ୍ୱରକୁ ନୂଆ ଉଚ୍ଚତାରେ ପହଞ୍ଚାଇବା ପାଇଁ ଆହ୍ୱାନ



ଭୁବନେଶ୍ୱର, ୧୩।୪(ସମିସ): ଭୁବନେଶ୍ୱରର ବିକାଶକୁ ନୂଆ ଉଚ୍ଚତାରେ ପହଞ୍ଚାଇବା ନିମନ୍ତେ ସମ୍ମିଳିତ ଉଦ୍ୟମ ପାଇଁ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ସୋମବାର ଦିନ ଉତ୍କଳ ମଣ୍ଡପରେ ଅନୁଷ୍ଠିତ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଐତିହାସିକ ପରମ୍ପରା ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଭୁବନେଶ୍ୱର ପ୍ରାଚୀନ କଳିଙ୍ଗର ଐତିହ୍ୟରେ ଗଭୀର ଭାବେ ପ୍ରତିଫଳିତ ଏବଂ କଳିଙ୍ଗ ଯୁଦ୍ଧ ପରି ପରିବର୍ତ୍ତନକାରୀ ଘଟଣା ସହ ଜଡ଼ିତ। ଯାହା ସମ୍ରାଟ ଅଶୋକଙ୍କୁ ଶାନ୍ତିର ବାର୍ତ୍ତା ପ୍ରଚାର କରିବା ପାଇଁ ପ୍ରେରଣା ଦେଇଥିଲା। ଖାରବେଳଙ୍କ ସମୟରେ ଜୈନଧର୍ମର ବିକାଶ ଏବଂ ଉଦୟଗିରି-ଖଣ୍ଡଗିରି ଗୁମ୍ଫାର ସ୍ଥାୟୀ ଐତିହ୍ୟ ବିଷୟରେ ମଧ୍ୟ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଭୁବନେଶ୍ୱରକୁ "ଭାରତର ମନ୍ଦିର ମାଳିନୀ ନଗରୀ" ଭାବେ ବର୍ଣ୍ଣନା କରି ରାଜ୍ୟପାଳ ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର ଓ ପରଶୁରାମେଶ୍ୱର ମନ୍ଦିର ପରି କିର୍ତ୍ତୀରାଜିଗୁଡିକ ସ୍ଥାପତ୍ୟ ବିଦ୍ୟା ଓ ଆଧ୍ୟାତ୍ମିକ ଐତିହ୍ୟ ଉତ୍କର୍ଷତାର ପ୍ରତୀକ ବୋଲି କହିଥିଲେ।

### ନକୁଳ ମଲ୍ଲିକଙ୍କୁ 'ରାଜଧାନୀ ଗୌରବ ସମ୍ମାନ'

ଯଦୁପୁରସ୍ଥିତ ସୟଦ୍ ମମତାଜ୍ ଅଲ୍ଲୀ ହାଇସ୍କୁଲର ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ନକୁଳ କୁମାର ମଲ୍ଲିକଙ୍କୁ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ କରାଯାଇଛି। ୭୮ ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଦୀର୍ଘ ୩୨ ବର୍ଷ ଧରି ଶିକ୍ଷାଦାନ ସହିତ ବିଦ୍ୟାଳୟପରିସରରେସବୁଜିମା ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରୁ ଅନେକ ଥର ସମ୍ମାନୀତ ହୋଇଛନ୍ତି। ପରିବେଶ ସୁରକ୍ଷା ଉପରେ ଆଧାରିତ 'ବାଘମାମୁ ଜିନ୍ଦାବାଦ୍' ରଚନା କରି ଚର୍ଚ୍ଚାରେ ଥିବା ଶ୍ରୀ ମଲ୍ଲିକ ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର, ୱାଇଲ୍ଡ ଲାଇଫ୍ ଆୱାର୍ଡ, କ୍ଲିନେଷ୍ଟ ସ୍କୁଲ ଆୱାର୍ଡ ଭଳି ଅନେକ ସମ୍ମାନର ଅଧିକାରୀ ହୋଇଛନ୍ତି।

### ଫଟୋଚିତ୍ରରେ ଭୁବନେଶ୍ୱରର ଅତୀତ ଓ ବର୍ତ୍ତମାନ



ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଡେପୁଟି ମେୟର ମଞ୍ଜୁଲତା କହଁର, ଭୁବନେଶ୍ୱର-କଟକ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜୟଦେବ ଭବନରେ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶ ଉପରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ପ୍ରତିଷ୍ଠାଦିବସ ଅବସରରେ ଅଲିମ୍ପିୟାଡ଼ ଦୂତୀ ଚାନ୍ଦ, ଶୁଭଙ୍କର କୁମାର, ଜିତେନ୍ଦ୍ର ଦାସ, ଅଜୟ ସିଂ ଓ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଏକ ମଶାଲ ଶୋଭାଯାତ୍ରା ଲିଙ୍ଗରାଜ ମନ୍ଦିର ଠାରୁ ବାହାରି ପିଏମ୍‌ଜି ଠାରେ ପହଞ୍ଚିଥିଲା। ଏହାପରେ ବିଧାନ ସୌଧ ସମ୍ମୁଖରେ ଥିବା ରାଜଧାନୀ ଶିଳାନ୍ୟାସ ଫଳକରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ପାଢ଼ୀ ପତାକା ଉତ୍ତୋଳନ କରି ବେସାମରିକ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପ୍ରଟ୍ଟନାୟକ ପ୍ରାରମ୍ଭିକ ଭାଷଣ ଦେଇଥିବା ବେଳେ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଧନ୍ୟବାଦ ଅର୍ପଣ କରିଥିଲେ।

● ଚରମପନ୍ଥୀ ବାର୍ତ୍ତା ପ୍ରଚାର ମାମଲା

## ଇମ୍ରାନ୍‌ର ସାଙ୍ଗ ଲିଚୁକୁ ଏସ୍‌ଟିଏଫ୍‌ର ପଚରାଉଚରା

ଭୁବନେଶ୍ୱର, ୧୩।୪(ସମିସ): ଜାତୀୟ ସୁରକ୍ଷା ବିରୋଧୀ କାର୍ଯ୍ୟକଳାପ, ଧର୍ମୀୟ କଠୋରତା ପାଇଁ ଦିଲ୍ଲୀ ସ୍ପେଶାଲ ସେଲ୍‌ଫ ଦ୍ୱାରା ଗିରଫ ହୋଇଥିବା ଶେଖ୍ ଇମ୍ରାନ୍ ମାମଲାରେ ଇମ୍ରାନ୍‌ର ସାଙ୍ଗ ଲିଚୁକୁ ଏସ୍‌ଟିଏଫ୍‌ର ଜେରା। ସେମାନେ ସାଙ୍ଗ ହୋଇ ଦିଲ୍ଲୀ ଯାଇଥିଲେ। ତେବେ କଣ ପାଇଁ ଦିଲ୍ଲୀ ଯାଇଥିଲେ। ଦିଲ୍ଲୀର କେଉଁ ସ୍ଥାନକୁ ଯାଇଥିଲେ। ସେଠାରେ ଇମ୍ରାନ୍ କାହା ସହ କଥାବାର୍ତ୍ତା ହୋଇଥିଲା ସେସମ୍ପର୍କରେ ପଚରାଉଚରା ହୋଇଥିଲା। ତେବେ ଆର୍ମି ଅଫ୍ ମେହେନ୍ଦୀ ନାମକ ଗ୍ରୁପ ଚଳାଇଥିଲା। ଏଥିରେ ଧର୍ମୀୟ କଠୋରତା ସମ୍ପର୍କୀତ ବାର୍ତ୍ତା ପ୍ରଚାର କରାଯାଉଥିଲା। ଯାହାକୁ ଫ୍ରିଜ୍ କରାଯାଇଛି ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍‌ଫ ଭୁବନେଶ୍ୱର ୟୁନିଟ୍-୬ ଗଙ୍ଗନଗର ଅଞ୍ଚଳରୁ ଶେଖ୍ ଇମ୍ରାନ୍ ନାମକ ଯୁବକଙ୍କୁ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ଏବଂ ଚରମପନ୍ଥୀଙ୍କ ସହ ଲିଙ୍କ୍ ଅଭିଯୋଗରେ ଗିରଫ କରିଥିଲା। ଏହି ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଏସ୍‌ଏଟିଏଫ୍ ମଧ୍ୟ ତଦନ୍ତ ଆରମ୍ଭ କରିଛି।

### ଓଏଲ୍‌ଏକ୍ସରେ ବିଜ୍ଞାପନରେ ଫସିଲେ ଯୁବକ

## ବିକ୍ରି ପରେ ବି ଗାଡ଼ି ନେଇଗଲା ଠକ

ଭୁବନେଶ୍ୱର, ୧୩।୪ (ସମିସ): ଓଏଲ୍‌ଏକ୍ସରେ ବିଜ୍ଞାପନରୁ ଗାଡ଼ି କିଣିବାକୁ ଯାଇ ଫସିଛନ୍ତି ଯୁବକ। ବିକିବା ପରେ ବି ଚତୁରତାର ସହ ଗାଡ଼ି ନେଇଯାଇଛି ଠକ। ଆରଟିଓ ୨ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ବାଣପୁର ଥାନା ବଡ଼ହଣ୍ଟୁଆଳ ଗାଁର ସାଗର କୁମାର ଦାଶ (୨୯)।

ପୁଲିସ ସୂଚନା ଅନୁଯାୟୀ, ଚିନ୍ମୟ ନାୟକ ଓଏଲ୍‌ଏକ୍ସରେ ସେକେଣ୍ଡ-ହ୍ୟାଣ୍ଡ ଗାଡ଼ି ବିକ୍ରି ବିଜ୍ଞାପନ ଦେଖି ସାଗରକୁ ଯୋଗାଯୋଗ କରିଥିଲେ। ସାଗର ତାଙ୍କୁ ଗାଡ଼ି କିଣିବାକୁ ପ୍ରବର୍ତ୍ତାଇବା ସହ ଆରଟିଓ କାର୍ଯ୍ୟାଳୟର ଜଣେ ବ୍ୟକ୍ତିଙ୍କ ମାଧ୍ୟମରେ ମାଲିକାନା ହସ୍ତାନ୍ତରରେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଚିନ୍ମୟ ତା' କଥାରେ ବିଶ୍ୱାସ କରି ଅନଲାଇନ୍ ମାଧ୍ୟମରେ ୪୫ ହଜାର ଟଙ୍କା ଦେଇଥିଲେ। ପରେ ଉଭୟ ଗାଡ଼ି ଧରି ମାଲିକାନା ହସ୍ତାନ୍ତର ପାଇଁ ଆରଟିଓ ୨ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଜରିମାନା ବାକି ଥିବା ବାହାନାରେ ଚିନ୍ମୟଙ୍କ ଠାରୁ ଆହୁରି ୧୦ ହଜାର ଟଙ୍କା ନେଇଥିଲା। ପରେ ସାଗର ଚତୁରତାର ସହ କିଛି ସମୟ ପାଇଁ ଗାଡ଼ି ଚାବି ମାଗିଥିଲା। ଚିନ୍ମୟ ଚାବି ଦେବାପରେ ସାଗର ଗାଡ଼ି ଓ ଟଙ୍କା ନେଇ ଫେରାର ହୋଇ ଯାଇଥିଲା। ଏନେଇ ଚିନ୍ମୟ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗତକାଲି ବାଲୁଗାଁ ବସଷ୍ଟାଣ୍ଡରେ ଚଢ଼ଉ କରି ସାଗରକୁ ଗିରଫ କରିବା ସହ ନକଲି ନମ୍ବର ପ୍ଲେଟ୍ ଲାଗିଥିବା ଗାଡ଼ି ଜବତ କରିଥିଲା। ସାଗର ନିଜ ପରିଚୟ ଲୁଚାଇବା ପାଇଁ ମୂଳ ରେଜିଷ୍ଟ୍ରେସନ୍ ନମ୍ବର ପ୍ଲେଟ୍ କାଢ଼ି ଦେଇ ଏକ ନକଲି ନମ୍ବର ପ୍ଲେଟ୍ ଲଗାଇଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲା।

## ଲକ୍ଷେ ଟଙ୍କାର ବ୍ରାଉନସୁଗର ଜବତ; ଦୁଇ ଗିରଫ



ଭୁବନେଶ୍ୱର, ୧୩।୪ (ସମିସ): ବେଆଇନ ବ୍ରାଉନସୁଗର କାରବାର ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଝାରପଡ଼ା ମୁସଲିମ ସାହିର ବାବୁ ଖାନ୍ (୩୫) ଓ ମହାଦେବ ନଗରର ପ୍ରତାପ ସାମଲ ଓରଫ୍ ଡିଜେ (୨୪)।

ପୁଲିସ ସୂଚନାନୁସାରେ, ତ୍ରିନାଥ ମନ୍ଦିର ନିକଟରେ ବ୍ରାଉନସୁଗର ବିକ୍ରି ହେଉଥିବା ଖବରପାଇ ଲକ୍ଷ୍ମୀସାଗର ଥାନା ପୁଲିସ ଚଢ଼ଉ କରିଥିଲା। ସେଠାରେ ବାବୁ ଖାଁଓ ଡିଜେକୁ ଅଟକ ରଖି ଯାଞ୍ଚ କରିଥିଲା। ତଲାସୀ ବେଳେ ବାବୁ ହେପାଜତରୁ ୧୦ ଗ୍ରାମ ଓଜନର ବ୍ରାଉନସୁଗର ଓ ୩ ହଜାର ୨୦୦ ଟଙ୍କା ମିଳିଥିବା ବେଳେ ଡିଜେ ଠାରୁ ଏକ ବାଇକ୍ ଓ ୪ ହଜାର ଟଙ୍କା ଜବତ କରିଥିଲା। ସେମାନେ ଦୀର୍ଘଦିନ ହେବ ନିୟମିତ ଭାବେ ବ୍ରାଉନସୁଗର ବିକ୍ରି କରିଆସୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ଲକ୍ଷ୍ମୀସାଗର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।

## ବିରିୟାନୀ ଦୋକାନୀଙ୍କୁ ଆକ୍ରମଣ: ୪ ଗିରଫ

ଭୁବନେଶ୍ୱର, ୧୩।୪(ସମିସ): ବିରିୟାନୀ ଦୋକାନୀଙ୍କୁ ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ଭରତପୁର ଥାନା ପୁଲିସ ଶଶାଙ୍କ ଶେଖର ନାୟକ, ପୁରଷତମ ନାୟକ, ବି.ଗୌରୀଶଙ୍କର ଏବଂ ସିଦ୍ଧାର୍ଥ ଦିଗଲ। ଗିରଫ କରାଯିବା ପରେ ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଠାରୁ ଗୋଟିଏ ଲୁହା ଖଣ୍ଡା ଏବଂ ଦୁଇଟି ବାଇକ୍ ଜବତ କରାଯାଇଛି।

ସୂଚନାଯୋଗ୍ୟଯେ, ଅଭିଯୋଗକାରୀ ମନମୋହନ ସାମନ୍ତରାୟ ଅନ୍ଧାରୁଆ ଅଞ୍ଚଳର ହୋଇଥିବା ବେଳେ, ଜିଏ କଲୋନୀ ନିକଟରେ ଏକ ବିରିୟାନି ଦୋକାନ କରିଛନ୍ତି। ଗତ ୧୦ ତାରିଖ ମଧ୍ୟାହ୍ନରେ ଅଭିଯୋଗକାରୀ ତାଙ୍କର ଜଣେ କର୍ମଚାରୀଙ୍କୁ ଦୋକାନ ଦାୟିତ୍ୱ ଦେଇ ନିକଟସ୍ଥ ମାର୍କେଟକୁ କିଛି ସାମଗ୍ରୀ କିଣିବା ଲାଗି ଯାଇଥିଲେ। ସେହି ସମୟରେ ଅଭିଯୁକ୍ତ ପୁରସ୍ତମ ନାଏକ ଓରଫ ଆକାଶ ଅନ୍ୟ ଏକ ବିରିୟାନୀ ଷ୍ଟଲ୍‌କୁ ଆସି ତାଙ୍କର ମୋଟରସାଇକେଲ୍‌ଟିକୁ ଅଭିଯୋଗକାରୀଙ୍କ ଷ୍ଟଲ୍ ସମ୍ମୁଖରେ ପାର୍କ କରିଥିଲେ। ଯାହାଫଳରେ ଗ୍ରାହକ ମାନଙ୍କ ଯାନଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ଗ୍ରାହକ ଓ ଅଭିଯୋଗକାରୀଙ୍କ ଦୋକାନ କର୍ମଚାରୀ ମାନେ ଗାଡ଼ିଟିକୁ ସେଠାରୁ ହଟାଇବା ଲାଗି କହିବାରୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସେଠାରୁ ଚାଲିଯାଇଥିଲେ। କିଛି ସମୟ ପରେ ଅଭିଯୁକ୍ତ ପୁନର୍ବାର ତାଙ୍କ ସହଯୋଗୀ ସିଦ୍ଧାନ୍ତ ଦିଗଲ, ଶଶାଙ୍କ ଶେଖର ନାଏକ ଏବଂ ବି. ଗୌରୀଶଙ୍କରଙ୍କ ସହିତ ଦୁଇଟି ମୋଟରସାଇକେଲ୍‌ରେ ଘଟଣାସ୍ଥଳକୁ ଆସିଥିଲେ। ସେମାନେ ଅଭିଯୋଗକାରୀଙ୍କୁ ଭରତପୁରରେ ଆଉ ଷ୍ଟଲ୍ ନ ଖୋଲିବାକୁ ଧମକ ଦେଇଥିଲେ ଏବଂ ବିକ୍ରୟକାରୀ ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ। ତା'ପରେ, ପୁରସ୍ତମ ନାଏକ ଓରଫ ଆକାଶ ଏକ ଖଣ୍ଡା ବାହାର କରି ଅଭିଯୋଗକାରୀଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ। ଅଭିଯୋଗକାରୀ ରକ୍ଷା ପାଇବା ସମୟରେ ଖଣ୍ଡା ତାଙ୍କ ହାତରେ ଲାଗିଥିଲା। ଏହା ଦେଖି ଦୋକାନ କର୍ମଚାରୀ ସୁନୀଲ କୁମାର ପରିଡ଼ା ତାଙ୍କୁ ବଞ୍ଚାଇବାକୁ ଯିବାବେଳେ ଅଭିଯୁକ୍ତ ତାଙ୍କୁ ମଧ୍ୟ ଖଣ୍ଡାରେ ଆକ୍ରମଣ କରିଥିଲେ। ପରେ, ସମସ୍ତ ଅଭିଯୁକ୍ତ ମାନେ ମିଶି ବିରିୟାନୀ ଷ୍ଟଲ୍‌କୁ ଭଙ୍ଗାରୁଜା କରି ଖାଦ୍ୟ ସାମଗ୍ରୀ ରାସ୍ତାରେ ଫୋପାଡି ଦେଇଥିଲେ। ଦୁଇଟି ମୋଟରସାଇକେଲ୍‌ରେ ଘଟଣା ସ୍ଥଳରୁ ପଳାଇଯାଇଥିଲେ। ଏହା ବ୍ୟତୀତ ଅଭିଯୁକ୍ତ ମାନେ ଘଟଣା ସମୟରେ ଅଭିଯୋଗକାରୀଙ୍କ ବେକରୁ ଏକ ସୁନା ଚେନ ଏବଂ ଦୋକାନରୁ ୨୦, ୦୦୦ ଟଙ୍କା ଲୁଟି ନେଇଥିବା ଅଭିଯୋଗକାରୀ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତଦନ୍ତ ସମୟରେ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚାରିଜଣ ଅଭିଯୁକ୍ତଙ୍କୁ ନୟାଗଡ଼ ଅଞ୍ଚଳରୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ସେମାନଙ୍କ ହେପାଜତରୁ ଘଟଣାରେ ବ୍ୟବହୃତ ଏକ ଖଣ୍ଡା ଏବଂ ଦୁଇଟି ମୋଟରସାଇକେଲ ଜବତ କରିଥିଲେ।

## ପଥଚାରୀଙ୍କ କ୍ଳାନ୍ତି ମେଣ୍ଟାଇବ 'ରୈଖିକ ଉଦ୍ୟାନ'



ଭୁବନେଶ୍ୱର, ୧୩।୪(ସମିସ): ଆଇଆର୍‌ସି ଭିଲେଜ୍ ଅଞ୍ଚଳର ପରିସୀମାକୁ ସବୁଜ ବଳୟରେ ପରିଣତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପଦକ୍ଷେପ ଗ୍ରହଣ କରିଛି। ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଆକର୍ଷଣୀୟ ପାଦଚଲା ରାସ୍ତା ସହିତ ପଥଚାରୀଙ୍କ କ୍ଳାନ୍ତି ମେଣ୍ଟାଇବାକୁ ନିର୍ମିତ ହେବାକୁ ଯାଉଛି ରୈଖିକ ଉଦ୍ୟାନ। ଏଠାରେ କାର୍ ଏବଂ ବାଇକ୍ ଗୁଡିକର ସୁବିଧା ପାର୍କିଂ ସହିତ ସାଇକେଲ ଟ୍ରାକ୍ ରହିବ। ବିଏମସି ୱାର୍ଡ ନମ୍ବର ୨୫ ଅନ୍ତର୍ଗତ ସିଆର୍‌ପି ଛକ ଠାରୁ ବିକାଶ ଓମଫେଡ୍ ଛକ ପର୍ଯ୍ୟନ୍ତ ଏକ ରୈଖିକ ଉଦ୍ୟାନର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଯୋଗଦେଇ କହିଛନ୍ତି ଯେ ଆଇଆର୍‌ସି ଭିଲେଜ୍ ହେଉଛି ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ବୁଦ୍ଧିଜୀବୀ ମାନଙ୍କ ଅଞ୍ଚଳ ଏବଂ ଏହି ଅଞ୍ଚଳର ଅନ୍ତେବାସୀଙ୍କ ପାଇଁ ବିଏମସି ପ୍ରତ୍ୟେକ ସମୟରେ ତତ୍ପରତାର ସହ କାର୍ଯ୍ୟ ଜାରି ରଖିଛି। ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ କହିଛନ୍ତି ଏହି ଉଦ୍ୟାନ ସହିତ ଆହୁରି ଅନେକ ଉନ୍ନତିମୂଳକ ପ୍ରକଳ୍ପ ଅଞ୍ଚଳର ଅଧିବାସୀମାନଙ୍କ ଜୀବନଧାରଣର ମାନକୁ ବୃଦ୍ଧି କରିବ। କାର୍ଯ୍ୟକ୍ରମକୁ କର୍ପୋରେଟର ମାନସୀ ସୁନ୍ଦର ରାୟ ପରିଚାଳନା କରିଥିବା ବେଳେ ନୂଆପଲ୍ଲୀ କମ୍ୟୁନିଟି କେୟାର ଆସୋସିଏସନ୍‌ର ସଭାପତି ଶରତ ଚନ୍ଦ୍ର ଭଦ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

## ମେକାନିକଙ୍କ ମୋବାଇଲ ଚୋରି; ଦୁଇ ସହକର୍ମୀ ଗିରଫ

ଭୁବନେଶ୍ୱର, ୧୩।୪ (ସମିସ): ମେକାନିକଙ୍କ ମୋବାଇଲ ଚୋରି କରିଥିବା ଅଭିଯୋଗରେ ଦୁଇ ସହକର୍ମୀଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଜଗତସିଂହପୁର ଡିଙ୍ଗେଶ୍ୱରର ଆଲୋକ ଦାସ (୨୫) ଓ କଟକ ନୂଆପଡ଼ାର ଅଶ୍ୱିନୀ ଶତପଥୀ (୨୫)।

ପୁଲିସ ସୂଚନାନୁସାରେ, ପବିତ୍ର ଶର୍ମା, ଆଲୋକ ଓ ଅଶ୍ୱିନୀ ମିଶି କାନନ ବିହାର ଫେଜ-୨ ରେ ଥିବା ଏକ କାର୍ ଗ୍ୟାରେଜରେ ରେ କାମ କରନ୍ତି। ଗତକାଲି ପ୍ରାତଃ ସମୟରେ ପବିତ୍ର ଗ୍ୟାରେଜ୍ ଥିବା ରୁମରେ ଶୋଇଥିବା ବେଳେ ଆଲୋକ ଓ ଅଶ୍ୱିନୀ ମିଶି ତାଙ୍କର ୨ଟି ମୋବାଇଲ ଫୋନକୁ ଚୋରିକରି ନେଇଥିଲେ। ପବିତ୍ର ଏନେଇ ଦୁଇ ଜଣଙ୍କ ନାମରେ ଏତଲା ଦେବାପରେ ଇନଫୋସିଟି ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଆଲୋକ ଓ ଅଶ୍ୱିନୀ ମିଶି ଚୋରା ମୋବାଇଲ ଫୋନକୁ କମ ଦାମରେ ବିକ୍ରି କରିବା ଲାଗି ପଟିଆ ଷ୍ଟେସନ ନିକଟରେ ଗ୍ରାହକ ଖୋଜୁଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ପୁଲିସ ଟିମ୍ ଷ୍ଟେସନ ନିକଟରେ ଚଢ଼ଉ କରି ଦୁହିଁଙ୍କୁ ଗିରଫ କରିବା ସହ ୨ଟି ଯାକ ମୋବାଇଲ ଫୋନ ଜବତ କରିଥିଲା।

## ସିଏସ୍‌ଆଇଆର-ଆଇଏମଏମଟିରେ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୩।୪(ସମିସ):ସିଏସଆଇଆର୍-ଆଇଏମଏମ୍‌ଟି ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।୧୯୬୪ ମସିହା ଏପ୍ରିଲ ୧୩ରେ ରିଜିଓନାଲ୍ ରିସର୍ଚ୍ଚ ଲ୍ୟାବରେଟରୀ ଭାବେ ସ୍ଥାପିତ ଏହି ସଂସ୍ଥା ବର୍ତ୍ତମାନ ମିନେରାଲ୍ସ, ଧାତୁ ଓ ମଟେରିଆଲ୍ସ ଟେକ୍ନୋଲୋଜି କ୍ଷେତ୍ରରେ ଏକ ପ୍ରମୁଖ ଗବେଷଣା ସଂସ୍ଥା ଭାବେ ପରିଚୟ ଲାଭ କରିଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଷ୍ଠାନରନିର୍ଦ୍ଦେଶକଡ.ରାମାନୁଜନାରାୟଣ,ଅନ୍ୟତମଅତିଥିଭାବେନାଲ୍‌କୋରନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା ଯୋଗ ଦେଇଥିଲେ। ଏହି ଅବସରରେ ହିନ୍ଦୀ ପତ୍ରିକା 'ଅଭିବ୍ୟକ୍ତି' ଉନ୍ମୋଚିନ ସହ ବିଭିନ୍ନ ପ୍ରତିଯୋଗିତାରେ ବିଜେତାଙ୍କୁ ସମ୍ମାନୀତ କରାଯାଇଥିଲା। ଶେଷରେ ଡ. ଏଲ୍.ଡି. ବେସ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କର୍ମଚାରୀମାନଙ୍କ ଓଡ଼ିଆ ନାଟକ ସହ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଇକୋ ଏବିଲିଟି ଟ୍ରଷ୍ଟର ଅଟିଜିମ୍ ଦିବସ



ଭୁବନେଶ୍ୱର, ୧୩।୪(ସମିସ): ଇକୋ ଏବିଲିଟି ଟ୍ରଷ୍ଟ ପକ୍ଷରୁ ଜୟଦେବ ଭବନଠାରେ ଏହାର ପ୍ରଥମବାର୍ଷିକଉତ୍ସବଅବସରରେଅଟିଜିମ୍‌ସଚେତନତାଦିବସପାଳନକରିଛି।କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର, ଏସ୍.ଭି ନିରତାରର ନିର୍ଦ୍ଦେଶକ ପତିତପାବନ ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଗୌତମ ରାୟ, ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଦୀପକ କୁମାର ରାଉତରାୟ ଓ ସହସଚିବ ସନ୍ୟାସୀ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଅଟିଜିମ୍ ସଚେତନତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଟିଜିମ୍ ପିଲାମାନଙ୍କ ପାଇଁ ସମାଜରେ କାମ କରୁଥିବା ଦୂରଦର୍ଶନର 'ସେମାନେ ସମର୍ଥ' ଟିମ୍ ଓ ଡା. ବିଶ୍ୱ ରଞ୍ଜନ ମିଶ୍ର, ଡା. ଅନୁରୂପା ସେନାପତି, ଗୁରୁ ଚନ୍ଦନ କୁମାର ଜେନା, ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଟ୍ରଷ୍ଟର ଅଧକ୍ଷ୍ୟା ସୌଦାମିନୀ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ଅନ୍ୟତମ ସଦସ୍ୟ ରଜନୀକାନ୍ତ ରାଉତ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ଆମ ରାଜଧାନୀ ଆମ ଐତିହ୍ୟ**

## ଖାକରା ଶୈଳୀରେ ନିର୍ମିତ ବୈତାଳ-ଶିଶିରେଶ୍ୱର ମନ୍ଦିର



ଭୁବନେଶ୍ୱର, ୧୩।୪(ସମିସ): ରାଜଧାନୀରେ ଥିବା ପ୍ରମୁଖ ଐତିହ୍ୟ ମନ୍ଦିରଗୁଡିକ ମଧ୍ୟରୁ ବୈତାଳ - ଶିଶିରେଶ୍ୱର ମନ୍ଦିର ଅନ୍ୟତମ। ଏହି ମନ୍ଦିରଟି ତିନି ମୁଣ୍ଡିଆ ଛକ ନିକଟରେ ରହିଛି। ଅଷ୍ଟମ ଶତାବ୍ଦୀ ସମୟରେ ଭୌମିକ ବଂଶ ଦ୍ୱାରା ଏହି ମନ୍ଦିର ଖାକରା ଶୈଳୀରେ ନିର୍ମିତ ହୋଇଥିଲା। ବୈତାଳ ମନ୍ଦିର ଏକାମ୍ର କ୍ଷେତ୍ରର ଏକ ସ୍ୱତନ୍ତ୍ର ଦେବୀ ପୀଠ।

ଏହି ତାନ୍ତ୍ରିକ ପୀଠର ଅଧିଷ୍ଠାତ୍ରୀ ଦେବୀ ଏବଂ ସ୍ଥାନୀୟ ଦେବୀ କାପାଳିନୀ ଭାବରେ ପରିଚିତ। ସେଥିପାଇଁ ମନ୍ଦିର ଚାରିପଟ କାରୁକାର୍ଯ୍ୟରେ ତାନ୍ତ୍ରୀକ ସାଧନାର ପ୍ରତୀକ ଦେଖିବାକୁ ମିଳେ। ଏହା ଲିଙ୍ଗରାଜ ମନ୍ଦିରଠୁ ବି ପ୍ରାଚୀନ ବୋଲି ବିଶ୍ୱାସ ରହିଛି। ଯେଉଁଠି ଶିବ ଓ ଶକ୍ତି ଏକତ୍ର ପୂଜା ପାଆନ୍ତି। କେବଳ ସେତିକି ନୁହଁ ବରଂ ମନ୍ଦିରର ଗର୍ଭଗୃହରେ ଆହୁରି ୧୪ ଜଣ ମାତା ରହିଛନ୍ତି ବୋଲି ଐତିହ୍ୟ ଗବେଷକ ମତ ଦିଅନ୍ତି। ଏହା କଳିଙ୍ଗ ସ୍ଥାପତ୍ୟ ଶୈଳୀର ଏକ ବିଶିଷ୍ଟ ଦୃଷ୍ଟାନ୍ତ ବୋଲି ଇତିହାସରୁ ଜଣାଯାଏ। ଦକ୍ଷିଣ ଭାରତୀୟ ଗୋପୁରମ୍ ଭଳି ଦେଖାଯାଉଥିବା ଏହି ମନ୍ଦିର ଖାକରା ଶୈଳୀରେ ନିର୍ମିତ ଏବଂ ତିନି ମୁଣ୍ଡିଆ ମନ୍ଦିର ଭାବେ ଖ୍ୟାତ। ତିନି ମୁଣ୍ଡିଆ ବା ଦେବୀ ଚାମୁଣ୍ଡାଙ୍କ ତିନି ଶକ୍ତି - ସରସ୍ୱତୀ, ଲକ୍ଷ୍ମୀ ଏବଂ କାଳୀଙ୍କର ପ୍ରତିନିଧିତ୍ୱ କରନ୍ତି ବୋଲି ବିଶ୍ୱାସ ରହିଛି। କେହି କେହି ମନ୍ଦିରଟି ବୋଇତାଳୁ ବା କଖାରୁ ଭଳି ଦେଖାଯାଉଥିବାରୁ ଏହି ଭଳି ନାମକରଣ ରହିଛି ବୋଲି କହୁଥିବାବେଳେ ଆଉକେହି ବୋଇତ ବା ଡଙ୍ଗା ଆକୃତିରୁ ଏହି ନାମ ଆସିଛି ବୋଲି କୁହନ୍ତି। ତେବେ ପୂଜକମାନଙ୍କ ଅନୁଯାୟୀ ମନ୍ଦିରର ନାମ ତନ୍ତ୍ର ପୂଜା ପଦ୍ଧତି ସହ ସଂଶ୍ଳିଷ୍ଟ ବେତାଳ ନାମ ଅନୁଯାୟୀ ବୈତାଳ ଦେଉଳ ରଖାଯାଇଛି। ଏହି ମନ୍ଦିରରେ ସୂର୍ଯ୍ୟ, ନଟରାଜ, ଗଣେଶ, ଲକୁଳିଶ ଏବଂ ମହିଷା - ମର୍ଦ୍ଦିନୀଙ୍କ ମୂର୍ତ୍ତୀ ଓ ଖୋଦେଇ ଭାସ୍କର୍ଯ୍ୟ ଶୋଭା ପାଉଛି। ଏହି ପ୍ରାଙ୍ଗଣରେ ଅବସ୍ଥିତ ଶିଶିରେଶ୍ୱର ମନ୍ଦିର ଲଳିତଗିରିସ୍ଥିତ ବୌଦ୍ଧ ମଠ ସହିତ ସାମଞ୍ଜସ୍ୟ ରହିଛି ବୋଲି କୁହାଯାଏ। ମନ୍ଦିରର ବାହ୍ୟ ପାର୍ଶ୍ୱ ବା କାନ୍ଥଗୁଡିକ ମୁଖ୍ୟତଃ ଶିବ, ପାର୍ବତୀ, ଶିକାର ପ୍ରକ୍ରିୟାର ଦୃଶ୍ୟ, ବନ୍ୟ ହାତୀକୁ ଧରିବା, ନୃତ୍ୟ କରୁଥିବା ଦମ୍ପତି ଏବଂ ଗଣେଶ ଖୋଦିତ ହୋଇଛନ୍ତି। ଚାମୁଣ୍ଡା କାନ୍ଥର ନିମ୍ନ ଭାଗରେ ଖୋଦିତ ଅନ୍ୟ ଦେବାଦେବୀଙ୍କ ଦ୍ୱାରା ଘେରି ରହିଛନ୍ତି। ମନ୍ଦିର ପରିସରରେ ଏକ କୂଅ ରହିଛି। ସେହି ପାଣି ଅଣାଯାଇ ପୂଜା କାମରେ ବ୍ୟବହାର କରାଯାଇଥାଏ।

### ଏବେ କେମିତି ରହିଛି

ମନ୍ଦିରଟି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ସଂରକ୍ଷିତ ଅବସ୍ଥାରେ ରହିଛି। ମନ୍ଦିର ବାହାର ପାର୍ଶ୍ୱ ଅନେକ ଅଂଶ ବର୍ଷା ପାଣି ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ଅର୍ଥାତ ଏହାର ସୌନ୍ଦର୍ଯ୍ୟ କ୍ଷୟ ହେବା ସହ ସେଥିରେ ଶିଉଳୀ ଲାଗି ରଙ୍ଗ ମଧ୍ୟ ପରିବର୍ତ୍ତନ ହେଲାଣି। ସେହି ମନ୍ଦିର ପରିସର ମଧ୍ୟରେ ଥିବା କୂଅର ମଧ୍ୟ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଗଛଲତା ମାଡିଲାଣି। ମନ୍ଦିର ଭିତରକୁ ଯିବା ପାଇଁ ଦୁଇଟି ଗେଟ ରହିଛି। ଏ ନେଇ ମନ୍ଦିରର ପୂଜାରୀ କୁହନ୍ତି ସକାଳ ୮ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ମନ୍ଦିର ସମସ୍ତଙ୍କ ପାଇଁ ଖୋଲା ରୁହେ। ପୂଜାକରି ସାରିବା ପରେ ମନ୍ଦିରର ମୁଖ୍ୟ ଦ୍ୱାରରେ ତାଲା ପକାଯାଏ। ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ନେଇ କୁହନ୍ତି, ମନ୍ଦିରର ବାହାର ପାର୍ଶ୍ୱର ସୌନ୍ଦର୍ଯ୍ୟ ଧୀରେ ଧୀରେ କ୍ଷୟ ହେବାକୁ ଲାଗିଲାଣି ଏ ନେଇ ପଦକ୍ଷେପ ନିଆଯିବା ଆବଶ୍ୟକ।



# ଖଲ୍ଲିକୋଟରେ ମାସନ୍ତ ମେରୁ

**ଖଲ୍ଲିକୋଟ,୧୩।୪(ସମିସ):** ଖଲ୍ଲିକୋଟ ଅଞ୍ଚଳରେ ସହ ମାସନ୍ତ ମେରୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବ୍ଲକର ଲଙ୍ଗଳେଶ୍ୱର ଓ ପଥରା ଗ୍ରାମରେ ମାସନ୍ତ ମେରୁ ଯାତ୍ରା ପାଳିତ ହୋଇଯାଇଛି। ଗତ ମାସ ୨୪ ତାରିଖରେ ଆରମ୍ଭ ହୋଇଥିବା ଲଙ୍ଗଳେଶ୍ୱର ଓ ପଥରା ଦଣ୍ଡଯାତ୍ରା ମାସନ୍ତ ମେରୁରେ ସମାପନ ହୋଇଛି। ଆଜି ପୂର୍ବାହ୍ନରେ ଧୂଳି ଦଣ୍ଡ ଓ ପାଣି ଦଣ୍ଡ ପରେ ଅପରାହ୍ନରେ ମେରୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମାସ ଯାକ ଦଣ୍ଡ ପାଳନ କରି ରହିଥିବା ପାଟ ଭୁକ୍ତାଙ୍କୁ ମେରୁ କାଠରେ ଝୁଲା ଯିବା ପରେ ମେରୁ ଯାତ୍ରା ସମ୍ପନ୍ନ ହୋଇଥିଲା। ଉଭୟ ଅଞ୍ଚଳରେ ମେରୁ ଯାତ୍ରା ଦେଖିବା ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା।



**ଆସିକା** : ପ୍ରସିଦ୍ଧ ଦଣ୍ଡନାଚର ମାସନ୍ତ ମେରୁ ପର୍ବ ସୋମବାର ଦିନ ଉଦଯାପିତ ହୋଇଯାଇଛି। ଆସିକାର ମା'ଦଣ୍ଡକାଳୀ ମନ୍ଦିର, କାଳଷଣ୍ଢେପୁର, ମାଗୁରା, ଖାରିଆ, ଠାରେ ଥିବା ଦଣ୍ଡକାଳୀ ମନ୍ଦିର ପ୍ରାଙ୍ଗଣରେ ଭକ୍ତିମୟ ପରିବେଶରେ ମେରୁ ପର୍ବ ସମାପନ ହୋଇଯାଇଛି। ସକାଳ ସମୟରୁ ମା'କାଳୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ମେରୁ ମଣ୍ଡପ ଠାରେ ପୂଜା, ହୋମ, ଆରତୀ, ପୁଷ୍ପାଞ୍ଜଳି, ଆଦି ପଣ୍ଡିତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏହା ପରେ ଦଣ୍ଡୁଆ ମାନେ ରୀତିନୀତି ଅନୁସାରେ ଧୂଳିଦଣ୍ଡ ଶେଷ କରି ପାଣିଦଣ୍ଡକୁ ଯାଇଥିଲେ ଓ ସେଠାରୁ ଅଗ୍ନିଦଣ୍ଡ ଖେଳି ମେରୁ ମଣ୍ଡପ ନିକଟରେ ପହଁଞ୍ଚିଥିଲେ। ସେଠାରେ ପ୍ରତି ଦଣ୍ଡୁଆଙ୍କ ଦ୍ୱାରା ମେରୁ ପର୍ବର ସମସ୍ତ କାର୍ଯ୍ୟ ରୀତିନୀତି ଅନୁସାରେ ସମାପନ ହୋଇଥିଲା।



# ରଙ୍ଗେଇଲୁଣ୍ଡାରେ ବଣିକ ସଂଘ ପକ୍ଷରୁ ଦଣ୍ଡନାଚ



**ରଙ୍ଗେଇଲୁଣ୍ଡା,୧୩।୪(ସମିସ):** ରଙ୍ଗେଇଲୁଣ୍ଡା ବ୍ଲକ ତୁଲୁ ଛକରେ ବଣିକ ସଂଘ ପକ୍ଷରୁ ଦଣ୍ଡନାଚ ଆୟୋଜନ କରାଯାଇଥିଲା। ଦଣ୍ଡୁଆମାନେ ପାରମ୍ପରିକ ପୋଷାକ ପିନ୍ଧି ବିଭିନ୍ନ ନୃତ୍ୟ ଓ କଷ୍ଟସାଧ କ୍ରିୟା ପ୍ରଦର୍ଶନ କରିଥିଲେ। ଏହି ପାରମ୍ପରିକ ଉତ୍ସବ ମାଧ୍ୟମରେ ଆମ ସଂସ୍କୃତିକୁ ବଞ୍ଚାଇ ରଖିବା ହେଉଛି ବଣିକ ସଂଘର ଉଦ୍ଦେଶ୍ୟ ବୋଲି କହିଥିଲେ। ଗ୍ରାମବାସୀ ମଧ୍ୟ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି



**ବେଲଗୁଣ୍ଠା,୧୩।୪(ସମିସ)**

ବେଲଗୁଣ୍ଠା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଗଞ୍ଜାମ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି, ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଭଞ୍ଜନଗର ଉପ ଜିଲ୍ଲାପାଳ ଉମାଶଙ୍କର ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଭଞ୍ଜନଗର ରଞ୍ଜନ କୁମାର ଦେ, ବ୍ଲକ ଅଧ୍ୟକ୍ଷା ମମତା ଭୋଳ, ତହସିଲଦାର କଳାକୃଷ୍ଣ ପ୍ରଧାନ, ବିଡିଓ ହରି ଶିଙ୍ଗାପୁରମ ପ୍ରମୁଖ ଯୋଗଦେଇ ୧୬୭ଟି ଅଭିଯୋଗର ଶୁଣାଣି କରିଥିଲେ। ରେଡକ୍ରସ୍ ପାଣ୍ଠିରୁ ୪ ଜଣଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ସ୍ଥାନୀୟ ଜନସାଧାରଣ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଭତ୍ତା, ଖାଦ୍ୟ ସୁରକ୍ଷା, ଗୃହ ନିର୍ମାଣ, ଜିବିକା ମିଶନ୍, ରାଜସ୍ୱ, ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବେଲଗୁଣ୍ଠା ବ୍ଲକର ସମସ୍ତ ଅଧିକାରୀ, ପ୍ରଶାସନ ତଥା ସରକାରୀ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ବେଲଗୁଣ୍ଠା ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

**ଅଭିଯୋଗ ଶୁଣାଣିରେ ଗଣ୍ଡଗୋଳ**

## ନିର୍ଦ୍ଦୋଷରେ ଖଲାସ ହେଲେ ସମାଜସେବୀ

**ଆସିକା,୧୩।୪(ସମିସ):** ୨୦୧୮ ମସିହାରେ ଧରାକୋଟ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ବ୍ଲକର ବିଭିନ୍ନ ଦୁର୍ନୀତି ନେଇ ଧରାକୋଟର ସମାଜସେବୀ ଙ୍କ ପ୍ରଦୀପ କୁମାର ପତ୍ରି ତାଙ୍କ ସମର୍ଥକଙ୍କ ଯାଇଥିଲେ। ଏତିକିବେଳେ ତାଙ୍କୁ ଛଡ଼ା ନଯିବାରୁ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଙ୍କ ପ୍ରଦୀପ କୁମାର ପତ୍ରିଙ୍କ ବିରୋଧରେ ବ୍ଲକ ପ୍ରଶାସନ ପକ୍ଷରୁ ଚାରି ଗୋଟି ମିଥ୍ୟା ମାମଲା ଦାଏର କରାଯାଇଥିଲା। ଦୀର୍ଘ ସାତ ବର୍ଷ ପରେ ସେହି ମାମଲା ଗଡ଼ିକର ଶୁଣାଣି ଆସିକା ବିଭିନ୍ନ କୋର୍ଟରେ ହୋଇଥିଲା। ସୋମବାର ଚାରୋଟି ମାମଲାର ରାୟ ପ୍ରକାଶ ପାଇଛି। ଏଥିରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ସମାଜସେବୀ ଶ୍ରୀ ପତ୍ରି। ଏହା ଧର୍ମର ଜୟ ହୋଇଛି ବୋଲି ତାଙ୍କ ପତିକ୍ରିୟାରେ ସେ ପ୍ରକାଶ କରିଛନ୍ତି। ଅପରପକ୍ଷେ ନିର୍ଦ୍ଦୋଷରେ ଖଲାସ ହେବା ଙ୍କ ପ୍ରଦୀପ କୁମାର ପତ୍ରିଙ୍କ ସମର୍ଥକ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।



# ଜନଗଣନାର ସତେଜ ତାଲିମ ଶିବିର

**ଧରାକୋଟ,୧୩।୪(ସମିସ):** ଚଳିତ ମାସ ୧୬ ତାରିଖ ଠାରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ଜନଗଣନା। ଏଥିପାଇଁ ଧରାକୋଟ ତହସିଲ ତରଫରୁ ୨୦୨୭ ଜନଗଣନାର ସତେଜ ତାଲିମ ଶିବିର ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ଚାର୍ଜ ଅଫିସର ତଥା ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ଚାର୍ଜ ଅଫିସର ତଥା ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌରୀ ଶଙ୍କର ବେହେରା, କ୍ଷେତ୍ର ତାଲିମକାରି ବିରୂପାକ୍ଷ ପରିଡ଼ା, ହରେକୃଷ୍ଣ ଖଣ୍ଡୁଆଳ ପ୍ରମୁଖ ଗଣନା ଆରମ୍ଭରୁ ୩୦ ଜଣ ସୁପରଭାଇଜର ଓ ୧୮୪ ଜଣ ଗଣନାକାରିଙ୍କୁ ରିଫ୍ରେସର ବା ସତେଜ ତାଲିମ ପ୍ରଦାନ କରିଥିଲେ। ଗଣନା ସମ୍ପର୍କରେ ରହିଥିବା ସଂଶୟ ଦୂରୀକରଣ ସହ ସମସ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଓ ଜନଗଣନା ସହାୟକ ପୁସ୍ତିକା ପ୍ରଦାନ କରାଯାଇଥିଲା। ନିର୍ଭୁଲ ଓ ସଠିକ ଭାବରେ ଏହି ଗଣନା କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବା ଉପରେ ଚାର୍ଜ ଅଫିସର ଓ ଅନ୍ୟାନ୍ୟ ତାଲିମ ଦାତା ମାନେ ଗୁରୁତ୍ୱାରୋପ କରିଥିଲେ।

**ବେପାରୀଙ୍କ କବ୍‌ଜାରେ ମୁଖ୍ୟରାସ୍ତା**

# ସହରରେ ବଢୁଛି ଟ୍ରାଫିକ୍ ସମସ୍ୟା

**ବୁଗୁଡ଼ା,୧୩।୪(ସମିସ):** ବୁଗୁଡା ସହରର ମୁଖ୍ୟ ସଡକ ସମେତ ବିଭିନ୍ନ ଛକରେ ଯାନବାହାନ ଚଳାଚଳ ବେଳେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଗୁଡା ମୁଖ୍ୟ ରାସ୍ତାରେ ଦୈନିକ ଶହ ଶହ ଯାନବାହାନ ଚଳାଚଳ ହେଉଥିବା ବେଳେ ବିଭିନ୍ନ ବେପାରୀ ରାସ୍ତା କଡ ଅତିକ୍ରମ କରି ପସରା ମେଲାଇ ବେପାର ଜମାଉଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅଧିକାଂଶ ସମୟରେ ଯାନବାହାନ ଗୁଡିକର ଲମ୍ବା ଧାଡ଼ି ଲାଗିଯାଉଛି। ଏହି ସମସ୍ୟାର ସମାଧାନ କରିବାରେ ଦୀର୍ଘ ସମୟ ଲାଗିଯାଉଛି ଏବଂ ଅଯଥା ପାଟିତୁଣ୍ଡ ସାଙ୍ଗକୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଜରୁରୀକାଳୀନ ସେବାରେ ନିୟୋଜିତ ଆମ୍ବୁଲାନ୍ସ ମଧ୍ୟ ବେଳେ ବେଳେ ଏହି ଟ୍ରାଫିକ୍ ସମସ୍ୟାରେ ଫସି ଯାଉଛି। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ଦିଗରେ ଏନ୍‌ଏସି ଏବଂ ପୁଲିସ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

ଅନ୍ୟପକ୍ଷରେ ମଦନ ମୋହନ ଛକ ଠାରୁ ବଡଶଙ୍ଖ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଡିଭାଇଡର ନିର୍ମାଣ ପାଇଁ ପ୍ରାରମ୍ଭିକ ଅବସ୍ଥାରେ ଜବରଦଖଲ ଉଚ୍ଛେଦ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହିଁକି କାର୍ଯକାରୀ ହୋଇପାରୁନି ତାହା ଆଶ୍ଚର୍ଯ୍ୟର ବିଷୟ ହୋଇପଡିଛି। ତେଣୁ ପୂର୍ତ୍ତବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହାର ପ୍ରତିକାର ପାଇଁ ସାଧାରଣରେ ଦାବି ହେଉଛି।



# ଗଞ୍ଜାମ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ଗଞ୍ଜାମ,୧୩।୪(ସମିସ):** ଗଞ୍ଜାମ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ. ସ୍ମରଣିକା ହୋତା ଓ କାନାରା ବ୍ୟାଙ୍କ ଶାଖା ପରିଚାଳକ ସୁଦେର୍ଶନା ସେନ ସର୍ଦାର ଉଦଘାଟନ କରିଥିଲେ। ଏନଏସଏସ, ଏନସିସି ଓ ୱାଇଆରସିସିର ମିଳିତ ଉଦ୍ୟମରେ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ଏମକେସିଜି ରକ୍ତ ଭଣ୍ଡାର କର୍ମକର୍ତ୍ତା ଯୋଗଦେଇ ୧୯ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଡ଼ଃ. ଏସ କେ ସେଠି, ଡ଼ଃ ଡି ପି ଦାଶ, ଡ଼ଃ ଅନିତା ଦଳାଇ, ଖୁସ୍‌ବୁ ନାଜ, ଅରୁନ୍ଧତୀ ସିଂ, ଶ୍ରୀଧର ବଢ଼େଇ, ହିମାଂଶୁ ଏସ ନାହାକ, ଏନ. ରଘୁନାଥ ରେଡ଼ି, ଅଜୟ କୁମାର ବାରିକି ପ୍ରମୁଖ କଲେଜ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଏନସିସି କ୍ୟାଡେଟ ମାନେ ସହଯୋଗ କରିଥିଲେ।

**ରମ୍ଭା** : ସ୍ଥାନୀୟ ରଘୁନାଥପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଜନକ କୁମାର ତରେଇ ଏହାକୁ ଉଦଘାଟନ କରିଥିଲେ। ବିଦ୍ୟା ମନ୍ଦିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ, ଝାରେଡି ରାଧା ଗୋବିନ୍ଦପୁର ସରପଞ୍ଚ ସିଦ୍ଧେଶ୍ୱର ନାହାକ, ସମାଜସେବୀ ପ୍ରକାଶ ଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ନାୟକ, ଅଜୟ ପ୍ରଧାନ, ରାମଗଡ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ କାମେଶ୍ୱର ପଲେଇ ପ୍ରମୁଖ ଯୋଗ ଦେଇ ରକ୍ତ ଦାନ ପୂର୍ବକ ଅନ୍ୟାନ୍ୟ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସର୍ବମୋଟ ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର ପଣ୍ଡା, ସମସ୍ତ ଗୁରୁଜୀ, ଗୁରୁମାଙ୍କ ସମେତ ଦେବାଶିଷ ବେହେରା, ବିଭୂତି ସାହୁ, ଗଣେଶ ଚନ୍ଦ୍ର ଦଳ ବେହେରା, ରାମ ପ୍ରସାଦ ସେନାପତି, ଜୋନାସ ପ୍ରତ୍ୟୁଷ ବିଶ୍ୱାସ ସହଯୋଗ କରିଥିଲେ।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ଧରାକୋଟ,୧୩।୪(ସମିସ):** ଧରାକୋଟ ବ୍ଲକର ଜଗମୋହନ ଗ୍ରାମରେ ହନୁମାନଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଶୁକ୍ରବାର ଦୀକ୍ଷା ଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ ପରେ ଘୃତ ଯଜ୍ଞ, ନାମ ଯଜ୍ଞ, ବିଗ୍ରହ ପ୍ରତିଷ୍ଠାପରେ ଅନ୍ନପ୍ରସାଦ ସେବନ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଧରାକୋଟ ରାଜଜେମା ଶାନ୍ତିପ୍ରିୟା ଦେବୀ ଯୋଗଦେଇ ପୂର୍ଣ୍ଣାହୂତି ପ୍ରଦାନ କରିଥିବା ବେଳେ ସତୀମଠ ମହନ୍ତ କୃପାସିନ୍ଧୁ ଦାସ ମହାରାଜ ଉପସ୍ଥିତ ରହିଥିଲେ। କର୍ତ୍ତା ଭାବରେ ଲକ୍ଷ୍ମଣ ବାଡତ୍ୟା ଓ ତାଙ୍କ ପତ୍ନୀ ସୁଜ୍ଞାନୀ ବାଡତ୍ୟା ଦାୟିତ୍ୱ ତୁଲାଇଥିବା ବେଳେ ପୁରୋହିତ ଭାବରେ ବସନ୍ତ କୁମାର ରଥ କାର୍ଯ୍ୟ ସମାପନ କରିଥିଲେ। ମୁଖ୍ୟ ସହଯୋଗୀ ଭାବରେ ତ୍ରିଲୋଚନ ସାହୁ, ପ୍ରକାଶ ସାହୁ, ପ୍ରମୋଦ କୁମାର ମହାରଣା ରହିଥିବା ବେଳେ ଜଗମୋହନ ଗ୍ରାମବାସୀ ସହଯୋଗ କରିଥିଲେ।

# 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ



**ଭଞ୍ଜନଗର,୧୩।୪(ସମିସ):** ସ୍ଥାନୀୟ ଉପେନ୍ଦ୍ରଭଞ୍ଜ ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ଜିଲ୍ଲା ସଭାପତି ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ପକ୍ଷ "ଆମ ରୁଚି ଆମ ଖାଦ୍ୟ' ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ, ଶିକ୍ଷକ ନେତା ଜଗବନ୍ଧୁ ଜେନା, ଜିଲ୍ଲା ଓଷ୍ଟା ସମ୍ପାଦକ ବିଜୟ କୁମାର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ପୋଲେଇ, ଜିଲ୍ଲା ଉପଦେଷ୍ଟା ଭିକାରୀ ଚରଣ ଗୌଡ଼, ବ୍ଲକ ଓଷ୍ଟା ସମ୍ପାଦକ ଗୌରୀନନ୍ଦନ ହୋତା, ବରିଷ୍ଠ ଶିକ୍ଷକ ଉମାକାନ୍ତ ନାହାକ, ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କାମରାଜୁ ଗୌଡ଼ ମଞ୍ଚାସୀନ ହୋଇ ଓଡ଼ିଆଙ୍କ ପାରମ୍ପରିକ ପ୍ରିୟ ଖାଦ୍ୟ ଉପରେ କହିଥିଲେ। ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଏହା ପାଳନ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



**ଦାରିଙ୍ଗବାଡି,୧୩।୪(ସମିସ):** କନ୍ଧମାଳ ଜିଲ୍ଲା, ବ୍ଲକ ପ୍ରଶାସନ , ଓଏଲଏମ୍ ବିଭାଗ ତରଫରୁ ବ୍ଲକ ସଭାଗୃହରେ ବ୍ଲକ ବିପିଏମ୍ ପିଣ୍ଟୁ ନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆମ ରୁଚି, ଆମ ଖାଦ୍ୟ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ମୁଖ୍ୟ କିରାଣୀ ବନମାଳୀ ପ୍ରଧାନ ଯୋଗ ଦେଇଥିଲେ। ଅତିଥି ମାନେ ପାରମ୍ପରିକ ଖାଦ୍ୟ ସମ୍ପର୍କରେ ମତାମତ ଦେଇଥିଲେ। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଅଂଶଗ୍ରହଣ କରି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିବା ସହିତ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶିତ ପାରମ୍ପରିକ ଖାଦ୍ୟ ଅତିଥି ବୁଲି ଦେଖିବା ସହିତ ଚାଖି ପରଖି ଗୁଣବତ୍ତାକୁ ଉପଲବ୍ଧ କରି ନିର୍ଣ୍ଣୟ କରିଥିଲେ। ବ୍ଲକ ବିପିଏମ୍ ପିଣ୍ଟୁ ନାୟକ, ବିପିସି ଜଗନ୍ନାଥ ରଥ, ଏସ୍‌ଆରଏ ମମତା ବେହେରା ଉପସ୍ଥିତ ରହି ମାନ ନିର୍ଣ୍ଣୟ ସହିତ ଆନନ୍ଦମୟୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ , ଶ୍ରୀୟା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ଏବଂ ଆଶା ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ସ୍ଥାନ ହାସଲ କରିଥିବା ଘୋଷଣା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀ, ସ୍"ୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିବାବେଳେ ଓଏଲଏମ୍ ଦାରିଙ୍ଗବାଡିର ସମସ୍ତ କର୍ମଚାରୀ ଏବଂ ବ୍ଲକର କର୍ମଚାରୀ ସହଯୋଗ କରିଥିଲେ।

# ଭଞ୍ଜନଗର ବ୍ଲକ୍ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

**ଭଞ୍ଜନଗର,୧୩।୪(ସମିସ)**

ସ୍ଥାନୀୟ ପିଏମଶ୍ରୀ ୟୁବି ହାଇସ୍କୁଲରେ ବ୍ଲକ ଓଷ୍ଟା ସାମ୍ବିଧାନିକ ସମ୍ମିଳନୀ ସଭାପତି ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସଭାପତି ସନ୍ତୋଷ କୁମାର ଜେନା, ସମ୍ପାଦକ ବିଜୟ କୁମାର ବେହେରା, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ବ୍ଲକ ସମ୍ପାଦକ ଗୌରୀନନ୍ଦନ ହୋତା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ପୋଲାଇ, ଜିଲ୍ଲା ଉପଦେଷ୍ଟା ଭିକାରୀ ଚରଣ ଗୌଡ଼, ବରିଷ୍ଠ ଶିକ୍ଷକ ଉମାକାନ୍ତ ନାହାକ ଯୋଗଦେଇଥିବାବେଳେ ମୁଖ୍ୟ ଅତିଥିଭାବେ ପ୍ରଫେସର କୃତ୍ତିବାସ ବିଶ୍ୱାଳ ଯୋଗଦେଇ ଓଷ୍ଟାର କାର୍ଯ୍ୟକ୍ରମ, ସଂଗଠନ, ବିଭିନ୍ନ ସମସ୍ୟାର ସମାଧାନ କରୁଥିବା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଗୌରୀନନ୍ଦନ ହୋତା ସମ୍ପାଦକୀୟ ବିବରଣୀ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ କାମରାଜୁ ଗୌଡ଼, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଉମାକାନ୍ତ ନାହାକ ଆଗାମୀ କାର୍ଯ୍ୟଧାରା ଉପରେ ଗୁରୁତ୍ୱ ଦେଇ ସଂଗଠନକୁ ସୁଦୃଢ଼ କରାଯିବା ଉପରେ କହିଥିଲେ। ଆଗାମୀ ତିନି ବର୍ଷ ପାଇଁ ନୂତନ ବ୍ଲକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଉପେନ୍ଦ୍ରଭଞ୍ଜ ଉଚ୍ଚ ବିଦ୍ୟାଳୟର ଉମାକାନ୍ତ ନାହାକ, ଉପସଭାପତି ଭାବେ ଗାଲେରୀ ହାଇସ୍କୁଲର ଆଦିତ୍ୟ ପ୍ରସାଦ ତ୍ରିପାଠୀ, ମୁଜାଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବୈଜନ୍ତିମାଳା ପ୍ରିୟଦର୍ଶିନୀ ବାହାଡାପଦର ହାଇସ୍କୁଲର ହୃଷିକେଶ ନାୟକ, ସମ୍ପାଦକ ଭାବେ ଦଦରାଲୁଣ୍ଡା ହାଇସ୍କୁଲର ସତ୍ୟବାନ ସାହୁ, ଯୁଗ୍ମସମ୍ପାଦକ ଭାବେ ପ୍ରମୋଦ ପାତ୍ର ହାଇସ୍କୁଲ, ଲେମ୍ବେଇରୁ ଶେଷଦେବ ସାହୁ, ହାତିଗୁଡା ହାଇସ୍କୁଲର ପ୍ରଦୀପ କୁମାର ଗୌଡ଼, ଡିହପଡାଳ ହାଇସ୍କୁଲରୁ ରୀତା ସାହୁ, ଜିଲ୍ଲା ସଦସ୍ୟ ଭାବେ ବଡ କୋଦଣ୍ଡା ହାଇସ୍କୁଲରୁ ମନୋରଞ୍ଜନ ପଣ୍ଡା, କୁଲାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଲକ୍ଷ୍ମୀଧର ସଂଗ୍ରାମସିଂ ରାଜ୍ୟ ସଦସ୍ୟ ଭାବେ ବିପ୍ରଚରଣ ହାଇସ୍କୁଲ, ତିଳିସିଙ୍ଗିରୁ କାମରାଜୁ ଗୌଡ଼, ବ୍ରାହ୍ମଣପଦର ହାଇସ୍କୁଲରୁ ମହେନ୍ଦ୍ର କୁମାର ଘଡେଇ ମନୋନୀତ ହୋଇଥିଲେ।




# ଟିକାବାଲିରେ ଜିଲ୍ଲାସ୍ତରୀୟ ନାରୀଶକ୍ତି ବନ୍ଦନ ସମାବେଶ




**ଟିକାବାଲି,୧୩।୪(ସମିସ):** ସ୍ଥାନୀୟ ବ୍ଲକ ସଭାଗୃହଠାରେ ଆଜି "ନାରୀଶକ୍ତି ବନ୍ଦନ ଅଧିନିୟମ'କୁ ନେଇ ଜିଲ୍ଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସିଧାପ୍ରସାରଣ ଅଭିଭାଷଣ ଶୁଣିବା ପାଇଁ ଅଞ୍ଚଳର ବହୁ ସଂଖ୍ୟାରେ ନାରୀଶକ୍ତିଙ୍କ ସମାଗମ ହୋଇଥିଲା। ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହିଳାଙ୍କୁ ସମ୍ମାନ ଓ ସୁଯୋଗ ପ୍ରଦାନ କ୍ଷେତ୍ରରେ ଏହି ଅଧିନିୟମ ଏକ ଐତିହାସିକ ପଦକ୍ଷେପ ବୋଲି ସେ ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ଚକାପାଦ ଜିଲ୍ଲା ପରିଷଦ ସଦସ୍ୟା ରଞ୍ଜନା ନାୟକ, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ ଏବଂ ବିଜେପି ଜିଲ୍ଲା ଉପ ସଭାନେତ୍ରୀ ଝୁଲିମା ଦଳବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନାରୀ ସଶକ୍ତିକରଣ ଉପରେ ବକ୍ତବ୍ୟ ରଖିଥିଲେ। ସଭା ଶେଷରେ ଉପସ୍ଥିତ ସମସ୍ତ ମହିଳା ଏକ "ଦସ୍ତଖତ ପ୍ରାଚୀର'ରେ ସ୍ୱାକ୍ଷର କରି ଏହି ଯୋଜନା ପ୍ରତି ନିଜର ସମର୍ଥନ ଜଣାଇବା ସହ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭରତପୁର ପଞ୍ଚାୟତ ବିଜେଡିର କର୍ମୀ ସମ୍ମିଳନୀ

**ବଡ଼ଚଣା,୧୩।୪(ସମିସ):** ଭରତପୁର ମାତାମଠ ଠାରେ ଭରତପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସରସ୍ୱତୀ ବେହେରାଙ୍କ ଅଧକ୍ଷତାରେ ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ସାମଲଙ୍କ ସଞ୍ଚାଳନରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଜେଡି ବ୍ଲକ ସଭାପତି ତାପସ ଚନ୍ଦ୍ର ରାୟ, ଜ୍ଞାନରଞ୍ଜନ ସାହୁ,




ସଞ୍ଜୟ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ଧୁଳେଶ୍ୱର ଦାସ, ଜଗନ୍ନାଥ ମୁଦୁଲି, ଦମୟନ୍ତୀ ସାମଲ, ଶ୍ରୀକାନ୍ତ ସାମଲ, ସୁଲତାନ ସୈଫୁଲା ଖାଁ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ଚଣା ବ୍ଲକରେ ବିଭିନ୍ନ ପ୍ରକାରର ଦୁର୍ନୀତି ଯଥା ଅନ୍ତ୍ୟୋଦୟ ଗୃହ ନିର୍ମାଣ ଯୋଜନାରେ ଅନିୟମିତତା, ଉନ୍ନୟନ ମୂଳକ କାର୍ଯ୍ୟରେ ଖୋଲାଖୋଲି ଭାବେ ସରକାରୀ ନିୟମର ଉଲଙ୍ଘନ, ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ ତଥା ଆଗାମୀ ଦିନରେ ଶାସକ ଦଳର ମନମୁଖୀ କାର୍ଯ୍ୟର ସୁଧାର ନ ଆସିଲେ ୱାଡର୍ ସ୍ତରରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତୀବ୍ର ବିରୋଧ କରାଯିବା ସହ ସଂପୃକ୍ତ ଅଧିକାରୀ ମାନଙ୍କ ବିରୋଧରେ ଆଇନଗତ ପଦକ୍ଷପ ଗ୍ରହଣ କରାଯିବ ବୋଲି ଶ୍ରୀଯୁକ୍ତ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ଭରତପୁର ପଞ୍ଚାୟତର ବିଜୁ ଜନତା ଦଳର କର୍ମକର୍ତ୍ତା ମାନେ କ୍ୟାପଟେନ ରାଜ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଆଗାମୀ ଦିନରେ ହେବାକୁ ଥିବା ଜନଆନ୍ଦୋଳନରେ ସମ୍ପୂର୍ଣ୍ଣ ସମର୍ଥନ ଦେଇ ସହଯୋଗ କରି ଜୋରଦାର ବିରୋଧ କରିବା ପାଇଁ ଅନେକ କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ସଭାପତି ବ୍ରଜ କିଶୋର ବାସୁଳେଇ, ନିରଞ୍ଜନ ସାହୁ, ଦୋଳଗୋବିନ୍ଦ ଦାସ, ଜ୍ଞାନରଞ୍ଜନ ସାମଲ, ରଞ୍ଜିତ ବିଶ୍ୱାଳଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ବୈଠକରେ ସାମିଲ ହୋଇଥିଲେ। ସର୍ବଶେଷରେ ନିଗମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କିଶୋରଲାଲଜୀଉ କ୍ରିକେଟ ଟୁର୍ଣ୍ଣମେଣ୍ଟ ଉଦଯାପିତ

**କୟାଁଗୋଲା,୧୩।୪(ସମିସ):** ଦଶରଥପୁର ବ୍ଲକ ଅଧୀନସ୍ଥ ଥାଲକୁଡ଼ି ସ୍ଥିତ ପ୍ରଗତି କଲୋନୀ ପଡ଼ିଆରେ ଅନୁଷ୍ଠିତ ଏକ ଦିବସୀୟ ଦିବାରାତ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ବିଳମ୍ବିତ ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଟୁର୍ଣ୍ଣାମେଣ୍ଟଟିକୁ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ସୁଶାନ୍ତ କୁମାର ବେହୁରିଆ ଓ ପ୍ରତାପ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମୋଟ ୧୨ଟି ଟିମ୍‌କୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ସାଇ ଇଲେଭେନ ସହିତ ପାଲଟପୁର ଟାଇଟନ ମଧ୍ୟରେ ଫାଇନାଲ ମୁକାବିଲା ହୋଇଥିଲା। ସାଇ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩ ଓଭରରେ ୫ ୱିକେଟ ହରାଇ ୨୫ ରନ ସଂଗ୍ରହ କରିଥିଲେ। ନିର୍ଦ୍ଧାରିତ ଲକ୍ଷକୁ ପିଛାକରି



ପାଲଟପୁର ଟାଇଟନ ୨ ଓଭର ୨ଟି ବଲରେ ୨୬ ରନର ଲକ୍ଷକୁ ହାସଲ କରିବାକୁ ସକ୍ଷମ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଅଞ୍ଚଳର ବରିଷ୍ଠ ସମାଜସେବୀ ସୋମନାଥ ନାୟକ ଓ ମୁଖବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ବେହୁରିଆ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରତାପ ମଲ୍ଲିକ ପ୍ରମୁଖ ଯୋଗଦେଇ ବିଜୟ ଓ ପରାଜୟ ଲାଭ କରିଥିବା ଟିମକୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବାରେ କିଶୋରଲାଲ ଜୀଉ କ୍ରିକେଟ କ୍ଲବର କର୍ମକର୍ତ୍ତା ପ୍ରତାପ ରାୟ, ଅମରେଶ ଘଡ଼ାଇ, କିରଣ ରାଉତଙ୍କ ସମେତ ତପୁଆ, ରାମ, ବିଶୁ, ସତୁରା, ବୁବୁନୁ, ଧନୁଆ ପ୍ରମୁଖ ସହଯୋଗ କରିଥିଲେ।

## ଧୋକ୍କାବାଜ ପ୍ରଭାତ ବିଶ୍ୱାଳଙ୍କୁ ବବିଙ୍କ ଜବାବ

# ବାପ ପୁଅ ସ୍ୱାଭିମାନୀ ନୁହେଁ; କୃତଘ୍ନ

**ଯାଜପୁର,୧୩।୪(ସମିସ):**

ପୁଣି ବବି ଫେରୁଛନ୍ତି ଫର୍ମକୁ। ନିଜର ପୁରୁଣା ଅନ୍ଦାଜରେ ବିଜେଡି ସହିତ ବିଶ୍ୱାସଘାତ କରିଥିବା ନେତାଙ୍କୁ କରିଛନ୍ତି ଟାର୍ଗେଟ। ଦଳ ଠାରୁ ସବୁ ଫାଇଦା ନେବା ପରେ ଏବେ ବିକ୍ରି ହେଇ ସ୍ୱାଭିମାନର ପାଠ ପଢ଼ାଉଛନ୍ତି କହି ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ କଟୁ ସମାଲୋଚନା କରିଛନ୍ତି ବବି। ପ୍ରଭାତ ଦଳ ପାଇଁ ରାତିରେ କାମ କରୁଥିବା ପ୍ରସଙ୍ଗରେ ବବି କହିଛନ୍ତି ଯିଏ ଚୋରି କରେ ସେ ରାତି ଅନିଦ୍ରା ହୁଏ। ମୁଁ ତ ୯୦ ହଜାର ଭୋଟରେ ଜିତିଥିଲେ ମଧ୍ୟ ମୁଁ କେବେ ରାତି ଅନିଦ୍ରା ହୋଇନାହିଁ। ଯିଏ ରାତି ଅଧିଆ ଚୋରି କରିବେ ସେମାନେ ରାତି ଅନିଦ୍ରା ହେବେ କହି ପ୍ରଭାତଙ୍କୁ ସମାଲୋଚନା କରିଥିଲେ। ସିଏ କାହିଁକି ରାତି ଅନିଦ୍ରା ହେଉଥିଲେ ସେ ଜାଣିଥିବେ। ରାଜ୍ୟସଭା ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ରଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ମୋ ପ୍ରତି ତାଙ୍କର ଅଭିମାନ ରହିଥିଲେ ମଧ୍ୟ ସେ ଦଳ ସହିତ ରହିଥିଲେ। କିନ୍ତୁ ପ୍ରଭାତ ଦଳ ପାଇଁ କୃତଘ୍ନ ହେଇଗଲେ କହି ତାତ୍ସଲ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାର ହୋଇଥିଲେ ମଧ୍ୟ ବଦ୍ରୀ ନିଜ ଦଳ ସହିତ ରହିଥିଲେ, ସେଥିପାଇଁ ତାଙ୍କୁ ସାଲ୍ୟୁଟ ବୋଲି କହିଥିଲେ। ଯାଜପୁର ବ୍ଲକ ମାଳଆନନ୍ଦପୁରରେ ଆୟୋଜିତ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଉଭୟ ପ୍ରଭାତ ବିଶ୍ୱାଳ ଓ ତାଙ୍କ ପୁଅଙ୍କୁ କଟୁ



ସମାଲୋଚନା କରି ଯଦି ନିଜ ଭିତରେ ଏତେ ସ୍ୱାଭିମାନ ଥିଲା ସ୍ୱାଧୀନ ଭାବେ ଲଢ଼ି ନିଜର ପତିଆରା ଦେଖାଇଥାନ୍ତେ। ୨୦୦୪ରେ ସ୍ୱାଧୀନ ଭାବେ ଦଳ ଜିତାଇଥିଲା। ୨୦୦୯, ୨୦୧୪, ୨୦୧୯ରେ ଦଳ ଜିତେଇଲା। ପୁଣି ୨୦୨୪ରେ ପୁଅକୁ ଦଳ ଟିକେଟ ଦେଇ ଜିତେଇଲା। ଏବେ ତାଙ୍କର ସ୍ୱାଭିମାନ ଜାଗ୍ରତ ହୋଇଥିବା କହି ତାତ୍ସଲ୍ୟ କରିଥିଲେ। ଏତେ ଯଦି ସ୍ୱାଭିମାନ ଥିଲେ, ନିଜେ ସ୍ୱାଧୀନ ପ୍ରାର୍ଥୀ ହୋଇ ଲଢ଼ି କରି ଦେଖେଇଥାନ୍ତେ। କାହା ଠାରୁ ଟଙ୍କା ଖାଇ ନଥିବା କହୁଥିବା ପ୍ରଭାତଙ୍କ ଘର ମୁଁ ଦେଖିନି; କିନ୍ତୁ

**ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ବଦ୍ରି ପାତ୍ରଙ୍କୁ କଲେ ପ୍ରଶଂସା**

ପ୍ରଭାତ ନିଜ ପତ୍ନୀ, ପୁଅ ସହିତ ମୋ ଦୁଆରକୁ ୫୦୦ ଥର ଆସିଛନ୍ତି। ଆଉ କେତେ ନେଇଛନ୍ତି ମୁଁ ଭୁଲି ଯାଇନି କହି ମୁହଁ ତୋଡ଼ ଜବାବ ଦେଇଛନ୍ତି। ଗତ ସାଧାରଣ ନିର୍ବାଚନ ପର ଠାରୁ ନିରବ ରହୁଥିବା ପ୍ରଣବ ଏବେ ବିରୋଧୀଙ୍କୁ କଡ଼ା ସମାଲୋଚନା କରିବା ଘଟଣାକୁ ନେଇ ରାଜନୈତିକ ମହଲରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ମାଳଆନନ୍ଦପୁର ରେ ଆୟୋଜିତ ଏହି ଯୁବ ସମାବେଶରେ ମାଳଆନନ୍ଦପୁର, ଭୁବନେଶ୍ୱରପୁର ଏବଂ ନାଥସାହି ପଞ୍ଚାୟତର ଶହ ଶହ ଯୁବ ବିଜେଡି କର୍ମୀ ସାମିଲ ହୋଇଥିଲେ।

# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**ବ୍ୟାସନଗର,୧୩।୪(ସମିସ):** ସୋମବାର ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବ୍ୟାସନଗର ସହରସ୍ଥିତ କେଏନ୍‌ଡିଏ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୩୯ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ୧୦ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିବା ସୂଚନା ମିଳିଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୋମବାର ମୋଟ ୩୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ, ୨ଟି ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ, ୮ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ଏବଂ



୨ଟି ରେଡ୍‌କ୍ରସ ପାଣ୍ଠିରୁ ଅର୍ଥ ନିମନ୍ତେ ଅଭିଯୋଗର ଶୁଣାଣି କରାଯାଇଥିଲା। ତେବେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ସୋମବାର ଅନୁଷ୍ଠିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯାଜପୁର ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ଯାଜପୁର ତାପସ ରଞ୍ଜନ ଦେହୁରୀ, ତହସିଲଦାର ବ୍ୟାସନଗର ପ୍ରଶାନ୍ତ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ବିବାହିତା ମହିଳା ନିଖୋଜ

**ଦଶରଥପୁର,୧୩।୪(ସମିସ):** ଦଶରଥପୁର ଥାନା କନିକାପଡା ପଞ୍ଚାୟତ ବଡଲାଙ୍ଗ ଗ୍ରାମର ଜୈନିକା ମହିଳା ସପ୍ତାହରୁ ଅଧିକ ଦିନ ହେବ ନିଜ ଘରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଦଶରଥପୁର ଥାନରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ବଡଲାଙ୍ଗ ଗ୍ରାମର ମୀର ଅସଲାମ ଅଲ୍ଲୀଙ୍କ ସାନ ବୋହୂ ପ୍ୟାରୀ ବେଗମ(୨୮) ଚଳିତ ମାସ ୫ ତାରିଖ ରାତିରେ ପରିବାରର ସମସ୍ତେ ଖାଇପିଇ ଶୋଇବା ପରେ ନିଜ ୨ଛୋଟ ପୁଅ, ଝିଅଙ୍କୁ ଛାଡି କେଉଁ ଆଡେ ନିଖୋଜ ହୋଇଯାଇଥିଲେ। ରାତିରେ ଛୋଟ ପିଲା ୨ଜଣ ମାଆକୁ ନପାଇ ପ୍ୟାରୀ ବେଗମ ଘରେ ନଥିବା ଜଣାପଡିଥିଲା। ପ୍ୟାରୀ ବେଗମଙ୍କୁ ଠାବ କରିବାକୁ ପରିବାର ଲୋକେ ବନ୍ଧୁବାନ୍ଧବଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର ପତ୍ତା ମିଳିନଥିଲା। ଆଜି ତାଙ୍କ ଶ୍ୱଶୁର ଦଶରଥପୁର ଥାନାରେ ବୋହୂ ପ୍ୟାରୀ ବେଗମ ନିଖୋଜ ଥିବା ସମ୍ପର୍କରେ ଲିଖିତ ଅଭିଯୋଗ କରି ତାଙ୍କୁ ଠାବ କରିବାକୁ ନିବେଦନ କରିଛନ୍ତି।

# ସର୍ବ ମଙ୍ଗଳାଙ୍କ ପ୍ରତିଷ୍ଠା ଉତ୍ସବ

**ଦାନଗଦି,୧୩।୪(ସମିସ):** ଦାନଗଦୀ ବ୍ଲକର ଟମକା ନୂଆସାହିଠାରେ ଥିବା ସର୍ବ ମଙ୍ଗଳା ମା'ଙ୍କ ୧୧ତମ ପ୍ରତିଷ୍ଠା ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଭୋର ସମୟରୁ ମନ୍ଦିରର ପୂଜକ ଦେହୁରୀ ଜଗନ୍ନାଥ ମା'ଙ୍କର ସ୍ନାନ ପରେ କଳସ ବ୍ରତଧାରୀ ମାନେ ନାମ ସଂକୀର୍ତ୍ତନ କରି ନିକଟସ୍ଥ ଗଣ୍ଡାନାଳରୁ କଳସ ବୁଡ଼ାଇଥିଲେ। ସୂର୍ଯ୍ୟପୂଜା, ବିଶ୍ୱଶାନ୍ତି ମହାଯଜ୍ଞ, ଭୂମିପୂଜା, ନ୍ୟାସ ପୂଜା, ଆଚାର୍ଯ୍ୟ ମାନସ କୁମାର ହୋତାଙ୍କ ନେତୃତ୍ୱରେ ଅଶୋକ ହୋତା, ମହେଶ ହୋତା, ଆକ୍ଷୟ ହୋତାଙ୍କ ମନ୍ତ୍ର ଧ୍ୱନିରେ ସ୍ଥାନୀୟ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଲକ୍ଷ୍ମୀଧର ବେହେରା ସଂକଳ୍ପରେ ବସିଥିଲା ବେଳେ ରାଜଶ୍ରୀ ମହାପାତ୍ର, ସଳିତା ସ୍ୱାଇଁ, ପ୍ରଭାତି ବେହେରା, ରୁକୁଣୀ ନେହେରା, ପଦ୍ମାବତୀ ବେହେରା, କେଶୀଲତା ରାଉତ, ରଜନୀ ଓଝା କଲ୍ୟାଣୀ ବେହେରା, ଜୟନ୍ତୀ ଓଝା, କୁନି ବେହେରା ପୂଜାରେ ବସିଥିଲେ। ଏହି ଉତ୍ସବରେ ଲମ୍ବୋଧର ମହାନ୍ତ, ଗଣେଶ ସାହୁ, ଅଭିରାମ ପ୍ରଧାନ, ମାୟାଧର ବେହେରା, ମଦନ ବାରିକ ନରୋତ୍ତମ ଡାଙ୍ଗୁଆ, ଦିବ୍ୟରଞ୍ଜନ ବେହେରା, ରାଜ ଓଝା, ଅଜିତ୍ ରଥ, ମାନସ ବେହେରା, ପିଣ୍ଟୁ ଓଝା, ବଣ୍ଟି, ଲିଣ୍ଟୁ, ବବୁଲୁ, ବିକି, ବୀରୁ, ରୁନା ଓଝା, ସହଯୋଗ କରିଥିଲେ।

# କୋରେଇ ଠିକାଦାର ସଂଘର ସାଧାରଣ ପରିଷଦ ବୈଠକ

**ବ୍ୟାସନଗର,୧୩।୪(ସମିସ):** ବ୍ୟାସନଗର ସହରସ୍ଥିତ ରାଜମହଲ ହୋଟେଲ ପରିସରରେ କୋରେଇ ଠିକାଦାର ସଂଘର ୩ୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ନବ ମନୋନୀତ ସଂଘର ସଭାପତି ଅମର ପ୍ରତାପ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସମ୍ପାଦକ ଯଜ୍ଞଦତ୍ତ ତ୍ରିପାଠୀ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକ ସଂଘର କାର୍ଯ୍ୟକର୍ତ୍ତା ନିର୍ବାଚନରେ ମନୋନୀତ ସଂଘର ସଭାପତି ଅମର ପ୍ରତାପ ସିଂହ, ସାଧାରଣ ସମ୍ପାଦକ ପ୍ରଳୟ କୁମାର ପଟ୍ଟନାୟକ, ସମ୍ପାଦକ ଯଜ୍ଞଦତ୍ତ ତ୍ରିପାଠୀ, ଉପସଭାପତି ସତ୍ୟପ୍ରକାଶ ମହାନ୍ତି, କୋଷାଧ୍ୟକ୍ଷ ନିରଞ୍ଜନ ନାୟକ ଏବଂ ସମସ୍ତ ବରିଷ୍ଠ ଉପଦେଷ୍ଟା ସୁରେଶ କୁମାର ରଥ, ଉଦୟଭାନୁ ପତି, ସରୋଜ କୁମାର ରାଉତ, ରାଜେଶ କୁମାର ସାହୁ, ସାମାଜିକ ଗଣମାଧ୍ୟମ ସଂଯୋଜକମାନଙ୍କୁ ସଂଘ ପକ୍ଷରୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଅନୁଷ୍ଠିତ ବୈଠକରେ ଗତ କିଛି ମାସ ତଳେ ସରକାର ପୂର୍ବରୁ ପ୍ରଚଳିତ ୧୪.୯୯ ପ୍ରତିଶତ ଲେସ୍‌କୁ ପ୍ରତ୍ୟାହାର କରି ଅନଲିମିଟେଡ ଲେସ୍ କରିବା ଫଳରେ କାର୍ଯ୍ୟର ମାନ ନିମ୍ନ ହେବା ସହିତ ଠିକାଦାର କ୍ଷତିଗ୍ରସ୍ତ ହେବା ନେଇ ମତପ୍ରକାଶ ପାଇବା ସହିତ ଏଥିରେ ସୁଧାର ଆଣିବା ନିମନ୍ତେ ସଂଘ ମୁଖ୍ୟ ଭୂମିକା ତୁଲାଇବ ବୋଲି ସମସ୍ତ ମଞ୍ଚାସୀନ ଅତିଥି ମତ ପ୍ରକାଶ କରିଥିଲେ। ଏହି ବୈଠକରେ



ସଂଘ ପକ୍ଷରୁ ପିତାମ୍ବର ନନ୍ଦ, ଅକ୍ଷୟ କୁମାର ପାତ୍ର, ପ୍ରଦୀପ କୁମାର ମାଝୀ, ପ୍ରଦୀପ୍ତ ଜେନା, ଚନ୍ଦନ କୁମାର ଜେନା, ପ୍ରଦୀପ ନାୟକ, ଗୋକୁଳାନନ୍ଦ ସାହୁ, ପ୍ରଭାତ କୁମାର ଜେନା, ତନ୍ମୟ ପଣ୍ଡା, ପ୍ରକାଶ କୁମାର ପଣ୍ଡା, ସଂଜୟ କୁମାର ସିଂ, ଦେବ ପ୍ରକାଶ ମହାନ୍ତି, ଶଙ୍କର୍ଷଣ ସାହୁ, ପ୍ରହ୍ଲାଦ ପ୍ରତିହାରୀ, ହରି କିଶନ ଅଗ୍ରୱାଲ, ଦୀପକ କୁମାର ସାହୁ, ସନାତନ ରାଉତ, ସୁରେଶ କୁମାର ଜେନା, ମନୋଜ କୁମାର ନାୟକ, ଦେବାଶିଷ ବେହୁରା, ସୁଧାଂଶୁ ଶେଖର ବିଶ୍ୱାଳ, ମଧୁସୂଦନ ମଳିକ, ଶୁଭକାନ୍ତ ପ୍ରଧାନ, ରାଜାରାମ ଖିଲାର, କାଳନ୍ଦୀ ଚରଣ ସେଠୀ, ତପନ କୁମାର ମଲ୍ଲିକ, ରାଜେଶ କୁମାର ପ୍ରଧାନ, ଜିତେନ୍ଦ୍ର କୁମାର ସାମଲ, ସଂଜୟ କୁମାର ପ୍ରଧାନ, ଶାନ୍ତନୁ କୁମାର ରାଉତ, ସଂଗ୍ରାମ କେଶରୀ ଦାସ, ବିଜୟ ମଲ୍ଲିକ, ଅଜିତ କୁମାର ପରିଡ଼ା, ରଘୁନାଥ ବିଶ୍ୱାଳ, ମନୋଜ କୁମାର ରାଉତ, କୈଳାସ ଚନ୍ଦ୍ର ରାଉତ, ସପନ କୁମାର ବେହେରା, ପ୍ରିୟବ୍ରତ ରାଉତ, ପ୍ରସନ୍ନ ଜେନା, ଧନେଶ୍ୱର ପରିଡ଼ା, ପ୍ରଶାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ। ବରିଷ୍ଠ ସଭ୍ୟ ମନୋଜ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

# ଯାଜପୁରରେ 'ଆମେ ଜାଣିବା, ଆମ ବଜେଟ୍' ବୈଠକ



**ଯାଜପୁର,୧୩।୪(ସମିସ):** ରାଜ୍ୟର ବାର୍ଷିକ ବଜେଟ୍ ୨୦୨୬-୨୭ରେ ଗରିବ, ଯୁବପିଢ଼ି, ଅନ୍ନଦାତା କୃଷକ ଓ ନାରୀ ଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି। "ମିଶନ ପାୱାର' ଯୋଜନା ଅଧୀନରେ ୨୦୨୬-୨୭ ସୁଦ୍ଧା ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ତିନୋଟି ମୌଳିକ ସୁବିଧା ଯଥା- ଶକ୍ତି, ପାନୀୟ ଜଳ ଏବଂ ଶେଷ ମାଇଲ ସଂଯୋଗୀକରଣ ରାସ୍ତା ଯୋଗାଇ ଦିଆଯିବ। ଯାଜପୁରରେ ଖଣିଜ ଭିତ୍ତିକ ଶିଳ୍ପ ବିକାଶ ଏବଂ ଶିଳ୍ପ କରିଡର ସହ ସଂଯୁକ୍ତ ଭିତ୍ତିଭୂମିର ବିକାଶ ପାଇଁ ଚଳିତ ବର୍ଷର ବଜେଟରେ ପ୍ରସ୍ତାବ ରହିଛି ବୋଲି ଓଡ଼ିଶା ସରକାରଙ୍କ ପ୍ରମୁଖ ଶାସନ ସଚିବ ତଥା ଯାଜପୁର ଜିଲ୍ଲା ନୋଡାଲ ସଚିବ ସୁରେଶ କୁମାର ବଶିଷ୍ଠ କହିଛନ୍ତି। ସେ ଆଜି ଯାଜପୁର ଗସ୍ତରେ ଆସି ବଜେଟ୍ ସମ୍ବନ୍ଧୀୟ ଆଲୋଚନା ବୈଠକରେ ଯୋଗ ଦେଇଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ "ଆମେ ଜାଣିବା, ଆମ ବଜେଟ୍' ଶୀର୍ଷକ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୁଖ ଶାସନ ସଚିବଙ୍କ ସହିତ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀଗଣ ଯୋଗ ଦେଇଥିଲେ। ପ୍ରଥମେ ପ୍ରମୁଖ ଶାସନ ସଚିବ ଶ୍ରୀ ବଶିଷ୍ଠ ଜିଲ୍ଲାର ବିଭାଗୀୟ ଅଧିକାରୀଙ୍କ ସହ ବଜେଟର ପରିଭାଷା ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଜିଲ୍ଲାପାଳ ଓଡ଼ିଶା ବଜେଟ୍ ୨୦୨୬-୨୭ର ପ୍ରମୁଖ ଦିଗଗୁଡ଼ିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଥିଲେ।

# ହମ୍ପସ୍ ପାଇଁ ରାସ୍ତାରେ ଜମୁଛି ମଇଳା ପାଣି

**ଦଶରଥପୁର,୧୩।୪(ସମିସ):** ଦଶରଥପୁର ବ୍ଲକ ଚଷାଖଣ୍ଡ ପଞ୍ଚାୟତ ୯ନଂ ୱାର୍ଡ ବୋତଲଟାଙ୍ଗ ଗ୍ରାମରେ ନିଷ୍କାସନକୁ ନେଇ ଉଠିଛି ବିବାଦ ଉଗ୍ରରୂପ ନେବା ଆଶଙ୍କା ବୃଦ୍ଧିପାଇଛି। ଏପରିକି ଏହି ବିବାଦକୁ ନେଇ ଗ୍ରାମରେ ଯେ କୌଣସି ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ ନହେବ ତାହା କେହି କହିପାରିବେ ନାହିଁ। ସମସ୍ୟାକୁ ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ।



ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗ୍ରାମର ଦଳିତ ସାହର ଆଦିତ୍ୟ ଜେନା ଓ ମଳୟ ଜେନା ଗ୍ରାମ ରାସ୍ତାରେ ବେଆଇନ ଭାବେ ସିମେଣ୍ଟ କଂକ୍ରିଟଯୁକ୍ତ ହମ୍ପସ୍ ନିର୍ମାଣ କରିଥିବାରୁ ଗ୍ରାମରେ ବ୍ୟବହୃତ ନଳକୂପ ପାଣି ଏବଂ ବର୍ଷା ଜଳ ସ୍ୱାଭାବିକ ସ୍ଥିତିରେ ନିଷ୍କାସନ ହୋଇନପାରି ଦୀର୍ଘ ଦିନ ପର୍ଯ୍ୟନ୍ତ ଗ୍ରାମ ରାସ୍ତାରେ ଜମିରହୁଛି। ଫଳରେ ରାସ୍ତାରେ ସ୍ୱାଭାବିକ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହିତ ଜମି ରହୁଥିବା ପାଣିରେ ମଶା, ମାଛିଙ୍କ ବଂଶ ବୃଦ୍ଧି ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷିତ ସ୍ୱାସ୍ଥ୍ୟ ପାଇଁ ବିପଦର କାରଣ ସାଜିଛି। ଗ୍ରାମର ବୟସ୍କଙ୍କ ଠାରୁ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଉକ୍ତ ରାସ୍ତାରେ ହମ୍ପସ ନିର୍ମାଣ ଯୋଗୁ ଯାତାୟାତ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଗ୍ରାମରେ ଏକାଧିକ ବୈଠକ ମାଧ୍ୟମରେ ଉକ୍ତ ବେଆଇନ ହମ୍ପସ ଉଚ୍ଛେଦ କରିବାକୁ ସମସ୍ତଙ୍କ ଅନୁରୋଧକୁ ସମ୍ପୃକ୍ତ ୨ ବ୍ୟକ୍ତି ଗ୍ରହଣ କରୁନାହାନ୍ତି। ଏପରିକି ଏଥି ନେଇ ଗ୍ରାମବାସୀଙ୍କୁ ବିଭିନ୍ନ ଧମକ ଦେଉଥିବା ବେଳେ ଭବିଷ୍ୟତରେ ଉକ୍ତ ହମ୍ପସ ବିବାଦକୁ ନେଇ ଗ୍ରାମରେ ଆଇନ ଶୃଙ୍ଖଳା ବିଗିଡିଯିବା ଆଶଙ୍କା ବୃଦ୍ଧିକୁ ନେଇ ଗ୍ରାମର ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି।

# ଶିଳ୍ପାଞ୍ଚଳକୁ ଜଳ ଯୋଗାଣ ବେଳେ ନଷ୍ଟ ହେଉଛି ପାଣି

**ଯଖପୁରା,୧୩।୪(ସମିସ):**

ବୁନ୍ଦା ବୁନ୍ଦା ପାଣି ସାଇତି ରଖିବା, ସୁନ୍ଦର ଭବିଷ୍ୟ ଆମେ ଗଢ଼ିବା'। 'ଏକ ବୁନ୍ଦା ପାଣି ଅମୃତ ସମାନ, ଅଯଥାରେ ତାକୁ ନଷ୍ଟ ନକର'। ଏପରି ଅନେକ ଗୁଡ଼ିଏ ସ୍ଲୋଗାନ କେବଳ ସରକାରଙ୍କ ତରଫରୁ ପ୍ରକାଶ ପାଇଥାଏ। ମାତ୍ର ବାସ୍ତବ କ୍ଷେତ୍ରରେ ଏହା ବିପରୀତ ଦିଗରେ କାର୍ଯ୍ୟକାରୀ ହେଉଥିବା ଦେଖିବାକୁ ମିଳିଛି। ଦିନକୁ ଦିନ ଜଳର ସ୍ତର ନିମ୍ନଗାମୀ ହେଉଥିବା ବେଳେ ଏହାକୁ ରୋକିବାରେ ସାଧାରଣ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ପାଇଁ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥାଏ। ଜଳକୁ ଅପବ୍ୟବହାରରୁ ରକ୍ଷା କରିବା ଓ ଜଳର ସତ୍ ଉପଯୋଗ କିପରି କରାଯାଇପାରିବ ସେଥିପାଇଁ କାନ୍ଥବାଡ ସମେତ ଯୁଆଡେ ଦେଖିବ ସେଆଡ଼େ କେବଳ ଭଲ ଭଲ ସ୍ଲୋଗାନମାନ ଲେଖାଯାଇଛି। ଏହାର କୌଣସି ପ୍ରଭାବ ଜଳ ସଙ୍କଟର ନିୟନ୍ତ୍ରଣ ଉପରେ କାର୍ଯ୍ୟକାରୀ ହେବାଭଳି ପରିଲିଖିତ ହେଉନାହିଁ। ଯେଉଁଠି ବୁନ୍ଦାଏ ଜଳ ନଷ୍ଟ ନକରିବା ପାଇଁ ସଚେତନ କରାଯାଉଛି ସେଠାରେ କିନ୍ତୁ ବନ୍ୟାଜଳ ଭଳି ଭାସିଯାଉଛି ମୂଲ୍ୟବାନ ଜଳ। ତାହା ପୁଣି ସରକାରୀ



ବ୍ୟବସ୍ଥାରେ ନଷ୍ଟ ହେଉଛି ଅମୃତ ସମାନ ଜଳ।

କଳିଙ୍ଗନଗରରେ ଜଳ ସଙ୍କଟ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। କଳିଙ୍ଗନଗର ଠାରେ ବହୁ ସଂଖ୍ୟାରେ ଶିଳ୍ପାନୁଷ୍ଠାନ ଗଢ଼ିଉଠିବା ଦ୍ୱାରା ସେହି ତୁଳନାରେ ଜଳର ଆବଶ୍ୟକତା ହୋଇଛି। କଳିଙ୍ଗନଗରର ଜଳସ୍ତର ବହୁ ନିମ୍ନରେ ଥିବାରୁ ପାଖରେ ପ୍ରବାହିତ ହେଉଥିବା ବ୍ରାହ୍ମଣୀ ନଦୀରୁ ଜଳ ଉଠାଇବା ପାଇଁ ବ୍ୟବସ୍ଥା କରାଯାଇଛି। ସରକାର ତରଫରୁ ଇଡ୍‌କୋ ମାଧ୍ୟମରେ ବ୍ରାହ୍ମଣୀ ନଦୀରେ ବଡ଼ ବଡ଼ ବୋରୱେଲ ସାହାଯ୍ୟରେ ପାଣି ଉଠାଯାଇ ଶିଳ୍ପାନୁଷ୍ଠାନ ମାନଙ୍କୁ ଯୋଗାଇ ଦିଆଯାଇଥାଏ। ଇଡ୍‌କୋ ଜଳ ଯୋଗାଣ ମାଧ୍ୟମରେ ଶିଳ୍ପାନୁଷ୍ଠାନ ମାନଙ୍କ ଠାରୁ ପ୍ରଚୁର ପରିମାଣରେ ଅର୍ଥ ଆଦାୟ କରିଥାଏ। ମାତ୍ର ଯେତେ ପରିମାଣରେ ନଦୀରୁ ଜଳ ଉଠାଯାଉଛି ସେତିକି ପରିମାଣର ଜଳ କାରଖାନା ମାନଙ୍କୁ ଯୋଗାଇବାରେ ଅସମର୍ଥ ହେଉଛି ଇଡ୍‌କୋ। କାରଣ ବଡ଼ ବଡ଼ ପାଇପ୍ ଲାଇନ୍ ଜରିଆରେ କାରଖାନାକୁ ଯାଉଥିବା ଜଳ ମଝିରେ ମଝିରେ ଥିବା ଭାଲବ୍‌ରୁ ଦିନ ରାତି ୨୪ଘଣ୍ଟା ଜଳ ବାହାରି ନଷ୍ଟ ହେଉଥିବାର ଦେଖିବାକୁ ମିଳେ। ଇଡ୍‌କୋ ଦ୍ୱାରା କାରଖାନାକୁ ଯୋଗାଇ ଦିଆଯାଉଥିବା ଜଳ ବ୍ରାହ୍ମଣୀ ନଦୀ ଠାରୁ କାରଖାନା ପର୍ଯ୍ୟନ୍ତ ଅନେକ ସ୍ଥାନରେ ଥିବା ଭାଲବ ରୁ ରୀତିମତ ଜଳ ନିଷ୍କାସନ ହେଉଥିଲେ ମଧ୍ୟ ପ୍ରଶାସନ ବା ଇଡ୍‌କୋ ଦ୍ୱାରା ଏହାକୁ ବନ୍ଦ କରାଯାଉନାହିଁ। ଯେଉଁଠି ବୁନ୍ଦାଏ ଜଳ ନଷ୍ଟ ନକରିବା ପାଇଁ ସରକାର ଡିଙ୍ଗୁରା ପିଟୁଛନ୍ତି ସେଠାରେ ସରକାରଙ୍କ ନିଜସ୍ୱ ସଂସ୍ଥା ଇଡିକୋ ବହୁ ପରିମାଣର ଜଳ ନଷ୍ଟ କରୁଥିଲେ ମଧ୍ୟ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ଦିନକୁ ଦିନ କଳିଙ୍ଗନଗରରେ ଜଳ ସଙ୍କଟ ବଢ଼ି ଚାଲିଥିବା ସମୟରେ ଇଡ୍‌କୋ ତାର ମନଇଛା ନଦୀ ଜଳକୁ ଦୁର୍ବ୍ୟବହାର କରୁଛି। ଯେଉଁଠି ଚାଷୀଟିଏ ଶସ୍ୟ ଅମଳ କରିବା ପାଇଁ ଜଳର ବ୍ୟବସ୍ଥା ନଥିବାରୁ ବର୍ଷା ଜଳକୁ ଚାତକ ଭଳି ଚାହିଁବସିଥାଏ ସେଠାରେ ସରକାରୀ ସଂସ୍ଥା ଇଡ୍‌କୋ ମନଇଛା ଜଳକୁ ଅପବ୍ୟବହାର କରୁଛି। ଜଳର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସରକାର କଳିଙ୍ଗନଗର ଶିଳ୍ପସଂସ୍ଥାକୁ ଜଳ ଯୋଗାଇ ଦେଉଥିବା ଇଡିକୋ ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।





## ଉପକଣ୍ଠରେ ଦଣ୍ଡଯାତ୍ରା
# ନିଆଁରେ ଝୁଲିଲେ, ତତଲା ବାଲିରେ ଗଡ଼ିଲେ



ଝାଁଲା/ବଡ଼ରଘୁନାଥପୁର, ୧୩।୪(ସମିସ): ପବିତ୍ର ମହା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ରାଜଧାନୀ ଉପକଣ୍ଠ ଅଞ୍ଚଳରେ ଥିବା ଦେବୀପୀଠ ଗୁଡ଼ିକ ଏବେ ଚଳଚଞ୍ଚଳ ହୋଇପଡ଼ିଛି। ଉପକଣ୍ଠ ଅଞ୍ଚଳରେ ଥିବା ପାଇକରାପୁର, ଝାଁଲା, ମୁଣ୍ଡମୁହାଣ, ପାତ୍ରପଡ଼ା, ଛତାବର, ଅରିଶଲ, ପାଣିଓରା, ମେଣ୍ଢାଶାଳ, ଗଙ୍ଗପଡ଼ା ପଳାଶପୁର, ଗଙ୍ଗପଡ଼ା, ମଦନପୁର, ଦେଉଳିଆପାଟଣା ଆଦି ବିଭିନ୍ନ ଗ୍ରାମ ଗୁଡିକରେ ଶକ୍ତି ପୀଠରେ ପାରମ୍ପରିକ ଭାବରେ ଆରମ୍ଭ ହୋଇଛି ଏହି ଯାତ୍ରା।

ମହା ବିଷୁବ ସଂକ୍ରାନ୍ତିକୁ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଏ। ତେଣୁ ବିଭିନ୍ନ ଶକ୍ତି ଓ ଶୈବ ପୀଠ ଗୁଡିକରେ ପାଟୁଆମାନେ ମାନସିକ କରି ବ୍ରତ ଧାରଣ କରିଛନ୍ତି। କିଛି ପୀଠ ମାନଙ୍କରେ ୭ଦିନ ପୂର୍ବରୁ ମାନସିକଧାରୀ ମାନେ ବ୍ରତ ଧାରଣ କରିଥାନ୍ତି। ମାନସିକଧାରୀ ପାଟୁଆ ମାନେ ଦିନରେ ଶକ୍ତି ଓ ଶୈବ ଆରାଧନା କରି ଦିନ ତମାମ ନିଷ୍ଠାର ସହ ଉପବାସ ରୁହନ୍ତି। ଅରିଶଲ ଗ୍ରାମରେ ୬୦ ଜଣ, ପଳାଶପୁର ଗ୍ରାମରେ ୨୦ ଜଣ, ପାଣିଓରା ଗ୍ରାମରେ ୨୫ ଜଣ, ଝାଁଲା ବାଲୁଙ୍କେଶ୍ୱର ମନ୍ଦିରରେ ୩୦ ଜଣ, ମୁଣ୍ଡମୁହାଣ ଗ୍ରାମେଶ୍ୱର ମନ୍ଦିରରେ ୧୫ ଜଣ, ଗଙ୍ଗପଡ଼ା ଗ୍ରାମର ୨୦ ଜଣ, ମେଣ୍ଢାଶାଳ ଗ୍ରାମରେ ୬୦ ଜଣ ମାନସିକଧାରୀ ନିଜର ବ୍ରତ ଧାରଣ କରିଛନ୍ତି। ଆଜି ଥିଲା ଦଣ୍ଡ ଯାତ୍ରାର ମେରୁ ଗଡ଼ା ଉତ୍ସବ। ମାନସିକଧାରୀ ଦଣ୍ଡୁଆମାନେ ସକାଳୁ ସକାଳୁ ପୂଜା ପାଠ ପୂର୍ବକ ପ୍ରଥମେ ଗ୍ରାମ ପରିକ୍ରମା କରିଥିଲେ। ପରି ଅପରାହ୍ଣରେ ଠାକୁରାଣୀଙ୍କ ଆଜ୍ଞାମାଳ ନେଇ ଧୁଧୁ ଖରାରେ ମେରୁ ଗଡ଼ିଥିଲେ। ଉପବାସଧାରୀ ଦଣ୍ଡୁଆ ଗଡ଼ିଗଡ଼ି ଗ୍ରାମ ପରିକ୍ରମା କରିବା ପରେ ସ୍ନାନ କରିଥିଲେ। ପରେପରେ ଠାକୁରାଣୀଙ୍କ ପୀଠରେ ଓଘରତପ କରାଯାଇଥିଲା। କାଳିସୀ ଏବଂ ପାଟୁଆମାନେ ନିଆଁ ଉପରେ ଓଲଟା ଝୁଲିଥିଲେ। ମେରୁ ଏବଂ ଝାମୁଯାତ୍ରା ପାଇଁ ଉପକଣ୍ଠବର୍ତ୍ତୀ ଅଞ୍ଚଳର ଚଳଚଞ୍ଚଳ ହୋଇ ପଡ଼ିଥିବା ବେଳେ ବିଭିନ୍ନ ଗ୍ରାମରେ ଯାତ୍ରା ପରିବେଷଣ କରାଯାଉଛି। ଦେଉଳିଆପାଟଣା ଅପେରା ଯାଜ୍ଞସେନୀ ପକ୍ଷରୁ ଯାତ୍ରା ପରିବେଷଣ କରାଯାଉଥିବା ବେଳେ ଅରିଶଳ ମୃତ୍ତିକା କ୍ଲବ୍ ପକ୍ଷରୁ ଷ୍ଟାର୍ ନାଇଟ୍‌ରେ ବମ୍ବେର ଗୋବିନ୍ଦା ସାମିଲ ହୋଇଥିଲା। କାର୍ଯ୍ୟକ୍ରମକୁ କ୍ଲବ୍‌ର ସଭାପତି ସରୋଜ ନାୟକ ପରିଚାଳନା କରିଥିଲେ।

## ପୁରୁଣା ଫଟୋ : ପୁରୁଣା ସ୍ମୃତି



ଭୁବନେଶ୍ୱର, ୧୩।୪(ସମିସ): ସମୟସହ ବଦଳିଛି ରାଜଧାନୀ ଭୁବନେଶ୍ୱରର ରୂପରେଖ। ପରିବର୍ତ୍ତନ ଆସିଛି ଏବଂ ଆଧୁନିକତାର ଛାପ ମଧ୍ୟ ଦେଖିବାକୁ ମିଳୁଛି। ତଥାପି ଏ ସହରରେ ଏପରି ଅନେକ ସ୍ଥାନ ଅପରିବର୍ତ୍ତିତ ରହିଛି। ଯାହାକି ଅନେକ ବର୍ଷର ସ୍ମୃତିକୁ ନିଜ ସହ ସାଇତି ରଖିଛି। ଯେପରି ପୁରୁଣା ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟ ହାଟ ସବୁବେଳେ ଲୋକଙ୍କ ପୁରୁଣା ସ୍ମୃତିକୁ ତାଜା କରିଥାଏ। ବର୍ତ୍ତମାନର ଜ୍ଞାନକୌଶଳ ଫଳରେ ଲୋକଙ୍କ ହାତ ପାହାନ୍ତାରେ ସବୁକିଛି ଘର ପାଖରେ ଆସି ପହଁଚିଯାଉଛି। ହେଲେ ସେ ସମୟରେ ସବୁକିଛି ପାଇଁ ଲୋକ ହାଟ ଉପରେ ନିର୍ଭର କରୁଥିଲେ। ସେହିପରି ଏକ ପୁରୁଣା ସମୟର ଦୃଶ୍ୟକୁ ନେଇ ନେଇ ଆଜିର ଉପସ୍ଥାପନା।

ସାମାଜିକ ଗଣମାଧ୍ୟମରେ ଆଜି ଏକ ବହୁ ବର୍ଷ ପୁରୁଣା ଫଟୋ ଦେଖିବାକୁ ମିଳିଥିଲା। ଯେଉଁଥିରେ ଲିଙ୍ଗରାଜ ମନ୍ଦିର ନିକଟ ହାଟର ଦୃଶ୍ୟ ପରିଲକ୍ଷିତ ହୋଇଛି। ହାଟଟି ଲିଙ୍ଗରାଜ ମନ୍ଦିରର ଦକ୍ଷିଣ ଦ୍ୱାରର ନିକଟ ହାଟର ଏହି ଦୃଶ୍ୟଟି ପ୍ରାୟ ୫୦ ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ଏହି କଳାଧଳା ଫଟୋରେ ଥିବା ଦୃଶ୍ୟରେ ଲୋକ

## ପୋଥି ମଣିଷଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୩।୪(ସମିସ): ଭୁବନେଶ୍ୱର ପୋଥି ମଣିଷ ଭାବେ ପରିଚୟ ପାଇଥିବା ଅନନ୍ୟ ଅନୁବାଦକ ପଣ୍ଡିତ ନୀଳମଣି ମିଶ୍ର ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ବୋଲି ନୀଳମଣି ମିଶ୍ରଙ୍କ ୯୭ତମ ଜୟନ୍ତୀ ଅବସରରେ ମତ ପ୍ରକାଶ ପାଇଛି। କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ଆୟୋଜିତ ଜୟନ୍ତୀ ସଭାରେ ତାଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ହରିହର ହୋତା, ମୁଖ୍ୟବକ୍ତା ସଂଘମିତ୍ରା ଭଞ୍ଜ ଓ ସମ୍ମାନିତ ଅତିଥି ଡ. ବିରଞ୍ଚି ମିଶ୍ର ବରିଷ୍ଠ ପ୍ରଶାସକ ରଘୁନାଥ ମିଶ୍ର ଉପସ୍ଥ ଥିଲେ। ଅନୁବାଦିକା ଗିରିଜା ମଞ୍ଜରୀ ପାଢ଼ୀଙ୍କୁ 'ନୀଳମଣି ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ତନୟା ଦାସ ଗୋସ୍ୱାମୀ ଏବଂ ପ୍ରାରମ୍ଭରେ ଜୀବନ କୃଷ୍ଣ ମିଶ୍ର ଓ ବିରଞ୍ଚି ନାରାୟଣ ମିଶ୍ର ବେଦ ପାଠ କରିଥିବା ବେଳେ ସମ୍ପାଦକ ରମେଶ ପାଣି ସ୍ୱାଗତ ସୂଚନା ଦେଇଥିଲେ। ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ରିତେଶ କୁମାର ନାୟକ ଓ ଗାୟତ୍ରୀ ଦାସ। ଅନ୍ୟମାନଙ୍କ ମଧ୍ୟରେ କେଦାରନାଥ ମହାପାତ୍ରଙ୍କ ପୁଅ ନିର୍ମଳ କୁମାର ମହାପାତ୍ର, ପ୍ରଫେସର ଶିବ କୁମାର ମିଶ୍ର, ଉପସଭାପତି ଡ. ଶକୁନ୍ତଳା ବଳିୟାରସିଂଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ଆଜି ମହା ବିଷୁବ ପଣା ସଂକ୍ରାନ୍ତି
# ବିଭିନ୍ନ ହନୁମାନ ମନ୍ଦିରରେ ପ୍ରସ୍ତୁତି

ଭୁବନେଶ୍ୱର, ୧୩।୪(ସମିସ): ମଙ୍ଗଳବାର ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେଁ ରାଜଧାନୀର ବିଭିନ୍ନ ମନ୍ଦିରମାନଙ୍କରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପଣାସଂକ୍ରାନ୍ତି ଉପଲକ୍ଷେ ସହରରର ବିଭିନ୍ନ ମନ୍ଦିରକୁ ଆଲୋକମାଳାରେ ସାଜସଜ୍ଜା କରାଯିବା ସହ ଭକ୍ତଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କେତେକ ସ୍ଥାନରେ ଭକ୍ତଙ୍କୁ ପଣା ଓ ଭୋଗ ବଣ୍ଟନ କରାଯିବା ବ୍ୟବସ୍ଥା କରାଯାଇଛି। ଘର ସମ୍ମୁଖରେ ଥିବା ବୃନ୍ଦାବତୀଙ୍କ ଉପରେ ଉପରେ କଳସ ବସାଇ ସେଥିରେ ପଣା ଭୋଗ ଲଗାଯାଇଥାଏ। ଏହାକୁ ଦୃଷ୍ଟିରେ ରଖି ବଜାରରେ ବିଭିନ୍ନ ସ୍ଥାନରେ ଠେକି ବିକ୍ରି ମଧ୍ୟ ବେଶ୍ ଚାଲିଛି। ଭଳିକିଭଳି ରଙ୍ଗୀନ ଠେକି ଆକର୍ଷଣୀୟ ଭାବେ ସଜା ଯାଇଛି। ଯାହାର ଦାମ୍ ୨୦ଟଙ୍କାରୁ ଆରମ୍ଭ ହୋଇ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ପ୍ରତି ଓଡ଼ିଆ ଘର ଅଗଣାରେ ଥିବା ତୁଳସୀ ଚଉରା ଉପରେ ଏକ ଛାମୁଣ୍ଡିଆ କରି ଏକ ପାଣିଭର୍ତ୍ତି ଠେକି ରଖାଯାଇ ତୁଳସୀ ମୂଳରେ ପଣା ଅର୍ପଣ କରାଯାଇଥାଏ। ସେହିପରି ପଣା ପାଇଁ ଆବଶ୍ୟକ ବିଭିନ୍ନ ସାମଗ୍ରୀ କିଣିବାକୁ ବଜାରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଏହି ଦିନରେ ଘରେ ଘରେ ପୂଜା କରାଯାଉଥିବାରୁ ପୂଜା ସାମଗ୍ରୀ ଓ ଫଳ ବଜାରରେ ମଧ୍ୟ ଗ୍ରାହକଙ୍କ ଭିଡ଼ ଲାଗି ରହିଛି। ଝାମୁଯାତ୍ରା ବା ଦଣ୍ଡଯାତ୍ରା ଅବସରରେ ନୂଆପଲ୍ଲୀ, ବରମୁଣ୍ଡା, ଘାଟିକିଆ, ଝାଁଲା, ରସୁଲଗଡ଼, ଲକ୍ଷ୍ମୀସାଗର, ପଟିଆ, ଡମଣା, ଗାଡକଣ, କଳାରାହାଙ୍ଗା ଆଦି ସ୍ଥାନରେ ଝାମୁ ଅନୁଷ୍ଠିତ ହେବ।

### 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ପଣା ବଣ୍ଟନ

ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ଦୈନିକ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଫାର୍ମ ବି ସହଯୋଗରେ ୟୁନିଟ୍-୩ ଖାରବେଳନଗର ରାମମନ୍ଦିର ସମ୍ମୁଖରେ ପଣା ବଣ୍ଟନ କରାଯିବ। ବର୍ତ୍ତମାନ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଅସହ୍ୟ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ପଥଚାରୀଙ୍କ ପାଇଁ ପଣା ବଣ୍ଟନ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମକୁ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର କର୍ମଚାରୀମାନେ ପରିଚାଳନା କରିବେ।

## ମାଟିଘର ସାହିତ୍ୟ ଆସର ଅଷ୍ଟମ ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୩।୪(ସମିସ): ମାଟିଘର ସାହିତ୍ୟ ଆସରର ଅଷ୍ଟମ ବାର୍ଷିକ ଉତ୍ସବ ସ୍ଥାନୀୟ ୟୁନିଟ-୯ ଠାରେ ଅନୁଷ୍ଠିତ ହୋଇଛି। ପ୍ରଥମ ଅଧିବେଶନରେ ପ୍ରାରମ୍ଭରେ କବିତା ପାଠ ଉତ୍ସବ ହୋଇଥିଲା। ଏହି ଆସରରେ ଅଧ୍ୟକ୍ଷତା କରିଥିଲେ କବି ମାନିନୀ ମିଶ୍ର ଏବଂ ଅତିଥି ଭାବେ ଡ. ତ୍ରିପୁରା ମିଶ୍ର, ଡ. କବିତା ମହାନ୍ତି ଉପସ୍ଥିତ ଥିଲେ। ଆଲୋଚନାର ବିଷୟବସ୍ତୁ ସିନେ ଜଗତ, ଓଡ଼ିଶାର ଭାସ୍କର୍ଯ୍ୟ ଶିଳ୍ପ ଓ ସାହିତ୍ୟ ଉପରେ ଉପରେ ରହିଥିଲା। ସେହିଭଳି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ କବି ମମତା ଦାଶ, ସମ୍ମାନିତ ଅତିଥି ଭାବେ କବି ସୂର୍ଯ୍ୟ ମିଶ୍ର, ଅନୁଷ୍ଠାନର ଉପଦେଷ୍ଟା ଶଶୀଭୁଷଣ ମହାନ୍ତି, ପ୍ରତିଷ୍ଠାତା ସମ୍ପାଦିକା ଶର୍ମିଷ୍ଠା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଆଧୁନିକ ଓଡ଼ିଆ କବିତାର ଗତି ବିଷୟରେ ଆଲୋଚନା କରାଯାଇଥିଲା। ଏହିପରିପ୍ରେକ୍ଷୀରେ ମାଟିଘର ବାର୍ଷିକ ପତ୍ରିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସାତ ଜଣଙ୍କୁ ମାଟିଘର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଙ୍କୁ ସଂଯୋଜନା କରିଥିଲେ ଆଶୁତୋଷ ଦାଶ ଏବଂ କ୍ଷଣପ୍ରଭା ମହାନ୍ତି।

## ବନଫୁଲ ପକ୍ଷରୁ ବିଷୁବ ମିଳନ ଓ ବହି ଉତ୍ସବ



ଭୁବନେଶ୍ୱର, ୧୩।୪(ସମିସ): ବନଫୁଲ ପ୍ରକାଶନ ସଂସ୍ଥା ପକ୍ଷରୁ ୟୁନିଟ୍-୯ ସ୍ଥିତ ବୁଦ୍ଧ ମନ୍ଦିରଠାରେ 'ବନଫୁଲ ବିଷୁବ ମିଳନ ଓ ବହି ଉତ୍ସବ' ଅନୁଷ୍ଠିତ ହୋଇଛି। ପ୍ରଥମ ଅଧିବେଶନରେ କବି ଉମାକାନ୍ତ ରାଉତଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ କବି ରକ୍ଷକ ନାୟକ ଓ କବି ଶ୍ୱେତା ରାଉତ, ଦେବଯାନୀ ରାୟଙ୍କ ସଂଯୋଜନାରେ ରାଜ୍ୟ ବିଭିନ୍ନ ପ୍ରାନ୍ତରୁ ଆସିଥିବା ପଚାଶ ଜଣ ଆମନ୍ତ୍ରିତ କବି କବିତା ପାଠ କରିଥିଲେ। ସମସ୍ତ କବିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କଥାକାର ରାଜ୍ୟବର୍ଦ୍ଧନ ଧଳ ମାହାପାତ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ କବି ତଥା ଅନୁବାଦକ ସଂଗ୍ରାମ ଜେନା, ମୁଖ୍ୟବକ୍ତା ଭାବେ ଡ. ନାରାୟଣ ପଣ୍ଡା, ସମ୍ମାନୀତ ଅତିଥି ଭାବେ ପ୍ରଫେସର ଡ. ବଟକୃଷ୍ଣ ମାହାପାତ୍ର ଯୋଗଦେଇ ବହିର ଭୂମିକା ଉପରେ ଆଲୋକପାତ କରିଥିଲେ। ବନଫୁଲ ପକ୍ଷରୁ ରାଜ୍ୟବର୍ଦ୍ଧନ ଧଳ ମାହାପାତ୍ରଙ୍କ ଗଳ୍ପ ସଂକଳନ 'ସମୁଦ୍ର ନିଆଁ', ଅଶୋକ କୁମାର ସାହୁଙ୍କ କାବ୍ୟ ପୁସ୍ତକ 'ଏକାଦଶାବତାର', କୁଳମଣି ଜେନାଙ୍କ କବିତା ସଂକଳନ 'ଅର୍ଦ୍ଧନାରୀସ୍ୱର', ଘନଶ୍ୟାମ ସାହୁଙ୍କ ଆଧ୍ୟାତ୍ମିକ ପୁସ୍ତକ 'ଦାର୍ଢ୍ୟତାଭକ୍ତି କଥାମୃତ', ନାଲୁ ସାହୁଙ୍କ କବିତା ସଂକଳନ 'ପ୍ରିୟା ଓ ସ୍ୱପ୍ନ ଅଭିସାର', ସାଗର ପ୍ରଧାନଙ୍କ 'ପ୍ରିନ୍ସପାଲ ଅଫ୍ ଡ଼ିଜିଟାଲ୍ କମର୍ସ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ କବି ଶ୍ରୀହରି ଧଳ, ନାଟ୍ୟକାର ବିନ୍ଦୁରେଖା ମହାପାତ୍ର, କବି ଅକ୍ଷୟ ପାତ୍ର ଓ ଯୁବ ଗାଳ୍ପିକ ବିମଳଚାନ୍ଦ ପଟ୍ଟନାୟକଙ୍କୁ 'ବନଫୁଲ ବିଷୁବ ସମ୍ମାନ' ପ୍ରଦାନ କରାଯାଇଥିଲା।

## ବୋଉ ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱର ହେବ ବୟସ୍କମିତ୍ର ସହର

ଭୁବନେଶ୍ୱର, ୧୩।୪(ସମିସ): ଭୁବନେଶ୍ୱର ଏକ ବୟସ୍କମିତ୍ର ସହରରେ ଶୋଭାପାଇବା ବୋଲି ବୋଉ ଫାଉଣ୍ଡେସନ୍ ଏକ ଆବେଗପୂର୍ଣ୍ଣ ଓ ଐତିହାସିକ ଘୋଷଣା କରିଛି। ଏଥିପାଇଁ ଏକ ସୁଚିନ୍ତିତ, ବିସ୍ତୃତ ଓ ସମୃଦ୍ଧ ଯୋଜନା ଆରମ୍ଭ କରୁଛି ବୋଉ ଫାଉଣ୍ଡେସନ୍। ଅନୁଷ୍ଠାନର ବୟସ୍କମିତ୍ର ସହର ପାଇଁ ପ୍ରମୁଖ ଉଦ୍ୟମ ଓ କାର୍ଯ୍ୟକ୍ରମ ମଧ୍ୟରୁ ଜରୁରୀକାଳୀନ ସେବା ଏବଂ ଆଶ୍ୱାସନା ପ୍ରଦାନ କରୁଥିବା ଏକ ସମର୍ପିତ '୨୪ ଘଣ୍ଟିଆ ବୟସ୍କ ହେଲ୍ପଲାଇନ୍', ନିଃସଙ୍ଗତାରେ ବାସ କରୁଥିବା ବୟସ୍କଙ୍କ ପାଇଁ 'ଦ୍ୱାରସ୍ଥ ଜରୁରୀ ଔଷଧ, ଖାଦ୍ୟ ଓ ସ୍ୱାସ୍ଥ୍ୟ ଯାଞ୍ଚ ସେବା', ସମବୟସ୍କଙ୍କ ସହିତ ପୁରୁଣା ସ୍ମୃତି ଆଦାନ-ପ୍ରଦାନ ହସଖୁସି, ଗପସପ ପାଇଁ ସହରର ବିଭିନ୍ନ ଜଣବସତି ସଡକ କଡରେ 'ବୟସ୍କ ଆଡ୍ଡା' ସ୍ଥାପନ ଏବଂ ପରିଚାଳନା ଓ ସ୍ୱତନ୍ତ୍ର ଭାବେ ବୟସ୍କମନସ୍କ ପରିକଳ୍ପିତ ମନୋରଞ୍ଜନ ଏବଂ ସାଂସ୍କୃତିକ ନିୟମିତ କାର୍ଯ୍ୟକ୍ରମ 'ରାହା' ଅନୁଷ୍ଠିତ କରାଯିବ। ଏହି ଯୋଜନା ଓ କାର୍ଯ୍ୟକ୍ରମ ଗୁଡ଼ିକୁ ନିଖୁଣ ଏବଂ ଯତ୍ନ ସହକାରେ ବୟସ୍କାଭିମୁଖୀ କରିବାକୁ ଫାଉଣ୍ଡେସନ, ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍, ଭୁବନେଶ୍ୱର କମିଶନରେଟ୍ ପୁଲିସ୍, ସିନିୟର ସିଟିଜେନ୍ସ୍ ଆସୋସିଏସନ୍, ସ୍ଥାନୀୟ ଯୁବ ସଂଗଠନ, ମହିଳା ସଂଗଠନ ଏବଂ ଯୁବ ଛାତ୍ରଛାତ୍ରୀ ଏବଂ ଓଡ଼ିଶା ସରକାରଙ୍କ ସକ୍ରିୟ ସହଯୋଗ ନେବ ବୋଲି କୁହାଯାଇଛି। ଏହା ସହରୀ ବୟସ୍କଙ୍କ ଏକାକୀତ୍ୱର ଛାୟାକୁ ଦୂର କରି ସେମାନଙ୍କୁ ସମ୍ମାନ, ସୁରକ୍ଷା ଓ ଆନନ୍ଦ ପ୍ରଦାନ କରିବ ବୋଲି ବୋଉ ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି।

## 'ରମାଦେବୀ'ରେ ନାରୀଶକ୍ତିବନ୍ଦନ ଆଲୋଚନାଚକ୍ର

ଭୁବନେଶ୍ୱର, ୧୩।୪(ସମିସ): ମହିଳା ରାଜନୈତିକ ସଶକ୍ତୀକରଣ ଓ ନାରୀଶକ୍ତିବନ୍ଦନ ଅଧିନିୟମ ପାଇଁ ଆସନ୍ତା ୧୬ ତାରିଖରୁ ସଂସଦରେ ସ୍ୱତନ୍ତ୍ର ଅଧିବେସନ ଆରମ୍ଭ ହେବ। ଏଥିପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଏକ ଆଲୋଚନା ଚକ୍ର ଆଜି ଅନୁଷ୍ଠିତ ହୋଇଛି। ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କୁମାରୀ ବିଶ୍ୱାଳ ରାଉତ ଉଦଘାଟନ କରି କହିଛନ୍ତି ଯେ, ଏକ ସମାବେଶୀ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କୁ ରାଜନୈତିକ ଭାବେ ସଶକ୍ତୀକରଣ କରିବାକୁ ନାରୀ ଶକ୍ତିବନ୍ଦନ ଅଧିନିୟମ ଗଣତନ୍ତ୍ର ପାଇଁ ଏକ ଐତିହାସିକ ପଦକ୍ଷେପ। ମହିଳା ବିଶ୍ୱବିଦ୍ୟାଳୟ ଭାବେ ଏ ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରିବା ସେମାନଙ୍କ ନୈତିକ ଦାୟିତ୍ୱ ବୋଲି ପ୍ରଫେସର ରାଉତ କହିଛନ୍ତି। ବିଷୟ ବିଶେଷଜ୍ଞ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସାଧାରଣ ପ୍ରଶାସନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଶ୍ୟାମସୁନ୍ଦର ଆଚାର୍ଯ୍ୟ ଯୋଗଦେଇ ନାରୀ ସଶକ୍ତିକରଣ ପାଇଁ ସଂସଦର ବିଶେଷ ଅଧ୍ୟୟନର ଆବଶ୍ୟକତା ଥିବା ଏବଂ ଆଗକୁ ସମ୍ମୁଖୀନ ହେବାକୁ ଥିବା ଆହ୍ୱାନ ସମ୍ପର୍କରେ ଆଲୋକପାତ କରିଛନ୍ତି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀଚରଣ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୁଳସଚିବ ମନସ୍ୱିନୀ ସାହୁ ନିଜର ମତ ଉପସ୍ଥାପନ କରିଥିଲେ। ସଂଯୋଜକ ଡ. ମାନସ ବେହେରା ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିବା ବେଳେ ଅଧାପକ ବସନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଧାନୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ଭୁବନେଶ୍ୱର, ୧୩।୪(ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ କାର୍ଯ୍ୟକ୍ରମ କରାଯାଉଛି। ଏହି ଅବସରରେ ବରମୁଣ୍ଡା ସ୍ଥିତ ରାଜଧାନୀ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଏବଂ ରେଡରିବନ କ୍ଲବର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀ। ଆୟୋଜିତ ବୈଠକରେ ଡ. ମନ୍ମଥ ନାଥ ଘଡ଼େଇ ଏବଂ ଡ. ସଂଘମିତ୍ରା ଜେନା ଅଭିଭାଷଣ ପ୍ରଦାନ କରି ସ୍ୱେଚ୍ଛାସେବୀମାନଙ୍କୁ ଅଧିକ ସଂଖ୍ୟାରେ ରକ୍ତଦାନ କରିବାକୁ ପ୍ରେରିତ କରିଥିଲେ। ଯୁବ ରେଡ୍‌କ୍ରସ ପରାମର୍ଶ ଦାତା ଡ. ସମୀର ପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଭୁବନେଶ୍ୱରସ୍ଥିତ ତଥା ରେଡକ୍ରସ ଦ୍ୱାରା ପରିଚାଳିତ ରକ୍ତ ଭଣ୍ଡାରର ମେଡିକାଲ ଅଫିସର ଡ. ଦେବୀ ପ୍ରସାଦ ରଥଙ୍କ ତତ୍ତ୍ୱାବଧାନରେ ପାର୍ଥସାରଥୀ ବେହେରା, ଦେବପ୍ରସାଦ ବାରିକ, ସୌମ୍ୟପ୍ରକାସ ଓଝା, ପ୍ରଭାସ ସାହୁ ଏବଂ ପତିତପାବନ ନାୟକ ରକ୍ତ ସଂଗ୍ରହ କାର୍ଯ୍ୟ କରିଥିଲେ। ଶିବିରରେ ୨୩ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଯୁବ ରେଡକ୍ରସ ପରାମର୍ଶ ଦାତା ଦୁର୍ଗାଶିଷ ରାଠୋର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଗନ୍ନାଥପୁରରେ 'ପଲ୍ଲୀରେ ପ୍ରଶାସନ'



ହଂସପାଳ, ୧୩।୪(ସମିସ): ଜଗନ୍ନାଥପୁର ଗ୍ରାମପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ଅଭିଯୋଗ ଶୁଣାଣି ଜନିତ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ସକାଳ ୭ ଘଟିକା ସମୟରେ ଅନୁଷ୍ଠିତ ହୋଇ ଯାଇଅଛି। ଉକ୍ତ ଅଭିଯୋଗ ଶୁଣାଣିରେ ବାଲିଅନ୍ତା ମଣ୍ଡଳ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଜଗନ୍ନାଥପୁର ପଞ୍ଚାୟତ ସରପଞ୍ଚ ବିଶ୍ୱଜିତ ଭୋଇ, ୧୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ବାଲିଅନ୍ତା ବ୍ଲକ କନିଷ୍ଠ ଯନ୍ତ୍ରୀ ଦିପ୍ତିମୟୀ ପ୍ରଧାନ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଅଭିଯୋଗ ଶୁଣାଣିରେ ସର୍ବମୋଟ ୩୦ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୨ ଗୋଟି, ପାନୀୟ ଜଳ ସମ୍ବନ୍ଧୀୟ ୨ଟି, ଖାଦ୍ୟ ଯୋଗାଣ ସମ୍ବନ୍ଧୀୟ ୬ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୨୦ ଟି ଅଭିଯୋଗ ହସ୍ତଗତ ହୋଇଅଛି।

## କିଟ୍ ଓ କିସ୍ ପକ୍ଷରୁ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୩।୪(ସମିସ): ଏପ୍ରିଲ ୧୮ ତାରିଖରେ କିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ୬୧ତମ ଫେମିନା ମିସ୍ ଇଣ୍ଡିଆ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଦେଶବ୍ୟାପୀ ୩୦ ଜଣ ରାଜ୍ୟ ବିଜେତାଙ୍କୁ ଆଜି କ୍ୟାମ୍ପସରେ ପହଞ୍ଚିବା ପରେ ସେମାନଙ୍କୁ କିଟ୍ ଓ କିସ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୪ ନିକିତା ପରୱାଲ୍, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତେବେ ଦେଶର ପୂର୍ବାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଏକ ବିଶ୍ୱବିଦ୍ୟାଳୟରେ ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତା ନିଜ ନିଜ ରାଜ୍ୟରେ କରାଇବା ପାଇଁ ବିଭିନ୍ନ ରାଜ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ପ୍ରଥମ ଥର ପାଇଁ ଏହା ଓଡ଼ିଶାରେ ଆୟୋଜିତ ହେବ। ଏହି ପ୍ରତିଯୋଗୀତାର ଗ୍ରାଣ୍ଡ ଫିନାଲେ ଯାଏ ୭ ଦିନ ଚାଲିବ। ଓଡ଼ିଶା ପର୍ଯ୍ୟଟନ ବିଭାଗ ସହମତି ରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।



### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୪ଟି ଅଭିଯୋଗର ତତ୍କାଳ ସମାଧାନ



ରାଇରଙ୍ଗପୁର, ୧୩।୪(ସମିସ): ବାମନଘାଟୀ ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ୧୩୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୪ଟି ଅଭିଯୋଗର ତ୍ୱରିତ ଫଇସଲା ହୋଇଛି। ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ରାଇରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଯୋଗରଞ୍ଜନ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ରବୀନ୍ଦ୍ର ନାଥ ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କଠାରୁ ଆସୁଥିବା ଆପତ୍ତି ଅଭିଯୋଗଗୁଡ଼ିକ ତ୍ୱରିତ ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ଶିବିରରେ ଜନସାଧାରଣଙ୍କଠାରୁ ମୋଟ ୧୩୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରେ ୯୯ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଓ ୩୧ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୂହିକ ଅଭିଯୋଗ ଥିଲା। ସେଥିରୁ ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ରେଡକ୍ରସ ପାଣ୍ଠିରୁ ୩ ଜଣଙ୍କୁ ୩୦, ୦୦୦ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶିବିରରେ ବାମନଘାଟି ଉପଖଣ୍ଡ ଅଧୀନସ୍ଥ ସମସ୍ତ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ।

# ବୈଶାଖ ସଂକ୍ରାନ୍ତିରେ ଅଖଣ୍ଡ ଶିକାର ପର୍ବ

କପ୍ତିପଦା, ୧୩।୪(ସମିସ): ହିନ୍ଦୁ ଧର୍ମରେ ବାର ମାସରେ ତେର ପର୍ବର ପରମ୍ପରା ରହିଛି। ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ଏହି ପରମ୍ପରା ଓଡ଼ିଶାବାସୀଙ୍କ କଳା, ସଂସ୍କୃତି, ଧର୍ମକୁ ବୁଝାଇଥାଏ। ହିନ୍ଦୁ ନବବର୍ଷ ଭାବେ ପହିଲା ବୈଶାଖ ବା ବୈଶାଖ ସଂକ୍ରାନ୍ତିକୁ ମହାବିଷୁବ ପଣା ସଂକ୍ରାନ୍ତି ନାମରେ ନାମିତ କରାଯାଇଛି। ଏହି ଦିନରେ ବୃନ୍ଦାବତୀଙ୍କ ନିକଟରେ ବସନ୍ତରା ଘଟି ବସେ। ଜଗନ୍ନାଥ ମନ୍ଦିରରେ ବିଭିନ୍ନ ପ୍ରକାରର ନୀତିକାନ୍ତି ପାଳିତ ହୁଏ। ଏହି ଦିନଠାରୁ ଜଗନ୍ନାଥ ପଞ୍ଜିକା ଆରମ୍ଭ ହୋଇଥାଏ। ଏହି ଦିନକୁ ଓଡ଼ିଶାବାସୀ ନୂଆବର୍ଷ ଭାବେ ପାଳନ କରିଥା'ନ୍ତି।



ସେହିପରି ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡରେ ମଧ୍ୟ ପହିଲା ବୈଶାଖକୁ ନବବର୍ଷ ଭାବେ ପାଳନ କରାଯାଇଥାଏ। ବିଭିନ୍ନ ଆଧ୍ୟାତ୍ମିକ ପୀଠରେ ଭଜନ, କୀର୍ତ୍ତନ, ହରିହାଟ, ଅଷ୍ଟପ୍ରହର ନାମଯଜ୍ଞ, ହନୁମାନ ଜୟନ୍ତୀ ଓ ତାରିଣୀଙ୍କ ପର୍ବ ପାଳିତ ହୋଇଆସୁଛି। ଓଡ଼ିଶାରେ ବସବାସ କରୁଥିବା ଆଦିବାସୀମାନେ ପାରମ୍ପରିକ ଅଖଣ୍ଡ ଶିକାର କରିବାର ପରମ୍ପରା ଚଳି ଆସୁଛି। ପୂର୍ବରୁ ରାଜା, ମହାରାଜାମାନେ ସୈନ୍ୟ ସାମନ୍ତଙ୍କ ସହ ଶିକାର କରୁଥିଲେ। ଏପରିକି ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବାପାଇଁ ଗଣ୍ଡା ଶିକାର ଏକ ପରମ୍ପରା ଥିଲା। ମୟୂରଭଞ୍ଜର ଶିମିଳିପାଳ ଅଭୟାରଣ୍ୟରେ ଅଖଣ୍ଡ ଶିକାର କରାଯାଉଥିଲା। ଏହି ଦିନରେ ନିଜ ପରମ୍ପରା ଅନୁଯାୟୀ ଗ୍ରାମର ଆଦିବାସୀ ଶିମିଳିପାଳ ଅଭୟାରଣ୍ୟକୁ ଯାଇ ଶିକାର କରୁଥିଲେ। ସେହି ଶିକାରକୁ ଭୋଗ ସଦୃଶ ଜାହିରା ପୀଠରେ ଭୋଗ ଲଗାଇ ଗ୍ରାମର ପ୍ରତ୍ୟେକ ପରିବାରକୁ ପ୍ରଦାନ କରାଯାଉଥିଲା। ଶହ ଶହ ଆଦିବାସୀ ଶିକାର କରୁଥିବାରୁ ନିରୀହ ପଶୁ ବଳି ପଡୁଥିଲେ। ଯେତେ ପ୍ରକାରର ଚେଷ୍ଟା କରି ମଧ୍ୟ ବନବିଭାଗ ଅକୃତ କାର୍ଯ୍ୟ ହେଉଥିଲା। ଶେଷରେ ସରକାରଙ୍କ ପକ୍ଷରୁ ଅନେକ ପ୍ରକାର ସଚେତନତା ସୃଷ୍ଟି କରାଯାଇ ଅତ୍ୟାଧୁନିକ ଏଆଇ କ୍ୟାମେରା ଲାଗିଲା। କ୍ରମେ ଆଦିବାସୀମାନେ ଶିକ୍ଷିତ ହୋଇ ଶିକାରକୁ ବିରୋଧ କରିବା ସହିତ ଜାହିରାରେ ଫଳ, ମୂଳ, ଫୁଲ ମା'ଙ୍କ ନିକଟରେ ସମର୍ପଣ କରାଗଲା। ବନ ବିଭାଗ ପକ୍ଷରୁ ଶିକାର ନକରି ନିଜେ ଆତ୍ମନିର୍ଭରଶୀଳ ହେବା ପାଇଁ ନାନା ପ୍ରକାରର ସହାୟତା ମଧ୍ୟ କରାହେଲା। ଫଳରେ ଶିମିଳିପାଳରେ ଅଖଣ୍ଡ ଶିକାର ଏକ ପ୍ରକାର ଲୋପ ପାଇଥିଲେ ବି ପରମ୍ପରାକୁ ଦ୍ୱାହି ଦେଇ କେହିକେହି ଶିକାର କରି ଧରାପଡ଼ି ଜେଲ ଯାଉଥିବା ନଜିର ରହିଛି। ତେବେ ବର୍ତ୍ତମାନ ସମୟରେ ଅନେକ ପରିମାଣରେ ଶିକାର କମିଛି ଓ ଲୋକେ ସଚେତନ ହୋଇଛନ୍ତି।

# 'ପ୍ରାଚୀନ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା' ଶୀର୍ଷକ ଆଲୋଚନାଚକ୍ର




ବାରିପଦା, ୧୩।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ 'ପ୍ରାଚୀନ ସାହିତ୍ୟରେ ପ୍ରାଚୀନ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା' ଶୀର୍ଷକ ଆଲୋଚନାଚକ୍ର ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ର ଆରମ୍ଭରେ ପ୍ରତିଶ୍ରୁତି ପତ୍ରିକାର ସମ୍ପାଦକ ଭାଗବତ ପଣ୍ଡା ସାରଳା ଦାସଙ୍କଠାରୁ ଆରମ୍ଭ କରି ଭକ୍ତକବି ଦୀନକୃଷ୍ଣଙ୍କ ପର୍ଯ୍ୟନ୍ତ ପ୍ରାଚୀନ କବିଙ୍କ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ବର୍ଣ୍ଣିତ ସୁଲଳିତ ପଦାବଳୀକୁ ସୁନ୍ଦର ଭାବେ ଉପସ୍ଥାପନ କରି ଓଡ଼ିଆ ଭାଷା ଓ ସାହିତ୍ୟ, ପ୍ରତ୍ୟେକ ଓଡ଼ିଆଙ୍କ ଅସ୍ମିତାର ପ୍ରତୀକ ଶ୍ରୀଜଗନ୍ନାଥ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ଡ. ବିଚିତ୍ର ନାଥ ସାହୁ ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଉନ୍ନତ ପାରିବାରିକ ଜୀବନର ଦୃଷ୍ଟାନ୍ତ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ କବୟିତ୍ରୀ ବିରଜା ଦେବୀ ଓ ସମାଜସେବୀ ଶରତ ଚନ୍ଦ୍ର ନାୟକ ଆମେ ନିଜକୁ ଓଡ଼ିଆ ବୋଲି ଗର୍ବ କରିବାକୁ ଆହ୍ୱାନ ଦେଇଥିଲେ। ସଭାପତି ଡା. ଜେନା ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀ କ୍ରମଶଃ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ଓଡ଼ିଆ ଭାଷା ଓ ଜାତିର ଅସ୍ତିତ୍ୱକୁ ଭୁଲିଯିବା ଏକ ନିନ୍ଦନୀୟ ଘଟଣା ବୋଲି ଉଲ୍ଲେଖ କରି ମାତୃଭାଷା ପ୍ରୀତିକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

ଉକ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବୟିତ୍ରୀ ସୁଧାମୟୀ ଦାସ ଓ ମିନତୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ସ୍ନେହଲତା ନାୟକ, ନରସିଂହ ବାରିକ, ବନମାଳୀ ପାତ୍ର, ହରିହର ବେହେରା, ଭଗବତୀ ଦାଶ, ସବିତା ମିଶ୍ର, ରଶ୍ମିତା ପାତ୍ର, ଡ. ଶଶୀଧର ବିଶ୍ୱାଳ, ଡ. ସଞ୍ଜୀବ ପାଣିଗ୍ରାହୀ, ପୁଷ୍ପଲତା ସାହୁ, ବାସନ୍ତୀଲତା ମହାପାତ୍ର, ଦୋଳଗୋବିନ୍ଦ ମହାନ୍ତ, ଭାସ୍ୱତୀ ପଣ୍ଡା, ସବିତାରାଣୀ ସିଟ୍, ରାଜଲକ୍ଷ୍ମୀ ଦାସ, ବିଶ୍ୱମିତ୍ରା ଦାସ, ଦୀପଙ୍କର ମିଶ୍ର, ଗୋପାଳ ଦତ୍ତ, ଦିଲ୍ଲୀପ ଆଇଚ, ଅଶୋକ ପଲେଇ ଓ ଗୌରହରୀ ମହାନ୍ତ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ବେଦ ପାଠ କରିଥିବାବେଳେ ପ୍ରାରମ୍ଭରେ ଡ. ଶଶିଧର ବିଶ୍ୱାଳ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। କବି ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ମଣ୍ଡପ ଗୃହ ନିର୍ମାଣ ଅର୍ଥ ହେରଫେର ଅଭିଯୋଗ

# ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ



ରାଇରଙ୍ଗପୁର, ୧୩।୪(ସମିସ): ସରକାରୀ ଅନୁଦାନ ଅର୍ଥ ହେରଫେର ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ବହଳଦା ବ୍ଲକ ବିଡିଓ ଓ ବ୍ୟାଙ୍କ ମ୍ୟାନେଜରଙ୍କ ବିରୋଧରେ ଗ୍ରାମବାସୀ ଉକ୍ତ ଅଭିଯୋଗ କରିଛନ୍ତି। ଏ ନେଇ ପୂର୍ବରୁ ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନ ହେବାରୁ ପୁନଶ୍ଚ ଷଷ୍ଠ ଥର ପାଇଁ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗକାରୀ ଦ୍ୱାରସ୍ଥ ହୋଇଛନ୍ତି। ବହଳଦା ବ୍ଲକ ଅନ୍ତର୍ଗତ ମହୁଲଦୁମା ଗ୍ରାମରେ ଲକ୍ଷ୍ମୀ ପୂଜା ମଣ୍ଡପ ଗୃହ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ୭୦ ହଜାର ୭୮୧ ଟଙ୍କା ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କିନ୍ତୁ ଏହି ଅର୍ଥ ପ୍ରକଳ୍ପ ନିର୍ମାଣ କରିଥିବା ବ୍ୟକ୍ତିଙ୍କୁ ପ୍ରଦାନ କରା ନ ଯାଇ ଚଞ୍ଚକତା କରି ହଡ଼ପ କରାଯାଇଛି। ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପାଦନ କରିଥିବା ମନୋରଞ୍ଜନ ମହାନ୍ତ ଓ ନାରାୟଣ ମହାନ୍ତିଙ୍କ ଅଭିଯୋଗ ମୁତାବକ ବହଳଦା ବିଡିଓ ଶରତ କୁମାର ମଲ୍ଲିକ, ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେଦ, ଏକ୍ସିସ ବ୍ୟାଙ୍କ ବହଳଦା ଶାଖାର ମ୍ୟାନେଜର ମିଶି ଏହି ଅର୍ଥକୁ ବେଆଇନ ଭାବେ ଉଠାଇ ନେଇଛନ୍ତି। ଏ ନେଇ ପୂର୍ବରୁ ବହଳଦା ବିଡିଓ ଓ ଉପଜିଲ୍ଲାପାଳଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅଭିଯୋଗ କେବଳ ତଦନ୍ତରେ ସୀମିତ ରହିଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇଥିବାବେଳେ କୋର୍ଟରେ ମାମଲା ବିଚାରାଧୀନ ରହିଛି। ଯାହାକୁ ନେଇ ସୋମବାର ରାଇରଙ୍ଗପୁରଠାରେ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଯଦି ସେମାନଙ୍କ ଅଭିଯୋଗ ମିଥ୍ୟା ପ୍ରମାଣିତ ହୁଏ, ତେବେ ସେମାନେ ଆଇନଗତ ଦଣ୍ଡ ଭୋଗିବାକୁ ପ୍ରସ୍ତୁତ ବୋଲି ମଧ୍ୟ ଦୃଢ଼ତା ସହ ଉଲ୍ଲେଖ କରିଛନ୍ତି। ଉକ୍ତ ମାମଲାରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ତେବେ ଏହି ଚଞ୍ଚକତା ଅଭିଯୋଗକୁ ନେଇ ମୁଖ୍ୟ ବ୍ୟାଙ୍କ ପରିଚାଳକ (ଏଲବିଏମ)ଙ୍କୁ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ତଦନ୍ତ କରି କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଚୋରି ହୋଇଥିବା ପୋକ୍ଲିନ୍ ଠାକୁରମୁଣ୍ଡାରୁ ଜବତ




ମହୁଲଡିହା, ୧୩।୪(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରୁ ଜବତ ହୋଇଥିବା ପୋକଲିନ ଠାକୁରମୁଣ୍ଡାରେ ବନ୍ଧ କାମରେ ଲାଗିଥିବାବେଳେ ଜବତ ହୋଇଛି। ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଚୋରାରେ ମାଟି ଖୋଳୁଥିବା ସମୟରେ ଖଣି ବିଭାଗ ପୋକଲିନ ମେସିନକୁ ଜବତ କରି ସ୍ଥାନୀୟ ଲୋକଙ୍କୁ ଜିମା ଦେଇଥିଲେ। ପୋକଲିନ ମେସିନଟି ଜଙ୍ଗଲ ଭିତରେ ଥିବାବେଳେ ଅନ୍ଧାରର ସୁଯୋଗ ନେଇ ମାଲିକ ଆଶିଷ କୁମାର ମହାନ୍ତ ମେସିନ ଧରି ଚମ୍ପଟ ମାରିଥିଲେ। ଜିମା ଦିଆହୋଇଥିବା ଲୋକଙ୍କ ପାଖରୁ ଖବର ପାଇ ମାଇନିଂ ବିଭାଗ ଜବତ ପୋକଲିନ ଚୋରି ହୋଇଥିବା ନେଇ ରାସଗୋବିନ୍ଦପୁର ଥାନାରେ ଗତ ଡିସେମ୍ବର ୩୧ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ରାସଗୋବିନ୍ଦପୁର ଥାନା କେଶ ନଂ ୫୨୭/୨୫ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ବିଶେଷ ସୂତ୍ରରୁ ଖବର ପାଇ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ସଞ୍ଜୟ କୁମାର ନାଏକ ଠାକୁରମୁଣ୍ଡା ଥାନା ପୁଲିସ ସହାୟତାରେ ଠାକୁରମୁଣ୍ଡା ବନ୍ଧରେ କାମରେ ଲାଗିଥିବା ପୋକଲିନ ମେସିନକୁ ଚିହ୍ନଟ କରି ଠାକୁରମୁଣ୍ଡା ଥାନାରେ ଜିମା ଦେଇଥିବା ଏଏସଆଇ ଶ୍ରୀ ନାଏକଙ୍କ ସୂତ୍ରରୁ ଜଣାପଡ଼ିଛି।

# ପଶୁଦା ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ



କୁଆମରା, ୧୩।୪(ସମିସ): ଗୋପବନ୍ଧୁନଗର ବ୍ଲକ ପଶୁଦା ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଯାପିତ ହୋଇଯାଇଛି। ପୁରାତନ ଛାତ୍ର ଦଶରଥ ବାଘରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ସରପଞ୍ଚ ନିମାଇଁ ସୋରେନ, ମୁଖ୍ୟବକ୍ତା ରୂପେ ଅକ୍ଷୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଭୀମ ସୋରେନ, ଅଜୟ କଟୁଆଳ, ମଧୁସୂଦନ ପଶା ପ୍ରମୁଖ ଯୋଗଦେଇ ସଫଳତାର ମୂଳମନ୍ତ୍ର କଠିନ ପରିଶ୍ରମ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଶ୍ରୀକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ମୁଖ୍ୟବକ୍ତା ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଜିଲ୍ଲା ପରିଷଦ ସଦସ୍ୟା ଉର୍ମିଳା ଲେଙ୍କା, ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ନିରନ୍ତର ପ୍ରଚେଷ୍ଟା ଓ ସଂଘର୍ଷ ଦ୍ୱାରା ଶକ୍ତି ଓ ସମୃଦ୍ଧି ମିଳେ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋଜ ରାୟ ସିଂହ ଧନ୍ୟବାଦ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ

ଗୋରୁମହିଷାଣୀ, ୧୩।୪(ସମିସ): ସମାଜସେବୀ ତଥା ଆଇରନ କଲେଜର ପ୍ରତିଷ୍ଠାତାଙ୍କ ପିତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ ଅନୁଷ୍ଠିତ ହୋଇଛି। ଗୋରୁମହିଷାଣୀ ଆଇରନ କଲେଜର ପ୍ରତିଷ୍ଠାତା ବିରଜା ବୃଷ୍ଟି ମଣ୍ଡଳଙ୍କ ପିତା ମୁରାରି ମୋହନ ମଣ୍ଡଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ତାଙ୍କ ରାଇରଙ୍ଗପୁରସ୍ଥ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ସେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ ଅନୁଷ୍ଠିତ କରିଥିଲେ। ସତସଙ୍ଗରେ ଋତ୍ୱିକ ଗୋଲକ ବିହାରୀ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ସମାଜ ଓ ପରିବାରରେ ନାରୀର ଭୂମିକା ଓ ଦାୟିତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ସତସଙ୍ଗରେ ପ୍ରାର୍ଥନା, ଭଜନ, କୀର୍ତ୍ତନ ପରିବେଷଣ କରାଯାଇଥିଲା। ଋତ୍ୱିକ ନିଗମାନନ୍ଦ ପଟ୍ଟନାୟକ, ଲକ୍ଷ୍ମଣ ଗିରି ଓ ଅନେକ କର୍ମୀ ଉପସ୍ଥିତ ଥିଲେ। ଶେଷରେ ଶ୍ରୀ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ସୈନିକ ସଂଘର ବନ୍ଧୁମିଳନ



ରାଇରଙ୍ଗପୁର, ୧୩।୪(ସମିସ): ବାମନଘାଟୀ ଉପଖଣ୍ଡ ପୂର୍ବତନ ସୈନିକ ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ ବାଙ୍କବଳ ନଦୀ ବନ୍ଧଠାରେ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଏଏଓ ରଘୁନାଥ ମାଝୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନେକ ସଦସ୍ୟ ଯୋଗଦାନ କରିଥିଲେ। ବୀରନାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଆମୋଦ ପ୍ରମୋଦ ଜନିତ ଖେଳକୁଦ ପ୍ରତିଯୋଗିତା ଆଦି ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗି ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କ୍ୟାପଟେନ ମହେନ୍ଦ୍ର ନାଥ ମହାନ୍ତ, କ୍ୟାପଟେନ ଲାପସା ମାଝୀ, କ୍ୟାପଟେନ ନିତ୍ୟାନନ୍ଦ ନାଏକ, ଲେଫ୍ଟନାଣ୍ଟ ଚନ୍ଦ୍ରମୋହନ ସୋରେନ, ୱାରେଣ୍ଟ ଅଫିସର ସନାତନ ମହାନ୍ତ, ସୁବେଦାର ମହେନ୍ଦ୍ର ହେମ୍ବ୍ରମ, ସୁବେଦାର ହରିନାରାୟଣ ମାର୍ଣ୍ଡି, ସୁବେଦାର ଜାମାଦାର ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା, ୧୩।୪(ସମିସ): ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୌରପରିଷଦ ଅତିଥିଶାଳାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଦିବସ ପାଳନ କମିଟି ଅଧ୍ୟକ୍ଷ ତଥା ସେବାନିବୃତ୍ତ ପୁଲିସ ଅଧିକାରୀ ଦୁର୍ଗାପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଚଳିତ ବର୍ଷର କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ ହୋଇଛି। ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଦିବସର ସଂଯୋଜକ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ସହ ଚଳିତ ବର୍ଷ ଏହି ଦିବସକୁ ଅଧିକରୁ ଅଧିକ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇ ସମସ୍ତଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ। ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିଭାବ ପ୍ରଦର୍ଶନ ନିମିତ୍ତ ୨୦୧୭ରୁ ନିରବଚ୍ଛିନ୍ନ ଭାବେ ପ୍ରତିବର୍ଷ ଏପ୍ରିଲ ୨୧ରେ ଏହି ଦିବସ ପାଳନ ହୋଇଆସୁଥିବା ନେଇ ସୂଚନା ଦିଆଯାଇଥିଲା।



ବାରିପଦାରୁ ଏହି ଦିବସ ପାଳନର ଶୁଭାରମ୍ଭ ହୋଇ ଏବେ ଏହା ସାଂସ୍କୃତିକ ତଥା ସାମାଜିକ ଆନ୍ଦୋଳନରେ ପରିଣତ ହେବା ସହ ସାରା ବିଶ୍ୱକୁ ବ୍ୟାପିଛି। ବିଶ୍ୱର କୋଣ ଅନୁକୋଣରେ ଥିବା ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ, ଶହୀଦ, ଚିନ୍ତାନାୟକ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଏପ୍ରିଲ ୨୧ରେ 'ବନ୍ଦେ ବରପୁତ୍ରମ' କାର୍ଯ୍ୟକ୍ରମ ଜରିଆରେ ପ୍ରତିମୂର୍ତ୍ତି ସଫେଇ ସହ ସଂରକ୍ଷଣ ପାଇଁ ପ୍ରୟାସ କରାଯାଇଆସୁଛି। ଚଳିତ ବର୍ଷ ଏହାକୁ ଆହୁରି ପ୍ରଭାବୀ ଢଙ୍ଗରେ ପାଳନ କରିବାକୁ ପ୍ରସ୍ତୁତି ବୈଠକରେ ମତ ପ୍ରକାଶ ପାଇଥିଲା। ଆଲୋଚନାରେ ସେବାନିବୃତ୍ତ ବରିଷ୍ଠ କ୍ରୀଡ଼ା ପ୍ରଶାସକ କୁମାର ରଞ୍ଜନ ପଣ୍ଡା, ଡ ବନଜା ମହାନ୍ତି, ଡ ପୁଷ୍ପା ପାତ୍ର, ଡ ଶ୍ୟାମସୁନ୍ଦର ଦାସ, ଶିକ୍ଷାବିତ ସୁନୀଲ ଜେନା, ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ପ୍ରମୁଖ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ଦେଇଥିଲେ। ଚଳିତ ବର୍ଷ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବାକୁ ଏକ ୧୫ ଜଣିଆ କୋର କମିଟି ଗଠନ କରାଯାଇଛି। ଏଥିରେ କ୍ଷେତ୍ରମୋହନ ପଣ୍ଡା, ସୋମନାଥନ ସିଂହ, ଲକ୍ଷ୍ମୀଧର ଜେନା, କୁମାର ରଞ୍ଜନ ପଣ୍ଡା, ବରେନ୍ଦ୍ର ମହାନ୍ତି, ଡ. ଶ୍ୟାମସୁନ୍ଦର ଦାସ, ସୁନୀଲ ଜେନା, ସାଇ ପ୍ରକାଶ ମହାନ୍ତି, ପ୍ରଦୀପ କର, ଇଂ. ସୁନୀଲ ପ୍ରଧାନ, ଦଶରଥ ମହାନ୍ତ, କିଚକ ବେହେରା, ଜ୍ୟୋତିରଞ୍ଜନ ଦାସ, ଡ. ପୁଷ୍ପା ପାତ୍ର, ପ୍ରଣତି ଦାସ ପ୍ରମୁଖ ଅଛନ୍ତି।

ଏହି କୋର କମିଟିର ପ୍ରତ୍ୟକ୍ଷ ପରିଚାଳନାରେ ସବୁଠି ଏହି ଦିବସକୁ ଅତ୍ୟନ୍ତ ଶ୍ରଦ୍ଧା ଓ ଆନ୍ତରିକତାର ସହ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଏ ଅବସରରେ ପ୍ରାରମ୍ଭରେ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ମାଆ ମନୋରମା ମହାନ୍ତିଙ୍କ ଅମର ଆତ୍ମାର ସଦଗତି କାମନା ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କପ୍ତିପଦାରେ ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଶାଢ଼ୀ ପିନ୍ଧାଇ ବରପୁତ୍ରଙ୍କ ପ୍ରତି ଅପମାନ କରିଥିବାରୁ ଏହାକୁ ଦୃଢ଼ ନିନ୍ଦା କରାଯିବା ସହ ଏହା ଏକ ଅକ୍ଷମଣୀୟ ଅପରାଧ ଭାବେ ବିବେଚନା କରି ଦୋଷୀକୁ ଦଣ୍ଡ ଦେବାକୁ ଦାବି ହୋଇଛି। ଶେଷରେ କମିଟିର ଅଧ୍ୟକ୍ଷ ଶ୍ରୀଯୁକ୍ତ ମିଶ୍ର ବନ୍ଦେ ବରପୁତ୍ରମ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ସମସ୍ତଙ୍କୁ ଅନୁରୋଧ ଜଣାଇଥିଲେ। ଏହି ପ୍ରସ୍ତୁତି ବୈଠକରେ ମାନ୍ୟଗଣ୍ୟ ବୁଦ୍ଧିଜୀବୀ, ଶିକ୍ଷାବିତ, ସମାଜର ସଚେତନ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ।

ବିଦ୍ୟୁତ ଆଘାତରେ ମୃତାହତଙ୍କ ପରିବାରଙ୍କୁ ଭେଟିଲେ ପୂର୍ବତନ ସାଂସଦ

# ବିଦ୍ୟୁତ୍ ବିଭାଗର ଅବହେଳା ପାଇଁ ଦୁର୍ଘଟଣା

ଖଜୁରିଆକଟା,୧୩।୪(ସମିସ):



ହିନ୍ଦୋଳ ବ୍ଲକ ପାଟଲା ଗ୍ରାମରେ ଦଣ୍ଡନୃତ୍ୟପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ରବିବାର ସନ୍ଧ୍ୟାରେ ବିଦ୍ୟୁତ ଆଘାତରେ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ହୋଇଛନ୍ତି। ଖବର ପାଇ ସୋମବାର ପୂର୍ବତନ ସାଂସଦ ମହେଶ ସାହୁ ଅନୁଗୋଳ ମେଡିକାଲରେ ପହଞ୍ଚି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସୋମବାର ପାଟଲା ଗ୍ରାମକୁ ଯାଇ ମୃତାହତଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଗ୍ରାମବାସୀଙ୍କ ତରଫରୁ ସାତମାଇଲ ଛକରେ ଚାଲିଥିବା ରାସ୍ତାରୋକ ଆନ୍ଦୋଳନରେ ସାମିଲ ହୋଇ ମୃତକଙ୍କ ପରିବାରକୁ ତୁରନ୍ତ ୫୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ଘଟଣାସ୍ଥଳରେ ୧୧କେଭି ବିଦ୍ୟୁତ୍ ତାର ମାତ୍ର ୧୦/୧୧ ଫୁଟ ଉଚ୍ଚରେ ଥିବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି ପ୍ରାକ୍ତନ ସାଂସଦ ମହେଶ ସାହୁ କହିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। କାର୍ଯ୍ୟରେ ଅବହେଳା କରିଥିବା ଟିପିସିଡିଓଏଲ କର୍ମଚାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଏହି ଗାଁ ସହ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଯେଉଁ ସ୍ଥାନରେ ୧୧କେଭି ତାର ଝୁଲି ରହିଛି, ତୁରନ୍ତ ସେଗୁଡ଼ିକୁ ସୁରକ୍ଷିତ ଉଚ୍ଚତାରେ ଟାଣିବାକୁ ଦାବି କରିଛନ୍ତି।

# ଝାମୁରେ ଚାଲିଲେ ମାନସିକଧାରୀ



ଗଁଦିଆ,୧୩।୪(ସମିସ): ଚୈତ୍ରରେ ୧୩ ଦିନ ଧରି ଚାଲିଥିବା ଦଣ୍ଡଯାତ୍ରା ସୋମବାର ମେରୁପର୍ବ ଶେଷ ହୋଇଛି। ବିଭିନ୍ନ ସ୍ଥାନରେ କାମନାକାଳୀ ପୀଠରେ ମେରୁପର୍ବ ପାଳନ କରାଯାଇଛି। ଦଣ୍ଡୁଆଙ୍କ ଦେହରେ କାଳିଶି ଉଭା ହୋଇଥିଲେ। ମାନସିକଧାରୀ ଦଣ୍ଡୁଆମାନେ ପ୍ରବଳ ଖରାରେ ଧୂଳିଦଣ୍ଡ ପ୍ରଦର୍ଶନ କରିବା ସହ ଝାମୁରେ ଚାଲିଥିଲେ। ଗଁଦିଆ ବସଷ୍ଟାଣ୍ଡ ନିକଟସ୍ଥ ପୁରୁଣା ପୋଖରୀଠାରେ ଥିବା ମା' କାମନାକାଳୀଙ୍କ ମନ୍ଦିରରେ ମେରୁଯାତ୍ରା ଆୟୋଜିତ ହୋଇଥିଲା। ମଧ୍ୟାହ୍ନରେ ଧୂଳିଦଣ୍ଡ କରାଯାଇଥିଲା। ପରେ ମା' କାଳିଶିଙ୍କ ଦେହରେ ଉଭା ହୋଇ ଅଧିଆ ପଡ଼ିଥିବା ମାନସିକଧାରୀମାନଙ୍କ ଦୁଃଖ ଶୁଣି ଆଶୀର୍ବାଦ କରିଥିଲେ। ଢୋଲ ଓ ଘଣ୍ଟବାଦ୍ୟ ସହ ହରିବୋଲ ହୁଳହୁଳି ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ସେହିପରି ଗୁଣ୍ଡୁରାପଶିଠାରେ କାମନା ମନ୍ଦିରରେ ମଧ ମେରୁପର୍ବ ପାଳନ ହୋଇଛି। ଦଣ୍ଡ ବ୍ରତଧାରୀ ଶ୍ରଦ୍ଧାଳୁ ଝାମୁରେ ଚାଲିଥିଲେ। ଝିଲ୍ଲି ଗ୍ରାମରେ ମଧ ମେରୁପର୍ବ ପାଳିତ ହେଇଛି। ଏଥିରେ ଆଖପାଖ ଅଞ୍ଚଳର ୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## କାମନାକାଳୀ ଦଣ୍ଡପାର୍ଟି ପକ୍ଷରୁ ମେରୁଯାତ୍ରା



ଢେଙ୍କାନାଳ,୧୩।୪(ସମିସ): ସଦର ବ୍ଲକ୍ ନରଣପୁର ଗ୍ରାମର ମା' କାମନାକାଳୀ ଦଣ୍ଡପାର୍ଟି ପକ୍ଷରୁ ମେରୁପର୍ବ ପାଳିତ ହୋଇଛି। ପ୍ରତଃରୁ ମା'ଙ୍କ ମଙ୍ଗଳଆଳତି କରାଯାଇ ମାଜଣା କରାଯାଇଥିଲା। ମଧ୍ୟାହ୍ନରେ ହୋମଯଜ୍ଞ ପରେ ଝାମୁରେ ଅଗ୍ନି ସଂଯୋଗ କରାଯାଇଥିଲା। ସ୍ଥାନୀୟ ବଡ଼ଜୋରାଠାରେ ପୂଜାର୍ଚ୍ଚନା ପରେ ବାଦ୍ୟ, ଘଣ୍ଟ ଦ୍ୱାରା ଗ୍ରାମ ପରିକ୍ରମା କରି ମାନସିକଧାରୀ ଦଣ୍ଡୁଆ, ପାଟଭକ୍ତ ଓ କାଳିଶି ୨୧ ହାତିଆ ଝାମୁରେ ଚାଲିଥିଲେ। ୧୩ଦିନ ଧରି ଗାଁ ଗାଁ ବୁଲି ଦଣ୍ଡୁଆମାନେ ଧୂଳିଦଣ୍ଡ ଓ ରାତିରେ ଦଣ୍ଡ କରି ମାନସିକ ପୂରଣ କରିଥିଲେ। ଝାମୁଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ଭିଡ଼ ଜମିଥିଲା।

## 'ବିଭାବନା'ର ବିଷୁବ ମିଳନ




ଢେଙ୍କାନାଳ,୧୩।୪(ସମିସ): ସ୍ଥାନୀୟ ମିନି ଷ୍ଟାଡିଅମରେ ଦ୍ୱିତୀୟ ମହିମା ବହିମେଳା ମଞ୍ଚରେ ପ୍ରତିଷ୍ଠିତ ସାରସ୍ୱତ ଅନୁଷ୍ଠାନ 'ବିଭାବନା'ର ବିଷୁବ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂଯୁକ୍ତା ମିଶ୍ରଙ୍କ ସଭାପତିତ୍ୱରେ ସାରସ୍ୱତ ଆଲୋଚନା ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ଉଦଘାଟକ ଭାବେ ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ ମିଶ୍ର ଯୋଗଦେଇ ବିଭାବନାର ଦୀର୍ଘ ୩୬ ବର୍ଷର ସଫଳ ଯାତ୍ରା ଉପରେ ଆଲୋକପାତ କରିବା ସହ ସ୍ୱର୍ଗତ ରେଣୁବାଳା ନନ୍ଦଙ୍କ ବ୍ୟକ୍ତିତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ପ୍ରବାସିନୀ ମହାକୁଡ଼, ମୁଖ୍ୟବକ୍ତା ଭାବେ ବିନୟ କୁମାର ଖିଲାର, ସମ୍ମାନିତ ଅତିଥି ଭାବେ ଜ୍ୟୋତିର୍ବିଦ ବିପ୍ରବର ପଣ୍ଡା, ଶେଷଦେବ ରାଉତ, ସନ୍ଧ୍ୟାରାଣୀ ପତି ଓ ଅବନୀ ମିଶ୍ର ଯୋଗଦେଇ ସମକାଳୀନ ସାହିତ୍ୟିକମାନଙ୍କ ସୃଷ୍ଟି ଓ କୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭାବନାର ବିଷୁବ ସଂଖ୍ୟା ଓ ଡ. ମାନସୀ କରଙ୍କ ପୁସ୍ତକ ଜୀବନ ସଞ୍ଜ ଲୋକାର୍ପିତ ହୋଇଥିଲା। ରତ୍ନପ୍ରଭା ବାଇ ଜୀବନ ସଞ୍ଜ ପୁସ୍ତକର ସମୀକ୍ଷା କରିଥିଲେ। ବୈକୁଣ୍ଠନାଥ ଦ୍ୱିବେଦୀ ସଭା ପରିଚାଳନା କରିଥିବା ବେଳେ ନିର୍ମଳା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାବନା ସାରସ୍ୱତ ସମ୍ମାନରେ ଇନ୍ଦ୍ରମଣି ନାୟକ ଓ ରେଣୁବାଳା ସ୍ମୃତି ସମ୍ମାନରେ ସଞ୍ଜୋଦୟା ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ମାନସ ନନ୍ଦ ସ୍ୱାଗତ ଭାଷଣ ଓ ପ୍ରଶାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ୫୦ ଜଣ କବିଙ୍କୁ ନେଇ କବି ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତା ଓ ଦେବପ୍ରସାଦ ସାହୁ ଏବଂ ପୁଷ୍ପାଞ୍ଜଳି ରାଉତଙ୍କ ସଂଯୋଜନାରେ କବିତା ଆସର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଲୋକନାଥ ମହାପାତ୍ର ଓ ସମ୍ମାନିତ ଅତିଥି ରୂପେ କଳ୍ପନା ବୋଇତି ଯୋଗଦେଇଥିଲେ।

## ଇନ୍ଦିପୁର ସୁନାଦଣ୍ଡ ଉଦ୍‌ଯାପିତ

ଢେଙ୍କାନାଳ,୧୩।୪(ସମିସ): ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତରେ ଚାଲିଥିବା ସୁନାଦଣ୍ଡ ସୋମବାର ଉଦ୍‌ଯାପିତ ହୋଇଛି। କୋଠର ସାଧନାର ଅନନ୍ୟ ନିଦର୍ଶନ ସ୍ୱରୂପ ୬୪ ପ୍ରକାର ଯୋଗ ଦଣ୍ଡରେ ଆପଣା ଶରୀରକୁ ଭାବଭକ୍ତି ତଥା ମାନସିକରେ ଶୁଦ୍ଧ କରିଥାନ୍ତି ଦାଣ୍ଡୁଆମାନେ। ଅନ୍ଧବିଶ୍ୱାସଠାରୁ ଦୂରରେ ବିଜ୍ଞାନର ଆଧୁନିକତାକୁ ଲଘିଂ ଏ ଶୈବଧର୍ମର ପରମ୍ପରା ଇନ୍ଦିପୁର ଗ୍ରାମରେ ୧୫୮ ବର୍ଷ ଧରି ଚାଲି ଆସୁଛି। ସକାଳେ ପିଲାଙ୍କ ମୁଣ୍ଡନ, ଦର୍ଶନ ହେବା ପରେ ମଧ୍ୟାହ୍ନର ପ୍ରଚଣ୍ଡ ଖରାରେ କାମନା କାଳିକା ମନ୍ଦିରରୁ କଳାରତ୍ନମଣି ଭଜେ ଧ୍ୱନି, ଘଣ୍ଟ, ଢୋଲ ଶବ୍ଦରେ ଦଣ୍ଡ ପ୍ରଣାମ ହୋଇଥିଲା। ପାଟ ଦଣ୍ଡୁଆଙ୍କଠାରେ କାଳିଶି ଭାବେ କାଳିକା ମଙ୍ଗଳା ବିଜେ କରି ଅଧିଆ ପଡ଼ିଥିବା ଭକ୍ତଙ୍କ ଗୁହାରି ଶୁଣିଥିଲେ। କୋଇଲେଖା କଣ୍ଟାରେ ଆଗ କାଳିଶିମାନେ ଗଡ଼ିବା ପରେ ଦଣ୍ଡୁଆମାନେ ଗଡ଼ିଥିଲେ। ଶେଷରେ କାଳିଶି ଓଘରତପ କରି ଚାରୁ ବଣ୍ଟନ କରିଥିଲେ। ପ୍ରସାଦ ପାଇବା ପାଇଁ ପ୍ରବଳ ଭକ୍ତଙ୍କ ଭିଡ଼ ହୋଇଥିଲା। ଏହି ପ୍ରସାଦ ପାଇଲେ ଭକ୍ତର ସମସ୍ତ ରିଷ୍ଟ ଖଣ୍ଡନ ହୁଏ ବୋଲି ବିଶ୍ୱାସ ରହିଛି। ଇନ୍ଦିପୁର ସୁନାଦଣ୍ଡର ଶୃଙ୍ଖଳା ପରିଚାଳନା କରିଥିଲେ ପଦ୍ମନାଭ ସାହୁ, ଭୀମସେନ ସାହୁ, ସୁଧାଂଶୁ ମହାପାତ୍ର, ବସନ୍ତ ପୃଷ୍ଟି, ଗୌରୀ ସେଠୀ, ମଣ୍ଟୁ ସାହୁ, ସୂର୍ଯ୍ୟମଣି ସାହୁ ପ୍ରମୁଖ।

## ବିଧାରପୁରରେ ଜବରଦଖଲ ଉଚ୍ଛେଦ

ଗଁଦିଆ,୧୩।୪(ସମିସ): ଗଁଦିଆ ତହସିଲ ଅନ୍ତର୍ଗତ ବିଧାରପୁରଠାରେ ପ୍ରସ୍ତାବିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପୂର୍ବାହ୍ନ ୧୦ଟାରେ ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଚିହ୍ନଟ ହୋଇଥିବା ସରକାରୀ ଜମିରେ ଥିବା ଦୋକାନ ବଜାର ହଟାଯାଇଛି। ଏହି ଅଭିଯାନରେ ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ବିଶ୍ୱାଳ, ଅମିନ ଗୌତମ ବେହେରା ଓ ସୁପରଭାଇଜର ନିଭାଶ୍ରୀ ଦାସ, ମମତା ନାୟକ ସାମିଲ ହୋଇଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇଙ୍କ ସମେତ ଏସଆଇ ମୋହନ ସାର ମୁର୍ମୁ, ସୁଶ୍ରୀ ଆୟୁଷୀ ଏବଂ ଦୁଇ ସେକ୍ସନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଆଗାମୀ ଦିନରେ ଅବଶିଷ୍ଟ ଦୋକାନୀ ଗୃହଗୁଡ଼ିକ ଉଚ୍ଛେଦ କରାଯିବ ବୋଲି ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି କହିଛନ୍ତି।

## ଗଁଦିଆ ସ୍ମୃତିସଂସଦ ତରଫରୁ ସ୍ମୃତିଚାରଣ

ଗଁଦିଆ,୧୩।୪(ସମିସ): ଗଁଦିଆ ବ୍ଲକ ବେଗା ପଞ୍ଚାୟତର ସମାଜସେବୀ ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ଦାସଙ୍କ ଏକାଦଶାହରେ ଗଁଦିଆ ସ୍ମୃତିସଂସଦ ତରଫରୁ ସ୍ମୃତିଚାରଣ ସଭା ସ୍ମୃତି ସଂସଦ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ସ୍ମୃତିସଂସଦ ମୁଖ୍ୟ ଉପଦେଷ୍ଟା ଡ. ସମୀର କୁମାର ସାହୁ, ଗଁଦିଆ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ସାମନ୍ତ, ଗଁଦିଆ ଥିଙ୍କର୍ସ ଫୋରମ ସଭାପତି ସୁବ୍ରତ କୁମାର ସାହୁ, ସ୍ମୃତିସଂସଦ ଉପସଭାପତି ଡମ୍ବରୁଧର ସେଠୀ, ସମ୍ପାଦକ ତାପସ କୁମାର ରାଉତ, ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ସାଂସଦଙ୍କ ପ୍ରତିନିଧି ଲଳିତ କୁମାର ଦାସ, ଶିକ୍ଷକ ନେତା ହେମନ୍ତ କୁମାର ବ୍ରହ୍ମ, ଉପେନ୍ଦ୍ର କୁମାର ସାହୁ, ସମାଜସେବୀ ରାମଚନ୍ଦ୍ର ପାତ୍ର, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମାଜସେବୀ ରବିନାରାୟଣ ପରିଡ଼ା, ସୋରିଶିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ, ଗଁଦିଆ ପ୍ରେସକ୍ଲବ ସଭାପତି ମହେନ୍ଦ୍ର କୁମାର ସାହୁ, ନିହଲପ୍ରସାଦ ମଣ୍ଡଳ ସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବନ୍ଦନୀୟ ବରପୁତ୍ର ଦିବସ ପାଳିତ





ଢେଙ୍କାନାଳ,୧୩।୪(ସମିସ): ସ୍ଥାନୀୟ ଆଣ୍ଡ ଆର୍ଟ କ୍ରାଫ୍ଟ ସେଣ୍ଟର ଅଡିଟୋରିୟମରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରବିବାର ବନ୍ଦନୀୟ ବରପୁତ୍ର ଦିବସ ପାଳିତ ହୋଇଛି। ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ସଭାପତିତ୍ୱ କରିଥିଲେ। ପ୍ରଥମ ଅଧିବେଶନରେ ଜିଲ୍ଲାର ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ କବି ପ୍ରଭାସିନୀ ମହାକୁଡ଼, କବି ତଥା ଗାଳ୍ପିକା ନିର୍ମଳା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାପକ ଅଟଳ ବିହାରୀ ଦାଶ, ଡ. ପୁଷ୍ପଲତା ରଥ ଓ ସ୍ତମ୍ଭକାର ସୌମ୍ୟରଞ୍ଜନ ପରିଡ଼ା। ବକ୍ତାମାନେ ଜାତିପ୍ରତି ବରପୁତ୍ରମାନଙ୍କ ଅବଦାନ ଓ ବଳିଦାନକୁ ସ୍ମରଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ୫୦ ଜଣ କବି ଢେଙ୍କାନାଳର ଐତିହ୍ୟ, ପରମ୍ପରା, ବରପୁତ୍ରମାନଙ୍କ ଉପରେ କବିତା ପାଠ କରିଥିଲେ। ଜିଲ୍ଲା ସଂସ୍କୃତି ବିଭାରର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆନନ୍ଦ ବଜାରରେ ଦଣ୍ଡନୃତ୍ୟ

ଢେଙ୍କାନାଳ,୧୩।୪(ସମିସ): ସ୍ଥାନୀୟ ଆନନ୍ଦ ବଜାର ଜଗନ୍ନାଥ ରୋଡ ମହ୍ଲାସାହିଠାରେ ଚକରା ଦଣ୍ଡପାର୍ଟି ପକ୍ଷରୁ ରବିବାର ମଧ୍ୟାହ୍ନରେ ଧୂଳିଦଣ୍ଡ ଓ ରାତିରେ ବିଭିନ୍ନ ଦଣ୍ଡନୃତ୍ୟ ପରିବେଷଣ କରାଯାଇଛି। ପ୍ରଭାକାଳୀ, ହାଡ଼ି-ହାଡ଼ିଆଣୀ, ଶିବ-ପାର୍ବତୀ, ଚଢ଼େୟା-ଚଢ଼େୟାଣୀ, ଯୋଗୀ-ଯୋଗୀଆଣୀ, ବାଇଧର, ନାବିକ, ସଖୀ, ବୀଣାକାର-ବିଣାକାରୁଆଣୀ ଇତ୍ୟାଦି ଅଭିନୟରେ ବାହାରି ଦଣ୍ଡନୃତ୍ୟ ପରିବେଷଣ କରିଥିଲେ। ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ଦଣ୍ଡନୃତ୍ୟ ଉପଭୋଗ କରିଥିଲେ। ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ସମ୍ପାଦକ ଗଦାଧର ସାହୁ, ମୁଖ୍ୟ ପରିଚାଳକ ସନ୍ତୋଷ କୁମାର ସାହୁ, ସହ-ପରିଚାଳକ ସୌମ୍ୟରଞ୍ଜନ ବେହେରା, ଦଣ୍ଡନୃତ୍ୟ ଗୁରୁ ଜ୍ଞାନରଞ୍ଜନ ଦାସ ତଥା ଆନନ୍ଦବଜାର ମା'କାମନାକାଳୀ ଦଣ୍ଡନୃତ୍ୟର ସମସ୍ତ ସଦସ୍ୟ ଏହାକୁ ପରିଚାଳନା କରିଥିଲେ।



## ବାଇକରୁ ପଡ଼ି ଯୁବକ ମୃତ

ଭୁବନ,୧୩।୪(ସମିସ): ଭୁବନ ଥାନା କୁନିନ୍ଦା ପଞ୍ଚାୟତ ବନ୍ଧୀ ପୋଖରୀ ବୁଲାଣିରେ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଡ଼ନୃସିଂହପ୍ରସାଦ ଗ୍ରାମର ପାଣ୍ଡବ ମଳିକଙ୍କ ପୁଅ ପତିତ ମଳିକ (୨୫)। ପତିତ ନିଜ ସମ୍ପର୍କୀୟଙ୍କୁ ଯାଜପୁର ଜିଲ୍ଲା କୁହିକାରେ ଛାଡ଼ି ଫେରିବା ବେଳେ ଅପରାହ୍ନ ସାଢ଼େ ୨ଟାରେ ପ୍ରବଳ ଖରା ଯୋଗୁଁ ବାଇକରୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଢେଙ୍କାନାଳ ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ନିଆଁ ଲାଗି ଜଳିଗଲା ସର୍ବସ୍ୱ

ଭୁବନ,୧୩।୪(ସମିସ): ଭୁବନ ବ୍ଲକ ଏକତାଳି ପଞ୍ଚାୟତ ବେଣ୍ଟଶାଳିଆ ଗ୍ରାମରେ ନିଆଁ ଲାଗି ଜଳିଗଲା ସର୍ବସ୍ୱ। ଗ୍ରାମର ବିନୋଦ ଦାସ ଓ ତାଙ୍କ ପରିବାର ଲୋକେ ଘରେ ଶୋଇଥିବା ବେଳେ ରବିବାର ରାତି ପ୍ରାୟ ୧ଟାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏଥିରେ ଘର ସମେତ ସମସ୍ତ ଆସବାବପତ୍ର, ଧାନ, ଚାଉଳ ପୋଡ଼ି ପାଉଁଶ ହୋଇଛି। କେବଳ ପିନ୍ଧା ଲୁଗାକୁ ଛାଡ଼ି ସବୁ ପୋଡ଼ିଯାଇଛି। ବିନୋଦଙ୍କ ଘର ସହ ପଡ଼ୋଶୀ ପୀତବାସ ଦାସଙ୍କ ଗୁହାଳ ମଧ୍ୟ ପୋଡ଼ିଯାଇଛି। ଭୁବନ ଓ ଗଁଦିଆ ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଥିଲେ।

## ଜନଗଣନା ସଚେତନତା ରଥ ପରିକ୍ରମା

ଢେଙ୍କାନାଳ,୧୩।୪(ସମିସ): ଦେଶରେ ପ୍ରଥମ ଡିଜିଟାଲ ଜନଗଣନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ଜିଲ୍ଲପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। ରଥକୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଏବଂ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ୩ ଦିନ ଧରି ଜିଲ୍ଲାର ସମସ୍ତ ବ୍ଲକ ଏବଂ ତହସିଲ ଅଞ୍ଚଳରେ ବୁଲି ସଚେତନତା ବାର୍ତ୍ତା ପ୍ରଚାର କରିବ।



## ସିଦ୍ଧବଳରାମଙ୍କ ଏକାଦଶୀ ନୀତି



ଢେଙ୍କାନାଳ,୧୩।୪(ସମିସ): ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ବୈଶାଖ ମାସର ବରୁଥିନୀ ଏକାଦଶୀ ନୀତି ପାଳନ କରାଯାଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି, ମହାସ୍ନାନ, ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ସକାଳ ୧୦ଟାରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି, ରାତ୍ରଧୂପ ପରେ ଏକାଦଶୀ ବେଢ଼ା ମହାଦୀପ ମନ୍ଦିର ଉପରକୁ ଉଠିଥିଲା। ପୂଜକ ମନସୁମନ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ସମସ୍ତ ନୀତି ହୋଇଥଲା।

## ଶିବିରରେ ୫୦ ୟୁନିଟ ରକ୍ତ ସଂଗ୍ରହ




ଢେଙ୍କାନାଳ,୧୩।୪(ସମିସ): ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ମହାବିଦ୍ୟାଳୟର ଏନଏସଏସ, ଯୁବ ରେଡକ୍ରସ ଓ ଏନସିସି ମିଳିତ ସହଯୋଗରେ ଶିବିର ହୋଇଥିଲା। ପୂର୍ବାହ୍ନ ୧୦ଟାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ. ରବର୍ଟ ଉଇଲସନ ଭାତ୍ରା, ଯୁବ ରେଡକ୍ରସ୍ ସଂଯୋଜକ ଡ. ଭୂପେଶ ଚନ୍ଦ୍ର ସାହୁଙ୍କ ସହ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ଏନ୍‌ଏସ୍‌ଏସ୍ ଓ ଏନ୍‌ସିସି କ୍ୟାଡେଟମାନେ ରକ୍ତଦାନ କରିଥିଲେ। ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

ଟାଟାଷ୍ଟିଲ ମେରାମଣ୍ଡଳୀରେ ରକ୍ତଦାନ ଶିବିର

# ୩୪୦ ୟୁନିଟ୍ ରକ୍ତ ସଂଗୃହୀତ




ଢେଙ୍କାନାଳ,୧୩।୪(ସମିସ): ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସଏମ) ଟାଟା ମେନ୍ ହସ୍ପିଟାଲ୍ (ଟିଏମଏଚ) ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍ ଲିମିଟେଡ (ଟିଏସଟିଏସଏଲ) ଏବଂ ଟାଟା ଷ୍ଟିଲ୍ ସପୋର୍ଟ ସର୍ଭିସେସ୍ ଲିମିଟେଡ୍ (ଟିଏସଏସଏସଏଲ) ଶିବିର ଆୟୋଜନରେ ସହଯୋଗ କରିଥିଲେ। ଶିବିରରେ ଟିଏସ୍‌ଏମ୍‌ର କର୍ମଚାରୀ ଓ ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ବିଭିନ୍ନ ସହଯୋଗୀ ସଂସ୍ଥାର ଶ୍ରମିକ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୩୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରରେ ଆଇରନ ଆଣ୍ଡ ଷ୍ଟିଲ ବିଭାଗ ମୁଖ୍ୟ ଅମିତ କୁମାର ସିଂ, ମିଲ୍ସ ଆଣ୍ଡ ଡାଉନଷ୍ଟ୍ରିମ ମୁଖ୍ୟ କପିଲ ମୋଦୀ, ପାୱାର ସିଷ୍ଟମ ମୁଖ୍ୟ ରାଜେଶ କୁମାର ଅଗ୍ରୱାଲ, କର୍ପୋରେଟ ସର୍ଭିସେସ ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡା, ଟିଏସଏସଏସଏଲର ଏମଡି ତଥା ସିଇଓ ଦୀପକ କାମତ ଏବଂ ଟିଏସଟିଏସଏଲର ଏମଡି ତଥା ସିଇଓ ସନ୍ଦିପ ଧୀର ପ୍ରମୁଖ ସାମିଲ ହୋଇଥିଲେ। ଟିଏମଏଚର ଇନଚାର୍ଜ ଡା. ଆଶିଷ ମହାପାତ୍ର, ବରିଷ୍ଠ ଚିକିତ୍ସା ଅଧିକାରୀ ଡା. ଅବିନାଶ ଦାଶ ଏବଂ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ଏଲଟିଆରଏମଓ ଡା. କୌଶିକ ପାତ୍ରଙ୍କ ସମେତ ଉଭୟ ଅନୁଷ୍ଠାନର କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

# ଆଇଆଇଏମସି ଛାତ୍ରୀ ରୋଜାଲିନଙ୍କୁ ରାଧାନାଥ ରଥ ଫେଲୋସିପ୍

ଢେଙ୍କାନାଳ,୧୩।୪(ସମିସ):



ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି) ପକ୍ଷରୁ ଚଳିତ ଶିକ୍ଷାବର୍ଷର ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମର ଛାତ୍ରୀ ରୋଜାଲିନ ସାହୁଙ୍କୁ ରାଧାନାଥ ରଥ ସ୍ମାରକୀ ଫେଲୋସିପ ଓ ଇଂରାଜୀ ସାମ୍ବାଦିକତା ପାଠ୍ୟକ୍ରମ ଛାତ୍ରୀ ଅନନ୍ୟା ପୋଦ୍ଦାରଙ୍କୁ ସତ୍ୟ ମହାପାତ୍ର ସ୍ମାରକୀ ଫେଲୋସିପ ପ୍ରଦାନ କରାଯାଇଛି। ଉଭୟଙ୍କୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଛି। ଆଇଆଇଏମସି ଢେଙ୍କାନାଳର ସ୍ପନ୍ଦନ ଅଡିଟୋରିଅମରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଫେଲୋସିପ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଶିଶୁ ଅଧିକାର ସୁରକ୍ଷା ସଂସ୍ଥା ସିଆରୱାଇ ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁର ଡାଇରେକ୍ଟର, ରିସର୍ଚ୍ଚ ଏବଂ ନଲେଜ, ଶୁଭେନ୍ଦୁ ଭଟ୍ଟାଚାର୍ଜୀ ଏବଂ ମିଡିଆ ସମ୍ପର୍କ ମୁଖ୍ୟ ଅଭିକ ଭଟ୍ଟାଚାର୍ଜୀ ଯୋଗଦେଇ ଫେଲୋସିପ ପ୍ରଦାନ କରିଥିଲେ। ଏହି ଅବସରରେ ଭଟ୍ଟାଚାର୍ଜୀ କହିଥଲେ ଯେ ଛାତ୍ରଛାତ୍ରୀମାନେ ନିଷ୍ଠାର ସହ ସାମ୍ବାଦିକତା ବୃତ୍ତିରେ ଖବର ପରିବେଷଣ କରିବା ଉଚିତ। ସମାଜ ପ୍ରତି ସେମାନଙ୍କ ଗୁରୁଦାୟିତ୍ୱ ରହିଛି। ଲୋକଙ୍କ ପାଇଁ ସର୍ବଦା ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିବା ଉଚିତ ବୋଲି ସେ କହିଥିଲେ। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ସାମ୍ବାଦିକତା କ୍ଷେତ୍ରରେ ରାଧାନାଥ ରଥ ଏବଂ ସତ୍ୟ ମହାପାତ୍ରଙ୍କ ଅବଦାନ ବିଷୟରେ ଉଲ୍ଲେଖ କରିଥିଲେ। ଆଇଆଇଏମସି ଢେଙ୍କାନାଳର ଇଂରାଜୀ ସାମ୍ବାଦିକତା ବିଭାଗ ସହକାରୀ ଅଧ୍ୟାପକ ଡ. ବିରଞ୍ଚି ନାରାୟଣ ସେଠ ଏବଂ ଓଡ଼ିଆ ସାମ୍ବାଦିକତା ବିଭାଗ ସହକାରୀ ଅଧ୍ୟାପକ ଡ. ଚିରସ୍ରୋତା ଜେନା ଦୁଇ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ରୋଜାଲିନ ସାହୁ କହିଲେ ଯେ ଏହି ସମ୍ମାନଜନକ ଫେଲୋସିପ କେବଳ ନିରବଚ୍ଛିନ୍ନ ଚେଷ୍ଟାର ପ୍ରତିଫଳନ ନୁହେଁ ବରଂ ମୋ ପାଇଁ ଆଗାମୀ ଦିନରେ ସାମ୍ବାଦିକ ଭାବେ କାର୍ଯ୍ୟକରିବାର ପ୍ରେରଣା। ସାମ୍ବାଦିକ ଭାବେ ମତେ ଏହା ଅଦମ୍ୟ ସାହସ ଓ ଆତ୍ମବିଶ୍ୱାସର ଉତ୍ସ ପରି ମନେ ହେଉଛି। ଏହି ବୃତ୍ତି ମୋର ଉଚ୍ଚଶିକ୍ଷା ପଥକୁ ସୁଗମ କରିବ ଏବଂ ଭବିଷ୍ୟତରେ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଉତ୍ସାହିତ କରିବ ବୋଲି ରୋଜାଲିନ କହିଥିଲେ। ସେହିପରି ଅନନ୍ୟା କହିଲେ ଯେ ଆମ ସମ୍ମୁଖରେ କାର୍ଯ୍ୟ କରୁଥିବା ସାହସୀ ସାମ୍ବାଦିକ ଏବଂ ସେମାନଙ୍କ ସତ୍ୟ କାହାଣୀକୁ ସମାଜରେ ଉପସ୍ଥାପନ କରିବାର କ୍ଷମତାରେ ମୁଁ ଅନୁପ୍ରାଣିତ। ଏହି ସମ୍ମାନ ପାଇଁ ବହୁତ ଖୁସି ଏବଂ ଏହି ୯ ମାସ ଧରି ଆମ ସମସ୍ତଙ୍କୁ ନିରନ୍ତର ମାର୍ଗଦର୍ଶନ ଏବଂ ସମର୍ଥନ କରିବା ପାଇଁ ଡ. ଆନନ୍ଦ ପ୍ରଧାନଙ୍କ ପ୍ରତି କୃତଜ୍ଞ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କର୍ପୋରେଟ ଯୋଗାଯୋଗ ଏବଂ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗ ସହକାରୀ ଅଧ୍ୟାପକ ଆଭା ସିଂ ଓ ପାରସ ଯାଦବ, ସଂସ୍ଥାନର ଶିକ୍ଷା ସଂଯୋଜକ ଜିତେନ୍ଦ୍ର ପତି, ଗ୍ରନ୍ଥାଗାର ସଂଯୋଜକ ଶୁଭଙ୍କରୀ ଦାସ ଉପସ୍ଥିତ ଥିଲେ।

# ହୀରାକୁଦ ଡ୍ୟାମ୍ ମଜଦୁର ସଂଘର ବିକ୍ଷୋଭ

**ସମ୍ବଲପୁର, ୧୩।୪ (ସମିସ)**




ହୀରାକୁଦ ବନ୍ଧ ନିର୍ମାଣ ସମୟରେ ଉଦ୍ଦେଶ୍ୟ ଥିଲା ଅଞ୍ଚଳର ଚାଷୀମାନେ ପାଣି ପାଇବେ ଏବଂ ବୁର୍ଲା ଜଳ ଉତ୍ପାଦନ କେନ୍ଦ୍ରରୁ ବିଜୁଳି ଉତ୍ପାଦନ ହେବ। କିନ୍ତୁ ଦୁଃଖର ବିଷୟ, ବର୍ତ୍ତମାନ ସୁଦ୍ଧା ଶେଷ ଅଞ୍ଚଳ (ଟେଲ୍ ଏଣ୍ଡ)ର ଚାଷୀମାନଙ୍କୁ ପ୍ରୟୋଜନୀୟ ଜଳସେଚନ ପାଣି ମିଳୁନାହିଁ ଏବଂ ଆବଶ୍ୟକତା ଅନୁଯାୟୀ ବିଜୁଳି ଉତ୍ପାଦନ ମଧ୍ୟ ସମ୍ଭବ ହେଉନାହିଁ ବୋଲି ହୀରାକୁଦ ଡ୍ୟାମ୍ ମଜଦୁର ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଢ଼ୀ କହିଛନ୍ତି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ସହିତ ନୂତନ ସ୍ପିଲୱେ କାମ ମଧ୍ୟ ଜୋରଦାର ଭାବେ ଚାଲିଛି। କିନ୍ତୁ ଚିନ୍ତାର ବିଷୟ ହେଉଛି, ବର୍ତ୍ତମାନ ହୀରାକୁଦ ଡ୍ୟାମ୍ ସମ୍ପୂର୍ଣ୍ଣ ଭାବେ ଠିକା ଏବଂ ଆଉଟସୋର୍ସିଂ ଶ୍ରମିକଙ୍କ ଉପରେ ନିର୍ଭର କରୁଛି। ପୂର୍ବରୁ ୨୫୦ ରୁ ଅଧିକ ସ୍ଥାୟୀ କର୍ମଚାରୀ ଦ୍ୱାରା ପରିଚାଳିତ ହୋଇଆସୁଥିବା ବେଳେ ବର୍ତ୍ତମାନ ମାତ୍ର ୩୬ ଜଣ ସ୍ଥାୟୀ କର୍ମଚାରୀ ରହିଛନ୍ତି। ମେକାନିକାଲ୍ ଡିଭିଜନରେ ୧୬ ଏବଂ ମୁଖ୍ୟ ବନ୍ଧ ଡିଭିଜନରେ ୨୦ ଜଣ। ଗୁରୁତ୍ୱପୂର୍ଣ୍ଣ କାମ ଯଥା କ୍ରେନ ଅପରେଟର, ପମ୍ପ ଡ୍ରାଇଭର ଓ ଗେଜ ରିଡର ଭଳି ପଦବୀରେ କୌଣସି ସ୍ଥାୟୀ ନିଯୁକ୍ତି ନ ଥିବାବେଳେ ଏହି କାମଗୁଡ଼ିକ ଠିକା ଶ୍ରମିକମାନଙ୍କ ଦ୍ୱାରା କରାଯାଉଛି। ମୋଟ ୯୮ଟି ଫାଟକ ମଧ୍ୟରୁ ୬୪ଟି ସ୍ଲୁଇସ ଓ ୨୪ଟି କ୍ରେଷ୍ଟ ଫାଟକ ଥିବା ସତ୍ତ୍ୱେ ଆବଶ୍ୟକ ଅପରେଟର ଓ ହେଲ୍ପର ନଥିବା ଗୁରୁତର ସମସ୍ୟା ରହିଛି ବୋଲି ଶ୍ରୀ ପାଢ଼ୀ ମତବ୍ୟକ୍ତ କରିଛନ୍ତି। ଏନେଇ ଆଜି ହୀରାକୁଦ ଡ୍ୟାମ୍ ମଜଦୁର ସଂଘର ସାଧାରଣ ସମ୍ପାଦକ ତଥା ଆଇନଜୀବୀ ପ୍ରଶାନ୍ତ ପାଢ଼ୀଙ୍କ ନେତୃତ୍ୱରେ ମୁଖ୍ୟ ଯନ୍ତ୍ରୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ମଜଦୂର ସଂଘ ପକ୍ଷରୁ ୨୨ ଦଫା ଦାବି ମଧ୍ୟରେ - 'ସମାନ କାମକୁ ସମାନ ଦରମା', ସମସ୍ତ ଶ୍ରମିକଙ୍କୁ ଇପିଏଫ୍, ଇଏସ୍ଆଇ ସହ ସାମାଜିକ ସୁରକ୍ଷା, ଦୀର୍ଘଦିନ ଧରି କାମ କରୁଥିବା କର୍ମଚାରୀଙ୍କ ନିୟମିତକରଣ, ଖାଲି ପଦରେ ଶୀଘ୍ର ନିଯୁକ୍ତି, ଗ୍ରାଚ୍ୟୁଇଟି, ପେନସନ୍, ଜୋଖିମ ଭତ୍ତା, ସମୟାନୁଯାୟୀ ଦରମା ପ୍ରଦାନ, ସରକାରୀ କ୍ୱାଟର୍ ପ୍ରଦାନ ଆଦି ରହିଛି। ଦାବିପତ୍ର ଚିଫ୍ ଇଞ୍ଜିନିୟର ଓ ବେସିନ୍ ମ୍ୟାନେଜର ସୁଶୀଲ କୁମାର ବେହେରା, ଅତିରିକ୍ତ ମୁଖ୍ୟ ଇଞ୍ଜିନିୟର ଜ୍ୟୋତିରଞ୍ଜନ ବେହେରା, ଅଧୀକ୍ଷଣ ଇଞ୍ଜିନିୟର ସୁଧାଂଶୁ ଦ୍ୱିବେଦୀ ଏବଂ ମଡେଲ୍ ଷ୍ଟଡି ରିସର୍ଚ୍ଚ ସେଣ୍ଟରର ଡେପୁଟି ଡାଇରେକ୍ଟର ତାପସ ଶୁକ୍ଲାଙ୍କୁ ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ ଶ୍ରୀ ପ୍ରଶାନ୍ତ ପାଢ଼ୀ କହିଥିଲେ ଯେ, ୧୯୯୨, ୧୯୯୩, ୧୯୯୭ ଓ ୨୦୦୩ ମସିହାରେ ସଂଘର ଆନ୍ଦୋଳନ ଫଳରେ ଏନଏମଆର୍ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିଲା। କିନ୍ତୁ ଗତ ୨୩ ବର୍ଷ ଧରି ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ବନ୍ଦ ରହିଛି ଏବଂ ଧୀରେ ଧୀରେ ଠିକା ଶ୍ରମିକଙ୍କୁ ନିଯୁକ୍ତ କରାଯାଉଛି, ଯାହା ଶ୍ରମିକ ଶୋଷଣକୁ ବଢ଼ାଇଛି। ଶ୍ରମ ଆଇନକୁ ଅଣଦେଖା କରି ଠିକା ଶ୍ରମିକମାନଙ୍କଠାରୁ କାମ ନେଇ ସେମାନଙ୍କୁ ବହୁତ ପ୍ରାପ୍ୟ ଦେବାରୁ ବଞ୍ଚିତ କରାଯାଉଛି। ସମସ୍ତ ୱାର୍କଚାର୍ଜ୍, ଏନଏମଆର୍, ଠିକା ଓ ଆଉଟସୋର୍ସିଂ ଶ୍ରମିକଙ୍କୁ ଶୀଘ୍ର ନିୟମିତ କରାଯିବାକୁ ସେ ଦାବି କରିଥିଲେ। ବିକ୍ଷୋଭରେ ଶ୍ରମିକ ନେତା ରବି ଗୁରୁ, କୁନୁ ଛତ୍ରିୟ, ଚନ୍ଦ୍ରମଣି ବେହେରା, ଜୟନ୍ତ ପାଣିଗ୍ରାହୀ, ଗୁଣ ଭୋଇ, ଭାଗିରଥୀ ଲୁହା, ବ୍ରହ୍ମ ମିର୍ଦ୍ଧା, ମାଧୁରୀ ସାହୁ, ରାଜୀବ ପଟ୍ଟନାୟକ, ସୁନୀଲ ଖାଡ଼ିଆ ପ୍ରମୁଖ ସାମିଲ ହୋଇଥିଲେ।

# ହୀରାକୁଦ ଆଜାଦ ମାର୍କେଟ୍‌ରୁ ଜବରଦଖଲ ଉଚ୍ଛେଦ ଦାବି

**ସମ୍ବଲପୁର, ୧୩।୪ (ସମିସ) :** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦସ୍ଥିତ ପୁରୁଣା ବଜାରର ଆଜାଦ ଚୌକ ନିକଟରେ ପ୍ରାୟ ୨୫ ଫୁଟ୍ - ୮୦ ଫୁଟର ଏକ ବିବାଦୀୟ ଏବଂ ଅବୈଧ ଭାବରେ ଦଖଲ ହୋଇଥିବା ଜମିକୁ ସାର୍ବଜନୀନ ଶୌଚାଳୟ / ପାର୍କିଂ ପାଇଁ ଆବଣ୍ଟନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ସେମାନେ ଆଜି ଜିଲ୍ଲାପାଳ ଏବଂ ମହାନଗର ନିଗମ ଆୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଦାବିପତ୍ର ଅନୁଯାୟୀ, ହୀରାକୁଦସ୍ଥିତ ପୁରୁଣା ବଜାରର ଆଜାଦ ଚୌକ ନିକଟରେ ଏକ ସାର୍ବଜନୀନ ଶୌଚାଳୟ ଏବଂ ସଂଗଠିତ ପାର୍କିଂ ସୁବିଧାର ଜରୁରୀ ଆବଶ୍ୟକତା ରହିଛି। ଏହା ଏକ ବ୍ୟସ୍ତବହୁଳ ବାଣିଜ୍ୟିକ ଏବଂ ସାର୍ବଜନୀନ କ୍ଷେତ୍ର। ଏପରି ମୌଳିକ ସୁବିଧାର ଅଭାବ ସ୍ଥାନୀୟ ବାସିନ୍ଦା, ଦୋକାନୀ, ଯାତ୍ରୀ ତଥା ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସ୍ଥାନ ନିକଟରେ ପ୍ରାୟ ୨୫ ଫୁଟ - ୮୦ ଫୁଟ ପରିମିତ ଏକ ଜମି ବର୍ତ୍ତମାନ ଅବୈଧ ଭାବରେ ଦଖଲ କରାଯାଇଛି। ଏହି ଜମିକୁ ଜବରଦଖଲ ମୁକ୍ତ କରାଯାଇ ସାଧାରଣ ଲୋକଙ୍କ ସୁବିଧା ପାଇଁ ସାର୍ବଜନୀନ ଶୌଚାଳୟ ଏବଂ ପାର୍କିଂ ବ୍ୟବସ୍ଥା କରାଗଲେ ଏହା ସଠିକ୍ ବ୍ୟବହାର କରାଯାଇପାରିବ। ଏହି ପଦକ୍ଷେପ ଦ୍ୱାରା ଅଞ୍ଚଳରେ ପରିମଳ ବ୍ୟବସ୍ଥା, ଟ୍ରାଫିକ୍ ପରିଚାଳନା ଏବଂ ସାମଗ୍ରିକ ସାର୍ବଜନୀନ ସୁବିଧାରେ ବ୍ୟାପକ ଉନ୍ନତି ଆସିବ। ଏହି ପରିପ୍ରେକ୍ଷୀରେ ଆଜାଦ ଚୌକ୍‌ରେ ଜବରଦଖଲ ଉଚ୍ଛେଦ ସହ ସାର୍ବଜନୀନ ଶୌଚାଳୟ ଏବଂ ପାର୍କିଂ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।



# ନାରୀ ଶକ୍ତି ବନ୍ଦନ ସମ୍ମିଳନୀ

**ସମ୍ବଲପୁର, ୧୩।୪ (ସମିସ) :** ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। 'ନାରୀ ସଂରକ୍ଷଣ ଅଧିନିୟମ' ଆସନ୍ତା ୧୬, ୧୭ ଓ ୧୮ ତାରିଖରେ ସଂସଦରେ ଆଗତ ହେବାକୁ ଥିବା



ମହିଳା ସଶକ୍ତିକରଣକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଡ୍. ଏଟ୍. ଆହ୍ୱାନ ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ ଜିଲ୍ଲା ସଂଯୋଜିକା ସ୍ୱାଗତ ଜଣେଇବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସରୋଜା ବେହେରା କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା କମିଶନ ସଦସ୍ୟା ମୁକ୍ତା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ନାରୀ ବନ୍ଦନ କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସବିତା ତ୍ରିପାଠୀ ମହିଳାଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିବା ବେଳେ ଆଇନଜୀବୀ ପୁଷ୍ପାଞ୍ଜଳି ମହାପାତ୍ର ମହିଳାଙ୍କ ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ କହିଥିଲେ। ଏନ୍‌ଏସ୍‌ସିବି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ସିକତା ନନ୍ଦ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସବିତା ନନ୍ଦ ପ୍ରମୁଖ ମହିଳା ବିଲ୍ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସମ୍ବଲପୁର ସମେତ ଭୁବନେଶ୍ୱର, ମୟୂରଭଞ୍ଜ, ଅନୁଗୁଳ ଏବଂ ପୁରୀରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭା ପୂର୍ବରୁ ଶତାଧିକ ମହିଳାଙ୍କ 'ନାରୀ ଶକ୍ତି ବନ୍ଦନ' ସଚେତନତା ଶୋଭାଯାତ୍ରା ଲକ୍ଷ୍ମୀଟକିଜ୍ ଛକରୁ ଆସି ତପସ୍ୱିନୀ ପ୍ରେକ୍ଷାଳୟରେ ପହଞ୍ଚିଥଲା।

# ରାସ୍ତା ଅବରୋଧ କରି ମଦ ଅନ୍‌ଲୋଡ

## ପୁଲିସ ହସ୍ତକ୍ଷେପ ପରେ ହଟିଲା ଟ୍ରକ୍



**କୁଚିଣ୍ଡା, ୧୩।୪(ସମିସ):** ବାମରା ବ୍ଲକ ଛକ ଠାରେ ଏକ ମଦ ବୋଝେଇ ଟ୍ରକ୍ ରାସ୍ତା ମଝିରେ ଛିଡା ହୋଇ ରାସ୍ତା ଅବରୋଧ କରିଥିଲା। ଗୋବିନ୍ଦପୁର ପୁଲିସର ହସ୍ତକ୍ଷେପ ପରେ ରାସ୍ତାରୁ ହଟିଲା ଟ୍ରକ୍ ହଟିଲା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ସୂଚନା ଅନୁସାରେ ସୋମବାର ଅପରାହ୍ନ ପ୍ରାୟ ୪ ଟା ସମୟରେ ବାମରା ବ୍ଲକ ଛକ ଠାରେ ଥିବା ବିଦେଶୀ ମଦ ଦୋକାନୀ ଜଣକ ମଝି ରାସ୍ତାରେ ଟ୍ରକ୍ ଛିଡା କରି ମଦ କାର୍ଟୁନ୍ ଓହ୍ଲାଉ ଥିବା ବେଳେ ଉକ୍ତ ରାସ୍ତା ଜାମ ହୋଇ ଯାତାୟାତ ପ୍ରଭାବିତ ହୋଇଥିଲା। ସ୍ଥାନୀୟ କେତେକ ବ୍ୟକ୍ତି ତାଙ୍କୁ ରାସ୍ତାରୁ ଟ୍ରକ୍ ହଟାଇବା ପାଇଁ କହିଥିଲେ ମଧ୍ୟ ଦୋକାନୀ ଜଣକ ଟ୍ରକ୍ ହଟାଇ ନଥିଲେ। ଯାତାୟାତ ପ୍ରଭାବିତ ହୋଇଥିବା ସୂଚନା ପାଇ ଗୋବିନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମଦ ଦୋକାନୀଙ୍କୁ ତାଗିଦ କରିବା ଟ୍ରକ୍‌କୁ ରାସ୍ତାରୁ ହଟାଇଥିଲେ। ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ଧରି ଉକ୍ତ ରାସ୍ତାରେ ଯାତାୟାତ ଠପ୍ ରହିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ସମ୍ବଲପୁର ମଣ୍ଡଳରେ ଉନ୍ନତ ନିରୀକ୍ଷଣ ବ୍ୟବସ୍ଥା

**ସମ୍ବଲପୁର, ୧୩।୪ (ସମିସ) :** ଯାତ୍ରୀ ସୁରକ୍ଷା ବୃଦ୍ଧି ଏବଂ ଷ୍ଟେସନ ପରିଚାଳନାରେ ଉନ୍ନତି ଆଣିବା ଦିଗରେ ଚଳିତବର୍ଷ ସମ୍ବଲପୁର ଡିଭିଜନର ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ମୋଟ ୨୦୯ଟି ଅତିରିକ୍ତ ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଛି। ଏହି ପଦକ୍ଷେପ ମୁଖ୍ୟତଃ ଭିଡ଼ ନିୟନ୍ତ୍ରଣକୁ ସୁଧାରିବା ପାଇଁ, ବିଶେଷକରି ଅଧିକ ଯାତ୍ରୀ ଭିଡ଼ ଥିବା ସମୟରେ ଏବଂ ଷ୍ଟେସନ୍ ପରିସରରେ ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ନିଆଯାଇଛି। ବିସ୍ତାରିତ ନିରୀକ୍ଷଣ ବ୍ୟବସ୍ଥା ଦ୍ୱାରା ବାସ୍ତବ-ସମୟ ତଦାରଖ, ଘଟଣାରେ ଶୀଘ୍ର ପ୍ରତିକ୍ରିୟା ଦେବା ସହିତ ରେଳ କର୍ମଚାରୀ ଓ ସୁରକ୍ଷା କର୍ମୀମାନଙ୍କ ମଧ୍ୟରେ ଭଲ ସମନ୍ୱୟ ସୁନିଶ୍ଚିତ ହେବ। କ୍ୟାମେରା ସ୍ଥାପନ ଏକ ନିରାପଦ, ସୁରକ୍ଷିତ ଏବଂ ଯାତ୍ରୀ-ଅନୁକୂଳ ପରିବେଶ ପ୍ରଦାନ କରିବା ପାଇଁ ଡିଭିଜନର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଉନ୍ନତ ନିରୀକ୍ଷଣ ପ୍ରଣାଳୀ ସହିତ, କର୍ତ୍ତୃପକ୍ଷମାନେ ସନ୍ଦେହଜନକ କାର୍ଯ୍ୟକଳାପକୁ ଶୀଘ୍ର ଚିହ୍ନଟ କରି ସମୟୋଚିତ ପ୍ରତିରୋଧକ ପଦକ୍ଷେପ ନେବାରେ ସକ୍ଷମ ହୋଇପାରିବେ।

# ବୃଦ୍ଧଙ୍କ ଆତ୍ମହତ୍ୟା

**କୁଚିଣ୍ଡା, ୧୩।୪(ସମିସ):** ବାମରା ବ୍ଲକ ଗଡ଼ପୋଷ ମନାପାଲିରେ ଜଣେ ବୃଦ୍ଧ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ରହିଛି। ସୂଚନା ଅନୁସାରେ ଗୋବିନ୍ଦପୁର ମନାପାଲି ଗ୍ରାମର ଖଗେ କିସାନ ଓରଫ ବୋଦୋ(୬୭) କିଛି ଦିନ ହେଲା ଅସୁସ୍ଥ ଥିବା ବେଳେ ନିଜର ମାନସିକ ଭାରସାମ୍ୟ ହରାଇଥିଲେ।ଗତ ରବିବାର ରାତିରୁ ନିଜ ଘରୁ ନିଖୋଜ ରହିଥିଲେ। ସୋମବାର ଦିନ ନିକଟସ୍ଥ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟଲୋକ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ଗଡ଼ପୋଷ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିବା ସହ ଶବ ଜବତ କରି ଗୋବିନ୍ଦପୁର ଡାକ୍ତରଖାନାକୁ ପଠାଇଥିଲା। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ରହିଛି।

# ହାଉସ୍‌ଫୁଲ ହେଲା ଦ ସୋଡାଉନ୍ ଚାପ୍ଟର୍-୩

**ସମ୍ବଲପୁର, ୧୩।୪(ସମିସ):** ଆର୍ଟ ଅଫ୍ ସୋଲ୍ ପ୍ରଡକ୍ସନ୍ ଟ୍ରଷ୍ଟ ପକ୍ଷରୁ ରବିବାର ଜାତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା 'ଦ ସୋଡାଉନ୍ ଚାପ୍ଟର୍-୩'ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ଦୁଇ ଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶାସ୍ତ୍ରୀୟ, ଲୋକନୃତ୍ୟ ଏବଂ ଓପନ୍ ଷ୍ଟାଇଲ୍‌ରେ ବିଭିନ୍ନ ବର୍ଗରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଓପନ୍ ଷ୍ଟାଇଲ୍ ପ୍ରତିଯୋଗିତାରେ ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର ଓ ହିପ୍ ହପ୍ ଇଣ୍ଡିଆର ଖାତି ନାମ ଡ୍ୟାନ୍ସର ରକ୍ତିମ ଠାକୁରିଆ ମୁଖ୍ୟ ବିଚାରକ ଭାବେ ଯୋଗଦେଇଥିଲେ। ସମ୍ବଲପୁରରେ ଏଭଳି ଉଚ୍ଚ ସ୍ତରୀୟ କାର୍ଯ୍ୟକ୍ରମକୁ ଠାକୁରିଆ ପ୍ରଶଂସା କରିଥିଲେ। ଓପନ ଷ୍ଟାଇଲ ସବ ଜୁନିଅରରେ ସାରାଂଶ ଭିତିରିଆ ପ୍ରଥମ, ଭବ୍ୟ ଖମାରୀ ଦ୍ୱିତୀୟ, ଦିବ୍ୟାଂଶ ତୃତୀୟ, ଲକ୍ଷଶିତ ଅଗ୍ରୱାଲ ଚତୁର୍ଥ ହୋଇଥିଲେ। ସେହିପରି ଜୁନିଅରରେ ସୋମ ନିଶାଦ ପ୍ରଥମ, ଭିଆନ ମିତ୍ର ଦ୍ୱିତୀୟ, ଆର ଆୟୁଷମାନ ତୃତୀୟ, କ୍ରୀତିକ କୁମାର ନାୟକ ଚତୁର୍ଥ, ସିନିଅରରେ ସୁମିତ ଗୌଡ ପ୍ରଥମ, କମଲ ଯାଦବ ଦ୍ୱିତୀୟ, ବନ୍ଦନା ଶର୍ମା ତୃତୀୟ, ଦୁଷମନ୍ତ ପୋଢ ଚତୁର୍ଥ, ଡୁଏଟ ଏଣ୍ଡ ମିନି କ୍ରିଉରେ ଶୋଭା ଏବଂ କିଶନ ପ୍ରଥମ, ରେନ ବୋ କ୍ରିଉ ଦ୍ୱିତୀୟ, ଏସଏସ ବ୍ରଦୋର୍ସ ତୃତୀୟ, ଦୁଷମନ୍ତ ଓ ବନ୍ଦନା ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଶାସ୍ତ୍ରୀୟ, ଲୋକନୃତ୍ୟ ଜୁନିୟର ସି ବର୍ଗରେ ସମ୍ଭାବି ହୋତା, ସିନିଅର ସିରେ ଅଂଶିକା ତ୍ରିପାଠୀ, ଫୋକ ସିନିଅରରେ ସୁମନ ସାହୁ ଓ ଜୁନିଅରରେ ନୁରଭୀ ନାଏକ ବିଜେତା ହୋଇଥିଲେ। ଅତିଥି ମାନେ ସମସ୍ତ କୃତି ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ମିଡିଆ ପାର୍ଟନର ଭାବେ ସକାଳ ଓ ନନ୍ଦିଘୋଷକୁ ଆୟୋଜକଙ୍କ ପକ୍ଷରୁ ସମ୍ମାନୀତ କରାଯାଇଥିଲା। ଟ୍ରଷ୍ଟର ସଭାପତି ବୁଲୁ ପୂଝାରୀ, ସାଧାରଣ ସମ୍ପାଦକ ସୁରଜିତ ମିତ୍ର, ଫାଉଣ୍ଡର ମିଶୁ ଅଙ୍କିତା ମହାପାତ୍ର ଓ ମାନସ ପାଢ଼ି, ସୁବ୍ରତ ସାହୁ, ଆର୍ତ୍ତି ଟଣ୍ଡନ୍, ସୁଭାଶ୍ରୀ ଦାଶ, ଆର୍ଯ୍ୟନ ନାୟକ, ସୁଶ୍ରିତା ପାଣିଗ୍ରାହୀ ଓ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଫଳ ପାଇଁ ସହଯୋଗ କରିଥିଲେ।




## ଶାସ୍ତ୍ରୀୟ, ଲୋକନୃତ୍ୟ, ଓପନ୍ ଷ୍ଟାଇଲ୍ ନୃତ୍ୟରେ କମ୍ପିଲା ମଞ୍ଚ

# ଶୀତେଳଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ଗଠନ

## ସରୋଜ ସାହୁ ସଭାପତି

**ସମ୍ବଲପୁର, ୧୩।୪(ସମିସ):** ବଡ଼ ବଜାରସ୍ଥିତ ଶ୍ରୀଶୀତଳେଶ୍ୱର ବାବାଙ୍କ ୨୦୨୬ ଶୀତଳଷଷ୍ଠୀ ଯାତ୍ରା ପାଇଁ କମିଟି ଗଠିତ ହୋଇଛି। ବରିଷ୍ଠ ସଦସ୍ୟ ପଞ୍ଚାନନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସରୋଜ କୁମାର ସାହୁ ସଭାପତି, କିଶୋର ପ୍ରଧାନ କାର୍ଯ୍ୟକାରୀ ସଭାପତି, ମନୋଜ ପଲସାନିଆ, ସଞ୍ଜୟ ଠାକୁର ପ୍ରମୁଖ ଉପସଭାପତି, ରାମଦାସ ପଣ୍ଡା ସମ୍ପାଦକ, କୁନ୍ଦନ ପ୍ରଧାନ, ସନ୍ତୋଷ ବେହେରା, ଦେବବ୍ରତ ଦ୍ୱିବେଦୀ, ଶୁଭମ ମେହେର ସହସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ପରାମର୍ଶଦାତା ଭାବେ ମନୋନୀତ ହୋଇଥିବା ବେଳେ, ନିଳାମ୍ବର ପଣ୍ଡା, ଯୋଗେଶ୍ୱର ନନ୍ଦ, ଜଗଦିଶ ପ୍ରସାଦ ପ୍ରମୁଖ ଉପଦେଷ୍ଟା ରହିଛନ୍ତି।

# ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ଅଶୋଭନୀୟତା ନିରୋଧ ଦିବସ

**ସମ୍ବଲପୁର, ୧୩।୪(ସମିସ):** ସ୍ଥାନୀୟ ପୁଟିବନ୍ଧ ସ୍ଥିତ ଶୋଭନୀୟ ଶିକ୍ଷାଶ୍ରମରେ ଆୟୋଜିତ ଶ୍ରୀ କୁମାର ଭାଇଙ୍କ ଷୋଡଶ ଜନ୍ମ ଦିବସ ପାଳନ ହୋଇଥିଲା। ପ୍ରାରମ୍ଭରେ ପତାକା ଉତ୍ତୋଳନ କରି ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ଡ.ରାଜାରାମ ଷଡ଼ଙ୍ଗୀ ଯୋଗଦେଇଥିଲେ। ସେ କହିଥିଲେ ପ୍ରାଥମିକ ଶିକ୍ଷାସ୍ତରରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ କଳା, ସାହିତ୍ୟ, ସମସ୍ତ ଗଣମାଧ୍ୟମ ସିନେମାରେ ଉଚ୍ଛୃଙ୍ଖଳତା ଓ ହିଂସାଭାବ ଉଦ୍ରେକକାରୀ ବର୍ଣ୍ଣନା ଏକ ଅଶୋଭନୀୟତାର ଲକ୍ଷଣ। ଏଭଳି ବର୍ଣ୍ଣନାକୁ ନିରୋଧ ଏବଂ ପ୍ରତି କ୍ଷେତ୍ରରେ ଶୋଭନୀୟତାର ବିକାଶ ପାଇଁ ଏଭଳି ଆନ୍ଦୋଳନ ଏକ ଜନ ଜାଗରଣର ବିଷୟ। ଯାହାକୁ କୁମାର ଭାଇ ଜନ୍ମ ଦେଇଥିଲେ। ସଭାରେ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷକ ଅତିଥି ପରିଚୟ, ସ୍ୱାଗତ ଭାଷଣ ସହିତ ମଞ୍ଚ ପରିଚାଳନା କରିଥିଲେ। ଅବିନାଶ ଶତପଥୀ, ଲକ୍ଷ୍ମୀପ୍ରିୟ ପାତାଳସିଂ ପ୍ରମୁଖ ଅଭିନବ ଶିକ୍ଷଣୀୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଶେଷରେ ଚନ୍ଦ୍ରକାନ୍ତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।



# ଗଡ଼ପୋଷର ପ୍ରଥମ ଓଏଏସ୍ ବଙ୍କିମଚନ୍ଦ୍ର ପଟେଲଙ୍କ ପରଲୋକ

**କୁଚିଣ୍ଡା, ୧୩।୪(ସମିସ):** ଗଡ଼ପୋଷ ଅଞ୍ଚଳର ପ୍ରଥମ ଓଏଏସ୍ ଅଧିକାରୀ ଓ ଗଡ଼ପୋଷ ପଞ୍ଚାୟତ ହାଇ ସ୍କୁଲର ପ୍ରତିଷ୍ଠାତା ପ୍ରଥମ ପ୍ରଧାନଶିକ୍ଷକ ବଙ୍କିମଚନ୍ଦ୍ର ପଟେଲଙ୍କ ସୋମବାର ସକାଳେ ଚିକିତ୍ସାଧିନ ଅବସ୍ଥାରେ ରାଉରକେଲାରେ ପରଲୋକ ହୋଇଛି। ମୃତ୍ୟୁ ଶଯ୍ୟା ପାଖରେ ଏକମାତ୍ର ପୁଅ ସୋହାଗ ନୟନ ପଟେଲ (ସୋନା), ପୁତ୍ରବଧୂ ବବି ଓ ନାତୁଣୀ ସାୟସା ଉପସ୍ଥିତ ଥିଲେ। ପାନପୋଷସ୍ଥିତ ବେଦବ୍ୟାସ ଧାମରେ ତାଙ୍କର ଶବ ସତ୍କାର କରାଯାଇଥିବା ବେଳେ ପୁଅ ସୋନା ମୁଖାଗ୍ନି ଦେଇଥିଲେ। ଶ୍ରୀ ପଟେଲ ୧୯୬୧-୬୨ ମସିହାରେ ଗଡ଼ପୋଷ ପଞ୍ଚାୟତ ହାଇସ୍କୁଲ (ବର୍ତ୍ତମାନ ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ)ର ପ୍ରଥମ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ପରେ ୧୯୬୭-୬୮ ମସିହାରେ ସହକାରୀ ଶିକ୍ଷକ ଭାବେ ପୁନଃ ଯୋଗଦେଇ ଜଣେ ଉତ୍କୃଷ୍ଟ ଓ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ପରିଚୟ ଲାଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଏଏସ୍ ଅଧିକାରୀ ଭାବେ ନିଯୁକ୍ତି ପାଇ ବିଭିନ୍ନ ସ୍ଥାନରେ ଜଣେ କୁଶଳ ଅର୍ଥ ଅଧିକାରୀ ଭାବେ କାର୍ଯ୍ୟ ସଫଳତାର ସହ କରିଥିଲେ। ତାଙ୍କ ବିୟୋଗରେ ଗଡ଼ପୋଷ ଅଞ୍ଚଳ ସହିତ ସମଗ୍ର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ଜିଗଜାଗ ଦ ବର୍ଣ୍ଣ ଅଫ ଆର୍ଟ ପୁରସ୍କୃତ



**ସମ୍ବଲପୁର, ୧୩।୪(ସମିସ):** ରେଙ୍ଗାଲି ପଣ୍ଡଲୋଇରେ ଗତ ଏପ୍ରିଲ ୧ ତାରିଖରେ ରାଜ୍ୟସ୍ତରୀୟ ଲୋକ ନୃତ୍ୟ ପ୍ରତିଯୋଗିତା ହୋଇଥିଲେ। ଦଳଗତ ନୃତ୍ୟ ବରିଷ୍ଠ ବର୍ଗରେ ହୀରାକୁଦର ଜିଗ ଜାଗ ଦ ବର୍ଣ୍ଣ ଅଫ ଆର୍ଟ ପ୍ରଥମ ହୋଇଥିଲା। ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ ପାଇଁ ରବିବାର ଅନୁଷ୍ଠାନରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ସଭାପତି କାର୍ତ୍ତିକ କଲେତ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ନୃତ୍ୟ ଶିକ୍ଷକ ଦୀପକ ଜ୍ୟୋତିଷକୁ ମଧ୍ୟ ସମ୍ମାନିତ କରାଯାଇଥିଲା।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ କମ୍ୟୁନିକେଟିଭ୍ ଇଂରାଜୀ ପରୀକ୍ଷାରେ ଅନିୟମିତତା

**ସମ୍ବଲପୁର, ୧୩।୪ (ସମିସ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟରେ ହୋଇଥିବା ଯୁକ୍ତ-୩ ତୃତୀୟ ସେମିଷ୍ଟାର କମ୍ୟୁନିକେଟିଭ୍ ଇଂରାଜୀ ବ୍ୟାକ୍ ପେପର ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ମହିଳା ମହାବିଦ୍ୟାଳୟ, ହୀରାକୁଦ ମହାବିଦ୍ୟାଳୟ, ଏନଏସସିବି ମହାବିଦ୍ୟାଳୟ ଓ ଲରମ୍ଭା ମହାବିଦ୍ୟାଳୟ ଆଦିର ଷଷ୍ଠ ସେମିଷ୍ଟାର ଛାତ୍ରଛାତ୍ରୀମାନେ ଏହି ବିଷୟରେ ବ୍ୟାକ୍ ପେପର୍ ଦେଇଥିବାବେଳେ 'ସାମୂହିକ ଫେଲ୍' (ମାସ୍ ଫେଲ୍) ହେବାପରେ ପରୀକ୍ଷା ନିୟନ୍ତ୍ରକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଅନ୍ୟ ସମସ୍ତ ବିଷୟରେ ସେମାନେ ଉଚ୍ଚ ଗ୍ରେଡ୍ ରଖିଥିବା ସତ୍ତ୍ୱେ କେବଳ ଏହି ପେପର୍‌ରେ ଶହ ଶହ ପିଲାଙ୍କୁ ଫେଲ୍ କରାଯାଇଛି। ଏହା ମୂଲ୍ୟାୟନ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପ୍ରୋଗ୍ରେସିଭ୍ ସମ୍ବଲପୁର ପକ୍ଷରୁ କୁହାଯାଇଛି।

ପ୍ରୋଗ୍ରେସିଭ ସମ୍ବଲପୁର ସାଧାରଣ ସମ୍ପାଦକ ଚୁମନ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ଆଜି ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଦାବି କରିଛନ୍ତି ଯେ କମ୍ୟୁନିକେଟିଭ୍ ଇଂଲିଶ୍ ସମୂହ ଫେଲ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଅବହେଳା ଓ ଭବିଷ୍ୟତକୁ ନଷ୍ଟ କରିବାର ପ୍ରୟାସ। ବିନା କୌଣସି ପୂର୍ବ ସୂଚନାରେ ପରୀକ୍ଷା ପ୍ୟାଟର୍ଣ୍ଣ ବଦଳାଯାଇଥିଲା। ଯଦି ତୁରନ୍ତ ଖାତା ପୁନଃ-ମୂଲ୍ୟାୟନ କରା ନଯାଏ କିମ୍ବା ୧୫ ଦିନ ମଧ୍ୟରେ ସ୍ୱତନ୍ତ୍ର ସପ୍ଲିମେଣ୍ଟାରୀ ପରୀକ୍ଷା କରା ନ ଯାଏ, ତେବେ ଅନେକ ଛାତ୍ରଛାତ୍ରୀ ସିପିଇଟି ଏବଂ ବିଇଡି ପରି ଅନେକ ପ୍ରବେଶିକା ପରୀକ୍ଷା ଦେବାରୁ ବଞ୍ଚିତ ହେବେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସନ୍ତୋଷଜନକ ପଦକ୍ଷେପ ନେଇ ତୁରନ୍ତ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ପ୍ରୋଗ୍ରେସିଭ ସମ୍ବଲପୁର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନ ସମୟରେ ଚୁମନ ପ୍ରଧାନ, ଜୟନ୍ତ ପଟ୍ଟନାୟକ, ଆର୍ଯ୍ୟନ ବହିଦାର, ଐଶ୍ବର୍ଯ୍ୟା ମହାପାତ୍ର, ଲିପ୍ସାରାଣୀ ଗୌର, ସମ୍ପଦା ମେହେର, ଶିବୁ ସେଠ, ନିଗମ ପାତ୍ର, ଜ୍ୟୋତି, ସ୍ୱପ୍ନା, ତନୁଶ୍ରୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏନେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଯୋଗାଯୋଗ କରାଯାଇପାରିନାହିଁ।






## ଜଗଦଲପୁର ବଜାରରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ଦାବି

**ଝାରବନ୍ଧ, ୧୩।୪(ସମିସ):** ଝାରବନ୍ଧ ବ୍ଲକ ଅଧୀନ ଜଗଦଲପୁରରେ ଗୁରୁବାର ବସୁଥିବା ସାପ୍ତାହିକ ବଜାର ଅଞ୍ଚଳର ଆର୍ଥିକ ଓ ସାମାଜିକ ଜୀବନର ମୁଖ୍ୟ କେନ୍ଦ୍ର ହୋଇପାରିଛି। ଓଡ଼ିଶା ଓ ଛତିଶଗଡ଼ର ବ୍ୟବସାୟୀ, ଚାଷୀ ଓ ସାଧାରଣ ଲୋକ ବଡ଼ ସଂଖ୍ୟାରେ ଏହି ବଜାର ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଏତେ ଗୁରୁତ୍ୱପୂର୍ଣ୍ଣ ବଜାରରେ ମୌଳିକ ସୁବିଧା ଅଭାବ ଏବେ ଚିନ୍ତାଜନକ ରୂପ ନେଇଛି। ବିଶେଷକରି ଗୋଷ୍ଠୀ ଶୌଚାଳୟ ନ ଥିବାରୁ ମହିଳାମାନେ ହଇରାଣ ହେଉଛନ୍ତି। ଏହା ମହିଳା ସମ୍ମାନକୁ ହାନି କରୁଥିବା ଏକ ଗଭୀର ସମସ୍ୟା ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣ କହିଛନ୍ତି ଯେ, ବଜାରରେ ପାଣି, ସ୍ୱଚ୍ଛତା ଓ ଅନ୍ୟାନ୍ୟ ମୂଳ ସୁବିଧା ମଧ୍ୟ ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ବରତୁଣ୍ଡାରେ ଷୋହଳପ୍ରହରୀ ନାମଯଜ୍ଞ

**ପାଇକମାଳ, ୧୩।୪(ସମିସ):** ପାଇକମାଳ ବ୍ଲକ ବରତୁଣ୍ଡା ଗାଁରେ ଗ୍ରାମବାସୀଙ୍କ ଦ୍ୱାରା ଷୋହଳପ୍ରହରୀ ନାମଯଜ୍ଞ ପାଇଁ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଙ୍ଗନଦୀ ପୂଜାର୍ଚ୍ଚନା କରି ପୂର୍ଣ୍ଣକଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପୂଜାକର୍ତ୍ତା ଭାବରେ ପୁସ୍ତମ ମେହେର ଓ ଧର୍ମପତ୍ନୀ ସୀମା ମେହେର ଥିବାବେଳେ ମୁଖ୍ୟ ପୂଜକ ଭାବରେ ପୂର୍ଣ୍ଣଚନ୍ଦ୍ର ଦାଶ ପୂଜାକାର୍ଯ୍ୟ ସମ୍ପାଦନା କରୁଛନ୍ତି। ସୋମବାର ନାମାରମ୍ଭ ହୋଇଥିଲା। ଏଥିରେ ସଚିକାନ୍ତ ବରିହା, ଶୁଶାନ୍ତ ପୋଡ଼, ଗଜନ୍ଦ ବିଶ୍ୱାଳ, ରଞ୍ଜିତ ପ୍ରଧାନ, ଚନ୍ଦ୍ର ବିଶି, ସାଗର ବିଶି, ଗୟା ସରାଫ, ଥବିର ସିଂ ଗିର୍ଣ୍ଡା, ବ୍ରହ୍ମା ପୋଡ଼, ଜଗଦୀଶ ଶବର, ଦୁର୍ଯ୍ୟୋଧନ ସାହୁ, ଯୁଧିଷ୍ଠିର ବାଗ, ରବୀନ୍ଦ୍ର ପୋଡ଼, ବିରଞ୍ଚି ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଅଞ୍ଚଳ ମହାବିଦ୍ୟାଳୟରେ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ

**ପଦ୍ମପୁର, ୧୩।୪ (ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ପରିସରରେ ଗତ ଦୁଇଦିନ ଧରି ନିଆରା ସାରସ୍ୱତ ଓ ସାଂସ୍କୃତିକ ମାହୋଲ ସୃଷ୍ଟି ହୋଇଯାଇଛି।'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ମାଧ୍ୟମରେ ରବିବାର ଦିନ ମାଟିର ମହାନ ଜନନାୟକଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇ ସେମାନଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦିଆଯାଇଥିଲା। ସେହିପରି ସୋମବାର 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମରେ ଓଡ଼ିଆ ପରମ୍ପରାର ସୁଆଦିଆ ବ୍ୟଞ୍ଜନର ମହକ ଛାଇ ଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ନିଜ ହାତରେ ପ୍ରସ୍ତୁତ କରି ଆଣିଥିବା ପାରମ୍ପରିକ ଖାଦ୍ୟର ପ୍ରଦର୍ଶନୀ ସ୍ୱାସ୍ଥ୍ୟକର ଜୀବନଶୈଳୀର ବାର୍ତ୍ତା ବାଣ୍ଟିଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସନ୍ତୋଷ କୁମାର ମିଶ୍ର, ପ୍ରମୋଦ କୁମାର ତ୍ରିପାଠୀ, ଡ.ସରୋଜ କୁମାର ନାଏକ ଏବଂ ମୁଖ୍ୟ ଲିପିକ ଧ୍ରୁବେଇ ରଣା ଯୋଗ ଦେଇଥିଲେ। ଅଧ୍ୟାପକ ତୋଷାବନ୍ତ ବାରିକ ଓ ଷଡ଼ାନନ ଭୋଇଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀଙ୍କ ସକ୍ରିୟ ଯୋଗଦାନ କରିଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଭେଡେନ, ୧୩।୪ (ସମିସ):** ଭେଡେନସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।ଅନୁଷ୍ଠିତ ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ମଞ୍ଜୁଲା ସାହୁ ଉଦ୍‌ଘାଟନ କରିଥିବା ବେଳେ ଯୁବ ରେଡ୍‌କ୍ରସ ପରାମର୍ଶ ଦାତା ବିନୋଦ ବିହାରୀ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୧୭ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।ରକ୍ତ ସଂଗ୍ରହରେ ବରଗଡ଼ ରକ୍ତଭଣ୍ଡାରର କର୍ମଚାରୀ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ ପାଇଁ ପ୍ରସ୍ତୁତି

**ଜମନକିରା, ୧୩।୪ (ସମିସ):** ବାମଣ୍ଡା ଗଡ଼ଜାତର ପ୍ରାଚୀନତମ ଶଗଡ଼େଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଜୁନ୍ ମାସ ୧୮ ଓ ୧୯ ତାରିଖରେ ହେବାକୁ ଥିବା ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନୃପଲାଲ ପଲେଇଙ୍କ ସଭାପତିତ୍ୱରେ କର୍ତ୍ତା ଚୟନ ସହ ପ୍ରସ୍ତୁତି ବୈଠକ ପ୍ରାରମ୍ଭରେ ମନ୍ଦିରର ପୃଷ୍ଠପୋଷକ ସ୍ୱର୍ଗତ ଶଶୀଭୂଷଣ ବଡ଼େଇଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ମଳୟ ବେହେରା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି ନୃପଲାଲ ପଲେଇ ବିଗତ ବର୍ଷମାନଙ୍କରେ ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ ଉପରେ ସମ୍ୟକ୍ ସୂଚନା ଦେଇଥିଲେ। ବିଚାର ବିମର୍ଶ ପରେ ବୈଠକରେ ଉପସ୍ଥିତ ଥିବା ସିଙ୍କଲମୁଣ୍ଡା ନିବାସୀ ମଣ୍ଟୁ ପଟେଲ ଓ ସହଧର୍ମିଣୀ ସଙ୍ଗୀତା ପଟେଲଙ୍କୁ ବରକର୍ତ୍ତା ତଥା ସୁନ୍ଦରଗଡ଼ ପଟୁଆଡିହି ନିବାସୀ ପ୍ରଭାସ ପଟେଲ ଓ ସହଧର୍ମିଣୀ ମୋନାଲିସା ନାଏକଙ୍କୁ କନ୍ୟାକର୍ତ୍ତା ଭାବେ ସହମତି ଆଧାରରେ ଚୟନ କରାଯାଇଥିଲା। ଆସନ୍ତା ଅପ୍ରେଲ ୨୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଗଣ୍ଠିଲା ଫିଟା ଅନୁଷ୍ଠିତ ହେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟିର ସଭାପତି ରୁଦ୍ର ନାରାୟଣ ବେହେରା, ସମ୍ପାଦକ ସୁମନ୍ତ ବେହେରା, ରାଜା ଶର୍ମା, ନରେନ୍ଦ୍ର ପଲେଇ, ସନ୍ତୋଷ ଠାକୁର, ସତୀଶ ମହାକୁଳ, ମିତ୍ରଭାନୁ ରାଏ, ଅତୁଲ ପାତ୍ର, ଗୁରୁଚରଣ କିସାନ, ରାଜେଶ ମହାପାତ୍ର, କିଶୋର ମହାପାତ୍ର, ସଞ୍ଜୀବ କୁମାର ପଣ୍ଡା, ହିମାଂଶୁ ପଲେଇ, କୋଷାଧ୍ୟକ୍ଷ ରତନ ଲାଲ ସିଂହ ପ୍ରମୁଖ ବୈଠକରେ ଉପସ୍ଥିତ ରହି ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ସମ୍ବଲପୁରରେ ୪୦ ଡିଗ୍ରୀ ଉପରେ ପାରଦ

**ସମ୍ବଲପୁର, ୧୩।୪ (ସମିସ)**



ସମ୍ବଲପୁରରେ ଚଳିତବର୍ଷ ଶୀତ ସମୟରେ ପାରଦ ୯ ଡିଗ୍ରୀ ଛୁଇଁଥିବାବେଳେ ସେହ ଅନୁଯାୟୀ ଅସହ୍ୟ ତାତି ହେବ ବୋଲି ପରିବେଶବିତ୍ ମାନେ ମତବ୍ୟକ୍ତ କରିଥିଲେ। କାଳବୈଶାଖୀ ଯୋଗୁଁ ତାପମାତ୍ରା ସାମାନ୍ୟ କମ୍ ରହିଥିଲା। ତେବେ ବି ତାହା ୩୫ ଡିଗ୍ରୀ ତଳକୁ ଯାଇ ନଥିଲା। ପୁଣି ତାପମାତ୍ରାରେ ବୃଦ୍ଧି ଘଟିଛି। ଟାଣ ଖରା ସହ ପ୍ରବଳ ଗୁଳୁଗୁଳି ହେଉଛି। ପଙ୍ଖା, କୁଲର୍ କିଛି କାମ କରୁନାହିଁ। ତାହାସହିତ ଦାଉ ସାଧୁଛି ବିଦ୍ୟୁତ୍ ବିଭାଗର ଅଘୋଷିତ ବିଦ୍ୟୁତ୍ କାଟ୍। ଗତ ଦୁଇଦିନ ହେବ ସମ୍ବଲପୁରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଚଳିତବର୍ଷ ସର୍ବୋଚ୍ଚ ତାପମାତ୍ରା ୫୦ ଡିଗ୍ରୀ ଛୁଇଁପାରେ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ କରାଯାଉଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ୨୦୨୫ ଏପ୍ରିଲ ୨୨ ତାରିଖରେ ସମ୍ବଲପୁରର ତାପମାତ୍ରା ବର୍ଷର ସର୍ବାଧିକ ୪୪.୬ ଡିଗ୍ରୀ ହୋଇଥିବାବେଳେ ୨୦୨୪ ମସିହା ମେ ୩୦ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୬.୨ ଡିଗ୍ରୀ ହୋଇଥିଲା।

ଚଳିତବର୍ଷ ମାର୍ଚ୍ଚ ମାସରୁ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଥିଲା। ମାର୍ଚ୍ଚ ୧୩ ତାରିଖରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିଲା। ଏହାପରେ ପୁଣି ଗତ ୩ ତାରିଖ ସମ୍ବଲପୁରର ତାପମାତ୍ରା ସର୍ବାଧିକ ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୪.୮ ଡିଗ୍ରୀ ରେକର୍ଡ କରାଯାଇଥିଲା। ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ତାତିଲା ପବନ ବହୁଛି। ସକାଳ ନହେଉଣୁ ଟାଣ ଖରାରେ ଲୋକେ ହନ୍ତସନ୍ତ। ପାଣି ଟୋପାଏ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଟାଣ ଖରା ଯୋଗୁଁ ଲୋକେ ମୁଣ୍ଡରେ ଗାମୁଛା ବାନ୍ଧିବାସହ ଛତା ଧରି ଯିବାଆସିବା କରୁଛନ୍ତି। ମହାନଗର ନିଗମ ପକ୍ଷରୁ ଟ୍ରାଫିକ୍ ଛକ ମାନଙ୍କରେ ଘୋଡ଼ଣୀ ବା ଗ୍ରୀନ୍ ସେଡ୍ ନିର୍ମାଣ କରାଯାଇଛି। ସମ୍ପ୍ରତି ବଜାରରେ ଆଖୁ ରସ, ତରଭୁଜ, କାକୁଡ଼ି ଆଦିର ଚାହିଦା ବଢ଼ିବାରେ ଲାଗିଛି।

**ସମ୍ବଲପୁରର ତାପମାତ୍ରା**

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ଏପ୍ରିଲ ୧ | ୩୮.୪ | ୨୧.୪ |
| ଏପ୍ରିଲ ୨ | ୩୮.୬ | ୨୩.୮ |
| ଏପ୍ରିଲ ୩ | ୪୦.୦ | ୨୪.୮ |
| ଏପ୍ରିଲ ୪ | ୩୮.୪ | ୨୫.୪ |
| ଏପ୍ରିଲ ୫ | ୩୩.୦ | ୨୬.୦ |
| ଏପ୍ରିଲ ୬ | ୩୬.୨ | ୨୨.୭ |
| ଏପ୍ରିଲ ୭ | ୩୬.୫ | ୨୨.୮ |
| ଏପ୍ରିଲ ୮ | ୩୭.୦ | ୨୩.୮ |
| ଏପ୍ରିଲ ୯ | ୩୬.୮ | ୨୩.୦ |
| ଏପ୍ରିଲ ୧୦ | ୩୭.୮ | ୨୩.୫ |
| ଏପ୍ରିଲ ୧୧ | ୩୮.୪ | ୨୨.୦ |
| ଏପ୍ରିଲ ୧୨ | ୪୦.୧ | ୨୧.୨ |
| ଏପ୍ରିଲ ୧୩ | ୪୦.୪ | ୨୪.୩ |

## ବରଗଡ଼ରେ କଂଗ୍ରେସର ବିକ୍ଷୋଭ



**ବରଗଡ଼, ୧୩।୪(ସମିସ):** ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବରଗଡ଼ ସହରର ଗାନ୍ଧୀ ଛକରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଆସାମର ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ଦ୍ୱାରା କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପ୍ରତି କରାଯାଇଥିବା ଅଶାଳୀନ ଟିପ୍ପଣୀକୁ ପ୍ରତିବାଦ କରାଯାଇଥିଲା। ହେମନ୍ତ ବିଶ୍ୱ ଶର୍ମାଙ୍କ କୁଶପୁତ୍ତଳିକା ଦାହ କରି ଅସନ୍ତୋଷ ପ୍ରକାଶ କରିଥିଲେ। ବରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂହଙ୍କ ନେତୃତ୍ୱରେ ବହୁ କର୍ମୀ ଓ ନେତା ଯୋଗଦେଇଥିଲେ। ଆଇନଜୀବୀ ସରୋଜ ଷଡ଼ଙ୍ଗୀ, କିଶୋର ଦଫାଦାର, ବ୍ରହ୍ମା ମହାକୁଡ଼, ପାଣ୍ଡବ କର୍ଣ୍ଣ, ପ୍ରତାପ ଚନ୍ଦ୍ର ନାୟକ, ଆନନ୍ଦ ପ୍ରଧାନ ସମେତ ଅନେକ ସ୍ଥାନୀୟ କଂଗ୍ରେସ କର୍ମୀ ସକ୍ରିୟ ଭାବେ ଭାଗ ନେଇଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମ ବରଗଡ଼ ରାଜନୈତିକ ପରିବେଶରେ ଚର୍ଚ୍ଚାର ବିଷୟ ହୋଇପାରିଛି।

## କବିତା ସଂକଳନ 'ମାଟିର୍ କହଁର୍' ଉନ୍ମୋଚିତ

**ପାଇକମାଳ, ୧୩।୪(ସମିସ):** କବି ସୁଦାମ କନ୍ଧେରଙ୍କ ସ୍ୱରଚିତ ରଚିତ ସମ୍ବଲପୁରୀ କୋଶଲୀ କବିତା ସଂକଳନ ମାଟିର୍ କହଁର୍ ଡୁମ୍ବେରବାହାଲ ସ୍କୁଲର ବାର୍ଷିକ ଉତ୍ସବ ଅବସରରେ ଉନ୍ମୋଚିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ହୃଷିକେଶ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇ କବିତା ସଂକଳନକୁ ଉନ୍ମୋଚନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଡେପୁଟି ଡାଇରେକ୍ଟର କଲ୍ୟାଣୀ ଦାଶ ମୁଖ୍ୟବକ୍ତା, ସମାଜସେବୀ ଟାଇଲ ଚନ୍ଦ୍ର ଭୋଇ, ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ, ଧଲେନ୍ଦ୍ର ବାରିକ, ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ପ୍ରତିନିଧି ପ୍ରମୋଦ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ସଭାରେ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ତଥା ସମ୍ବଲପୁରରୁ ପ୍ରକାଶ ପାଉଥିବା ଦୈନିକ ଜନମୁଖ ଖବରକାଗଜର ପୂର୍ବତନ ସହ ସମ୍ପାଦକ ବନବସ ସାହୁ ଏହି କବିତା ସଂକଳନ ମାଟିର୍ କହଁର୍ ପାଠକୀୟ ଅଭିମତ ଦେଇ କହିଥିଲେ।ସମାଜକୁ ଦର୍ପଣ ଦେଖାଇଲା ପରି କବି ଏହି କବିତା ସଂକଳନର ପ୍ରତ୍ୟେକ କବିତା ମାଧ୍ୟମରେ ଆମ ଗ୍ରାମାଞ୍ଚଳ ମାଟିପାନି, ମଣିଷ ଜୀବନ, ଭାଷା ସଂସ୍କୃତି, ଚାଲିଚଲଣିକୁ ଅତି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ।

## ପଞ୍ଚାୟତ ନିର୍ବାଚନରେ ଆଦିବାସୀ ପ୍ରାର୍ଥୀ ପାଇଁ ସଂରକ୍ଷଣ ଦାବି

**ବରଗଡ଼, ୧୩। ୪(ସମିସ):** ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଆସନ୍ତା ୨୦୨୭ ରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସମଗ୍ର ଓଡ଼ିଶାରେ ଅନୁସୂଚିତ ଜନଜାତି (ଏସଟି) ପାଇଁ ଆରକ୍ଷଣର ସଠିକ୍ କାର୍ଯ୍ୟାନ୍ୱୟନ ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି। ରାଜ୍ୟସଭା ସାଂସଦ ଶ୍ରୀ ବିଶି କହିଛନ୍ତି ଯେ, ଦେଶର ସର୍ବାଧିକ ଆଦିବାସୀ ଜନସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ। ଏଠାରେ ଆଦିବାସୀ ସମାଜକୁ ଗ୍ରାମୀଣ ଲୋକତନ୍ତ୍ରରେ ନ୍ୟାୟସଙ୍ଗତ ଏବଂ ପର୍ଯ୍ୟାପ୍ତ ରାଜନୈତିକ ପ୍ରତିନିଧିତ୍ୱ ମିଳିବା ଆବଶ୍ୟକ। ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ୯୫, ୯୦, ୭୫୬ ଅନୁସୂଚିତ ଜନଜାତି ଲୋକ ବସବାସ କରୁଛନ୍ତି, ଯାହା ରାଜ୍ୟର ମୋଟ ଜନସଂଖ୍ୟାର ୨୨.୮୫ ପ୍ରତିଶତ। ଏହା ସହିତ ରାଜ୍ୟରେ ୬୪ଟି ସ୍ୱୀକୃତ ଜନଜାତି ସମୁଦାୟ ରହିଛନ୍ତି। ସେ କହିଛନ୍ତି ଯେ, ସମ୍ବିଧାନର ଧାରା ୩୩୦, ୩୩୨, ୨୪୩ଡି, ୨୪୩ଟି, ୨୪୪ ଏବଂ ୩୩୮ ଏ ଅନୁଯାୟୀ ଆଦିବାସୀ ସମାଜକୁ ରାଜନୈତିକ ପ୍ରତିନିଧିତ୍ୱର ସ୍ପଷ୍ଟ ସୁରକ୍ଷା ଦିଆଯାଇଛି। ଏହାକୁ ସଠିକ୍ ଭାବେ ଲାଗୁ କରିବା ଆବଶ୍ୟକ। ଶ୍ରୀ ବିଶି ଦାବି କରିଛନ୍ତି ଯେ, ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ୱାର୍ଡ ସଦସ୍ୟ, ପଞ୍ଚାୟତ ସମିତି ସଦସ୍ୟ, ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଦସ୍ୟ ଏବଂ ଅଧ୍ୟକ୍ଷ ପଦରେ ଜନସଂଖ୍ୟା ଅନୁପାତ ଏବଂ ରୋଷ୍ଟର ପ୍ରଣାଳୀ ଅନୁଯାୟୀ ଏସଟି ଆରକ୍ଷଣ ନିଶ୍ଚିତ କରାଯାଉ। ପଞ୍ଚାୟତିରାଜ ବ୍ୟବସ୍ଥା ହେଉଛି ଲୋକତନ୍ତ୍ରର ପ୍ରଥମ ସ୍ତମ୍ଭ। ଯଦି ଗ୍ରାମସ୍ତରରେ ଆଦିବାସୀ ସମାଜକୁ ଯଥୋଚିତ ପ୍ରତିନିଧିତ୍ୱ ମିଳିବ ନାହିଁ, ତେବେ ସାମାଜିକ ନ୍ୟାୟର ସମ୍ବିଧାନିକ ସ୍ୱପ୍ନ ଅପୂର୍ଣ୍ଣ ରହିଯିବ। ଶ୍ରୀ ନିରଞ୍ଜନ ବିଶି ରାଜ୍ୟ ସରକାରଙ୍କୁ ଆରକ୍ଷଣ ରୋଷ୍ଟର, ଆସନ ବଣ୍ଟନ ଏବଂ ଆଇନଗତ ବ୍ୟବସ୍ଥାର ତୁରନ୍ତ ପୁନଃବିଚାର କରି ୨୦୨୭ ନିର୍ବାଚନରେ ଆଦିବାସୀ ସମାଜକୁ ତାଙ୍କର ନ୍ୟାୟସଙ୍ଗତ ଅଧିକାର ଦେବାକୁ ଅନୁରୋଧ କରିଛନ୍ତି।

## ଶ୍ରୀରାମ ଆଧାରିତ ସମ୍ବଲପୁରୀ ଭକ୍ତିଗୀତ ଉନ୍ମୋଚିତ

**ସମ୍ବଲପୁର, ୧୩।୪ (ସମିସ) :** ହନୁମାନ ଜୟନ୍ତୀ ଅବସରରେ ତ୍ରିମୂର୍ତ୍ତି ପ୍ରଡକ୍ସନ ପକ୍ଷରୁ ଶ୍ରୀରାମଙ୍କ ଉପରେ ଆଧାରିତ ଭକ୍ତି ଗୀତ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆଜି ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ କଣ୍ଠଶିଳ୍ପୀ ତ୍ରିଲୋଚନ ତ୍ରିପାଠୀଙ୍କ ସହ ପୂଜା ମୁଣ୍ଡା ଏହି ଗୀତରେ କଣ୍ଠଦାନ କରିଛନ୍ତି। ଗୀତିକାର ସନତ ମିଶ୍ର ଏହି ଭକ୍ତି ଗୀତ 'ଭଜୁଥିବୁରେ ଜପୁଥିବୁରେ ମନେ ମନେ ଗୁଟେ ନାଆଁ... ରାମ ରାମ ....' କୁ ସଙ୍ଗୀତରେ ସଜେଇଛନ୍ତି। ମ୍ୟୁଜିକ ଆଲବମ୍ ଉନ୍ମୋଚନ ଉତ୍ସବରେ ଅତିଥି ଭାବରେ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଫୁଲ୍ଲ ମିତ୍ର, ମୋତିଲାଲ ଦୋରା, ପ୍ରମୋଦ ମିଶ୍ର, ପ୍ରୟାଗରାଜ ବେହେରା, କଣ୍ଠ ଶିଳ୍ପୀ ପୂଜା ମୁଣ୍ଡା ଓ ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶ୍ରୀ ମିତ୍ର କହିଲେ ଯେ, ଆଜିର ଦିନରେ ଯେତେ ମାତ୍ରାରେ କଣ୍ଠଶିଳ୍ପୀ ସୃଷ୍ଟି ହେବା କଥା ତାହା ହୋଇପାରୁନାହିଁ। ବିଗତ ଦିନରେ ଆକାଶବାଣୀ ଏକ ମୁଖ୍ୟ ଆଧାର ଥିଲା, ଯେଉଁଠୁ କଳାକାର ସୃଷ୍ଟି ହୋଇ ସମାଜରେ ପ୍ରତିଷ୍ଠିତ ହେଉଥିଲେ। କିନ୍ତୁ, ଯେଉଁପରି ଭାବରେ କଳାକାରଙ୍କ ପାଇଁ ଅଡିସନ ହେବା କଥା ତାହା ହେଉନାହିଁ, ଯଦ୍ୱାରା ଏହି ଭଳି ସମସ୍ୟା ସୃଷ୍ଟି ହେଉଛି। ଏହି ଅବସରରେ ଭକ୍ତି ଗୀତ 'ଭଜୁଥିବୁରେ ଜପୁଥିବୁରେ ମନେ ମନେ ଗୁଟେ ନାଆଁ...ରାମ ରାମ ....'ର ଅଡିଓ ଏବଂ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଗୀତଟିର ଭିଡିଓ ପ୍ରସ୍ତୁତିରେ ମାନସ ମିଶ୍ର ଓ ବି. ଶଙ୍କର ମୁଖ୍ୟଭୂମିକା ନିର୍ବାହ କରିଥିବାବେଳେ ରେକର୍ଡିଷ୍ଟ ହେଉଛନ୍ତି ସୌରଭ ଛତ୍ରପାଲ। ସୂଚନା ଯୋଗ୍ୟ ଯେ, ଏହି ଗୀତଟି ଉଭୟ ପୁରୁଷ ଓ ମହିଳା କଣ୍ଠଶିଳ୍ପୀ ଗାଇଛନ୍ତି।

## ରେଢ଼ାଖୋଲରେ ହନୁମାନ ଜୟନ୍ତୀ
## ପ୍ରକମ୍ପିତ ହୋଇ ଉଠିଥିଲା ସାରା ସହର



**ରେଢ଼ାଖୋଲ ୧୩.୦୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ହନୁମାନ ଜୟନ୍ତୀ ମହୋତ୍ସବ କମିଟି ପକ୍ଷରୁ ସୋମବାର ଦିନ ମହାବୀର ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି।କମିଟିର ସଭାପତି ପ୍ରତାପ କୁମାର ପ୍ରଧାନଙ୍କ ନେତୃତ୍ୱରେ ସକାଖଗ ନୂଆଁସାହିସ୍ଥିତ ହନୁମାନ ମନ୍ଦିରରେ ଧ୍ୱଜା ସ୍ଥାପନ କରାଯାଇଥିଲା। ପରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ, ପାଇକ ଆଖଡ଼ା, ପାରମ୍ପରିକ ଆଦିବାସୀ ନୃତ୍ୟ ସମେତ ରାଜ୍ୟ ଏବଂ ରାଜ୍ୟ ବାହାରୁ ବିଭିନ୍ନ କଳାକାରଙ୍କୁ ନେଇ ଶୋଭାଯାତ୍ରାରେ ସହର ପରିକ୍ରମାରେ ବାହାରି ଭୀମଭୋଇ ଛକରେ ପହଞ୍ଚି କମିଟି ମୁଖ୍ୟ ଉପଦେଷ୍ଟା ଦେବେନ୍ଦ୍ର ମହାପାତ୍ର ଉପସ୍ଥିତିରେ ମହା ଆଳତି ଅନୁଷ୍ଠିତ ହୋଇଥିଲା। ସେଠାରୁ ରଥସାହି, ଯଦୁମଣିପାଟଣା ଦେଇ କଲେଜ ଛକରେ ଶୋଭାଯାତ୍ରା ସମାପ୍ତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେପିର ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗିରିଶ ପଟେଲ, ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମିତ୍ରଭାନୁ ପ୍ରଧାନ, ବିଜେପି ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ରମେଶ ପ୍ରଧାନ, ରେଢ଼ାଖୋଲ ନଗର ସଭାପତି ସୁଷମା ମୁଣ୍ଡା ପ୍ରମୁଖ ସମେତ ଅନ୍ୟ ପଦାଧିକାରୀ, କାର୍ଯ୍ୟକର୍ତ୍ତା, ହଜାରହଜାର ଜନସାଧାରଣ ସାମିଲ ଥିଲେ।

## ଜେନିଥ୍ ଲାୟନ୍ସ ଗୁରୁକୁଳର ବାର୍ଷିକୋତ୍ସବ

**ପଦ୍ମପୁର, ୧୩। ୪(ସମିସ):** ପଦ୍ମପୁର ସହର ସ୍ଥିତ ଜେନିଥ୍ ଲାୟନ୍ସ ଗୁରୁକୁଳର ବାର୍ଷିକୋତ୍ସବ ଆୟୋଜିତ ହୋଇଯାଇଛି। ଦୁଇଦିନଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମଦିନ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲ୍ଲୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ତାଙ୍କ ସହିତ ଉପସ୍ଥିତ ଥିଲେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରତାପ ମିଶ୍ର, ଉପସଭାପତି ସୁଶାନ୍ତ ରଥ, ସମ୍ପାଦକ ପବନ ଅଗ୍ରୱାଲ, କୋଷାଧ୍ୟକ୍ଷ ମହମ୍ମଦ ଜାୱେଦ, ଅଧ୍ୟକ୍ଷ ଡ. ମନୋଜ କୁମାର ପଣ୍ଡା, ଜେନିଥ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଚତୁର୍ଭୁଜ ପ୍ରଧାନ ପ୍ରମୁଖ। ଅଧ୍ୟକ୍ଷ ଡ. ମନୋଜ କୁମାର ପଣ୍ଡା ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ପରିଚାଳନା କମିଟିର ଉପସଭାପତି ସୁଶାନ୍ତରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଶ୍ରୀମତୀ କୁଲ୍ଲୁ ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ ଏବଂ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଆହରଣ କରି ଦେଶଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ଗତ ଶିକ୍ଷାବର୍ଷ ବୋର୍ଡ ପରୀକ୍ଷାରେ ଶତକଡା ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା।। ଠିକ୍ ସେହିପରି ଦ୍ୱିତୀୟ ଦିନ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ। ସେ ତାଙ୍କ ବକ୍ତବ୍ୟରେ ଶୃଙ୍ଖଳା, ସାଧନା ଏବଂ ସଂଘର୍ଷ ମାଧ୍ୟମରେ ସଫଳତା ହାସଲର ମନ୍ତ୍ର ଦେଇଥିଲେ। ଏହାପରେ ଅଧ୍ୟକ୍ଷ ଡ.ମନୋଜ କୁମାର ପଣ୍ଡାଙ୍କ ଲିଖିତ ପ୍ରେରଣାଦାୟୀ ପୁସ୍ତକ (ଫୁ୍ୟଏଲ୍ ଫର୍ ଦି ଫାୟାର: ଇଗ୍ନାଇଟ୍ ୟୋର୍ ପ୍ୟାସନ୍ ଆଣ୍ଡ ପର୍ପଜ) ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମାଜର ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ଼.ଶଙ୍କର ରାମଚନ୍ଦାନି, ଡ. ବାଞ୍ଛାନିଧି ପଣ୍ଡା, ନାଟ୍ୟକାର ଅଶୋକ କୁମାର ବହିଦାର, ଅମରଦୀପ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ୍ ବ୍ୟତୀତ ଶିକ୍ଷାନୁଷ୍ଠାନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ଗୌରବ ଆଣିଥିବା ଛାତ୍ର ଛାତ୍ରୀ, ସ୍ଥାନୀୟ ସାମ୍ବାଦିକ ଓ ସୋସିଆଲ ମିଡିଆ କ୍ରିଏଟର ମାନଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସନ୍ତୋଷ ବେହେରା ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ମମତା ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତ ଭାରତୀ ପକ୍ଷରୁ ରାଜ୍ୟସ୍ତରୀୟ ଗୀତା ଶଳାକା ପରୀକ୍ଷା

**ବରଗଡ଼, ୧୩।୪(ସମିସ):** ସଂସ୍କୃତ ଭାରତୀ ଆନୁକୂଲ୍ୟରେ ସଂସ୍କୃତ ଭାଷାର ପ୍ରଚାରପ୍ରସାର ଏବଂ ଜନଜାଗରଣ ସୃଷ୍ଟି ପାଇଁ ପଦ୍ମପୁରସ୍ଥିତ ନବ ପ୍ରଭାତ ବୈଦିକ ବିଦ୍ୟାପୀଠରେ ରବିବାର ଦିନ ଶ୍ରୀମଦ୍ ଭାଗବତ ଗୀତାର ଶଳାକା ପରୀକ୍ଷା ଆୟୋଜିତ ହୋଇଯାଇଛି। ଗୀତା ଶଳାକା ପରୀକ୍ଷା ଏକ ପ୍ରାଚୀନ ଏବଂ ଅତ୍ୟନ୍ତ କଠୋର ମୌଖିକ ପରୀକ୍ଷା ପଦ୍ଧତି, ଯାହା ଦ୍ୱାରା ଛାତ୍ରଛାତ୍ରୀଙ୍କ ଗୀତାର ସମ୍ପୂର୍ଣ୍ଣ ଜ୍ଞାନର ପରୀକ୍ଷା କରାଯାଇ ଶାସ୍ତ୍ର ସଂରକ୍ଷଣ କରାଯାଇଥାଏ। ଏହି ଅବସରରେ ରାଜସ୍ଥାନସ୍ଥିତ ଅପେକ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରୋଫେସର୍ ସୋମଦେବ ଶତାଂଶୁ, ସଂସ୍କୃତ ଭାରତୀର ପ୍ରାନ୍ତ ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ, ଆଚାର୍ଯ୍ୟ ପୁରନ୍ଦର ଶାସ୍ତ୍ରୀ, ଆଚାର୍ଯ୍ୟ ଭାରତୀ ନନ୍ଦନ ଶାସ୍ତ୍ରୀ, ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ଆଚାର୍ଯ୍ୟ ଭଗବାନ ଦେବ, ପ୍ରାନ୍ତ ସହ ମନ୍ତ୍ରୀ ଡଃ ମାନସ ରଞ୍ଜନ ସାହୁ, ପ୍ରଚାର ପ୍ରମୁଖ ଶେଷଦେବ ମିଶ୍ର, ଉମେଶ ଭୋଇ, ଆଦର୍ଶ ମହାପାତ୍ର, ଚନ୍ଦ୍ରକାନ୍ତ ଦଣ୍ଡସେନା, ଅଧ୍ୟାପକ କୃଷ୍ଣଚନ୍ଦ୍ର ଦାଶ, ଅଧ୍ୟାପକ ରୂପେଶ ମିଶ୍ର, ଗଣେଶ ରାମ ମିଶ୍ର, ଗିରିଧାରୀ ବାରିକ, ଅହଲ୍ୟା ଆର୍ଯ୍ୟ ନିରଞ୍ଜନ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପରୀକ୍ଷା ପରିଚାଳନା କରିବା ସହ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ୧୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା। କଣ୍ଟାବାଞ୍ଜିର ଆନନ୍ଦ ଗୋୟଲ ସମସ୍ତ ପ୍ରତିଯୋଗୀଙ୍କୁ ଯଥାର୍ଥ ଗୀତା ଏବଂ ବରଗଡ଼ ଜିଲ୍ଲା ଅଧ୍ୟକ୍ଷ ପଣ୍ଡିତ ନେହେରୁ ଲାଲ ଶତପଥୀଙ୍କ ଶିଷ୍ୟ ଇଞ୍ଜିନିୟର ଶାନ୍ତନୁ ନାୟକ ଏବଂଅମ୍ବିକା ନାୟକ, ଉଟଲିର ଉପାଧ୍ୟକ୍ଷ ସ୍ୱର୍ଗତ ରାଜକିଶୋର ସାହୁଙ୍କ ସ୍ମୃତିରେ ତାଙ୍କ ଧର୍ମପତ୍ନୀ ସବିତା ସାହୁ ପ୍ରମୁଖ ଅର୍ଥରାଶି ସହଯୋଗ କରିଥିଲେ। ବରିଷ୍ଠ ବିଭାଗରେ ଦେବେଶ ସାହୁ, ରବିନାରାୟଣ ବିଶ୍ୱାଳ, ସାର୍ଥକ ବର୍ମା, ସମ୍ବିତ୍ ସାହୁ, ଅଙ୍କୁ କାଳସାଏ, କନିଷ୍ଠ ବିଭାଗରେ ଅନିକେତ ତ୍ରିପାଠୀ, ପ୍ରଭୁଦତ୍ତ ସୁଆର, ସାଇ ଅଂଶୁମାନ ମିଶ୍ର, ଉଦିତ ନାୟକ, ନିହାରିକା ବାରିକ ପ୍ରମୁଖ ପୁରସ୍କୃତ ହୋଇଥିଲେ।

## ଉତ୍ତାଳଗଡ଼ ସ୍ପୋର୍ଟିଂ ରାତ୍ରିକାଳୀନ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

**ବିଜେପୁର, ୧୩।୪(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ହାଇସ୍କୁଲ ପଡ଼ିଆରେ ଉତ୍ତାଳଗଡ଼ ସ୍ପୋର୍ଟିଂ ଆୟୋଜନରେ ଏକ ରାତ୍ରିକାଳୀନ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଏଥିରେ ଝର, ଜ୍ଞାନ, ମହୁଲପାଲି, ତାଳପଦର ସମେତ ଚାରୋଟି ଦଳ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସରପଞ୍ଚ କାମିନୀ ପ୍ରଧାନ, ସମିତି ସଦସ୍ୟ ସଞ୍ଜୁ ପ୍ରଧାନ ଅତିଥି ଭାବରେ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଖେଳଶିକ୍ଷକ ହୃଦମଣି ସାହୁ, ଉମେଶ ଭୋଇ, ସୁଦର୍ଶନ ବନଛୋର, ବିବେକାନନ୍ଦ ପ୍ରଧାନଙ୍କ ସମେତ କର୍ମକର୍ତ୍ତା ତଥା ଖେଳପ୍ରେମୀମାନେ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ହନୁମାନ ଜୟନ୍ତୀ ପାଇଁ କଳସ ଶୋଭାଯାତ୍ରା

**ମେଲଛାମୁଣ୍ଡା, ୧୩। ୪(ସମିସ):** ଘେଁସ ରାଜବାଟୀ ପୁଲୁସ ଠାରେ ହନୁମାନ ଜୟନ୍ତୀ ପାଳନ ନିମନ୍ତେ ବଜରଙ୍ଗ ଦଳ ପକ୍ଷରୁ ଆଜି ପବିତ୍ର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗ ଦଳର ଅନୀଲ ମହାପାତ୍ର, ରଣଜିତ ସିଂ ବରିହା, ନିରଞ୍ଜନ ଖର୍ସେଲ, ଡିଲେଶ୍ୱର ଗିଙ୍ଗିରା, ରିଙ୍କୁ ସାହୁ, ଜଗବନ୍ଧୁ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମୁଖ୍ୟ କର୍ତ୍ତା ସମାରୁ ବରିହାଙ୍କ ସମେତ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଭକ୍ତଗଣ ସ୍ଥାନୀୟ ପୁଡ଼ିବନ୍ଧଠାରୁ ପବିତ୍ର ଜଳ ସଂଗ୍ରହ କରି ଦୁଲଦୁଲି ବାଜା, ଡିଜେ, ଘଣ୍ଟଶଙ୍ଖ, ଘଣ୍ଟବାଦ୍ୟର ତାଳେତାଳେ ଗ୍ରାମରେ ଏକ ଭବ୍ୟ ଶୋଭାଯାତ୍ରା କରିଥିଲେ। ଏଥିରେ ଉଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ। ଦୀନବନ୍ଧୁ ସାହୁ, ସୁଦୀପ ସାହୁ, ନିମାଇଁ ସାହୁ, ରାଜେଶ ନନ୍ଦ ପ୍ରମୁଖ ସାମିଲ ରହିଥିଲେ। ପୂର୍ଣ୍ଣଚନ୍ଦ୍ର ବରିହା, ରିଙ୍କୁ ସାହୁ, ନାରାୟଣ ନାଗ ବଜରଙ୍ଗ ଦଳର ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ



**ସମ୍ବଲପୁର, ୧୩।୪(ସମିସ):** ଜିଲ୍ଲା କ୍ରୀଡ଼ା ସଂଘ ସମ୍ବଲପୁର ଓ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମରେ ଚାଲିଥିବା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମରେ ମେହେର ଆସୋସିଏସନ ସହଯୋଗ କ୍ଲବକୁ ୧୧-୦ ଗୋଲରେ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ ରେଲୱେ ଫୁଟବଲ ଏକାଡେମୀ ହିନ୍ଦ କ୍ଲବକୁ ୪-୦ ଗୋଲରେ ପରାସ୍ତ କରିଛି। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଖେଳ ସମ୍ପାଦକ ରାଜେଶ ସେଠ, ଆଇନଜୀବୀ ଆଫତାବ ଆଲମ ଯୋଗ ଦେଇଥିଲେ। ପରେଶ ପ୍ରଧାନ, ଅଜୟ ମାଝି, ଭାରତୀ ଓରାମ, ଅନିତା ଓରାମ ଓ ଅରୁଣ ଭୋଇ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ।

## ଜୀରାକଲୋନୀ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତା

# ଜୀରାକଲୋନୀ ଫାଇଟର ଚାମ୍ପିଅନ

**ବରଗଡ଼ ୧୩।୪(ସମିସ)**



ବରଗଡ଼ ପୌରପରିଷଦ ୱାର୍ଡ ନମ୍ବର ୧ ଜୀରାକଲୋନୀ ଖେଳପଡ଼ିଆରେ ଜୀରା କଲୋନୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଦୁଇ ଦିବସୀୟ ଜୀରା କଲୋନୀ ପ୍ରିମୀୟର ଲିଗ୍ ଫ୍ଲଡ ଲାଇଟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସଭାପତି ଦେବବ୍ରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସୁମିତ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ରଜକ ସେବା ସମିତିର ଅଧ୍ୟକ୍ଷ ଅର୍ଜୁନ ସେଟ୍ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଯୁବ ନେତା ଉଦ୍ଧବ ସେଟ୍ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଗଣପତି ଫାଇଟର, ରାମସେନା, ରିହାନ ଇଲେଭେନ୍‌ଓ ଜୀରା କଲୋନୀ ଫାଇଟର ଚାରୋଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଜୀରା କଲୋନୀ ଫାଇଟର ଓ ରାମସେନା ଦଳ ମଧ୍ୟରେ ହୋଇଥିଲା। ରାମସେନା ନିର୍ଦ୍ଧାରିତ ୮ ଓଭର ରେ ୯୬ ରନ ଟାର୍ଗେଟ୍ ଦେଇଥିଲା। ଜୀରା କଲୋନୀ ଫାଇଟର୍ ୭.୨ ଓଭରରେ ଲକ୍ଷ୍ୟ ହାସଲ କରି ଚାମ୍ପିଅନ ହୋଇ ଚାମ୍ପିଅନ ଟ୍ରଫି ହାସଲ କରିବା ସହିତ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁଜିତ୍ ମେହେର ରାଜା ବାବୁ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ମୁଖ୍ୟରାସ୍ତା କଡ଼ ସମତୁଲ ପାଇଁ ଦାବି



**ଝାରବନ୍ଧ, ୧୩।୪(ସମିସ):** ଧଉରାଭଟା ଛକରୁ ଲୌଡିଦର୍ହା ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ନିର୍ମାଣ କାମ ଶେଷ ହେବା ସତ୍ତ୍ୱେ ରାସ୍ତା କଡ଼ ସମତଳ କାମରେ ଅନିୟମିତତା ନେଇ ଅଭିଯୋଗ ଉଠିଛି। ନିୟମ ଅନୁଯାୟୀ ରାସ୍ତା କଡ଼କୁ ସୁଦୃଢ଼ କରିବା ପାଇଁ ମୋରମ ବ୍ୟବହାର କରାଯିବାକୁ ଥିବା ବେଳେ, ବିଭିନ୍ନ ସ୍ଥାନରେ ମାଟି ପକାଯାଇଥିବା ଦେଖାଯାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।ଫଳରେ ବର୍ଷା ଋତୁରେ ଯାତାୟାତ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାର ସମ୍ଭାବନା ଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ରାସ୍ତା କଡ଼ରେ ମାଟି ଗଦା ହୋଇଥିବାରୁ ଭାରୀ ଯାନବାହନ ଯାତାୟତ ସମୟରେ ଲୋକେ ସାଇଡ ଦେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି କୁର୍ମା ଡୁଙ୍ଗୁରିରୁ ଲୌଡିଦର୍ହା ଛକ ପର୍ଯ୍ୟନ୍ତ ଏପରି ଅବସ୍ଥା ଦେଖାଯାଇଥିବାରୁ ସମସ୍ୟା ଅଧିକ ଗୁରୁତର ହୋଇଯାଇଛି। ରାସ୍ତାର ଦୁଇ ପାର୍ଶ୍ୱରେ ମାଟି ଗଦା ରହିଥିବାରୁ ଦୈନନ୍ଦିନ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏହି ପରିସ୍ଥିତିରେ ଯଥାଶୀଘ୍ର ରାସ୍ତାକଡ଼କୁ ସମତଳ କରି ମୋରମ ପକାଇବାକୁ ସ୍ଥାନୀୟ ଲୋକମାନଙ୍କ ପକ୍ଷରୁ ଦାବି ହୋଇଛି।

### ମାସେ ହେଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଡ଼ିଛନ୍ତି ଚାଷୀ

# ଭିକ୍ଷା ମାଗି ରୋଷେଇ କରି ଚାଲିଛି ଧାରଣା

**ବରଗଡ଼, ୧୩।୪(ସମିସ)**

ମାଆ ଭିକ୍ଷା ମୁଠେ ମିଳୁ ଆମେ ଚାଷୀ ଭାଇଙ୍କ ଧାରଣାସ୍ଥଳକୁ ନେବୁ। ଧାନ ବିକ୍ରି ସମସ୍ୟାକୁ ନେଇ ଆମର ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ଦିନ ହେବ ଧାରଣାରେ ବସିଛନ୍ତି। ଚାଉଳ ପନିପରିବା ଭିକ୍ଷା ମାଗି ଆମେ ତାଙ୍କୁ ଦେଲେ ସେଠି ରୋଷେଇ ହେବ ଆଉ ସେମାନେ ମୁଠେ ଖାଇବାକୁ ପାଇବେ ଆଉ ହକ୍ ପାଇ ଲଢ଼େଇ କରିବେ। ବରଗଡ଼ ଜିଲ୍ଲାର ବିଭିନ୍ନ ଗାଁ ମାନଙ୍କରେ ଏମିତି କରୁଣ ଦୃଶ୍ୟ ଦେଖିବାକୁ ମିଳିଛି। ଆଉ ଗୋଟିଏ ମାସ ପରେ ରବିଋତୁର ଧାନକିଣା ଆରମ୍ଭ ହେବ ହେଲେ ଗତ ଖରିଫଋତୁର ଧାନ ବିକ୍ରୀ ହୋଇ ପାରିନଥିବାରୁ ୧ ମାସରୁ ଉର୍ଦ୍ଧ୍ୱ ହେବ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାନ ପକାଇ ଦିବାରାତ୍ର ଧାରଣା ବସିଛନ୍ତି। ଗତ ବର୍ଷ ତୁଳନାରେ ୧ ଲକ୍ଷ କ୍ୱିଣ୍ଟାଲ ଧାନ କମ କିଣା ଯାଇଛି।ଏହାର କାରଣ ହେଉଛି ଅନେକ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିବା। ବାଦ ପଡ଼ିଥିବା ଚାଷୀମାନେ ଅଗଷ୍ଟ ମାସରୁ ବିଭାଗୀୟ ଅଧିକାରୀ, ବିଧାୟକ, ଯୋଗାଣ ମନ୍ତ୍ରୀ ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଜଣାଇଛନ୍ତି। କିଛି ସମାଧାନ ନ ହେବାରୁ ଧାନ ପକାଇ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବର୍ତ୍ତମାନ ସୁଦ୍ଧା ଧାରଣା ରତ। କାଳବୈଶାଖୀ, ଟାଣ ଖରା, କରକାପାତ ଏବଂ ବର୍ଷା ସତ୍ତ୍ୱେ ଅହୋରାତ୍ର ଧାରଣା ଚାଲିଛି। ଏହିପରି ସ୍ଥଳେ ଚାଷୀମାନେ ଗାଁ ଗାଁ ବୁଲି ମୁଠିଭିକ୍ଷା କରି ଚାଉଳ ପନିପରିବା ଆଦି ସଂଗ୍ରହ କରି ରୋଷାଇ କରି ଆନ୍ଦୋଳନ ଚଳାଇଛନ୍ତି। ତାଙ୍କର କହିବା କଥା ଅନୁସାରେ ଯେତେ ଦିନ ପର୍ଯ୍ୟନ୍ତ ଧାନ ବିକ୍ରି ନ ହେବ ଆମେ ଘରକୁ ଯିବୁ ନାହିଁ ବୋଲି ନିଷ୍ପତ୍ତି କରିଛନ୍ତି। ଏହି ଆନ୍ଦୋଳନର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ବା ନିର୍ବାଚିତ ପ୍ରତିନିଧି ଆସୁଥିନବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।





## ଧାରଣାସ୍ଥଳରେ ଜିଲ୍ଲା ଓକିଲ ସଂଘ କର୍ମକର୍ତ୍ତା




**ବରଗଡ଼:** ବରଗଡ଼ ଜିଲ୍ଲା ନବନିର୍ବାଚିତ ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ ଏବଂ ସମ୍ପାଦକ ହରିହର ପଧାନ ସମେତ ଉତ୍ତର ପଧାନ, ସନକ ଦାସ, ସନ୍ତୋଷ ଦାସ, ଅଧିକାରୀ ପଧାନ ଓକିଲ ସଂଘ ତରଫରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଚାଲିଥିବା ଧାରଣାକୁ ଆସି ସମର୍ଥନ ଦେଇଛନ୍ତି। ଦୀର୍ଘ ୩୫ ଦିନ ହେବ ଧାନ ପକାଇ ପଞ୍ଜୀକରଣରୁ ବଞ୍ଚିତ ଚାଷୀଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଜିଲ୍ଲା ପ୍ରଶାସନର ନୀରବତାକୁ କଟୁ ସମାଲୋଚନା କରିଥିଲେ। ଚାଷୀମାନଙ୍କ ହକ ଓ ଅଧିକାର ନ୍ୟାୟ ପାଇଁ ପ୍ରଶାସନିକସ୍ତରରେ ଆଲୋଚନା କରି ଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରିବା ସହିତ ଦରକାର ପଡ଼ିଲେ ଆଇନ ଗତ ସହଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆନ୍ଦୋଳନ ରତ ଚାଷୀମାନେ ଓକିଲମାନଙ୍କ ସମର୍ଥନକୁ ସ୍ୱହୃଦୟରେ ଗ୍ରହଣ କରିବା ସହିତ ଆହୁରୀ ଲଢେଇକୁ ନୈତିକ ବଳ ମିଳିଥିବା ପ୍ରକାଶ କରିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଧାନ ବିକ୍ରି ନ ହୋଇଛି ଧାରଣା ଚାଲିବ ବୋଲି ଘୋଷଣା କରିଛନ୍ତି।

### ବାରପାହାଡ଼ରେ ପ୍ରକୃତି ସେବାର ଅଦ୍ଭୁତ ମିଳନ

# ଦିବାକର ମାଝୀ ଓ ସୁମତି ଖମାରିଙ୍କୁ ସମ୍ମାନିତ



**ବରଗଡ଼, ୧୩। ୪(ସମିସ):** ଅମ୍ବାଭୋନା ବ୍ଲକ ବାରପାହାଡ଼ ଅଞ୍ଚଳ ବୁଙ୍ଗାପାଲି ପଞ୍ଚାୟତ ରାମଖୋଲ ଗ୍ରାମ, ଡୁଙ୍ଗୁରିରେ ଅବସ୍ଥିତ ବୋଟାନିକାଲ ଗାର୍ଡେନ୍, ରିସର୍ଚ୍ଚ ସେଣ୍ଟର ଓ ମେଡିସିନାଲ ନର୍ସରୀରେ ପରିବେଶ ସୁରକ୍ଷା ଓ ପ୍ରକୃତି ସେବାକୁ ନେଇ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ'ପ୍ରକୃତି ବନ୍ଧୁ' ଭାବେ ପରିଚିତ ଦିବାକର ମାଝୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନ ପ୍ରଦାନ କରିଥିଲେ ପ୍ରସିଦ୍ଧ ବନଔଷଧି ବୈଦ୍ୟ ଓ ପରିବେଶ ପ୍ରେମୀ ଭୈରବ ପାତ୍ର ଓ ତାଙ୍କ ପୁତ୍ରୀ ସୁମତି ଖମାରି। ପ୍ରକୃତି ସୁରକ୍ଷାରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ଦୁଇ ପିଢ଼ିର ସଂଯୁକ୍ତ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ଗରିମାମୟ କରିଥିଲା।ଭୈରବ ପାତ୍ର ୧୯୯୭ ମସିହାରେ 'ପ୍ରକୃତି ବନ୍ଧୁ' ସମ୍ମାନ ପାଇଥିଲେ। ପରିବେଶ ସୁରକ୍ଷା, ଔଷଧୀୟ ଉଦ୍ଭିଦର ସଂରକ୍ଷଣ ଓ ପାରମ୍ପରିକ ଚିକିତ୍ସା ପ୍ରଚାରରେ ତାଙ୍କ ଅପାର ଅବଦାନ ପାଇଁ ସେ ଅଞ୍ଚଳରେ ଏକ ପ୍ରେରଣାଦାୟକ ପରିଚୟ ସୃଷ୍ଟି କରିଛନ୍ତି।୨୦୨୨ ମସିହାରେ ସେ 'ବିଜୁ ପଟ୍ଟନାୟକ ଆୱାର୍ଡ' ଦ୍ୱାରା ସମ୍ମାନିତ ହୋଇଥିବା ଏହି ଅଞ୍ଚଳ ପାଇଁ ଗର୍ବର ବିଷୟ। ତାଙ୍କ ପଥକୁ ଅନୁସରଣ କରି ସୁମତି ଖମାରି ମଧ୍ୟ ପ୍ରକୃତି ସେବାରେ ନିରନ୍ତର ନିୟୋଜିତ ଅଛନ୍ତି।ପରିବେଶ ସୁରକ୍ଷା ଓ ସମାଜସେବା କ୍ଷେତ୍ରରେ କାର୍ଯ୍ୟରତ ରହି ନୂତନ ପିଢ଼ି ପାଇଁ ଏକ ଦୃଢ଼ ପ୍ରେରଣା ହୋଇଉଠିଛନ୍ତି। ଦିବାକର ମାଝୀ ଗଛଲଗାଣ, ପରିବେଶ ସଚେତନତା ଓ ସମାଜକୁ ପ୍ରକୃତି ପ୍ରତି ସଚେତନ କରିବାରେ ନିଜର ନିରନ୍ତର ପ୍ରୟାସ ପାଇଁ ପରିଚିତ।

# ଭେରୁଆମୁଣ୍ଡା ଛାତ୍ରାବାସସ୍ଥିତି ନିରୀକ୍ଷଣ କଲେ ବିଶେଷଜ୍ଞ ଦଳ



**ପାଇକମାଳ, ୧୩।୪(ସମିସ):** ପାଇକମାଳ ବ୍ଲକ ଭେରୁଆମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଋତୁକାଳୀନ ଛାତ୍ରାବାସ ସ୍ଥିତି ନିରୀକ୍ଷଣ କରିଛନ୍ତି ବିଶେଷଜ୍ଞ ଦଳ।ଶନିବାର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କଟକରୁ ସରକାରୀ ଗବେଷକ ମିଳନ କୁମାର ଭୋଇ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ନିରୀକ୍ଷଣ କରିଛନ୍ତି। ପାଇକମାଳ ଓ ଝାରବନ୍ଧ ବ୍ଲକ ସରକାରୀ ଶ୍ରମ ଆୟୁକ୍ତ ଅଧିକାରୀ ଅରବିନ୍ଦ ହାତୀ, ଏନୁମରେଟର ହେମନ୍ତ କୁମାର ଭୋଇ, ପାଇକମାଳ ଏବିଇଓ ରାଧେଶ୍ୟାମ ମେହେର ପ୍ରମୁଖ ସାମିଲ ଥିଲେ। ଋତୁକାଳୀନ ଛାତ୍ରାବାସର ସାମଗ୍ରୀ ବ୍ୟବସ୍ଥାକୁ ମୂଲ୍ୟାଙ୍କନ କରି ପ୍ରବାସୀ ପିଲାଙ୍କ ଶିକ୍ଷାକୁ ନିଶ୍ଚିତ ଓ ଆନନ୍ଦଦାୟୀ ସହ ସୁଦୃଢ଼ କରିବା ଉଦ୍ଦେଶ୍ୟରେସ୍ଥିତି ପରଖି ଥିଲେ। ଏହା ପରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ, ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରି ଆବଶ୍ୟକତା ସହାୟତା ପାଇଁ ରାଜ୍ୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଅବଗତ କରିବା ପାଇଁ ବିଶେଷଜ୍ଞ ଦଳ କହିଛନ୍ତି। ସେହିପରି ସରକାରୀ ଉଚ୍ଚ ପ୍ରାଥମିକ କୁତ୍ରାପାଳକୁ ଯାଇ ମଧ୍ୟ ସ୍ଥିତି ଅନୁଧ୍ୟାନ କରିଥିଲେ।

# କମଗାଁ ପଞ୍ଚାୟତରେ ଅଘୋଷିତ ବିଦ୍ୟୁତ୍ କାଟ

**ଭଟଲି, ୧୩। ୪(ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ କମଗାଁ ପଞ୍ଚାୟତର କମଗାଁ, ଜଡ଼ା, ଅନ୍ତପାଲି, କର୍ଲାଯୋରୀ, ଅଇଁଲାପାଲି, ଋଷିପାଲି, ଜାମବାହାଲି ଆଦି ବିଭିନ୍ନ ଗ୍ରାମରେ ଘନ ଘନ ବିଦ୍ୟୁତ୍ ବିଭ୍ରାଟ ହେଉଛି। ପ୍ରତ୍ୟେକ ଦିନ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେବା ଫଳରେ ଜନ ଅସନ୍ତୋଷ ଦେଖାଦେଉଛି। ଗ୍ରୀଷ୍ମର ପ୍ରକୋପ ଯୋଗୁଁ ଦିନକୁ ଦିନ ତାପମାତ୍ରା ବଢ଼ିଚାଲିଛି।ଏପରି ସ୍ଥଳେ ଦୈନିକ ବିଦ୍ୟୁତ୍ ସରବରାହ ଯେପରି ଠିକ୍ ଭାବରେ ହେବ ସେଥିପ୍ରତି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅଞ୍ଚଳବାସୀଙ୍କ ଦାବି କରିଛନ୍ତି।

# ଅତାବିରାରେ ମିଳିତ ଅଭିଯୋଗ ଶୁଣାଣି ଶିବିର



**ଅତାବିରା, ୧୩। ୪(ସମିସ):** ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୁବେର ମହନ୍ତ, ଅତାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନା, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ ଏବଂ ବ୍ଲକ ଉପାଧ୍ୟକ୍ଷ ଅନନ୍ତ ମେହେର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟ କି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନକାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୯୮ଟି ଅଭିଯୋଗ ମଧ୍ୟରୁ ୬୩ଟି ବ୍ୟକ୍ତିଗତ ଏବଂ ୩୫ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି।

# ଝାରବନ୍ଧ ଡିଗ୍ରୀ କଲେଜରେ ଓଡ଼ିଆ ପକ୍ଷ ପାଳନ



**ଝାରବନ୍ଧ, ୧୩।୪(ସମିସ):** ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ପକ୍ଷ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଓଡ଼ିଆ ଭାଷା ଗଠନରେ ଭାଷାଶିଳ୍ପୀଙ୍କ ଅବଦାନ' ବିଷୟରେ ପାଠଚକ୍ର ଆଲୋଚନା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କଲେଜର ପୂର୍ବତନ ଅଧ୍ୟକ୍ଷ ସାନନ୍ଦ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ସମୃଦ୍ଧ ଐତିହ୍ୟ ଓ ଏହାର ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ସାହୁ, ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ସଭାପତି ସାମ୍ବାଦିକ ମୋତିଲାଲ ବାଗ, ରାଜନୀତି ବିଜ୍ଞାନ ଅଧ୍ୟାପକ ସାର୍ତ୍ତିକ ସାହୁ ଓ ଓଡ଼ିଆ ଅଧ୍ୟାପକ ଡ଼କ୍ଟର ରଶ୍ମିରଞ୍ଜନ ମହାନ୍ତି ଯୋଗଦେଇ ଭାଷାର ଉନ୍ନତି ପାଇଁ ସମସ୍ତଙ୍କ ଏକତ୍ର ପ୍ରୟାସ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଅଧ୍ୟାପିକା ଙ୍କ ମଧ୍ୟରେ ଗଗନ ବିହାରୀ ଡ଼ନସନା, ଯାଜ୍ଞସେନୀ ନାୟକ, ନବୀନ ମେହେର, ଡ଼. ଖ୍ୟାତିମୟ ତ୍ରିପାଠୀ, ରଶ୍ମି ମହାଲିଙ୍ଗ, ମୀନପ୍ରଭା ପ୍ରଧାନ, ମୁକେଶ ବାଗ, ଚନ୍ଦ୍ରମଣି ବାଗ, ଗ୍ରନ୍ଥାଗାର ସହାୟକ ଦୁର୍ଯ୍ୟୋଧନ ପାଣ୍ଡେ ସମେତ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଛାତ୍ରୀ ଝରଣା ଦୀପ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅଧ୍ୟାପିକା ରିତାଞ୍ଜଳୀ ଗୁରୁ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ଓଡ଼ିଆ ପକ୍ଷ ପାଳନ ମାଧ୍ୟମରେ ଭାଷା ପ୍ରତି ସଚେତନତା ବୃଦ୍ଧି ସହ ଛାତ୍ରଛାତ୍ରୀଙ୍କ ମନରେ ଭାଷାପ୍ରେମକୁ ଆହୁରି ମଜବୁତ କରିବାରେ ପ୍ରୟାସ ଉଲ୍ଲେଖନୀୟ ବୋଲି ମତ ପ୍ରକାଶ ପାଇଛି।

### ଓଡ଼ିଶାର ବରପୁତ୍ରଙ୍କ ତ୍ୟାଗ, ଅବଦାନ ଅବିସ୍ମରଣୀୟ

# ପଞ୍ଚାୟତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ

**ବରଗଡ଼, ୧୩। ୪(ସମିସ):** ଓଡ଼ିଶା ଏକତ୍ରୀକରଣ, ପ୍ରଗତି ଓ ସମୃଦ୍ଧି କ୍ଷେତ୍ରରେ ବନ୍ଦନୀୟ ବରପୁତ୍ରଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ। ବରପୁତ୍ରଙ୍କ ତ୍ୟାଗ, ତିତିକ୍ଷା ଓ ବରଦାନ ଅନନ୍ୟ, ପ୍ରେରଣାପ୍ରଦ ଓ ଅବିସ୍ମରଣୀୟ ବୋଲି ପଞ୍ଚାୟତ ମହାବିଦ୍ୟାଳୟର ଆୟୋଜିତ ହୋଇଥିବା 'ଓଡ଼ିଶାର ବନ୍ଦନୀୟ ବରପୁତ୍ର' ଆଲୋଚନାଚକ୍ରରେ ବକ୍ତାଗଣ ମତପ୍ରକାଶ କରିଛନ୍ତି। ଓଡ଼ିଆ ପକ୍ଷ ପାଳନ ଅବସରରେ ଅନୁଷ୍ଠିତ ସାରସ୍ୱତ ସମାରୋହ ଓ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ନକୁଳ ସେଠ୍ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ବିଶିଷ୍ଟ ବ୍ୟଙ୍ଗ ସାହିତ୍ୟିକ ମନୋରଞ୍ଜନ ସାହୁ ଓ ମୁଖ୍ୟବକ୍ତା ବାଲାଜୀ ବିଭୁରଞ୍ଜନ ତରାସିଆ ବାଗଦେବୀ ମା'ସରସ୍ୱତୀଙ୍କ ଓ ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଆଲୋଚନା ଚକ୍ରର ଉଦ୍ଦେଶ୍ୟ ଓ ଅତିଥିଙ୍କ ପରିଚୟ ପ୍ରଦାନ କରି ଓଡ଼ିଆ ବିଭାଗ ମୁଖ୍ୟ ଡ. ଶେଷନ ବିଶି ବରପୁତ୍ରଙ୍କ ତ୍ୟାଗ ଓ ତିତିକ୍ଷା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଶ୍ରୀଯୁକ୍ତ ତରାସିଆ ଓଡ଼ିଶାର ବନ୍ଦନୀୟ ବରପୁତ୍ରଙ୍କ କ୍ରମରେ ପଶ୍ଚିମ ଓଡ଼ିଶାର ବରପୁତ୍ର ବୀର ସୁରେନ୍ଦ୍ର ସାଏ, ଘେଁସ ଜମିଦାର ହଟେ ସିଂ ଓ ତାଙ୍କ ପରିବାରର ବଳିଦାନ, ଖଗେଶ୍ୱର ଶେଠ୍, କୃତାର୍ଥ ଆଚାର୍ଯ୍ୟ, ଗଣନାଥ ପ୍ରଧାନ ପ୍ରମୁଖଙ୍କ ସ୍ମୃତିଚାରଣ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବରପୁତ୍ରଙ୍କ ମହନୀୟ ତ୍ୟାଗ ଛାତ୍ରଛାତ୍ରୀଙ୍କ ପ୍ରେରଣାର ଉତ୍ସ ହେବା ଉଚିତ୍ ବୋଲି ମୁଖ୍ୟଅତିଥି ବ୍ୟଙ୍ଗଶିଳ୍ପୀ ମନୋରଞ୍ଜନ ସାହୁ ଅଭିମତ ପ୍ରଦାନ କରିଥିଲେ। ସଭାକୁ ସଂଯୋଜନା କରିଥିଲେ ସଂସ୍କୃତ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ସୁଷମା। ପ୍ରାରମ୍ଭିକ ସଙ୍ଗୀତ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀ ଗାନ କରିଥିବା ବେଳେ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଯୋଗେନ୍ଦ୍ର ମେହେର, ଅଧ୍ୟାପକ ଅଧ୍ୟାପିକା ଝରଣା ବିଶ୍ୱାଳ, ସୀମନ୍ତିନୀ ଭୋଇ ତଥା ବିଭିନ୍ନ ବିଭାଗର ଶତାଧିକ ଛାତ୍ରଛାତ୍ରୀ ସାରସ୍ୱତ ସମାରୋହରେ ଯୋଗଦେଇ ଓଡ଼ିଶାର ବରପୁତ୍ରଙ୍କ ମହିମା ଶ୍ରବଣ କରିଥିଲେ।




### ବନଜାତଦ୍ରବ୍ୟର ବିକ୍ରି ପାଇଁ ବ୍ୟବସ୍ଥା ନାହିଁ

# ବେପାରୀ ନିର୍ଦ୍ଧାରଣ କରୁଛନ୍ତି ମୂଲ୍ୟ





**ପଦ୍ମପୁର, ୧୩।୪(ସମିସ)**

ବରଗଡ଼ ଜିଲ୍ଲାର ପଦ୍ମପୁର ଉପଖଣ୍ଡ ଏକ ଅବହେଳିତ ଆଦିବାସୀ ଅଞ୍ଚଳ ଅଟେ। କୃଷି ପାଇଁ ସ୍ଥାୟୀ ଜଳସେଚନ କିମ୍ବା କୌଣସି କଳକାରଖାନା ନ ଥିବାରୁ ଅଞ୍ଚଳର ଲୋକେ ଖଟିଖିଆ ଓ ଶ୍ରମିକ ଭାବେ କାମ କରୁଛନ୍ତି। କୃଷି ଓ ଜଙ୍ଗଲ ଜାତ ସାମଗ୍ରୀ ଏମାନଙ୍କ ଆର୍ଥିକ ସ୍ଥିତି ନିର୍ଦ୍ଧାରଣ କରେ। ଚାଷକୁ ବାଦ ଦେଲେ ଏମାନେ ବର୍ଷକରେ ୬ମାସ ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି।ମହୁଲ ଠାରୁ ଆରମ୍ଭ କରି ଚାରମଞ୍ଜି, ଟୋଲ, ଶାଳପତ୍ର, ଶାଳମଞ୍ଜି, ଆମ୍ଳ, ତେନ୍ତୁଳି ଆଦି ସେମାନଙ୍କ ଆୟର ପ୍ରମୁଖ ଉତ୍ସ। ହେଲେ ବହୁ କଷ୍ଟରେ ଏ ସବୁ ସଂଗ୍ରହ କରୁଥିଲେ ମଧ୍ୟ ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମିଳୁନାହିଁ। ଯେଉଁଥି ପାଇଁ ସେମାନଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସୁନାହିଁ। ଏହାର ମୁଖ୍ୟ କାରଣ ହେଉଛି ସରକାରଙ୍କ ପକ୍ଷରୁ ଲଘୁବନଜାତ ଦ୍ରବ୍ୟର କିଣା ବିକା ପାଇଁ କୌଣସି ସ୍ୱତନ୍ତ୍ର ବଜାର ସୁବିଧା କରାଯାଇନାହିଁ। ଜଙ୍ଗଲ ଜାତ ସାମଗ୍ରୀର ବଜାର ଚାହିଦା ଥିଲେ ବିବିକ୍ରି ପାଇଁ ବ୍ୟବସ୍ଥା କିମ୍ବା ସରକାରଙ୍କ ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ ହେଉନଥିବାରୁ ବେପାରୀମାନେ ହିଁ ନିଜର ମନମୁତାବକ ଦର ନିର୍ଦ୍ଧାରଣ କରିଥାନ୍ତି। ସେଥିପାଇଁ ଏହି ନିରୀହ ଆଦିବାସୀ ୫୦ଟଙ୍କାର ସାମଗ୍ରୀ କୁ ୨୦/୨୫ଟଙ୍କାରେ ବିକ୍ରି ପାଇଁ ବାଧ ହୋଇଥାନ୍ତି।ଏପଟେ ସେହି ସାମଗ୍ରୀକୁ ରପ୍ତାନୀ କରି ଖୁବ୍ ଚଢାଦରରେ ବିକ୍ରି କରି ମୁନାଫା କରିଥାନ୍ତି।୨୦୦୮ ମସିହାରେ ସରକାର ବନଜାତ ଦ୍ରବ୍ୟ ଉଚିତ ମୂଲ୍ୟରେ କିଣିବା ପାଇଁ ପଞ୍ଚାୟତମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେହି ନିର୍ଦ୍ଦେଶ ଫାଇଲ ଭିତରେ ସୀମିତ ରହିଲା ଓ ସରକାର ମଧ ଏହି ଦିଗକୁ ସମ୍ପୂର୍ଣ୍ଣ ଅଣଦେଖା କରି ଦେଲେ। ତେବେ ଧାନ ଓ ମାଣ୍ଡିଆ ଭଳି ଯଦି ସରକାର ଏହି ବନଜାତ ଦ୍ରବ୍ୟର ମଣ୍ଡି ବ୍ୟବସ୍ଥା କରନ୍ତେ ତେବେ ଆଦିବାସୀ ତଥା ଗାଁରେ ବସବାସ କରୁଥିବା ଲୋକଙ୍କ ଜୀବନଧାରା ବଦଳି ଯାଆନ୍ତା।

**ଆଦିବାସୀଙ୍କ ଆର୍ଥିକ ସ୍ଥିତିସୁଧୁରିବ କେମିତି**

# ମାଣ୍ଡୋସିଲ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

**ପାଇକମାଳ, ୧୩।୪(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୁରାତନ ଛାତ୍ରଛାତ୍ରୀଙ୍କ ରବିବାର ଶିକ୍ଷାକେନ୍ଦ୍ରରେ ବୈଠକ ଅନୁଷ୍ଠିତ ହୋଇଯାଇଛି।ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଏନେଇ ରବିବାର ଶିକ୍ଷାକେନ୍ଦ୍ର ସଭାପତି ଗୋକୁଳାନନ୍ଦ ଡନସନାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ରୌପ୍ୟ ଜୟନ୍ତୀ କିପରି ପାଳନ କରାଯିବ ବୈଠକରେ ଆଲୋଚନା ହୋଇଥିଲା। ମେ ୯ ରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା।ରୌପ୍ୟ ଜୟନ୍ତୀ ପାଇଁ କମିଟି ଗଠନ କରାଯାଇଥିଲା। ସଭାପତି ଭାବରେ ଶିବମ ଡନସନା, ଉପସଭାପତି ରୂପାଲି ସାହୁ, ସମ୍ପାଦକ ଉତ୍ତମ ରଣା, ସହ ସମ୍ପାଦକ ଅଭିଷେକ ସାହୁ, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ମହାନ୍ତି ଓ କାର୍ଯ୍ୟକାରୀ ସଦସ୍ୟ ଭାବରେ ବେଦପ୍ରକାଶ ଡନସନା, ବିଶ୍ୱଜିତ ରଣା, ପବନ ସରିଆଁ ଚୟନ କରାଯାଇଛି।ବୈଠକରେ ଶିକ୍ଷାକେନ୍ଦ୍ରର ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ, ଅଧ୍ୟକ୍ଷ ଗଙ୍ଗାଧର ରଣା, ପରିଚାଳନା ସଦସ୍ୟ ତପନ ବହିଦାର, ଅନିରୁଦ୍ଧ ପଣ୍ଡା, ପୁରାତନ ଛାତ୍ର ଅଙ୍କିତ ନାୟକ, ଶ୍ରୀକାନ୍ତ ଭୋଇ, ଧବଳେଶ୍ୱର ହଂସ, ପ୍ରଶାନ୍ତ ସରିଆଁ, ସମ୍ଭବ ପୁଟା, ସୌରଭ ବହିଦାର, ବିପିନ କୁମ୍ଭାର, କୋଶଳ ଡନସନା ସମେତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବୈଠକ ଶେଷରେ ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।



## ସରସିଦା ପ୍ରିମିୟମ ଲିଗ ସିଜିନ୍-୫ର ଉଦ୍‌ଘାଟିତ

ଜଳେଶ୍ୱର, ୧୩।୪ (ସମିସ) : ଜଳେଶ୍ୱର ବ୍ଲକ ଗୋପୀମୋହନପୁ ପଂଚାୟତ ସରସିଦା ଗ୍ରାମର ସରସିଦା ହାଇସ୍କୁଲ ପଡ଼ିଆ ଠାରେ ଚଣ୍ଡିମାତା କ୍ଲବ ଆନୁକୂଲ୍ୟରେ ସରସିଦା ପ୍ରିମିୟମ ଲିଗର ଚେୟାରମ୍ୟାନ ହରିଚନ୍ଦନ ଦେଙ୍କ ପରିଚାଳନାରେ ସରସିଦା ପ୍ରିମିୟମ ଲିଗ୍ ସିଜିନ-୫ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ଶିକ୍ଷକ ମନୋରଞ୍ଜନ ଦତ୍ତ ସଭାପତିତ୍ୱ କରିଥିଲେ। ବ୍ରାଣ୍ଡ ଆମ୍ବାସାଡର ହରିଶ୍ଚନ୍ଦ୍ର ପରିଡ଼ାଙ୍କ ମଞ୍ଚ ଆହ୍ୱାନରେ ଜଳେଶ୍ୱର ବ୍ଲକର ପୂର୍ବତନ ଉପାଧକ୍ଷ,ଜଳେଶ୍ୱର ନିର୍ବାଚନୀ ମଣ୍ଡଳର ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜମୋହନ ପ୍ରଧାନ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବର୍ଡ଼ନା ପଂଚାୟତର ସମିତି ସଭ୍ୟ ତ୍ରିଲୋଚନ ଦାସ,ଯୁବନେତା କାଳୀଚରଣ ଦାସ,ତନ୍ମୟ ଚାନ୍ଦ, ସୁରେଶ ଚନ୍ଦ୍ର ଜେନା ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ବ୍ରାଣ୍ଡ ଆମ୍ବାସାଡର ହରିଶ୍ଚନ୍ଦ୍ର ପରିଡ଼ା, ସୁକାନ୍ତ ପାତ୍ର ଆୟୋଜକ ହିସାବରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରିମିୟମ ଲିଗ୍ ଆଜିଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ଛଅ ଜଣ ଅଂଶୀଦାର ଭାଗନେଇ ଥିଲେ। ସେମାନେ ହେଲେଜିତେନ୍ଦ୍ର କରଙ୍କ ରୟାଲ ୱାରୀୟସ,ସନ୍ୟାସୀ ଦତ୍ତଙ୍କ ମହାବୀର ଆର୍ମି,ବ୍ରଜ କିଶୋର ଦେଙ୍କ ଦେ ଫାଇଟର,ସୁବ୍ରତ ପରିଡ଼ାଙ୍କ ମାଆ ତାରିଣୀ, ଗଣେଶ ପଣ୍ଡାଙ୍କ ରୟାଲ ଷ୍ଟାଇକସ୍ର୍ ଓ ହରିଶ ଚନ୍ଦ୍ର ଭୂୟାଁଙ୍କ ସରସିଡା ଇଣ୍ଡିଆ। ଏହି କ୍ରିକେଟ ଖେଳକୁ ପରିଚାଳନା କରିଥିଲେ ହିମାଂଶୁ ଶେଖର ଜେନା,ଜଗନ୍ନାଥ ନନ୍ଦୀ ଓ ରାଜା ଦାସ। ସରସିଦା ପ୍ରିମିୟମ ଲିଗ୍ ର ଚେୟାରମ୍ୟାନ ହରିଚନ୍ଦନ ଦେ, ସଦସ୍ୟ ଶାନ୍ତନୁ ଦତ୍ତ, ଅମିତ ଦତ୍ତ, ବିଶେଶ୍ୱର ଦତ୍ତ, ଅସିତ୍ ଦତ୍ତ, ହରି ଦତ୍ତ,ରାମଚନ୍ଦ୍ର ଦତ୍ତ, ସରକାର ଦତ୍ତ ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାରେ ନିର୍ମାଣ ହେବ ରେଳ ଉଡ଼ନ୍ତା ପୋଲ

ଜଳେଶ୍ୱର, ୧୩।୪ (ସମିସ)

ବରିଷ୍ଠ ନାଗରିକ ମଂଚର ଦୀର୍ଘଦିନ ଦାବିପରେ ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାର ସାହୁଛକ ଠାରେ ଉଡନ୍ତାପୋଲ ନିର୍ମାଣ ହେବ ବୋଲି ଦିଲ୍ଲୀସ୍ଥିତ ରେଳବାଇ ବୋର୍ଡ କୋଲକତାର ଗାର୍ଡେନ୍‌ରିଚସ୍ଥିତ ଦକ୍ଷିଣପୂର୍ବ ରେଳ ଡିଭିଜନ୍‌ର ଜେନେରାଲ ମ୍ୟାନେଜରଙ୍କୁ ଚିଠି ପ୍ରଦାନ କରିଛନ୍ତି। ଫଳରେ ମଂଚ ପକ୍ଷରୁ ଆଜି ସାମ୍ବାଦିକ ସମ୍ମିଳନୀରେ ଧନ୍ୟବାଦ ଦେବା ସହିତ ଅନ୍ୟ କେତେକ ଦାବି ପ୍ରତି ପୁଣି ସ୍ୱର ଉତ୍ତୋଳନ କରିଛନ୍ତି। ଘଟଣାରୁ ପ୍ରକାଶ ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତା ଉପରେ ଜଳେଶ୍ୱର ବ୍ଲକର ୧୯ଟି ପଂଚାୟତ ସହିତ ବାଲିଆପାଳ ବ୍ଲକର ବହୁ ଅଂଚଳର ଲୋକମାନେ ନିର୍ଭର କରିଥାନ୍ତି। ସାହୁଛକ ନିକଟରେ ଥିବା ୪୬ନଂ ରେଲଗେଟଟି ଦୀର୍ଘ ସମୟଧରି ବନ୍ଦ ରହୁଥିବାରୁ ଯାତାୟାତରେ ବହୁ ଅସୁବିଧା ସୃଷ୍ଟି ହୋଇଥାଏ। ଏହାକୁ ଲକ୍ଷ୍ୟ କରି ବରିଷ୍ଠ ନାଗରିକ ସୁରକ୍ଷା ମଂଚ ପକ୍ଷରୁ ଗତ ୧୩-୧୧-୨୦୨୫ରେ ୩ହଜାର ଦସ୍ତଖତ ସମ୍ବଳିତ ୭୫ ପୃଷ୍ଠାର ଏକ ଦାବିପତ୍ର ରେଳ ବିଭାଗକୁ ପଠାଯାଇଥିଲା। ଗତ ୭-୧-୨୬ରିଖ ରେଳ ବିଭାଗର ଚିଠି ନଂ ୨୦୨୫ ଅନୁସାରେ ଦକ୍ଷିଣପୂର୍ବ ରେଳ ଡିଭିଜନ୍‌ର ଜେନେରାଲ ମ୍ୟାନେଜରଙ୍କୁ ଚିଠି ପ୍ରଦାନ କରାଯାଇ ରେଳବିଭାଗର ନିଜସ୍ୱ ଖର୍ଚ୍ଚରେ ଉଡନ୍ତାପୋଲ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଖଡଗପୁର ଡିଭିଜନ୍‌ର ବରିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ମଧ୍ୟ ମଂଚ ସହିତ ଆଲୋଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିନେଇ ରେଳ ବିଭାଗକୁ ମଂଚ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି। ତେବେ ୩ୟ ଲାଇନ୍ କାର୍ଯ୍ୟ ଚାଲୁଥିବାରୁ ଉଡନ୍ତାପୋଲ ନିର୍ମାଣ ମନ୍ଥରଗତିରେ ହେବା ସନ୍ଦେହ କରି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ମଧ୍ୟ ଦିଆଯାଇଛି। ମଂଚ ପକ୍ଷରୁ ଗତ ଫେବୃଆରୀ ମାସରେ ରେଳ ବିଭାଗକୁ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ୍‌କୁ ଜଳେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ, ହାଓଡା-ପୁଡୁଚେରୀ ଟ୍ରେନ୍‌ର ରହଣି, ପାସେଞ୍ଜର ଟ୍ରେନ୍‌ରେ ଏକ୍ସପ୍ରେସ୍ ଭଡା ଆଦାୟ ବନ୍ଦ, କୋଟ୍ ଇଣ୍ଡିକେଟର କାର୍ଯ୍ୟ ଶୀଘ୍ର ଶେଷ କରିବା, ବରିଷ୍ଠ ନାଗରିକ, ମହିଳା, ବିକଳାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ଟିକ୍ କାଉର ଓ ରିହାତି, ଟ୍ରେନ୍‌ର ଅହେତୁକ ବିଳମ୍ବ ରୋକିବା ଇତ୍ୟାଦି ୭ ଦଫା ଦାବି ପ୍ରଦାନ କରାଯାଇଥିଲା। ଏହି ସମସ୍ତ ଦାବୀ ରେଳକ ୍ପକ୍ଷ ପୂରଣ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ମଂଚର ସଭାପତି ଡ. ରମାକାନ୍ତ ଭଂଜଙ୍କ ସଭାପତିତ୍ୱରେ ସଂପାଦକ ଡ. ଲଳିତ ରଂଜନ ସେନାପତି, ଦିଲ୍ଲିପ ଗିରି, ରାଜାରାମ କରସର୍ମା, ଜିତାରାମ ଦେ, ଖଗେନ୍ଦ୍ର ନାଥ ସାହୁ, ସୁନିଲ କୁମାର ଗିରି, ସୁନୀଲ ନାୟକ, ସୀତାଂଶୁ ସେନାପତି, କପିଳେଶ୍ୱର ମହାନ୍ତି, ମନୋରଂଜନ ଦାସ, ଅକ୍ଷୟ ପରିଡା, ଭାସ୍କର ମିଶ୍ର, ଶ୍ରୀମନ୍ତ ଘୋଷ, ଅପର୍ଣ୍ଣା ଚୌଧୁରୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି



ଖଇରା,୧୩।୪ (ସମିସ): ବାଲେଶ୍ୱର ଜିଲାପାଳ ସୁର୍ଯ୍ୟବଂଶୀ ମୟୁରବିକାଶ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଖଇରା ଶିକ୍ଷକଭବନ ପରିସରରେ ମିଳିତ ଜନଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏସପିଙ୍କ ଅନୁପସ୍ଥିରେ ମୋଟ ୧୦୮ ଜଣ ଦାଖଲ କରିଥିବା ଅଭିଯୋଗର ଶୁଣାଣି କରାଯାଇଥିଲା। ଔପଦା ବ୍ଲକର ଫତେପୁର ଠାରୁ ହରିହରପୁର ଶାସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାନଗଲେ ଗ୍ରାମବାସୀ ମାନେ ଭୋଟବର୍ଜନ କରିବାକୁ ଲିଖିତ ଭାବେ ଅବଗତ କରାଇଥିଲେ। ଖଇରା ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ମାନଙ୍କୁ ପରିଚୟ ପତ୍ର ମିଳୁନଥିବା ନେଇ ମଞ୍ଚର କାର୍ଯ୍ୟକର୍ତ୍ତାମାନେ ଜିଲାପାଳଙ୍କ ହସ୍ତକ୍ଷେପ ଦାବି କରିଥିଲେ। ସେହିଭଳି କୁପାରୀ, ବର୍ଡନା, କୋଚିଆକୋଇଲି ରାଜସ୍ୱ କ୍ଷେତ୍ର ଅଧିନସ୍ଥ ସରକାରୀ ଜମିରେ ପ୍ରଚୁର ପରିମାଣର ମାଙ୍କଡା ଓ ମୋରମ ଗଚ୍ଛିତ ଥିବା ବେଳେ ଏହାକୁ ସରକାରୀ ସ୍ତରରେ ନିଲାମ କରାଯାଉନଥିବାରୁ ଲଘୁଖଣିଜ ଦ୍ରବ୍ୟ ଚୋରାଚାଲାଣ କେଉଥିବା ଏବଂ ୧୯୭୧ ମସିହାରୁ କୁପାରୀ ରାଜସ୍ୱ କ୍ଷେତ୍ରରେ ପଟ୍ଟା ପାଇଥିବା ଭୂମିହୀନ ମାନଙ୍କୁ ଜମି ଚିହ୍ନଟ ଦିଆଯାଉନଥିବାରୁ ଜମି ମାଫିଆ ଓ ପଟ୍ଟାଧାରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଉଥିବା ନେଇ ୩ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଅଭିଯୋଗ କରିଥିଲେ। ରେସନ କାର୍ଡରେ ନାମ ଯୋଡା ଯାଉନଥିବା ନେଇ ବହୁ ରେସନକାର୍ଡଧାରୀ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଉକ୍ତ ଶୁଣାଣି ଶିବିରରେ ଏଡିଏମ ହେମନ୍ତ କୁମାର ସିଂ,ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ,ଏପିଡି ମଧୁସ୍ମିତା ସାମନ୍ତରାୟ,ମୁଖ୍ୟଚିକିତ୍ସାଧିକାରୀ ଅନିଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ନାରାୟଣ ସାହୁ,ତହସିଲଦାର ଅମିତ ରଞ୍ଜନ ହୋତା,ଆଇଆଇସି ଜନ ପଟ୍ଟନାୟକ,ବିଏସଏସଓ ସରୋଜ କୁମାର ନାୟକ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦ୍ରୁପଦ ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଭାରତୀୟ ଜ୍ଞାନ ପରମ୍ପରା ବିଷୟକ ଜାତୀୟ ସମ୍ମିଳନୀ

ବାଲେଶ୍ୱର,୧୩।୪(ସମିସ): 'ଭାରତୀୟ ଜ୍ଞାନ ପରମ୍ପରା ଓ ସାମଗ୍ରିକ ଶିକ୍ଷା: ନୀତି, ସମସ୍ୟା ଓ ସୁଯୋଗ' ବିଷୟକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ପ୍ରଫେସର କାହ୍ନୁଚରଣ ସାହୁ, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭରତ କୁମାର ପଣ୍ଡା ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭିକ ଉଦବୋଧନରେ ବିଭାଗ ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଅତିଥିମାନଙ୍କୁ ସ୍ୱାଗତ କରି ସମ୍ମିଳନୀର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ଏଥିସହ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ବିଷୟବସ୍ତୁର ଆବଶ୍ୟକତା ଉପସ୍ଥାପନା କରିଥିଲେ ଓ ଡ଼କ୍ଟର ପ୍ରତିମା ପ୍ରଧାନ ଏହାର ଶିକ୍ଷାତ୍ମକ ଓ ସାମାଜିକ ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଡ଼କ୍ଟର ରଞ୍ଜନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଦିନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ପ୍ରଫେସର ଭାସ୍କର ବେହେରା, ପ୍ରଫେସର ଭୁଜେନ୍ଦ୍ର ନାଥ ପଣ୍ଡା, କେନ୍ଦ୍ରୀୟ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ ପ୍ରଫେସର ମନୋଜ ସକ୍ସେନା ଓ ପ୍ରଫେସର ଭରତ କୁମାର ପଣ୍ଡା ଯୋଗ ଦେଇଥିଲେ। ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ସଂଗଠନ ସଚିବ ଭାବେ କାର୍ଯ୍ୟଭାର ନେଇଥିଲେ ଏବଂ ଡ଼କ୍ଟର ପ୍ରତିମା ପ୍ରଧାନଙ୍କ ସହିତ ଅନ୍ୟ ଅଧ୍ୟାପକ-ଅଧ୍ୟାପିକା ବିଶେଷ ସହଯୋଗ କରିଥିଲେ।

## ଦାୟିତ୍ୱ ଗ୍ରହଣ କଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ



ବାଲେଶ୍ୱର,୧୩।୪(ସମିସ): ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବାଲେଶ୍ୱରର ଅଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି ବାଲେଶ୍ୱରର ବିପିନ ମାର୍ଣ୍ଡି। ଏନେଇ ସେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଜିଲ୍ଲାମଙ୍ଗଳ ଅଧିକାରୀଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ଦାୟିତ୍ୱ ଗ୍ରହଣ ମଧ୍ୟ କରିଛନ୍ତି। ବାଲେଶ୍ୱର ଜିଲ୍ଲାର ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ସଂସ୍ଥା ନୀଳଗିରିରେ ସିମିତ ଥିବା ବେଳେ ଏହାକୁ ସମଗ୍ର ଜିଲ୍ଲାରେ ବ୍ୟାପକ କରିବା ପାଇଁ ସେ ପ୍ରକାଶ କରିଛନ୍ତି। ଏହାଛଡ଼ା ଜିଲ୍ଲାର ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଶ୍ରମ ସ୍କୁଲ,ଛାତ୍ରାବାସ ନିର୍ମାଣ ସହ ବୃତି ପ୍ରଦାନ କରିବା ଏବଂ ଦୁର୍ଗମ ଅଂଚଳକୁ ଗମନାଗମନ, ପିଇବା ପାଣି, ଆଲୋକୀ କରଣ, କୃଷି କ୍ଷୁଦ୍ର ଶିଳ୍ପ ପାଇଁ ସହାୟତା ଓ ତାଲିମ ପ୍ରଦାନ ସୁବିଧା ସହ ଆଦିବାସୀମାନଙ୍କ ରୋଜଗାରକ୍ଷମ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଅଧ୍ୟକ୍ଷ ଶ୍ରୀ ମାର୍ଣ୍ଡି ସୂଚନା ଦେଇଛନ୍ତି।

## ନେସ୍କୋ ଶକ୍ତି କର୍ମଚାରୀ ସଂଘର ଆନ୍ଦୋଳନ ଚେତାବନୀ

ଜଳେଶ୍ୱର,୧୩।୪(ସମିସ): ଜଳେଶ୍ୱର ବ୍ଲକ ପଶ୍ଚିମବାର୍ଡ ଠାରେ ସେକ୍ସନ -୨ ଆନୁକୂଲ୍ୟରେ ନେସ୍କୋ କର୍ମଚାରୀ ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସଂଘର ସାଧାରଣ ସହ ସମ୍ପାଦକ ପ୍ରଦୀପ କୁମାର ଜେନା ସଭାପତିତ୍ୱ କରି ନେସ୍କୋର ଶ୍ରମିକ ମାରଣ ନୀତିକୁ ତିବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ଉପଖଣ୍ଡ ସଂଯୋଜକ ସୁକୁମାର ଦେ, ଜଳେଶ୍ୱର ଉପଖଣ୍ଡ ସଂଯୋଜକ ଚିତ୍ତ ସାମିଲ୍, ଜଳେଶ୍ୱର ସଂଯୋଜକ ଚନ୍ଦନ ଭୂୟାଁ, କୋଷାଧ୍ୟକ୍ଷ ରାଜକିଶୋର ରାଉତ,ଦିନେଶ ମହାନ୍ତି, ଚନ୍ଦନ ବେହେରା, ଅଶୋକ ଜେନା,ପଦ୍ମ ଲୋଚନ ବେହେରା, ରାଜୀବ କୁମାର ପାତ୍ର,ତନ୍ମୟ ବେହେରା, ଉତ୍ତମ କୁମାର ନାଥ, ଗୌରାଙ୍ଗ ଦାସ, ମଧୁସୂଦନ ଦାସ, ଆଶିଷ ଗିରି, ନିର୍ମଳ ଦତ୍ତ, ବିଶ୍ୱଜିତ ସାମଲ ପ୍ରମୁଖ ଯୋଗଦେଇ ଶ୍ରମିକ ଛଟେଇ, ସ୍ଥାୟୀ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା, ଅସ୍ଥାୟୀ କର୍ମଚାରୀଙ୍କ ଦରମା ବୃଦ୍ଧି,ମାସିକ ପେଟ୍ରୋଲ ଖର୍ଚ୍ଚ ବୃଦ୍ଧି,କାର୍ଯ୍ୟ ସମୟ ସୀମା ଧାର୍ଯ୍ୟ, ଭବିଷ୍ୟତ ନିଧି ପାଣ୍ଠିର ଅନିୟମିତତା, ଉଡାନ ପ୍ରଶିକ୍ଷଣରେ ତୁରନ୍ତ ପରୀକ୍ଷା ଲାଗି ଦାବି କରିଥିଲେ। ଏହି ସବୁ ସମସ୍ୟା ସମ୍ପର୍କରେ ବିଭାଗୀୟ ଜଳେଶ୍ୱର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଦାବିପତ୍ର ଲାଗି ନିଷ୍ପତ୍ତି ହୋଇଛି। ଉକ୍ତ ନ୍ୟାର୍ଯ୍ୟ ଦାବି ଗୁଡିକୁ ଟିପିଏନଓଡିଏଲ କର୍ତ୍ତୃପକ୍ଷ ସମାଧାନ ନକଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ସଂଘ ଚେତାବନୀ ଦେଇଛି। ସଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ ଦେଇଥିଲେ।

## 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ

ଜଳେଶ୍ୱର, ୧୩। ୪ (ସମିସ): ଓଡିଆ ପକ୍ଷ ପାଳନ ଅବସରରେ ଆଜି ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଜଳେଶ୍ୱରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି। ଜଳେଶ୍ୱର ପୌରପାଳିକା ପକ୍ଷରୁ ବିଭିନ୍ନ ସ୍ୱଙ୍ଘ ସହାୟକ ମହିଳା ଗ୍ରୁପର ସଦସ୍ୟାମାନେ ବିଭିନ୍ନ ପ୍ରକାରର ଓଡିଆ ଘରର ପିଠା ପଣା ଓ ଖାଦ୍ୟ ପ୍ରଦର୍ଶନୀ କରିବା ସହିତ ସମସ୍ତଙ୍କୁ ପରିବେଷଣ କରିଥିଲେ। ଏହି ଅବସରରେ ପୌରପାଳିକା ତରଫରୁ ଓଡିଆ ଖାଦ୍ୟ ଦହି ପଖାଳ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଳେଶ୍ୱର ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ତହସିଲଦାର ସତ୍ୟଜିତ ମହାନ୍ତି, ଆଇଆଇସି ଅଶୋକ କୁମାର ବାରିକ ପ୍ରମୁଖ ଯୋଗଦେଇ ଦିବସକୁ ପାଳନ କରିଥିଲେ। ସେହିପରି ଜଳେଶ୍ୱର ବ୍ଲକ ପରିସରରେ ବିଭିନ୍ନ ଗ୍ରାମ ପଂଚାୟତରୁ ସ୍ୱଙ୍ଘ ସହାୟକ ମହିଳା ଗ୍ରୁପର ସଦସ୍ୟ ମାନେ ବ୍ଲକ ପରିସରରେ ଓଡିଆ ଘର ଖାଦ୍ୟର ଷ୍ଟଲ ଖୋଲି ସମସ୍ତଙ୍କୁ ପରିବେଷଣ କରିଥିଲେ। ସେହିପରି ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଛାତ୍ରୀ ମାନଙ୍କ ଦ୍ୱାରା ଓଡିଆ ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମରେ ଓଡିଆ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ତହସିଲଦାର ସତ୍ୟଜିତ ମହାନ୍ତି ଓ ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ଚାନ୍ଦ ମିଳିତ ଭାବେ ଉଦ୍‌ଘାଟନ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ, ସମାଜସେବୀ କମଳ ଚକ୍ରବର୍ତୀ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ରହି ଖାଦ୍ୟର ମାନ ପରୀକ୍ଷା କରିଥିଲେ।

## 'ଇତି ପରିବାର'ର ସ୍ୱନକ୍ଷତ୍ର ଦିବସ



ବାଲେଶ୍ୱର,୧୩।୪(ସମିସ): 'ଇତି' ପରିବାରର ତୃତୀୟ ସ୍ୱନକ୍ଷତ୍ର ଦିବସ 'ଆହ୍ୱାନ ୨୦୨୬' ସ୍ଥାନୀୟ ଗାନ୍ଧି ସ୍ମୃତି ଭବନରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ପ୍ରତିଷ୍ଠାତା ମୁରଲୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁନି ନୃତ୍ୟ ଶିଳ୍ପୀ ଅମଇରା ଦାଶ ଜଗନ୍ନାଥଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ପୂର୍ବତନ ଏବିଇଓ ବିକର୍ତ୍ତନ ନାୟକ, ଅନ୍ୟତମ ଅତିଥି ଭାବେ ରବୀନ୍ଦ୍ର ନାୟକ, ସମ୍ପାଦିକା ଡ. ବିଥିକାରାଣୀ ପଟ୍ଟନାୟକ ଆଗାମୀ ଦିନର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ସଂଗୀତା ରଥ ଅତିଥି ପରିଚୟ ଦେଇଥିଲେ। ବିଚାରକ ଭାବେ ସତ୍ୟଭାମା ମୁଦୁଲି, ରବୀନ୍ଦ୍ର ମାଝୀ, ପୁଷ୍ପା ବେହେରା, ଆଶିଷ ପାତ୍ର ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ପଣ୍ଡିତ ମନ୍ମଥ ମିଶ୍ର, ଅନ୍ୟତମ ଅତିଥି ସମାଜସେବୀ ରୀତିକ ଜୀ କୃତୀ ଶିଳ୍ପୀଙ୍କୁ ପୁରସ୍କୃତ କରିଥିଲେ। ବିଜୟଲକ୍ଷ୍ମୀ ମିଶ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ଯୁଗ୍ମ ସମ୍ପାଦିକା ମିନତୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଜୟଶ୍ରୀ ପ୍ରାମାଣିକ, ଦମୟନ୍ତୀ ସେଠୀ, ରେବତୀ ନାୟକ, ସତ୍ୟ ଦାସ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ହିଡିଗାଁ,ମା ଖଣ୍ଡକାଳୀ ୟୁପି ସ୍କୁଲ, ଦେବାଂଶୀ, ଝାଡ଼େଶ୍ୱର ଇଣ୍ଟରନେସନାଲ, ରୋୟାଲ, ଟାଇଲଡ ଫାଇନ ଆର୍ଟ, ହୋମ ସୁଇଟ ଅଂଶଗ୍ରହଣ କରିଥିଲେ।

## ଯୋଗଦେଲେ ନୂତନ ଅଧ୍ୟକ୍ଷ

ଖଇରା,୧୩।୪ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡା ହରେକୃଷ୍ଣ ମହତାବ କଲେଜରେ ଦୀର୍ଘଦିନ ଧରି ଅଧ୍ୟକ୍ଷ ପଦ ଖାଲି ପଡିବା ପରେ ସୋମବାର ନୂତନ ଅଧ୍ୟକ୍ଷ ଭାବେ କପ୍ତିପଦା କଲେଜ ଇଂରାଜୀ ଅଧ୍ୟାପକ ସରୋଜ ଲେଙ୍କା ଅଧ୍ୟକ୍ଷ ଭାର ଗ୍ରହଣ କରିଛନ୍ତି। ପାଖାପାଖି ୬ମାସ ଧରି ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଯୁଧିଷ୍ଠିର କୁଅଁର ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଥିଲେ। କଲେଜରେ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ତଥା ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତାଙ୍କର ପ୍ରାଥମିକତା ହେବ ବୋଲି ଅଧ୍ୟକ୍ଷ ଲେଙ୍କା ପ୍ରକାଶ କରିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ଅଧ୍ୟାପିକା, ଅଧ୍ୟାପକ,କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ପ୍ରାକ୍ତନ ଟ୍ରେଜେରୀ କର୍ମଚାରୀଙ୍କ ପରଲୋକ

ଖଇରା,୧୩।୪ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପାର୍ବତୀପୁର ଗ୍ରାମର ଅବସରପ୍ରାପ୍ତ ଟ୍ରେଜେରୀ କର୍ମଚାରୀ ଉପେନ୍ଦ୍ର ପ୍ରସାଦ ପତି(୮୩) ଶନିବାର ପରଲୋକ ଗମନ କରିଛନ୍ତି। ମୃତ୍ୟୁ ଖବର ପାଇ ଶିକ୍ଷକ ନେତା ସୁଶାନ୍ତ ମହାପାତ୍ର ଓ ବହୁ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ପତି ବାଲେଶ୍ୱର ଟ୍ରେଜେରୀରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟକରି ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ।

## ପାନୀୟ ଜଳ ପାଇଁ ବିଡିଓଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ



ନୀଳଗିରି, ୧୩।୪ (ସମିସ): ଗ୍ରୀଷ୍ମ ଆରମ୍ଭରେ ଲୋକଙ୍କ ଜଳକଷ୍ଟ ଦେଖିବାକୁ ମିଳିଛି। ବିଭାଗର ଅବହେଳା ପାଇଁ ବାଧ ହୋଇ ଜଣେ ସରପଞ୍ଚ ଆଜି ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନୀଳଗିରି ବ୍ଲକର ତେଲିପାଳ ପଞ୍ଚାୟତର ରାଇପାଳ ବସୁଧା ଜଳଯୋଗାଣ ପ୍ରକଳ୍ପ ଅଧୀନରେ ଥିବା ଗୋହିରା, ରାଇପାଳ ଗ୍ରାମର ଶତାଧିକ ପରିବାର ପାଣିପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରେ ଘରେ ପାଇପଯୋଗେ ଜଳ ଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ବି ଏଯାବତ ସେମାନ ବିଶୁଦ୍ଧଜଳ ବୁନ୍ଦାଏ ପାଇପାରିନାହାନ୍ତି। ଯାହାକୁ ନେଇ ଗ୍ରାମବାସୀ ଆରଡବ୍ଲୁଏସଏସ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଏ ବାବଦରେ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହିପରି ଉକ୍ତ ପଞ୍ଚାୟତର ଭୋଳାନାଳ,କେନ୍ଦୁଆ ଓ ହୁଡିସାହିରେ ଜଳଯୋଗାଣ ପାଇଁ ସମସ୍ତ କାର୍ଯ୍ୟ ୬ମାସରୁ ଊର୍ଦ୍ଧ୍ୱସମୟ ହେବ ସମାପ୍ତ ହୋଇଥିଲେ ବି ଏଯାବତ ପାଣି ଛଡାଯାଇନାହିଁ। ଯାହାପାଇଁ ଉକ୍ତ ପଞ୍ଚାୟତବାସୀ ପାଣିପାଇଁ ତହଳ ବିକଳ ହେଉଛନ୍ତି। ଶେଷରେ ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତେଲିପାଳ ସରପଞ୍ଚ ବାହାମଣୀ ମାର୍ଣ୍ଡି ନୀଳଗିରି ବିଡିଓଙ୍କୁ ଏ ବାବଦରେ ତୁରନ୍ତ ସମାଧାନ କରିବାପାଇଁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

## କଟୁରୀରେ ହାଣି ଲୁଟିନେଲେ ପାଞ୍ଚ ଲକ୍ଷ

ସୋର, ୧୩।୪ (ସମିସ): ଅନନ୍ତପୁର ଥାନା ବାରିକପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ତେଲେଙ୍ଗା କଟୁରୀରେ ହାଣି ପାଞ୍ଚ ଲକ୍ଷ ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଞ୍ଚଳର ମାନସ କୁମାର ମିଶ୍ର ରାଣୀତାଲ, ମାର୍କୋଣା ଏବଂ ସୋର ରୁ ରେଲୱେ ଟିକେଟ ପଇସା କଲେକ୍ସନ କରି ବାହାନଗା ଷ୍ଟେସନକୁ ଯାଉଥିବା ବେଳେ ବାରିକପୁର ଗ୍ରାମରେ ଦୁଇଟି ମଟରସାଇକେଲରେ ପାଞ୍ଚଜଣ ଯୁବକ ଗାଡିକୁ ଅଟକାଇ ତେଲେଙ୍ଗା କଟୁରୀରେ ଗାଡିର ଟାଙ୍କିକୁ ହାଣି ପରେ ହାତକୁ ହାଣି ପାଞ୍ଚଲକ୍ଷ ଟଙ୍କା ଲୁଟି ନେଇ ବାଇକ୍‌ରେ ସୋର ଆଡକୁ ଦ୍ରୁତଗତିରେ ପଳାଇଯାଇଥିଲେ। ଖବରପାଇ ଅନନ୍ତପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶ୍ରୀ ମିଶ୍ର ଙ୍କୁ ଉଦ୍ଧାର କରି ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଅନନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅନନ୍ତପୁର ପୁଲିସ ଅଭିଯୋଗ ମୂଳେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଇଶାଣୀ ବୈଶାଖୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ସର୍ବଧର୍ମ ସମନ୍ୱୟର ମାଟି ଭାବେ ଇଶାଣୀ ଉଭା ହେବା ଆବଶ୍ୟକ

ବାଲେଶ୍ୱର,୧୩।୪ (ସମିସ)




ସ୍ଥାନୀୟ ଉଡାଯାତ୍ରା ପଡିଆ ତଥା ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟାଡିୟମରେ ପଞ୍ଚ ଦିବସୀୟ ଏକାଦଶ ସଂସ୍କରଣ 'ବୈଶାଖୀ ମହୋତ୍ସବ'ର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ୪ର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ 'ସକାଳ'ର ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ପ୍ରାକ୍ତନ ସଭ୍ୟ ଗିରିଶ ଚନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥି ସୌଜନ୍ୟ ଭାବେ ବିଶିଷ୍ଟ ଜନବାଦୀ କର୍ମୀ ଅରୁଣ ଜେନା ଓ ଯୁବ ଉଦ୍ୟୋଗୀ ଚନ୍ଦ୍ରଶେଖର ରାଉତ ଉପସ୍ଥିତ ଥିଲେ। ଅହିଂସାର ପୂଜାରୀ ମହାତ୍ମାଗାନ୍ଧୀଙ୍କ ପଦ ରୁଜୁ ପଡ଼ିଥିବା ଏହି ଐତିହାସିକ ମାଟି ଶାନ୍ତି, ମୈତ୍ରୀ ଓ ପ୍ରଗତିର ପ୍ରତୀକ। ଏହି ସତ୍ୟାଗ୍ରହର ସ୍ମୃତି ବହନ କରୁଥିବା ଇଶାଣୀ ମାଟି ଆଗାମୀ ଦିନରେ ସର୍ବଧର୍ମ ସମନ୍ୱୟର ମାଟି ଭାବେ କେମିତି ଉଭା ହେବ ସେଦିଗରେ ସଭିଙ୍କ ପ୍ରୟାସ ଜାରି ରହିବା ଦରକାର ବୋଲି ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ଭୋସଲେଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଶାଖୀ ମହୋତ୍ସବର କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଦସ୍ୟା ମମତା ଦାସ ମଞ୍ଚାସୀନ ଥିଲେ। ଅନୁଷ୍ଠାନ କାର୍ଯ୍ୟକାରୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ରଖିଥିବା ବେଳେ ଉପସଭାପତି ନରେନ୍ଦ୍ର ଦାସ କାର୍ଯ୍ୟକ୍ରମ ନିଷ୍ପାଦନ କରିଥିଲେ। କାର୍ଯ୍ୟକାରୀ ସଦସ୍ୟ ଦୀନବନ୍ଧୁ ଦାସ ଶେଷ କଥା ରଖିଥିଲେ। ଏହି ଅବସରରେ ସଭା ପରେ ଅନନ୍ୟା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୮ଟି ଅଭିଯୋଗର ତତ୍କାଳ ସମାଧାନ

କେନ୍ଦ୍ରାପଡ଼ା,୧୩।୪(ସମିସ)



ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରରେ ୭୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୮ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଛି।

ଆଜି ଜନଶୁଣାଣି ଶିବିରରେ ୭୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିରେ ୬୧ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଅଭିଯୋଗ ଥିଲା। ଏଥିମଧ୍ୟରୁ ୮ଟି ଅଭିଯୋଗର ସ୍ଥଳରେ ତୁରନ୍ତ ସମାଧାନ କରାଯାଇଥିବା ସୂଚନା ମିଳିଛି। ଏଥିସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ୧୬,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ଗୌଡ଼, ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର କୁଇନ ଜେନା ଓ ଡେପୁଟି କଲେକ୍ଟର ସରୋଜ ବେହେରାଙ୍କ ସହ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

● ମହେନ୍ଦ୍ର ମଲିକ ମୃତ୍ୟୁ ମାମଲାରେ ନୂତନ ମୋଡ଼

# ବ୍ୟବଚ୍ଛେଦ ରିପୋର୍ଟରେ ଆକ୍ରମଣ ସୂଚନା

କେନ୍ଦ୍ରାପଡ଼ା,୧୩।୪(ସମିସ): ସଦର ଥାନା ଅଧୀନସ୍ଥ ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ ଭାଣ୍ଡିଲୋ ଗ୍ରାମର ଚର୍ଚ୍ଚିତ ମହେନ୍ଦ୍ର ମଲିକ ମୃତ୍ୟୁ ମାମଲାରେ ଏବେ ନୂତନ ମୋଡ଼ ଦେଖାଯାଇଛି। ୨୫ ଦିନର ବିଳମ୍ବ ପରେ ଆସିଥିବା ବ୍ୟବଚ୍ଛେଦ ରିପୋର୍ଟ ଘଟଣାକୁ ଆଉ ଅଧିକ ସନ୍ଦେହଜନକ କରିଦେଇଛି। ପ୍ରାଥମିକ ତଦନ୍ତ ପ୍ରକ୍ରିୟାରେ ବିଳମ୍ବକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଗତ ମାର୍ଚ୍ଚ ୧୬ ତାରିଖ ସନ୍ଧ୍ୟାରେ ମହେନ୍ଦ୍ରଙ୍କୁ କୁରାଢ଼ିରେ ଆକ୍ରମଣ କରାଯାଇଥିଲା। ଆକ୍ରମଣ ପରେ ତାଙ୍କ ବାଇକକୁ ଛଡ଼ାଇ ନେଇ ଅଭିଯୁକ୍ତ ପଳାଇଥିବା ଅଭିଯୋଗ ରହିଛି। ଗୁରୁତର ଆହତ ଅବସ୍ଥାରେ ମହେନ୍ଦ୍ର ଘଟଣାସ୍ଥଳ ନିକଟସ୍ଥ ଏକ ଚାହା ଦୋକାନରେ ଆଶ୍ରୟ ନେଇଥିବାବେଳେ ସ୍ଥାନୀୟ କିଛି ମହିଳା ତାଙ୍କୁ ପାଣି ପିଆଇ ସହାୟତା କରିଥିଲେ। ପରିବାର ଲୋକ ବିଳମ୍ବରେ ଖବର ପାଇ ଖୋଜାଖୋଜି କରିବା ସତ୍ତ୍ୱେ ମହେନ୍ଦ୍ର ମିଳି ନ ଥିଲେ। ପରଦିନ ସକାଳେ ତାଙ୍କ ଝୁଲନ୍ତା ମୃତଦେହ ଏକ ଚାଖୁଣ୍ଡା ଗଛରୁ ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତକଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ମଲିକ ମାର୍ଚ୍ଚ ୧୯ ତାରିଖରେ ହତ୍ୟା ଅଭିଯୋଗ କରିଥିବା ସତ୍ତ୍ୱେ ପୁଲିସ ଏହାକୁ ଆତ୍ମହତ୍ୟା ମାମଲା ବିଚାର କରି ଅଭିଯୋଗ ପଞ୍ଜୀକରଣ କରି ନ ଥିବା ଅଭିଯୋଗ ଉଠିଛି। ପରେ ଉଚ୍ଚ ଅଧିକାରୀଙ୍କୁ ଗୁହାରି କରିବା ପରେ ଏପ୍ରିଲ ୩ରେ ମାମଲା ରୁଜୁ କରାଯାଇଥିଲା। ଏ ପର୍ଯ୍ୟନ୍ତ ତଦନ୍ତରେ ଅଗ୍ରଗତି ନ ହେବାକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ଆସିଥିବା ବ୍ୟବଚ୍ଛେଦ ରିପୋର୍ଟରେ ଗୁରୁତର ଆଘାତ ଓ ଆକ୍ରମଣର ସୂଚନା ମିଳିଥିବା ଜଣାପଡ଼ିଛି। କୁରାଢ଼ିରେ ଆକ୍ରମଣ ହୋଇଥିବା ନେଇ ରିପୋର୍ଟରେ କ୍ଷତ ଚିହ୍ନ ଉଲ୍ଲେଖ ରହିଥିବା କୁହାଯାଉଛି। ମୃତକଙ୍କ ବାଇକକୁ ଅଭିଯୁକ୍ତ ଏକ ନିର୍ଜନ ସ୍ଥାନରେ ଛାଡ଼ିଯାଇଥିବା ଓ ପ୍ରତ୍ୟକ୍ଷଦର୍ଶୀଙ୍କୁ ଭୟଭୀତ କରାଯାଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଏପରି ପରିସ୍ଥିତିରେ ପୁଲିସ ନିରବ ଥିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଯଁଆଁରାବାରିମୂଳ ଓ ହରିଅଙ୍କ ପଞ୍ଚାୟତରେ ଖାଦ୍ୟ ଦିବସ

ଡେରାବିଶ,୧୩।୪(ସମିସ): ଓଡ଼ିଆ ପକ୍ଷ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ



ହୋଇଯାଇଛି। ଏ ଉପଲକ୍ଷେ ଡେରାବିଶ ଯଁଆଁରାବାରିମୂଳ ପଞ୍ଚାୟତ ମହାସଂଘ କାର୍ଯ୍ୟାଳୟ ପରିସରରେ ଏମ୍‌ବିକେ ତିଲୋତ୍ତମା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପାରମ୍ପରିକ ଖାଦ୍ୟ ପାଇଁ ଦିନଟିଏ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ସମ୍ମାନିତ ଅତିଥିଭାବେ ମହାସଂଘର ସଭାନେତ୍ରୀ ହରପ୍ରିୟା ପରିଡ଼ା, ସଭାନେତ୍ରୀ ଅନୀତା ରାଉତ ଯୋଗଦେଇ ଅତ୍ୟାଧୁନିକ ଖାଦ୍ୟକୁ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ କିଶୋରୀ ବାଳିକାଙ୍କ ମଧ୍ୟରେ ପାରମ୍ପରିକ ଖାଦ୍ୟ ଶୀର୍ଷକରେ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ବାଳିକାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ହରିଅଙ୍କ ପଂଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଡେରାବିଶ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସରପଞ୍ଚ କନକଲତା ପ୍ରଧାନ, ବିପିଏମ୍ ଅମୀୟ ରାଉତ, ଏମ୍‌ବିକେ ମାନସୀ ନାୟକ, ଜିପିଏଲଏଫ୍ ସଭାପତି ନର୍ମଳା ରାୟ, ସମ୍ପାଦିକା ସୌଦାମିନୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

● ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ ଘଟଣା

# ମାଧ୍ୟମିକ ଶିକ୍ଷା ପରିଷଦର ଚିଠି ପରେ ହେଲା ନାମଲେଖା

'ସକାଳ' ପ୍ରଭାବ

ପଞ୍ଚୁପାଣ୍ଡବ,୧୩।୪(ସମିସ): ଶିକ୍ଷା ବିଭାଗ ଅଧିକାରୀଙ୍କ ଅବହେଳା ଯୋଗୁଁ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଥିଲା। ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ ହୋଇଥିବା ଘଟଣାକୁ ନେଇ ଗତ ରବିବାର ଦିନ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ଶିକ୍ଷା ବିଭାଗ ଅଧିକାରୀ ତତ୍ପର ହୋଇ ଉଠିଥିବା ଦେଖିବାକୁ ମିଳୁଛି। କେତେକ ବିଦ୍ୟାଳୟରେ ସିଓଆର ନ ଥିବାରୁ ଆଦର୍ଶ ବିଦ୍ୟାଳୟ ହେଉ କି ନବୋଦୟ ବିଦ୍ୟାଳୟରେ ନାମ ଲେଖିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଚାଟରାଚକଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢୁଥିବା ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ ହୋଇଥିଲେ। ଏ ଖବର ଗଣମାଧ୍ୟମରେ ପ୍ରକାଶ ପାଇବାରୁ ଶିକ୍ଷା ବିଭାଗ ଅଧିକାରୀଙ୍କ ଚେତା ପଶିଛି। ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କ ଚିଠି ଦ୍ୱାରା ସୋମବାର ଦିନ ନାମ ଲେଖାରୁ ବଞ୍ଚିତ ହୋଇଥିବା ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟରେ ନାମ ଲେଖି ଥିବା ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁ କହିଛନ୍ତି। ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରୀପାଟଣା ଗ୍ରାମର ସପନ ମହାପାତ୍ରଙ୍କ ପୁଅ ଓମ୍‌ପ୍ରକାଶ ମହାପାତ୍ର ଚାଟରାଚକଡା ଛତାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଢୁଥିଲେ। କୁରୁଜଙ୍ଗା ଆଦର୍ଶ ବିଦ୍ୟାଳୟରେ ପଢିବା ପାଇଁ ପ୍ରବେଶିକା ପରୀକ୍ଷା ଦେଇ ୬୦ରୁ ୪୨ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଷଷ୍ଠ ଶ୍ରେଣୀରେ ନାମ ଲେଖିବା ପାଇଁ ଆଦର୍ଶ ବିଦ୍ୟାଳୟରେ ସିଓଆର୍ (ସାର୍ଟିଫିକେଟ ଅଫ୍ ରେକଗନିସନ୍) ନ ଥିବାରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କର୍ତ୍ତୃପକ୍ଷ ଆଜିକାଲି କହି ଦିନ ଗଡ଼ାଇ ଥିବାରୁ ନାମଲେଖାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଥିଲା। ଏ ବିଷୟରେ ଖବର ପ୍ରକାଶ ପାଇବା ପରେ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କ ଚିଠି ଅନୁଯାୟୀ ଯେଉଁ ବିଦ୍ୟାଳୟ ସିଓଆର ପାଇଁ ଦରଖାସ୍ତ କରିଛନ୍ତି, ସେହି ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ଆଦର୍ଶ ଓ ନବୋଦୟ ବିଦ୍ୟାଳୟରେ ନାମ ଲେଖି ପାରିବେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଚାରିଜଣ ପିଲାଙ୍କ ମଧ୍ୟରୁ ତିନିଜଣଙ୍କ ନାମ ଲେଖାଯାଇଥିବା ଜଣାପଡ଼ିଛି। ଅବଶିଷ୍ଟ ପିଲା ୨୦ ତାରିଖ ପର୍ଯ୍ୟନ୍ତ ନାମ ଲେଖିପାରିବେ ବୋଲି ସୂଚନା ଦିଆଯାଇଛି।

## ହନୁମାନ ଜୟନ୍ତୀ ପୂର୍ବରୁ କେନ୍ଦ୍ରାପଡ଼ାରେ ପୁଲିସର ଫ୍ଲାଗମାର୍ଚ୍ଚ

କେନ୍ଦ୍ରାପଡ଼ା,୧୩।୪(ସମିସ): ହନୁମାନ ଜୟନ୍ତୀ ଉପଲକ୍ଷେ କେନ୍ଦ୍ରାପଡ଼ା ସହରରେ ମଙ୍ଗଳବାର ବିଶେଷ କାର୍ଯ୍ୟକ୍ରମ ସହ ବିରାଟ ଶୋଭାଯାତ୍ରା ଆୟୋଜନ ହେବାକୁ ଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁନିଶ୍ଚିତ କରିବା ପାଇଁ ପୁଲିସ ପକ୍ଷରୁ ସୋମବାର ସନ୍ଧ୍ୟାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ବଜରଙ୍ଗ ଦଳ ଓ



ହନୁମାନ ଭକ୍ତଙ୍କ ପକ୍ଷରୁ ସହରରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ ହେବ। ଯେଉଁଥିରେ ୨୦ ହଜାରରୁ ଅଧିକ ଯୁବକ ଯୋଗଦେବେ ବୋଲି ଅନୁମାନ କରାଯାଇଛି। ଏ ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ପୁରୁଣା ବସଷ୍ଟାଣ୍ଡରୁ ଆରମ୍ଭ ହୋଇଥିବା ଫ୍ଲାଗମାର୍ଚ୍ଚ ସହର ମଧ୍ୟଦେଇ ତିନିମୁହାଣି ଛକ ପର୍ଯ୍ୟନ୍ତ ପରିଚାଳିତ ହୋଇଥିଲା। ଫ୍ଲାଗମାର୍ଚ୍ଚରେ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନେତୃତ୍ୱରେ ଦୁଇ ଅତିରିକ୍ତ ଏସ୍‌ପି, ୮ ଡିଏସ୍‌ପି, ୧୯ ଇନ୍ସପେକ୍ଟର, ୭୩ ସବଇନ୍ସପେକ୍ଟର ଓ ଏଏସ୍‌ଆଇ, ୧୫୨ ହାବିଲଦାର ଓ କନଷ୍ଟେବଲ, ୧୫୬ ଗୃହରକ୍ଷୀ ଓ ୭ ପ୍ଲାଟୁନ ପୁଲିସ ବଳ ସାମିଲ ଥିଲେ। ଏ ଅବସରରେ ଏସ୍‌ପି ଶ୍ରୀ କଟାରିଆ କହିଥିଲେ, ହନୁମାନ ଜୟନ୍ତୀ ସଦ୍‌ଭାବନା ଓ ଏକତାର ପର୍ବ। ସମସ୍ତେ ମିଳିମିଶି ଶାନ୍ତିପୂର୍ଣ୍ଣ ଭାବେ ଏହାକୁ ପାଳନ କରିବାକୁ ସେ ଆହ୍ୱାନ ଜଣାଇଥିଲେ।

## ଆମ ରୁଚି, ଆମ ଖାଦ୍ୟ କାର୍ଯ୍ୟକ୍ରମରେ ଓଡ଼ିଆ ଖାଦ୍ୟକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା,୧୩।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ସହଯୋଗରେ ଆମ ରୁଚି, ଆମ ଖାଦ୍ୟ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା ଜିଲ୍ଲାରେ ସଫଳତାର ସହିତ ଆୟୋଜିତ ହୋଇଛି। ଜିଲ୍ଲାର ସମସ୍ତ ପଞ୍ଚାୟତ ମହାସଂଘଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଆ ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିବା ସହ ଗ୍ରାମୀଣ ମହିଳାଙ୍କ ସଶକ୍ତିକରଣକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ପଞ୍ଚାୟତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଗୋଷ୍ଠୀ ମହିଳା ସକ୍ରିୟ ଭାବେ ଭାଗ ନେଇ ବିଭିନ୍ନ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତି ଓ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପାରମ୍ପରିକ ଖାଦ୍ୟ ପ୍ରତି ଲୋକଙ୍କ ଆଗ୍ରହ ବଢ଼ାଇବା, ପୁରୁଣା ଖାଦ୍ୟ ଅଭ୍ୟାସକୁ ପୁନରୁଦ୍ଧାର କରିବା। ଏଥିସହ ମହିଳାମାନେ ନିଜ ପାକଶାଳା କୌଶଳ ପ୍ରଦର୍ଶନ କରି ସ୍ୱୟଂରୋଜଗାର ଓ ଆତ୍ମନିର୍ଭରଶୀଳ ଦିଗରେ ଆଗେଇବାର ପ୍ରେରଣା ପାଇଥିବା ଦେଖାଯାଇଛି।

## ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୧୩।୪(ସମିସ): ଓଡ଼ିଶାର ପ୍ରାଚୀନ କଳା ସଂସ୍କୃତିକୁ ଋଦ୍ଧିମନ୍ତ କରିବା ସହିତ ଲୋକକଳାର ପ୍ରଚାର ପ୍ରସାର ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲ୍ଲାପାଳ ଆର ରଘୁରାମ ଆୟାରଙ୍କ



ନିର୍ଦ୍ଦେଶରେ ଓଡ଼ିଆ ପକ୍ଷ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ ପକ୍ଷରୁ ଲୋକକଳାକୁ ଅଧିକ ପ୍ରଚାର ପ୍ରସାର ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ସହ ପାରମ୍ପରିକ ଖାଦ୍ୟ ପରିବେଷଣ ଓ ଝୋଟି ପକା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ସଭାପତି ବିମଳ ପ୍ରସାଦ ପରିଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପଟ୍ଟାମୁଣ୍ଡାଇ ବିଡିଓ ଶୀତଳ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ ଯୋଗଦେଇ ଲୋକକଳାକୁ ଋଦ୍ଧିମନ୍ତ କରିବାକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଭାବଗ୍ରାହୀ କଳା ନିକେତନ ଓ କଳା ଶ୍ରୀକ୍ଷେତ୍ର କଳା ନିକେତନ କଳାକାର ପାରମ୍ପରିକ ନୃତ୍ୟ ସଂଗୀତ ପରିବେଷଣ କରିଥିଲେ। ଏ ଅବସରରେ ୬୦ ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ବାଛରା ସମିତି ସଭ୍ୟା ସୁମିତ୍ରା ସାହୁ, ବଡ଼ମୂଳବସନ୍ତ ସମିତିସଭ୍ୟା ସ୍ମୃତିମୟୀ ମଲିକ ପ୍ରମୁଖଙ୍କ ସହ ଶତାଧିକ କଳାକାର ଯୋଗ ଦେଇଥିଲେ। କ୍ଷଣପ୍ରଭା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଯାଦବ ମହାସଭାର ଦୋଳ ମହୋତ୍ସବ

# ଯାଦବଙ୍କ ହକ୍ ପାଇଁ ଲଢ଼େଇ ଜାରି ରହିବ



ମାର୍ଶାଘାଇ,୧୩।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ପିକରାଳି କପିଳମୁନି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ମାର୍ଶାଘାଇ, ମହାକାଳପଡ଼ା, ଗରଦପୁର ବ୍ଲକକୁ ନେଇ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉତ୍କଳ ଯାଦବ ମହାସଭାର ମହାସଚିବ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ଜାତିର ହକ୍ ପାଇଁ ଲଢେଇ କରିବି ବୋଲି କହିଥିଲେ। ସ୍ୱତନ୍ତ୍ର ସମ୍ମାନିତ ଅତିଥି ଯାଦବ ମହାସଭା ରାଷ୍ଟ୍ରୀୟ ଯୁବ ଅଧ୍ୟକ୍ଷ ପ୍ରଦୀପ ବେହେରା ଯୋଗଦେଇ ଯାଦବଙ୍କୁ ଉଚିତ ନ୍ୟାୟ ମିଳୁ ନ ଥିବା ଅଭିଯୋଗ କରିଥିଲେ। ମୁଖ୍ୟବକ୍ତା କେନ୍ଦ୍ରାପଡା ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡ଼ କବିତା ମାଧ୍ୟମରେ ଉପସ୍ଥିତ ଯାଦବଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଯାଦବ ମହାସଭା ସାଧାରଣ ସମ୍ପାଦକ ଚିନ୍ମୟଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ। ସମ୍ମାନିତ ଅତିଥି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ, ରାଜ୍ୟ ଉପସଭାପତି ମନୋଜ ପରିଡ଼ା, କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭା ସଭାପତି ପ୍ରଭାକର ପଲାଇ, ଜିଲ୍ଲା ସଭାପତି ରାଜୁ ଗିବିଲା, ମହିଳା ସଭାନେତ୍ରୀ ସଂଯୁକ୍ତା ବେହେରା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଧୀରେନ୍ଦ୍ର ପୃଷ୍ଟି, ବିଜୟ ପରିଡ଼ା, ଯୁବ ସଭାପତି ମନୋଜ ଦାସ, ଯୁବ କାର୍ଯ୍ୟକାରୀ ସଭାପତି ଧୀରେନ ଦାସ, ମିନତୀ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ଆଗାମୀ ଦିନରେ ସଂଗଠନକୁ କ୍ରିୟାଶୀଳ କରିବା ଦିଗରେ ଉଦବୋଧନ ଦେଇଥିଲେ। ଏ ଅବସରରେ ସାମ୍ବାଦିକ ପ୍ରମୋଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରିନାରାଣୀ ଦାସ, ନିଗମ ଦାସ, ମାନସ ଦାସ, ସୁଶାନ୍ତ କୁମାର ଦାସ, ବଳରାମ ଦାସ, ବୀରଭଦ୍ର ଦାସ, ସଂଗ୍ରାମ ଦାସ, ୯ଟି ବ୍ଲକ ଓ ଦୁଇଟି ମ୍ୟୁନିସିପାଲିଟି ଯାଦବ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ରାଜନଗର,୧୩।୪(ସମିସ): ବ୍ରାହ୍ମଣସାହି ଗାଁରେ ପ୍ରଥମ ଅଂଶୁଘାତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗୋରୁ ପାଳି ନେଇ ଯାଇଥିବା ବୃଦ୍ଧ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ଖୋଜାଖୋଜି କରି ବିଲ ମଧ୍ୟରେ ବୃଦ୍ଧ ମରି ପଡିଥିବା ଦେଖିଥିଲେ। ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ଯୋଗୁଁ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଗତକାଲି ନିରଞ୍ଜନ ଜେନା (୬୫ ବର୍ଷ) ଗାଁର ୧୫୦ରୁ ଅଧିକ ଗୋରୁ ନେଇ ବିଲକୁ ଚରାଇବାକୁ ନେଇଥିଲେ। ପ୍ରଚଣ୍ଡ ଖରାରେ ଗୋରୁ ଚରାଉଥିବା ଅବସ୍ଥାରେ ନିରଞ୍ଜନ ଟଳି ପଡିଥିବା ଗ୍ରାମବାସୀ କହିଛନ୍ତି। ଗାଁରେ ଶୋକାକୁଳ ପରିବେଶରେ ନିରଞ୍ଜନଙ୍କ ଶେଷକୃତ୍ୟ କରାଯାଇଛି।

## ମିଶନ ଶକ୍ତି କାଫେରେ ଜିଲ୍ଲାସ୍ତରୀୟ ଖାଦ୍ୟ ଦିବସ

କେନ୍ଦ୍ରାପଡ଼ା,୧୩।୪(ସମିସ): ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିନ ଅବସରରେ ଡେରାବିଶ ବ୍ଲକ ଅଧୀନସ୍ଥ ମିଶନ ଶକ୍ତି କାଫେରେ ଜିଲ୍ଲାସ୍ତରୀୟ ପାରମ୍ପରିକ ଖାଦ୍ୟ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଓଡ଼ିଶାର ପାରମ୍ପରିକ ଖାଦ୍ୟ ପରମ୍ପରା, ସ୍ୱାଦ ଓ ପୌଷ୍ଟିକ ମୂଲ୍ୟକୁ ପ୍ରଚାର ଓ ପ୍ରସାର କରିବା ସହ ସାଧାରଣ ଲୋକଙ୍କ ଆଗ୍ରହ ବଢ଼ାଇବା।



ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଳିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ପାରମ୍ପରିକ ଖାଦ୍ୟର ଗୁରୁତ୍ୱ ଉପରେ ମତ ରଖିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଡେରାବିଶ ବିଡିଓ ନମିତା ବାରିକ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି ଓ ସରୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏ ଅବସରରେ ବିଭିନ୍ନ ମିଶନ ଶକ୍ତି ଗୋଷ୍ଠୀ ଓ ସ୍ଥାନୀୟ ମହିଳା ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଅତିଥିମାନେ ଏହି ପଦାର୍ଥଙ୍କୁ ଆସ୍ୱାଦନ କରି ମହିଳାଙ୍କ ପ୍ରଶଂସା କରିଥିଲେ।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ



ରାଜକନିକା,୧୩।୪(ସମିସ): ନାବାଳିକାଙ୍କୁ ଟ୍ୟୁସନରୁ ଫେରିବା ସମୟରେ ଚକୋଲେଟ ଦେଇ ଦୁଷ୍କର୍ମ କରିବା, ଏହି ଘଟଣା ପ୍ରଘଟ କଲେ ଜୀବନରୁ ମାରି ଦେବା ଧମକ ଦେଇଥିବା ଅଭିଯୋଗରେ ଆଜି ଜଣେ ଯୁବକକୁ ପୁଲିସ ଗିରଫ କରିଛି। ଶିଆଳିଆ ଗାଁର ମଙ୍ଗରାଜ ମଲିକ ଓରଫ କାଳିଆକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛ। ଏହି ଗାଁର ଜଣେ ନାବାଳିକା ଛାତ୍ରୀ ଟ୍ୟୁସନରୁ ଘରକୁ ଫେରିବା ବାଟରେ କାଳିଆ ଚକୋଲେଟ ଦେଇ ନିକଟସ୍ଥ ବଣକୁ ନେଇ ଦୁଷ୍କର୍ମ କରିଥିବା ପୀଡିତାର ମାଆ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରି ଅଭିଯୁକ୍ତ କାଳିଆକୁ ଗିରଫ କରିଛି।

## ବିଧାୟକଙ୍କ ମାରାଥନ ଶିଳାନ୍ୟାସ

ରାଜନଗର, ୧୩।୪(ସମିସ): ଆଜି ରାଜନଗର ଅଞ୍ଚଳରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି।



ବିଧାୟକ ଧ୍ରୁବଚରଣ ସାହୁ ଏହି ମାରାଥନ ଶିଳାନ୍ୟାସ କରିଛନ୍ତି। ନିର୍ବାଚନମଣ୍ଡଳୀର ପଦିନୀ ପଦ୍ମନାଭପୁର ଘେରି ବନ୍ଧର ଧାନଦିଆ ନୂଆଗାଁଠାରେ ସ୍ଲୁଇସର ଶିଳାନ୍ୟାସ କରିଥିଲେ। କେରେଡାଗଡ ଅଳତାଙ୍ଗ ଘେରିବନ୍ଧର କେରେଡାଗଡ ଶଙ୍ଖମୁଣ୍ଡା ସ୍ଲୁଇସର ଶିଳାନ୍ୟାସ, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ କଣସରା ବିଦ୍ୟାଶ୍ରମ ଫିରିକିଦାଣ୍ଡି ପାଚେରି ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ସହିତ ମଦନପୁର-ବଳଭଦ୍ରପୁର ରାସ୍ତାର ଶିଳାନ୍ୟାସ କରିଛନ୍ତି। ରାଜନଗର ବିଧାୟକଙ୍କ ସହିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବରିଷ୍ଠ ନେତା ଅରୁଣ ସାହୁ, କୈଳାସ ପରିଡା, ବିଜୟ ନାୟକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀରଞ୍ଜିତା ସ୍ୱାଇଁ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ଗୋପାଳପୁର ମହିମା ଆଶ୍ରମରେ ଅଖଣ୍ଡ ବ୍ରହ୍ମଧ୍ୱନି ଯଜ୍ଞ



ରାଜନଗର, ୧୩।୪(ସମିସ): ସାନବଡ଼ ଗୋପାଳପୁର ଗ୍ରାମର ମହିମା ଆଶ୍ରମରେ ବିଶ୍ୱଶାନ୍ତି ପାଇଁ ଅଖଣ୍ଡ ବ୍ରହ୍ମ ଧ୍ୱନି ଯଜ୍ଞ ଉଦଯାପିତ ହୋଇଯାଇଛି। ମହିମା ଧର୍ମର ପରିବ୍ରାଜକ ସନ୍ଥ ନଟବର ବାବା, ସୁବ୍ରତ ବାବା, ଅନ୍ତର୍ଯ୍ୟାମୀ ବାବା, ଦୁଷ୍ମନ୍ତ ବାବା, ଶଙ୍କର ବାବା, ସୁକାନ୍ତ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯଜ୍ଞର ଆୟୋଜନ କରାଯାଇଥିଲା। ବିଶ୍ୱରେ ଲାଗି ରହିଥିବା ଯୁଦ୍ଧରେ ମାନବ ସମାଜର ହେଉଥିବା ଅପୂରଣୀୟ କ୍ଷୟକ୍ଷତି ହେଉଛି। ତାହାର ପରିସମାପ୍ତି ହୋଇ ପୁଣି ଶାନ୍ତି ଫେରୁ, ପ୍ରାକୃତିକ ବିପର୍ଯ୍ୟୟ, ଅଗ୍ନି ଭୟ ଦୂର ହୋଇ ସୁଖଶାନ୍ତି ମଧ୍ୟରେ ମଣିଷ ଜୀବନଯାପନ କରି ଆଧ୍ୟାତ୍ମିକ ଚେତନାରେ ନିଜକୁ ସମର୍ପଣ କରାଯିବା ମହତ ଉଦ୍ଦେଶ୍ୟରେ ଏହି ଅଖଣ୍ଡ ବ୍ରହ୍ମଧ୍ୱନି ଯଜ୍ଞ କରାଯାଇଥିବା ସନ୍ଥ ସୁବ୍ରତ ବାବା ପ୍ରକାଶ କରିଛନ୍ତି।

# ମରି ଚାଲିଛି ଲିମ୍ବଗଛ, ସଂକଟରେ ପରିବେଶ

ଚାନ୍ଦୋଳ, ୧୩।୪(ସମିସ)

ପରିବେଶରେ ସନ୍ତୁଳନ ଆଣୁଥିବା ଓ ମାତ୍ରାଧିକ ଅମ୍ଳଜାନ ଜୀବଜଗତକୁ ଯୋଗାଉଥିବା ଲିମ୍ବଗଛ ଏବେ ସଙ୍କଟରେ। ଏବେ ବହୁ ପୁରୁଣା ଓ ବଡ଼ ବଡ଼ ଲିମ୍ବଗଛ ଆପେ ଆପେ ମରିଯାଉଥିବା ଦେଖିବାକୁ ମିଳିଛି। ଲିମ୍ବ ଗଛର ହଠାତ୍ ଏପରି ମୃତ୍ୟୁ ହେବା ନେଇ ପରିବେଶ ସନ୍ତୁଳନ ବିଗିଡ଼ିବା ଓ ସମ୍ଭାବ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆଶଙ୍କା କରି ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି।

ଡେରାବିଶ ବ୍ଲକ ଅଞ୍ଚଳରେ ଗତ ଏକମାସ ହେବ କେତେକ ସ୍ଥାନରେ ଲିମ୍ବଗଛରୁ ଧିରେ ଧିରେ ପତ୍ର ଶୁଖିବା ଆରମ୍ଭ କରିଥିଲା। ଏହି ସମୟରେ ଲିମ୍ବ ଗଛରେ ନୂତନ ପତ୍ର ଓ ଫୁଲକଢ଼ ଆସିବାର ପୂର୍ବାବସ୍ଥା ବୋଲି ଭାବିଥିଲେ। ହେଲେ ଏହି ଗଛରେ ନୂତନ ପତ୍ର ଆସିବା ବଦଳରେ ଏହାର କାଣ୍ଡ ଓ ଶାଖା ପ୍ରଶାଖା ଧିରେ ଧିରେ ଶୁଖିବାକୁ ଲାଗିଥିଲା। ଏହା ପ୍ରଥମେ ପ୍ରଥମେ କାଁ ଭାଁ ଦେଖାଯାଉଥିଲେ ମଧ୍ୟ ଧିରେ ଧିରେ ଲିମ୍ବ ଗଛ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଆଜି ଯେଉଁ ଗଛ ନୀଳପତ୍ରରେ ଭରପୁର ରହିଥିଲା, କାଲି ସେହି ଗଛ ଦେଖିଲା ବେଳକୁ ପତ୍ରଶୁଖି ଧିରେ ଧିରେ ଶାଖା ପ୍ରଶାଖା ମରିବାରେ ଲାଗିଛି। ଏ ସମୟରେ ଲିମ୍ବ ପତ୍ର ଓ କଢ଼ ଚର୍ମରୋଗ ପାଇଁ ଏକ ମହୋଷଧି ଭାବେ ବ୍ୟବହାର ହୁଏ। ଏହି ଗଛ ଏକ ଔଷଧୀୟ ଗଛ ହୋଇଥିବାବେଳେ ଏହାର ଚେର, ଛେଲି, ପତ୍ର, କଢ଼, ଫୁଲ ଏପରିକି ମଞ୍ଜିକୁ ଲୋକମାନେ ବ୍ୟବହାର କରିଥା'ନ୍ତି। ସାଧାରଣତଃ ଏହି ବୃକ୍ଷକୁ ପ୍ରଭୁ ଜଗନ୍ନାଥଙ୍କ ଦାରୁ ଭାବି ପୂଜାର୍ଚ୍ଚନା ମଧ୍ୟ କରାଯାଉଥିଲା। ଏହି ଗଛର ଅସ୍ୱାଭାବିକ ମୃତ୍ୟୁ ସାଧାରଣ ଲୋକଙ୍କ ଧାର୍ମିକ ଆବେଗ ଉପରେ ଗଭୀର ପ୍ରଭାବ ପକାଇଛି। କିଛିଲୋକ ଦେଶପ୍ରତି କୌଣସି ବଡ଼ ପ୍ରାକୃତିକ ବିପଦ ଆସିବା ନେଇ ଆଶଙ୍କା ପ୍ରକଟ କରୁଛନ୍ତି। ତେବେ ଏହି ଲିମ୍ବ ଗଛର ମୃତ୍ୟୁର କାରଣ ଓ ନିରାକରଣ ପାଇଁ ବନ ବିଭାଗ ଓ ଉଦ୍ୟାନ ବିଭାଗ ତୁରନ୍ତ ପରୀକ୍ଷା ନିରୀକ୍ଷା କରିବା ପାଇଁ ପରିବେଶବିତ୍ ଦାବି କରିଛନ୍ତି। ନଚେତ୍ ସ୍ଥାନୀୟ ଅଞ୍ଚଳରୁ ଏହି ଦେବଯୋଗ୍ୟ ତଥା ଔଷଧୀୟ ବୃକ୍ଷ ଲୋପ ପାଇଯିବ ବୋଲି ପରିବେଶବତ୍ ଆଶଙ୍କା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପରିବେଶବିତ୍ ତଥା



ପ୍ରକୃତିମିତ୍ର ଜେନମଣି ବଳ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଏହାର ନିରାକରଣ ପାଇଁ ଦାବି କରିଛନ୍ତି। ସେହିପରି ପ୍ରକୃତିମିତ୍ର ତଥା ପରିବେଶବିତ୍ ନିରଞ୍ଜନ ସାହୁ ବନ ବିଭାଗ ଏହି ଘଟଣାକୁ ଗୁରୁତର ସହ ବିଚାର କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ପରିବେଶବିତ୍ ସମରେନ୍ଦ୍ର ମାହାଳି କୁହନ୍ତି, ଏହା ଏକ ବ୍ୟାକ୍ଟେରିଆଜନିତ ରୋଗ। ଏହି ବ୍ୟାକ୍ଟେରିଆ ଗୋଟିଏ ଗଛରୁ ଅନ୍ୟଗଛକୁ ପବନ ଦ୍ୱାରା ବ୍ୟାପିଥାଏ। ତେବେ ପରିବେଶର ତାପମାତ୍ର ବଢ଼ିଲେ ଏହି ବ୍ୟାକ୍ଟେରିଆ ଅଧିକମାତ୍ରାରେ ବ୍ୟାପିଥାନ୍ତି। ଅନ୍ୟପକ୍ଷରେ ମାଟିର ଉର୍ବରତା କମିଯିବାରୁ ଏହି ରୋଗର ପାଦୁର୍ଭାବ ବଢ଼ି ଚାଲିଛି। ଏହି ବ୍ୟାକ୍ଟେରିଆ ଗଛର ମୂଳକୁ ଆକ୍ରାନ୍ତ କରିଥାଏ। ଧିରେ ଧିରେ ସେମାନେ ବଂଶ ବିସ୍ତାର କରି ଗଛର ବକ୍କଳ ସ୍ତରେ ରହି ଗଛର ଖାଦ୍ୟ ଗ୍ରହଣ କ୍ଷମତାକୁ ନଷ୍ଟ କରିଦେଇଥାଏ। ଫଳରେ ଗଛଟି ଧିରେ ଧିରେ ମାରିଯାଇଥାଏ। ଏହାର ନିରାକରଣ ପାଇଁ ସାମାନ୍ୟ ଆକ୍ରାନ୍ତ ଓ ନିକଟରେ ରହିଥିବ ସୁସ୍ଥ ଗଛରେ ଫଙ୍ଗିସାଇଡ୍ ଜାତୀୟ ଔଷଧ ପ୍ରୟୋଗ କଲେ ଏହି ରୋଗର ନିରାକରଣ ହୋଇପାରିବ ଓ ଲିମ୍ବଗଛ ମୃତ୍ୟୁମୁଖରୁ ବର୍ତ୍ତିଯାଇପାରିବ ବୋଲି ଶ୍ରୀ ମାହାଳି ପ୍ରକାଶ କରିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୧୩/୪/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୯୩,୦୦୫/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍







# ସିଂହଦ୍ୱାର ଗୁମୁଟ ଉପରୁ ଟଙ୍କା ଉଡ଼ାଇଲା ମାଙ୍କଡ଼

ପୁରୀ,୧୩।୪(ସମିସ): ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସୋମବାର ଦେଖିବାକୁ ମିଳିଥିଲା ଏକ ନିଆରା ଦୃଶ୍ୟ। ଗୁମୁଟ ଉପରୁ ଟଙ୍କା ଉଡ଼ି ତଳେ ପଡୁଥିଲା। ଆଉ ଏହି ଟଙ୍କା ଉଡ଼ାଉଥିଲ ଏକ ମାଙ୍କଡ଼। ଘଟଣା ଥିଲା ଏମିତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ମହିଳାଙ୍କ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇଥିଲା ଏକ ମାଙ୍କଡ଼। ସିଂହଦ୍ୱାର ଗୁମୁଟ ଉପରେ ଦୀର୍ଘ ସମୟ ବସି ସେହି ବ୍ୟାଗ୍‌କୁ ଖିନ୍‌ଭିନ୍ କରିଥିଲା। ଏପରିକି ଭ୍ୟାନିଟି ବ୍ୟାଗ୍ ଭିତରେ ଥିବା ଟଙ୍କା ଚିରି ଦେଇଥିଲା। ମହିଳା ଜଣକ କ'ଣ କରିବେ କିଛି ଜାଣି ନ ପାରି ସିଂହଦ୍ୱାର ସାମ୍ନାରେ ଛିଡ଼ା ହୋଇ ଅନ୍ୟମାନଙ୍କ ଭଳି ଦେଖଣାହାରୀ ସାଜିଥିଲେ।





ସୂଚନା ଅନୁଯାୟୀ, ସ୍ୱାମୀଙ୍କ ସହ ପୁରୀ ବୁଲିବାକୁ ଆସି ଅପରାହ୍ଣରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଯାଇଥିଲେ। ଦର୍ଶନ ସାରି ଆନନ୍ଦ ବଜାରରେ ପ୍ରସାଦସେବନ କରୁଥିବାବେଳେ ମାଙ୍କଡ଼ଟି ଏହାର ସୁଯୋଗ ନେଇ ମହିଳାଙ୍କ ହାତରୁ ଭ୍ୟାନିଟି ବ୍ୟାଗ୍‌ଟି ଛଡ଼ାଇ ଆଣି ସିଂହଦ୍ୱାର ଗୁମୁଟ ଉପରକୁ ଚଢ଼ିଯାଇଥିଲା। ଜେଟିପି, ପୁଲିସ ସମସ୍ତେ ମାଙ୍କଡ଼ ହାତରୁ ଭ୍ୟାନିଟି ବ୍ୟାଗ୍ ଉଦ୍ଧାର ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଶେଷରେ ଶ୍ରୀମନ୍ଦିର ପ୍ରଶାସନର ଜଣେ ଫାୟାର କର୍ମଚାରୀ ଉଦ୍ୟମ କରି ମାଙ୍କଡ଼କୁ ଘଉଡ଼ାଇବା ସହ ଭ୍ୟାନିଟି ବ୍ୟାଗ୍ ଉଦ୍ଧାର କରି ମହିଳାଙ୍କୁ ହସ୍ତାନ୍ତର କରିଥିଲେ। ସିଂହଦ୍ୱାର ସମ୍ମୁଖରେ ଏଭଳି ରୋଚକ ଦୃଶ୍ୟକୁ ବହୁସଂଖ୍ୟାରେ ଭକ୍ତ ଠିଆ ହୋଇ ଦେଖିଥିଲେ। ତେବେ ଶ୍ରୀମନ୍ଦିର ଭିତରେ ମାଙ୍କଡ଼ଙ୍କ ଉପଦ୍ରବ ବୃଦ୍ଧି ପାଉଥିବାବେଳେ ଅନେକ ସମୟରେ ମାଙ୍କଡ଼ଙ୍କ ପାଇଁ ଭକ୍ତ ଅତିଷ୍ଠ ହୋଇପଡୁଛନ୍ତି। ଗତ ଫେବୃଆରୀ ୩ ତାରିଖରେ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ତ୍ରୀଙ୍କ ଭ୍ୟାନିଟି ବ୍ୟାଗ୍ ଉଦ୍ଧାର ପାଇଁ ସ୍ୱାମୀ ମନ୍ଦିର ଗୁମୁଟ ଉପରେ ଚଢ଼ି ବ୍ୟାକୁଳ ହୋଇଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

● ଆଜି ମହାବିଷ୍ୱବ ସଂକ୍ରାନ୍ତି

## ଶ୍ରୀମନ୍ଦିରରେ ବିଶେଷ ନୀତି; ବନ୍ଦ ରହିବ ଗଣତିମଣତି

ପୁରୀ,୧୩।୪(ସମିସ): ସୋମବାର ହେଉଛି ଚଳିତ ବର୍ଷର ଅନ୍ତିମ ଦିବସ। ମଙ୍ଗଳବାର ନୂତନ ବର୍ଷର ଶୁଭାରମ୍ଭ, ଯାହାକୁ ଓଡ଼ିଆ ନବବର୍ଷ ବା ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ କୁହାଯାଇଥାଏ। ପରମ୍ପରା ଅନୁଯାୟୀ, ଏହି ଦିନକୁ ହିନ୍ଦୁ ଦେବତା ହନୁମାନଙ୍କର ଜନ୍ମଦିନ ଭାବେ ଓଡ଼ିଆମାନେ ପାଳନ କରିଥା'ନ୍ତି। ହନୁମାନ, ଶିବ ଓ ସୂର୍ଯ୍ୟ ଦେବତା ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ଶ୍ରୀମନ୍ଦିରରେ ମଧ୍ୟ ହନୁମାନ ଜୟନ୍ତୀ ପାଳନ କରାଯିବାର ବିଧି ରହିଛି। ମହାବିଷ୍ୱବ ସଂକ୍ରାନ୍ତି ଉପଲକ୍ଷେ ଶ୍ରୀମନ୍ଦିରରେ ବିଶେଷ ନୀତି ଥିବାରୁ ମଙ୍ଗଳବାର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହିଦିନ ବିଭିନ୍ନ ଜାଗା ଆଖଡ଼ାମାନଙ୍କରେ ମଧ୍ୟ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ଏହା ମେଷ ସଂକ୍ରାନ୍ତି ଭାବେ ମଧ୍ୟ ଜଣାଶୁଣା। ଓଡ଼ିଶାରେ ମହାବିଷ୍ୱବ ସଂକ୍ରାନ୍ତିକୁ ପାରମ୍ପରିକ ଓଡ଼ିଆ କ୍ୟାଲେଣ୍ଡରରେ ନୂଆବର୍ଷର ପ୍ରାରମ୍ଭିକ ଦିନ ବୋଲି କୁହାଯାଇଥାଏ। ଏହି ଦିନ ସୂର୍ଯ୍ୟ ଦେବ ମେଷ ରାଶିରେ ପ୍ରବେଶ କରିଥା'ନ୍ତି। ଓଡ଼ିଆ ନୂଆବର୍ଷକୁ ପାଳନ କରିବା ପାଇଁ ଠାକୁରଙ୍କ ନିକଟରେ ପଣା ଦେଇ ନୂତନ ବର୍ଷର ସ୍ୱାଗତ କରାଯାଇଥାଏ। ଏହି ଦିନ ବୁଟ ଛତୁଆ ଦ୍ୱାରା ପଣା ପ୍ରସ୍ତୁତ କରାଯାଇ ତୁଳସୀ ଚଉରା ନିକଟରେ ପୂଜା କରାଯାଏ।



## ମହିଳାଙ୍କ ଭ୍ୟାନିଟି ବ୍ୟାଗ୍ ଚୋରି କରି ଗିରଫ

ପୁରୀ,୧୩।୪(ସମିସ): ପୁରୀ ଷ୍ଟେସନରେ ରବିବାର ରାତିରେ ଜଣେ ମହିଳାଙ୍କ ଭ୍ୟାନିଟି ବ୍ୟାଗ୍ ଚୋରି ଅଭିଯୋଗରେ ଜିଆର୍‌ପି ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବ୍ରହ୍ମଗିରିର ସୁଶାନ୍ତ ସାହୁ (୨୫)। ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ସୁମିତ୍ରା ପଲେଇ (୩୫) ସଙ୍କୀର୍ତ୍ତନ ମଣ୍ଡଳୀ ସହ ପୁରୀ ଆସିଥିଲେ। ସୋମବାର ରାତି ପ୍ରାୟ ୧୨ଟା ୧୫ରେ ରେଳ ଷ୍ଟେସନ ଟିକଟ୍ କାଉଣ୍ଟର ସାମ୍ନାରେ ଶୋଇଥିବା ସମୟରେ ତାଙ୍କର ଭ୍ୟାନିଟି ବ୍ୟାଗ୍ ଚୋରି ହୋଇଥିଲା। ସେହି ବ୍ୟାଗ୍ ମଧ୍ୟରେ ୧୬୫୦ ଟଙ୍କା, ଗୋଟିଏ ମୋବାଇଲ୍ ଫୋନ୍ ଓ ଚାର୍ଜର ଥିଲା। ତେବେ ଚୋରି କରି ପଳାଇବା ବେଳେ ସ୍ଥାନୀୟ ଲୋକେ ଅଭିଯୁକ୍ତକୁ ଧରି ପୁଲିସ ଜିମା ଦେଇଥିଲେ। ସୁମିତ୍ରାଙ୍କ ଅଭିଯୋଗ ଆଧାରରେ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୩୭/୨୬) ରୁଜୁ କରାଯାଇଛି। ପୁଲିସ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଜବତ କରି ଅଭିଯୋଗକାରୀଙ୍କୁ ଫେରାଇ ଦେଇଛି ଏବଂ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି।

● ଭୂଦାନ ଜଙ୍ଗଲ ଅଞ୍ଚଳରେ ଯାଞ୍ଚ

## ମଦ୍ୟପାନ କରି ଗାଡ଼ି ଚାଳନା; ମାସକରେ ୨୬ ଗାଡ଼ି ଜବତ

ପୁରୀ,୧୩।୪(ସମିସ): ପୁରୀ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ସାଧାରଣ ଲୋକଙ୍କ ସୁରକ୍ଷାକୁ ନଜରରେ ରଖି ତାଳବଣିଆ ଥାନା ପକ୍ଷରୁ ଭୂଦାନ ଜଙ୍ଗଲ ଅଞ୍ଚଳରେ ଚଢ଼ଉ ଜୋର୍‌ଦାର ଚାଲିଛି। ଏହି ଅଞ୍ଚଳରେ ଅସାମାଜିକ ବ୍ୟକ୍ତିମାନଙ୍କ ଚଳପ୍ରଚଳ ଓ ବିଭିନ୍ନ ଅବୈଧ କାର୍ଯ୍ୟକଳାପ ସମ୍ପର୍କରେ ମିଳୁଥିବା ସୂଚନାକୁ ଆଧାର କରି ପୁଲିସ ପକ୍ଷରୁ ଏହି ବିଶେଷ ଅଭିଯାନ ଓ ଯାଞ୍ଚ କରାଯାଉଛି। ଏଥିସହ ପୁରୀ ପୁଲିସ ପକ୍ଷରୁ ଚାଲିଥିବା 'ଅପରେସନ ଚକ୍ର' ଅଭିଯାନ ଅଧୀନରେ ଗତ ୧ ମାସ ମଧ୍ୟରେ ତାଳବଣିଆ ଥାନା ପକ୍ଷରୁ ବିଭିନ୍ନ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଏକମାସ ମଧ୍ୟରେ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରୁଥିବା ୩୭ ଜଣ ବ୍ୟକ୍ତିଙ୍କ ବିରୋଧରେ ପି.ଆର୍. ମାମଲା ରୁଜୁ କରାଯାଇଛି। ଏଥିସହ ଭୂଦାନ ଜଙ୍ଗଲ ଅଞ୍ଚଳରେ ଅବୈଧ କାର୍ଯ୍ୟକଳାପରେ ଜଡ଼ିତ ୨ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମଦ୍ୟପାନ କରି ଯାନ ଚଳାଇବା ଅପରାଧରେ ୨୬ଟି ଯାନବାହନକୁ ଜବତ କରାଯାଇଛି। ଏହି ସମସ୍ତ ଅଭିଯାନ ତାଳବଣିଆ ଥାନାଧିକାରୀ ଅଭିନବ ମିଶ୍ରଙ୍କ ନେତୃତ୍ୱରେ ଚାଲିଛି। ଏହି ଚଢ଼ଉ ଓ ବିଶେଷ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଯେକୌଣସି ଅପରାଧମୂଳକ କାର୍ଯ୍ୟରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୁରୀ ପୁଲିସ ପକ୍ଷରୁ କୁହାଯାଇଛି।

## 'ଆମ ରୁଚି ଆମ ଖାଦ୍ୟ' ପ୍ରତିଯୋଗିତା

ପୁରୀ,୧୩।୪(ସମିସ): ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସରେ ସୋମବାର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଆମ ରୁଚି ଆମ ଖାଦ୍ୟ ସମ୍ପର୍କରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଆନୁକୂଲ୍ୟରେ ଏବଂ ଓର୍‌ମାସ ପୁରୀ ସହଯୋଗରେ ଏହି ଜିଲ୍ଲାସ୍ତରୀୟ ପାରମ୍ପରିକ ଖାଦ୍ୟ ଦିବସରେ ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା ଯୋଗଦେଇ ଆମ ପାରମ୍ପରିକ ଖାଦ୍ୟ ମେଳା ପରିଦର୍ଶନ କରିଥିଲେ। ଏହି ଖାଦ୍ୟ ଷ୍ଟଲ୍‌ରେ ଓଡ଼ିଆ ଘରର ଚନ୍ଦ୍ରକାନ୍ତି ପିଠା, ମାଲପୁଆ, ଚୁଡ଼ା କଦମ୍ବା, ଡାଲମା, କାକେରା ପିଠା, ଆରିଷା ପିଠା, କ୍ଷୀର ପୋଡ଼ ପିଠା, ସିଝା ମଣ୍ଡା ପିଠା, ଡାଲିଆ ପିଠା, ମାଣ୍ଡିଆ ସରବତ, ସୁଆଁ ଖିରି, କଳା ଚାଉଳ ଖିରି, ପୋଦିନା ସରବତ, ମାଣ୍ଡିଆ କାଞ୍ଜି, ଚାଉଳ ବରା, ଲାଉ ଚିତଉ ପିଠା, ଅପରାଜିତା ଫୁଲ ମଣ୍ଡା ପିଠା, ମାଣ୍ଡିଆ ଓ ଗୁଡ଼ ପିଠା ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା। ପରେ ଖାଦ୍ୟ ପ୍ରସ୍ତୁତ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ମଧ୍ୟରୁ ପ୍ରଥମ ହୋଇଥିବା ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ, ଦ୍ୱିତୀୟ ହୋଇଥିବା ଶ୍ରୀକ୍ଷେତ୍ର ମଲ୍ଟି ଆକ୍ଟିଭିଟି ଉତ୍ପାଦକ ଗୋଷ୍ଠୀ ସତ୍ୟବାଦୀ ଓ ଯୁଗ୍ମ ତୃତୀୟ ହୋଇଥିବା ଭୁବନେଶ୍ୱରୀ ଉତ୍ପାଦକ ଗୋଷ୍ଠୀ ପୁରୀ ସଦର ଏବଂ କୁଞ୍ଜେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ପୁରୀ ସଦରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,



ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଏପିଡି ବାଣୀଭୂଷଣ ଦାଶ, ତୃପ୍ତି ବଡ଼ଜେନା, ଓର୍‌ମାସର ଡେପୁଟି ସିଇଓ ନିଗମ ଚରଣ ଦାଶ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେଇ, ବାଲ୍ୟବତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଉତ୍କଳ ବିଦ୍ୱତ୍ ପରିଷଦର ସାମୂହିକ ବ୍ରତୋପନୟନ

## ଯଜ୍ଞ ଉପବୀତ ଧାରଣ କଲେ ୧୯ ବ୍ରାହ୍ମଣ ବାଳକ



ପୁରୀ,୧୩।୪(ସମିସ): ସ୍ଥାନୀୟ ଗୁଣ୍ଡିଚା ଭକ୍ତ ନିବାସରେ ବୈଶାଖ କୃଷ୍ଣପକ୍ଷ ଦଶମୀ ତିଥିରେ ରବିବାର ଉତ୍କଳ ବିଦ୍ୱତ୍ ପରିଷଦ ଆନୁକୂଲ୍ୟରେ ପଞ୍ଚମ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯ଜଣ ବ୍ରାହ୍ମଣ ବାଳକଙ୍କର ନିଃଶୁଳ୍କ ବ୍ରତୋପନୟନ କରାଯାଇଛି। ଓଡ଼ିଶାର ୧୨ଟି ଜିଲ୍ଲାରୁ ବ୍ରାହ୍ମଣ ବାଳକମାନେ ସେମାନଙ୍କ ପିତାମାତା, ଅଭିଭାବକଙ୍କ ସହିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିରେ ମଠାଧୀଶ, ଶ୍ରୀମନ୍ଦିରର ବରିଷ୍ଠ ସେବକ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସହଯୋଗୀ ସଂସ୍ଥାନ 'ଆପଣଙ୍କ ସେବାରେ'ର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ ନବ ବ୍ରହ୍ମଚାରୀମାନେ ସିଂହଦ୍ୱାରକୁ ଯାଇ ପତିତପାବନଙ୍କୁ ଦର୍ଶନ କରି ନିଜ ନିଜ ଘରକୁ ବାହୁଡ଼ିଥିଲେ।

ପରିଷଦର ସଭାପତି ମନୋଜ ରଥ, ସମ୍ପାଦକ ବିଜୟକୃଷ୍ଣ ବ୍ରହ୍ମା, କୋଷାଧ୍ୟକ୍ଷ କମଳାକାନ୍ତ ଆଚାର୍ଯ୍ୟ, 'ଆପଣଙ୍କ ସେବାରେ' ଅନୁଷ୍ଠାନର ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ର, ଦେବାନନ୍ଦ ମିଶ୍ର, ପୁରୀ ନଗର ସମ୍ପାଦକ ଦେବୀ ବ୍ରହ୍ମା, କୃଷ୍ଣ ଚନ୍ଦ୍ର ଦାସ, ବିରଞ୍ଚି ମିଶ୍ର, ଦିବ୍ୟରଞ୍ଜନ ଦାଶ, ରଞ୍ଜେଶ ସାହୁ, ସୌମ୍ୟଶ୍ରୀ ଆର୍ଶୀବାଦ, ଜଗଦୀଶ ପ୍ରଧାନ, କୃଷ୍ଣ ଚନ୍ଦ୍ର ମିଶ୍ର, ଦେବେନ୍ଦ୍ର ମହାରଣା, ସୁଶାନ୍ତ ଦାସ, ସିସେନ ପ୍ରତିହାରୀ, ଅନୁପମା କର, ପୁଷ୍ପିତା ପଟ୍ଟନାୟକ, ଜଗନ୍ନାଥ ରେଡ୍ଡୀ, ଅର୍ଜୁନ ମହାରଣା, ସତ୍ୟଦୀପ ମିଶ୍ର, ପ୍ରଭାତ ପଣ୍ଡା, ଜ୍ୟୋତି ରଞ୍ଜନ ମହାନ୍ତି, ଗଣେଶ୍ୱର ମହାସୁଆର, ଭଗବାନ ମିଶ୍ର, ଲକ୍ଷ୍ମୀପ୍ରିୟା ସାହୁ, ତୃପ୍ତି ପଣ୍ଡା, ପ୍ରଦୀପ ସ୍ୱାଇଁ, ଅମୀୟ ଆଚାର୍ଯ୍ୟ ପ୍ରମୁଖ ସୁପରିଚାଳନା କରିଥିଲେ। ସୂଚନାଥାଉ କି, ଆର୍ଥିକ ତଥା ସାମାଜିକ ବିପନ୍ନ ବ୍ରାହ୍ମଣ ବାଳକ ଯଜ୍ଞ ଉପବୀତ ଧାରଣ ପରେ ଯେପରି ବ୍ରାହ୍ମଣ କର୍ମ କରି ସ୍ୱାବଲମ୍ବୀ ହୋଇପାରିବେ ସେହି ଲକ୍ଷ୍ୟରେ ପ୍ରତିବର୍ଷ ଉତ୍କଳ ବିଦ୍ୱତ୍ ପରିଷଦ ଏହି ନିଃଶୁଳ୍କ ବ୍ରତୋପନୟନ ଆୟୋଜିତ କରିଆସୁଛି।

## ଏସ୍‌ସିଏସ୍ କଲେଜରେ ଓଡ଼ିଆ ପକ୍ଷ ପାଳନ

ପୁରୀ,୧୩।୪(ସମିସ): ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଯାଇଛି। ଏହି ଅବସରରେ ଏପ୍ରିଲ ୧ରୁ ସ୍ୱତନ୍ତ୍ର ଉତ୍କଳ ଦିବସ ପାଳନ, ପାରମ୍ପରିକ ପୋଷାକ ପରିଧାନ, ଓଡ଼ିଆ ଭାଷାର ପ୍ରଚାର, ସ୍ୱଚ୍ଛତା ଦିବସ, ଆସ ବହି କିଣିବା, ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ରେଡ୍‌କ୍ରସ୍ ୟୁନିଟ୍ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଓଡ଼ିଶାର ବରପୁତ୍ରମାନଙ୍କ ସମ୍ପର୍କରେ ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଓଡ଼ିଆ ସଂସ୍କୃତିର ବିଶେଷତ୍ୱ ଓ ପଠାଣି ସାମନ୍ତଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ମହନୀୟତା ଓ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ଦିଲ୍ଲୀପ କୁମାର ସ୍ୱାଇଁ ଓଡ଼ିଆ ପକ୍ଷ ପାଳନର ଗୁରୁତ୍ୱ ଉପସ୍ଥାପନା କରିଥିଲେ। ଓଡ଼ିଆ ପକ୍ଷର ସଂଯୋଜିକା ଡ. ହେନେରିଟା ମିଶ୍ର ସଞ୍ଚାଳନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ପଣା ପ୍ରସ୍ତୁତିର ପ୍ରଶିକ୍ଷଣ ଦିଆଯାଇଥିଲା। ସମସ୍ତେ ପଣା ପିଇଥିଲେ। ଶେଷରେ ତୃପ୍ତିମୟୀ ପାଟ୍ଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରୟୋଦଶ ଦିନରେ ସଚେତନତା ପଦଯାତ୍ରା



**ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି**

ପୁରୀ,୧୩।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ସରକାର କି ପ୍ରଶାସନ କେହି ଶୁଣୁନାହାନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ସଚେତନତା ପଦଯାତ୍ରା ସୋମବାର ତ୍ରୟୋଦଶ ଦିବସରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ବିଦ୍ୟୁଲତ। ଆଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ରଥ, ରାଜା ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି, କିଶୋର ଚନ୍ଦ୍ର ଦାସ, ବିଶ୍ୱନାଥ ମିଶ୍ର, ନୃସିଂହ ନାଥ ନାୟକ, ମନୋଜ ସାମଲ, ଈଶ୍ୱରୀ ବାରିକ୍, ସୌମ୍ୟ ସାହୁ, ବୈଶାଳୀ ପ୍ରଧାନ, ବର୍ଷା ସାହୁ, ବିପାଶା ସିଂ, ପବିତ୍ର ମହାରଣା, ଅମୂଲ୍ୟ ଦାସ ଓ ରଶ୍ମି ରଞ୍ଜନ ପାତ୍ର ପ୍ରମୁଖ ସାମିଲ୍ ଥିଲେ।

## ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପୁରୀ,୧୩।୪(ସମିସ): ସ୍ଥାନୀୟ ଜଗନ୍ନାଥ ଷ୍ଟାଡିୟମ୍‌ରେ ଅଲ୍ ଇଣ୍ଡିଆ କ୍ରିକେଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏଆଇସିଆର୍‌ଆଇ) ଆନୁକୂଲ୍ୟରେ ୧୫ବର୍ଷ ଏବଂ ୧୭ବର୍ଷରୁ କମ୍ ୨୫ତମ ସର୍ବ ଭାରତୀୟ ଟି-୨୦ ଚାମ୍ପିଅନସିପ୍ (ସ୍ୱାମୀ ପ୍ରଣବାନନ୍ଦଜୀ ମେମୋରିଆଲ ଟ୍ରଫି-୨୦୨୬) ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ଏବଂ ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସଂଗଠକ ରବିଶଙ୍କର ପ୍ରତିହାରୀ ଯୋଗଦେଇ ଖେଳାଳିମାନଙ୍କ ସହିତ ପରିଚିତ ହେବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଶ୍ରେଷ୍ଠ ୨୦ଜଣ ଖେଳାଳିଙ୍କୁ ନେପାଳ ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ସୁଯୋଗ ଦିଆଯିବ। ଏହି ୭ ଦିନିଆ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବାରେ ଏଆଇସିଆର୍‌ଆଇର ସମ୍ପାଦକ ତରକନାଥ ମାନ୍ନା, ଉପସଭାପତି ସୋମନାଥ ବାନାର୍ଜୀ, ବରିଷ୍ଠ ଉପସଭାପତି କୌସ୍ତବ ଦତ୍ତ ସହଯୋଗ କରୁଛନ୍ତି।

## ସିପିଏସ୍‌ରେ ନିଯୁକ୍ତି ସାକ୍ଷାତ୍‌କାର: ୧୭ ଛାତ୍ରଛାତ୍ରୀ ଚୟନ



ପୁରୀ,୧୩।୪(ସମିସ): ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ (ସିପିଏସ୍)ରେ ବି.ଫାର୍ମା, ଡି.ଫାର୍ମା ଓ ଏମ୍.ଫାର୍ମା ଭଳି ଫାର୍ମାସୀ ପାଠ୍ୟକ୍ରମ ଅଧ୍ୟୟନ କରାଯାଇଥାଏ। ଏଥିସହ ଛାତ୍ରଛାତ୍ରୀମାନଙ୍କୁ ଶତ ପ୍ରତିଶତ ନିଯୁକ୍ତି ସୁଯୋଗ ପ୍ରଦାନ ଲକ୍ଷ୍ୟରେ ପ୍ରତିବର୍ଷ କଲେଜ ପକ୍ଷରୁ ବିଭିନ୍ନ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ଦ୍ୱାରା ନିଯୁକ୍ତ ସାକ୍ଷାତ୍‌କାର ଆୟୋଜନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ସୋମବାର ମୁମ୍ବଇସ୍ଥିତ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ମାକ୍‌ଲଏଡ୍‌ସ ଫାର୍ମାସ୍ୟୁଟିକାଲ ଲିମିଟେଡ୍ ଦ୍ୱାରା ଏକ ନିଯୁକ୍ତି ସାକ୍ଷାତ୍‌କାର କରାଯାଇଥିଲା।

ଏହି ସାକ୍ଷାତ୍‌କାର ପୂର୍ବରୁ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର, ନିର୍ଦ୍ଦେଶକ ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର, ଉପାଧ୍ୟକ୍ଷ ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଏବଂ ଉକ୍ତ କମ୍ପାନୀର ଅଧିକାରୀଙ୍କ ଦ୍ୱାରା କମ୍ପାନୀ ବିଷୟରେ ସମ୍ୟକ୍ ସୂଚନା ଦିଆଯାଇଥିଲା। ଏହି ନିଯୁକ୍ତି ସାକ୍ଷାତ୍‌କାରରେ ସିପିଏସ୍ ଓ ବାହାର କଲେଜରୁ ମୋଟ୍ ୫୦ ଆଶାୟୀ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ପରୀକ୍ଷା କରିବା ପରେ ୧୭ ଜଣ ଛାତ୍ରଛାତ୍ରୀଙ୍କୁ ଯୋଗ୍ୟ ବିବେଚିତ କରି ନିଯୁକ୍ତି ପାଇଁ କମ୍ପାନୀ ଅଫର୍ ଲେଟର ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁନୀତା ମିଶ୍ର, ବିଦ୍ୟୁସ୍ମିତା ପ୍ରଧାନ, ଅଧ୍ୟାପକ ଯଶସୀ ରାୟ, ଅସିତ୍ ଷଡ଼ଙ୍ଗୀ, ସଂଗ୍ରାମ କେଶରୀ ପୂଜାରୀ ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଏଆଇଟିସିର ଜାତୀୟ ଅଧିବେଶନ ଉଦ୍‌ଯାପିତ

ପୁରୀ,୧୩।୪(ସମିସ): ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଅଲ୍ ଇଣ୍ଡିଆ ଥିଏଟର କାଉନ୍‌ସିଲ୍(ଏଆଇଟିସି)ର ଦୁଇ ଦିନିଆ ଜାତୀୟ ଅଧିବେଶନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦେଶର ୧୯ଟି ରାଜ୍ୟର କଳାକାରମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସର ସାଂସ୍କୃତିକ ସନ୍ଧ୍ୟାକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗଞ୍ଜାମ ଜିଲ୍ଲା ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ହୋଟେଲ ସଂଘର ଉପାଧ୍ୟକ୍ଷ ଇଂ. ଉମାଶଙ୍କର ପାଣିଗ୍ରାହୀ, ସଂସ୍କୃତିପ୍ରେମୀ ଯାମିନୀକାନ୍ତ ଦାସ ଏବଂ ଓଡ଼ିଶା ନାଟ୍ୟ ସଂଘର ଦକ୍ଷିଣାଞ୍ଚଳ ଉପାଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରତିଷ୍ଠିତ ଗାୟିକା ଆଶା ଭୋସଲେ, ଏଆଇଟିସିର ସ୍ୱର୍ଗତ ସଦସ୍ୟ ସଞ୍ଜୟ ଚନ୍ଦ୍ରା ଓ ଅନିମେଷ ଦେବରାୟଙ୍କ ସ୍ମୃତିରେ ଏବଂ ବିଶ୍ୱଶାନ୍ତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଆୟୋଜକ ମୁଖ୍ୟ ରାଜଗୋପାଳ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ।



ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା କହିଥିଲେ ଯେ, କଳାକାରମାନଙ୍କ ପାଇଁ ରେଳ ସଂରକ୍ଷଣ ରିଆତି ପୁନଃ ପ୍ରଚଳନ ଲାଗି ସେ ସରକାରଙ୍କ ନିକଟରେ ଦାବି ରଖିବେ। ବାଚସ୍ପତି ଶ୍ରୀମତୀ ପାଢ଼ୀ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇବା ସହ କଳାକାରମାନଙ୍କୁ ସଠିକ୍ ପେନ୍‌ସନ୍ ଏବଂ ଅଡିଟୋରିୟମ୍ ସୁବିଧା ଯୋଗାଇଦେବା ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ। ମହାସଚିବ ସତୀଶ କୁନ୍ଦନ କଳାକାରଙ୍କ ରୋଜଗାର ସଙ୍କଟ ଏବଂ ରେଳ ରିଆତିର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ୧୦ ବିଶିଷ୍ଟ ବ୍ୟକ୍ତି ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର, ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ, ମେଜର ରମାରମଣ ପାଢ଼ୀ, ଡ. ବୈଜୟନ୍ତୀ ମିଶ୍ର, ତିରୁପତି ସାହୁ, ମନୋଜ କୁମାର ରେଡ୍ଡୀ, ବଳରାମ ଦାସ, ଡ. ପ୍ରିୟଜିତ୍ ପାଣିଗ୍ରାହୀ, ସୁଦୀପ୍ତ ପଟ୍ଟନାୟକ ଏବଂ ସୋମନାଥ ବେହେରାଙ୍କୁ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ତିରୁପତି ସାହୁଙ୍କ ନିର୍ଦ୍ଦେଶିତ ନାଟକ "ରାମ ବନବାସ' ମଞ୍ଚସ୍ଥ ହୋଇଥିଲା। ଶ୍ରୁତି ଚନ୍ଦ୍ରାଙ୍କ କଥକ, ବବିତା ସ୍ୱାଇଁଙ୍କ ଗ୍ରୁପ୍‌ଙ୍କ ଓଡ଼ିଶୀ ଏବଂ ତ୍ରିପୁରାର ଶିବାନୀ ଗୋସ୍ୱାମୀଙ୍କ ନୃତ୍ୟ ସମସ୍ତଙ୍କୁ ମୁଗ୍ଧ କରିଥିଲା। ଶେଷରେ ରାଜଗୋପାଳ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

